# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୨/୨୦୨୧ (୧୬ ପୃଷ୍ଠା) | Bhubaneswar, Thursday, July 22/2021 | ★★★★

୪୭ଶ ଭାଗ ୨୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ଆଲର୍ଜି (Allergy)ର ପରୀକ୍ଷା ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ଖଣ୍ଡଗିରି, ଯାଜପୁର, କୋରାପୁଟ, କଟକ, କେନ୍ଦ୍ରାପଡ଼ା, ରାୟଗଡ଼ା, ଗଜପତି, ଭବାନୀପାଟଣାରେ 22, 23, 24, 25 ଓ 26 ଜୁଲାଇ ଦିନ ଅଧାରୁ କମ୍ ଦରରେ କରାନ୍ତୁ

## ରକ୍ତ ପରୀକ୍ଷା ଦ୍ୱାରା ଆଲର୍ଜିର କାରଣ ଜଣାପଡ଼ିଯାଏ

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂର କଲେକ୍ସନ ସେଣ୍ଟର ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ଖଣ୍ଡଗିରି, ଯାଜପୁର, କୋରାପୁଟ, କଟକ, କେନ୍ଦ୍ରାପଡ଼ା, ରାୟଗଡ଼ା, ଗଜପତି, ଭବାନୀପାଟଣାରେ 22, 23, 24, 25 ଓ 26 ଜୁଲାଇ 2021 ଦିନ ସକାଳ ୨ରୁ ଅପରାହ୍ନ 5 ଘଟିକା ପର୍ଯ୍ୟନ୍ତ **(Complete Allergy Test - Food, Skin, Inhalant, Drug, Comprehensive, Odisha Comprehensive)** ଆଲର୍ଜି ପରୀକ୍ଷା ଅଧାରୁ କମ୍ ରେଟ୍‌ରେ କରାଯିବ। ଆଲର୍ଜି ଏକ ଏପରି ରୋଗ, ଯାହାକୁ ଶୀଘ୍ର ଚିହ୍ନଟ କରାଗଲେ ତାହାର ଚିକିତ୍ସା ସମ୍ଭବ ହୋଇଥାଏ।

ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି, କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି । ସେ ସୂଚନା ଦେଇଛନ୍ତି ଯେ, ଏହି ପରୀକ୍ଷା ଏକ ବିଶେଷ ଧରଣର ମେଶିନ ଦ୍ୱାରା ହୋଇଥାଏ, ଯାହାକି ତାଙ୍କ ଲ୍ୟାବ୍‌ରେ ସ୍ଥାପିତ ଅଟେ ।

**22, 23, 24, 25 ଓ 26 ଜୁଲାଇ 2021**

ଓଡ଼ିଶା ବିଶିଷ୍ଟ ଆଲର୍ଜି ପ୍ୟାନେଲ୍ ଉପଲବ୍ଧ (Odisha Specific Allergy Panel Available) ଓଡ଼ିଶା ବ୍ୟାପକ (Comprehensive) ଆଲର୍ଜେନ୍ ପ୍ୟାନେଲ୍ ଓଡ଼ିଶା ପାଇଁ ବିଶିଷ୍ଟ ଆଲର୍ଜି ପରୀକ୍ଷା (ପ୍ରକାଶିତ ଅଧ୍ୟୟନ ଓ ଉପାଖ୍ୟାନଗୁଡ଼ିକର ଅନୁଭୂତି ଆଧାରରେ)

ସାମ୍ପୁଲ୍ ଦେବା ସମୟରେ ଦୟାକରି ଉପଯୁକ୍ତ ଦୂରତାକୁ ଧ୍ୟାନରେ ରଖନ୍ତୁ ଏବଂ ଆପଏଣ୍ଟମେଣ୍ଟ (Appointment) ବୁକ୍ କରାଇ ଆସନ୍ତୁ ।

### ଆରୋଗ୍ୟ ଲାଭ କରିଥିବା ରୋଗୀମାନଙ୍କର ଅନୁଭୂତି



ମୁଁ ଆଶୁ - ବୟସ 24 ବର୍ଷ । 23 ବର୍ଷ ବୟସ ପର୍ଯ୍ୟନ୍ତ ମୋତେ କୌଣସି ପ୍ରକାର କିଛି ରୋଗ ନ ଥିଲା । ତା'ପରେ ହଠାତ୍ ମୋ ଶରୀରର ବିଭିନ୍ନ ଅଂଶରେ • ନାଲି ଦାନା • ଫୁଲା • ହାତର ପାପୁଲି ଓ ପାଦ ତଳିପା ଫାଟିବା ଭଳି ସମସ୍ୟା ଦେଖାଯିବା ଆରମ୍ଭ ହୋଇଗଲେ । ଅନେକ ଡାକ୍ତରଙ୍କ ସହ ପରାମର୍ଶ କରି ବିଭିନ୍ନ ପ୍ରକାର ଔଷଧ ଦ୍ୱାରା ଚିକିତ୍ସା କରିବାର ଅନେକ ଚେଷ୍ଟା କଲି, କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ମୁଁ ଖବରକାଗଜରେ ଜେରଥ ଲାବ୍ ଦ୍ୱାରା ଆୟୋଜନ କରାଯାଉଥିବା ଆଲର୍ଜି ଯାଞ୍ଚ ଶିବିର ବିଷୟରେ ପଢ଼ିଲି ଓ ସେମାନଙ୍କ ଡାକ୍ତରଙ୍କ ସହିତ ଯୋଗାଯୋଗ କଲି । ଜେରଥ ଲାବ୍ ଦ୍ୱାରା କରାଯାଇଥିବା ଆଲର୍ଜି ଟେଷ୍ଟ୍ ଦ୍ୱାରା ମୋ ସମସ୍ୟାର ସମାଧାନ ହୋଇଗଲା ଏବଂ ସେମାନଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥିବା ଚିକିତ୍ସା ଦ୍ୱାରା ମୁଁ ଶୀଘ୍ର ଭଲ ହୋଇଯାଇଛି ।



ମୁଁ ଯତୀନ୍ଦ୍ର - ବୟସ 35 ବର୍ଷ । ମୁଁ ପିଲାବେଳରୁ ହିଁ ନାନାଦି ସମସ୍ୟାରେ ପୀଡ଼ିତ ଥିଲି, ଯେମିତିକି • ଥଣ୍ଡା ଛିଙ୍କ • ଗଳା ଖରଖର • ଆଖି କୁଣ୍ଡେଇ ହେବା, ଫୁଲିବା ଓ ପାଣି ବୋହିବା • କାନରେ ସଁ ସଁ ଶବ୍ଦ • ଶ୍ୱାସପ୍ରଶ୍ୱାସ ସମସ୍ୟା • ଛାତିରୁ ସିଟି ଭଳି ଶବ୍ଦ ଇତ୍ୟାଦି । ମୁଁ ବହୁ ଡାକ୍ତରଙ୍କୁ ଦେଖାଇଲି ଓ ଅନେକ ଔଷଧ ମଧ୍ୟ ଖାଇଲି ଓ ଦିନରେ 4-5 ଥର ପମ୍ପ ମଧ୍ୟ ନେଉଥିଲି, କିନ୍ତୁ ତଥାପି କିଛି ଫରକ ପଡ଼ିଲା ନାହିଁ । ପୁଣି ମୁଁ ଜେରଥ ଲାବ୍‌ରେ ନିଜର ଆଲର୍ଜି ପରୀକ୍ଷା କରାଇଲି, ଯାଞ୍ଚ ରିପୋର୍ଟ ଦ୍ୱାରା ମୋତେ ମୋର ଆଲର୍ଜିର କାରଣଗୁଡ଼ିକ ଜଣାପଡ଼ିଗଲା ଏବଂ କେବଳ ଅଳ୍ପ କେତୋଟି ବସ୍ତୁରୁ ଦୂରେଇ ରହି ଏବଂ ଜେରଥ ଲାବ୍‌ର ପ୍ରତିଷ୍ଠିତ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବା କାରଣରୁ ଏବେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛି ଏବଂ ମୋର ସବୁ ପୁରୁଣା ରୋଗ ବି ଭଲ ହୋଇଯାଇଛି।

• ଟେଷ୍ଟ ପରେ ଟେଲିଫୋନ୍‌ରେ ଡାକ୍ତର ଓ ବିଶେଷଜ୍ଞଙ୍କ ଦ୍ୱାରା ନିଃଶୁଳ୍କ ପରାମର୍ଶ ପାଆନ୍ତୁ । (After test get telephonically free consultation by Doctors/Experts)

## ଆଲର୍ଜି ପରୀକ୍ଷା (Allergy Test) କରାଇ ନିଜର ଇମ୍ୟୁନିଟି (Immunity) ସ୍ତର ଜାଣନ୍ତୁ, ଯେଉଁଥିରେ (IgM, IgG ଏବଂ IgA) ଏବଂ Vitamin B12 & Vitamin D ଯାଞ୍ଚ ନିଃଶୁଳ୍କ (FREE) ପାଆନ୍ତୁ

ଏକ୍ସଟ୍ରା Discount ECHS/ ESI/ CGHS କାର୍ଡଧାରକଙ୍କ ପାଇଁ

### ଆଲର୍ଜି କ'ଣ ଆସନ୍ତୁ ଜାଣିବା

ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ, ସେ ମହିଳା ହୁଅନ୍ତୁ କି ପୁରୁଷ, ପ୍ରକୃତିର ବାହ୍ୟ ତତ୍ତ୍ୱଗୁଡ଼ିକୁ ସହନ କରିବାର ବିଶେଷ କ୍ଷମତା ରହିଥାଏ । ତଥାପି ଅନେକ ଥର ଯେବେ ମନୁଷ୍ୟ ଶରୀର ଉପରେ ଦୁଷ୍ପ୍ରଭାବ ପକାଉଥିବା ଏପରି ତତ୍ତ୍ୱଗୁଡ଼ିକ ଶରୀର ମଧ୍ୟକୁ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି, ସେତେବେଳେ ଶରୀରର ଆଭ୍ୟନ୍ତରୀଣ ତତ୍ତ୍ୱ ଚଳଚଞ୍ଚଳ ହୋଇ ସେହି ପ୍ରତିକୂଳ ତତ୍ତ୍ୱଗୁଡ଼ିକର ଶରୀର ଉପରେ ପ୍ରଭାବ ପକାଇବାର ଚେଷ୍ଟାକୁ ପ୍ରତିରୋଧ କରିଥାନ୍ତି । ଏହି ପ୍ରକ୍ରିୟା ଆଲର୍ଜି ଉତ୍ପତ୍ତିର କାରଣ ହୋଇଥାଏ।

### ଆଲର୍ଜିର ଲକ୍ଷଣ

*ଶରୀରରେ କୁଣ୍ଡିଆ *ଚର୍ମ ନାଲି ପଡ଼ିବା
*ନାଲି ଦାନା ଦେଖାଦେବା *ଅଇ ଉଠିବା ଏବଂ ଡାଇରିଆ
*ଶରୀରର ଦାନା ଥିବା ଜାଗା ଫୁଲିଯିବା।
*ଛିଙ୍କ ଆସିବା, ନାକ ବନ୍ଦ ହେବା, ଥଣ୍ଡା ଲାଗି ରହିବା ।
*ଗଳାରେ ପ୍ରବଳ ଜ୍ୱଳନ ଏବଂ ପୀଡ଼ା ହେବା *ପେଟ ଯନ୍ତ୍ରଣା ହେବା
*ଚେହେରା, ଓଠ ଓ ଆଖି ଫୁଲିବା। *ଖାଇବା ସମୟରେ କଷ୍ଟ ହେବା ।
*ଆଲର୍ଜି ହେବା କାରଣରୁ 'ଏକ୍‌ଜିମା' ନାମକ ରୋଗ ମଧ୍ୟ ହୋଇଯାଇଥାଏ, ଯାହା କାରଣରୁ ଜୋର୍‌ରେ କୁଣ୍ଡେଇ ହେବା ତଥା ସେହି ଜାଗାରୁ ପାଣି ବାହାରିବା ସମସ୍ୟା ଦେଖାଦେଇଥାଏ।
*ଆଲର୍ଜି କାରଣରୁ କେତେକ ବ୍ୟକ୍ତିଙ୍କୁ ଆଜ୍‌ମା ନାମକ ରୋଗ ହୋଇଯାଏ । ଏହି ସ୍ଥିତିରେ ରୋଗୀଙ୍କୁ ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ, ଫୁସ୍‌ଫୁସ୍ ଫୁଲିଯାଏ ଓ ଜ୍ୱଳନ ହୋଇଥାଏ ।



Inhalant Allergy (ଛିଙ୍କ ଆସିବା)



Food Allergy (ପେଟ ବ୍ୟଥା)



Drug Allergy (ଔଷଧରୁ ଆଲର୍ଜି)



Skin Allergy (ଚର୍ମରେ ନାଲି ଦାଗ ପଡ଼ିବା)

### ଆଲର୍ଜି ହେବାର କାରଣଗୁଡ଼ିକ କ'ଣ

ଆଲର୍ଜି ଆମର ଦୈନିକ ଜୀବନରେ ଭ୍ରମଣ କରିବା ସମୟରେ ଆମର ପାରିପାର୍ଶ୍ୱିକ ପରିବେଶ/ପର୍ଯ୍ୟାବରଣର ଅନେକ କାରଣରୁ ହୋଇପାରେ, ଯେପରି କି ଉଦ୍ଭିଦ, ବୃକ୍ଷ, ଧୂଳି, ମାଟି, ପୋଷାଜନ୍ତୁ, ଔଷଧ ଏବଂ ଖାଇବା ପିଇବା ସାମଗ୍ରୀ ଇତ୍ୟାଦି।

1. ଗୋଟିଏ ପରିବାରର ବିଭିନ୍ନ ସଦସ୍ୟ, ମହିଳା, ପୁରୁଷ, ଶିଶୁ କିମ୍ବା ବୃଦ୍ଧଙ୍କୁ ବିଭିନ୍ନ ବସ୍ତୁ କାରଣରୁ ଆଲର୍ଜି ହୋଇପାରେ ।
2. କେତେକ ବ୍ୟକ୍ତି ଫୁଲ ସଂସ୍ପର୍ଶରେ ଆସିଲେ ଆଲର୍ଜିରେ ପୀଡ଼ିତ ହୋଇପାରନ୍ତି।
3. କ୍ଷୀର, ଦହି, ମାଂସ, ମାଛ ସେବନ କଲେ ମଧ୍ୟ ଆଲର୍ଜି ହୋଇପାରେ।
4. ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରୟୋଗ ଦ୍ୱାରା ମଧ୍ୟ ଆଲର୍ଜି ହୋଇପାରେ।

ଅନେକ ପ୍ରକାରର ଆଲର୍ଜିର ଚିକିତ୍ସା ଔଷଧରୁ ହୋଇପାରେ । ରକ୍ତ ପରୀକ୍ଷା କରିବା ଦ୍ୱାରା ଆଲର୍ଜି କେଉଁ ଧରଣର ଅଟେ, ଏହା ଜଣାପଡ଼ିଯାଏ ଏବଂ ସେହି ଅନୁରୂପ ଔଷଧ ଦିଆଯାଇ ଆଲର୍ଜିର ଚିକିତ୍ସା ସମ୍ଭବ ହୁଏ।

### ରକ୍ତ ପରୀକ୍ଷାରୁ ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

ଆଲର୍ଜି ଏପରି ଏକ ରୋଗ, ଯାହାର କାରଣ ସାଧାରଣତଃ ବୁଝାପଡ଼େ ନାହିଁ କିନ୍ତୁ ଏପରି କେତେକ ଲକ୍ଷଣ ରହିଥାଏ ଯାହା ଏହା ସୂଚାଇଦିଏ କି ଆପଣ ଆଲର୍ଜିଗ୍ରସ୍ତ ଅଟନ୍ତି। କେବଳ ଗୋଟିଏ ରକ୍ତପରୀକ୍ଷା ଆପଣଙ୍କ ସମସ୍ୟାର ସମାଧାନ କରିପାରିବ।

### ଆସନ୍ତୁ ଜାଣିବା କିପରି ପାଇବେ ଆଲର୍ଜିରୁ ଉପଶମ

ଉଦାହରଣସ୍ୱରୂପ, କୌଣସି କର୍ମଜୀବୀ ବ୍ୟକ୍ତି ନିଜ ଘରେ ତ ସମ୍ପୂର୍ଣ୍ଣ ଠିକ୍ ରହିଥାନ୍ତି କିନ୍ତୁ ପ୍ରତିଦିନ ସେ ଯେବେ ନିଜ କାର୍ଯ୍ୟାଳୟରେ ପହଞ୍ଚନ୍ତି ତା'ପରେ ହଠାତ୍ ତାଙ୍କୁ ଛିଙ୍କ ଆରମ୍ଭ ହୋଇଯାଇଥାଏ, ଏପରି ସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ତ ହଇରାଣ ହୁଅନ୍ତି ହିଁ, କିନ୍ତୁ ଏହି କାରଣରୁ ତାଙ୍କ ସହକର୍ମୀମାନେ ପ୍ରଭାବିତ ହୋଇଥାନ୍ତି । ଏପରି ସ୍ଥିତି ସେହି ବ୍ୟକ୍ତିଙ୍କଠାରେ ହୀନମନ୍ୟତା ସୃଷ୍ଟି କରିଥାଏ । ନିଜର ଏହି ରୋଗକୁ ନେଇ ସେ ଅସହାୟ ଅନୁଭବ କରନ୍ତି, ତା' ସହିତ ସହକର୍ମୀମାନଙ୍କୁ ତାଙ୍କୁ ତାଚ୍ଛଲ୍ୟ କରିବାର ବାହାନା ମଧ୍ୟ ମିଳିଯାଇଥାଏ । ଏପରି ବ୍ୟକ୍ତିଙ୍କୁ ଉକ୍ତ ସ୍ଥିତିରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ନିଜର ରକ୍ତ ଯାଞ୍ଚ କରାଇନେବା ଉଚିତ, ଯାହାଦ୍ୱାରା ତାଙ୍କ ଆଲର୍ଜିର କାରଣ ଜଣାପଡ଼ିଯିବ ଏବଂ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରିବ।

ସେହିଭଳି ଏପରି କୌଣସି ବ୍ୟକ୍ତି ଯିଏ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ଏବଂ ଅଳ୍ପଟିକେ ଚଲାବୁଲା କଲେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି ତେବେ ତାଙ୍କୁ ଅନ୍ୟାନ୍ୟ ପରୀକ୍ଷା ସହିତ ନିଜର ଆଲର୍ଜି ମଧ୍ୟ ଟେଷ୍ଟ କରାଇନେବା ଆବଶ୍ୟକ, ଯାହାକି ନିପୁଣ ଡାକ୍ତରଙ୍କ ଦ୍ୱାରା କେବଳ ଗୋଟିଏ ରକ୍ତପରୀକ୍ଷା ପରେ ହିଁ ସହଜରେ ଜଣାପଡ଼ିଯାଇଥାଏ । କାରଣ ଜଣାପଡ଼ିଗଲେ କେତେକ ଔଷଧ ସହାୟତାରେ ସ୍ୱାସ୍ଥ୍ୟରେ ସୁଧାର ଅଣାଯାଇପାରିବ।

### ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ ଦ୍ୱାରା ପରୀକ୍ଷା କରାଯାଇଥାଏ

EUROBlotOne



PHADIA 250




Jerath Path Labs & Allergy Testing Centre

CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar
CORPORATE OFFICE : CHENNAI - 29a ARK Colony (Anantha Ramakrishna Iyyer Colony) Eldams Road, Teynampet

ପରୀକ୍ଷା କରାଇବା ପାଇଁ ଯୋଗାଯୋଗ କରନ୍ତୁ- **98759-30831, 98759-30832, 98759-30833**

**BHUBANESWAR** — 94394-00019, PRADHAN PATH LABS, PLOT NO. 351, SAHEED NAGAR, BHUBANESWAR | 9438431752, 7008831212, OMM DIAGNOSTIC, PLOT NO.49, NEAR SOUTH GATE OF CAPITAL HOSPITAL, UNIT-6, EKAMRA MARG, BHUBANESWAR

**PURI** — 9439046037, 9778566736, NIDAN 'A' PATHOLAB, BALAGANDI SQUARE, GRAND ROAD, PURI

**KHORDHA** — 97784-12915, SEWA DIAGNOSTIC CENTRE, COLLEGE ROAD, IN FRONT OF GOVT. CHC, JATNI KHORDHA | 6206464942, 8596823149, DEVIKA DIAGNOSTIC CENTRE, AT-M.K PHARMA NEAR- FIRE STATION CHOWK, BARAMUNDA, HOUSING BOARD COLONY,BARAMUNDA, BHUBNESWAR,ODISHA

**KHANDAGIRI** — 9861035754, IPSA CLINIC & LAB, PLOT NO. 678, JAGAMARA ROAD, KHANDAGIRI, BHUBANESHWAR | 9337103408, SIVANANDA HEALTH CARE(DR.), 141 CHIDANANDA VIHAR, KHANDAGIRI

**JAJPUR** — 9439063404, 9937308315, OMM PATHOLOGY & DIGITAL X- RAY, MEDICAL ROAD BADACHANA JAJPUR

**KORAPUT** — 9658018910, SUBHASHREE PATHOLOGY CLINIC, SLN MEDICAL COLLEGE & HOSPITAL ROAD NEAR CENTRAL SCHOOL,KORAPUT

**CUTTACK** — 7978611650, 7008427608, 9937518098, UDAYA LAB, SHOP NO. 16, NURSINGHPUR PLAZA, TULSIPUR, CUTTACK

**CUTTACK** — 9861236899, 8249878544, DR. DIAGNOSTICS, KATHAGULA CHHAK MANGLA BAGH

**KENDRAPARA** — 9437473435, 9937896343, SAI AROGYAM DIAGNOSTICS CENTRE, MEDICAL ROAD

**RAYAGADA** — 9437338953 / 7008437910, BANADURGA PATHOLOGY, OLD BUS STAND

**GAJAPATI** — 9040507796, 9937616668, SHREE PATHOLOGY/KAMALA MEDICAL STORE, NEAR THYROCARE OFFICE PATHAPATNAM RD.. PARALAKHEMUNDI..

**BHAWANIPATNA** — 9437188556, 8249828048, MALAYA PATHOLOGY, NR. S.B.I MAIN BRANCH BHAWANIPATNA

Member of Advertising Standards Council of India (Responsible Advertising)

## ସଂକ୍ଷେପରେ

### ଚାଇନା ବନ୍ୟାରେ ୨୫ ମୃତ

**ବେଜିଂ, ୨୧।୭:** ଚାଇନାରେ ଲଗାଣ ବର୍ଷା ଯୋଗୁ ବନ୍ୟା ଆସି ୨୫ ଜଣଙ୍କ ମୃତ୍ୟୁ ଘଟିଛି। ହାନାନ ପ୍ରଦେଶ ରାଜଧାନୀ ଝେଙ୍ଗ୍‌ଝୋଉରେ ଥିବା ଏକ ଭୂତଳ ରାସ୍ତା ବୁଡ଼ିଯିବାରୁ ଏହା ଭିତରେ ଫସିଥିବା ୧୨ ଜଣ ପ୍ରାଣ ହରାଇନ୍ତି। ରାସ୍ତା ଉପରେ ଛାତିଏ ଉଚ୍ଚର ପାଣିରେ ଲୋକେ ଯାଉଥିବା ସୋସିଆଲ ମିଡ଼ିଆରେ ଛଡ଼ାଯାଇଥିବା ଫଟୋ ଓ ଭିଡିଓରୁ ଦେଖିବାକୁ ମିଳିଛି। ମଙ୍ଗଳବାର ରାତିରେ ଉକ୍ତ ଭୂତଳ ରାସ୍ତାରୁ ୫୦୦ ଲୋକଙ୍କୁ ବାହାରକୁ ନିଆଯାଇଥିଲା। ବର୍ଷା ଯୋଗୁ ଝେଙ୍ଗ୍‌ଜୋଉ ସହରରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବିସ୍ଥାପିତ ହୋଇଛନ୍ତି। ହାନାନ ପ୍ରଦେଶରେ ସର୍ବୋଚ୍ଚ ସ୍ତରର ଆଲର୍ଟ ଜାରି ହୋଇଛି। ବନ୍ୟା ନିୟନ୍ତ୍ରଣ ଓ ଉଦ୍ଧାର କାର୍ଯ୍ୟରେ ପିଏଲ୍‌ଏ ୩,୦୦୦ ସୈନ୍ୟଙ୍କୁ ମୁତୟନ କରିଛି। ୟେଲୋ ନଦୀର ଏକ ବନ୍ଧ ଭାଙ୍ଗିବା ଆଶଙ୍କା ଥିବାରୁ ଝେଙ୍ଗ୍‌ଝୋଉରେ ବନ୍ୟା ବିପତ୍ତି ବଢ଼ିବା ସମ୍ଭାବନା ସୃଷ୍ଟି ହୋଇଛି।

### ଟାଇମ୍ସ ସ୍କୋୟାର ବିଲ୍‌ବୋର୍ଡରେ ସୋନା




**ନୂଆଦିଲ୍ଲୀ, ୨୧।୭:** ଓଡ଼ିଶା ଜନ୍ମିତ ପ୍ରଚ୍ଛଦପଟ୍ଟ ଗାୟିକା ସୋନା ମହାପାତ୍ରଙ୍କୁ ବଡ଼ ସଫଳତା ମିଳିଛି। ଆମେରିକାର ନ୍ୟୁୟର୍କ ସହର ଟାଇମ୍ସ ସ୍କୋୟାର ବିଲ୍‌ବୋର୍ଡରେ ତାଙ୍କର ବିଶାଳ ଫଟୋ ସ୍ଥାନ ପାଇଛି, ଯାହା ହାତଗଣତି କଳାକାରଙ୍କୁ ମିଳିଥାଏ। ତାଙ୍କର ନିଆରା ସ୍ୱର, ଷ୍ଟାଇଲ ଏବଂ ଦୃଷ୍ଟିକୋଣକୁ ଭଲ ପାଉଥିବାରୁ ତାଙ୍କ ବିଲ୍‌ବୋର୍ଡକୁ ଉକ୍ତ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମରେ ସମାନତା ପ୍ରଚାର ଅଭିଯାନର ପ୍ରତୀକ ଭାବେ ପ୍ରଦର୍ଶନ କରାଯାଇଥିବା ଏଥିରେ ଉଲ୍ଲେଖ କରାଯାଇଛି। ଟାଇମ୍ସ ବିଲ୍‌ବୋର୍ଡରେ ସ୍ଥାନ ପାଇଥିବାରୁ ସେ ଅତ୍ୟନ୍ତ ଖୁସି ବୋଲି ଅଭିନେତ୍ରୀ, ଗାୟିକା ତଥା ସଙ୍ଗୀତକାର ସୋନା ଟୁଇଟ୍ କରି ଜଣାଇଛନ୍ତି। ବିଶ୍ୱ ସ୍ତରରେ ମହିଳାମାନଙ୍କ ପାଇଁ ସଙ୍ଗୀତରେ ସମାନତା ବଢ଼ାଇବା ପାଇଁ ଗତ ମାର୍ଚ୍ଚରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ସ୍ପୋଟିଫାଏ ଏହାର ବିଶ୍ୱ ସଙ୍ଗୀତ କାର୍ଯ୍ୟକ୍ରମ ଇକ୍ୟୁଆଲ୍ ହବ୍ ଉନ୍ମୋଚନ କରିଥିଲା।

### ଯନ୍ତରମନ୍ତରରେ ବିକ୍ଷୋଭ ପାଇଁ ଚାଷୀଙ୍କୁ ଅନୁମତି

**ନୂଆଦିଲ୍ଲୀ, ୨୧।୭(ପି.ଟି.):** କୃଷି ଆଇନ ବିରୋଧରେ ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ଚାଷୀଙ୍କୁ ଦିଲ୍ଲୀ ପୋଲିସ ବୁଧବାର ଅନୁମତି ପ୍ରଦାନ କରିଛି। କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀମାନେ ମୌସୁମୀ ଅଧିବେଶନ ସମୟରେ ପାର୍ଲାମେଣ୍ଟ ଆଗରେ ବିକ୍ଷୋଭ କରିବାକୁ ନିଷ୍ପତ୍ତି ନେଇଥିଲେ। ବିକ୍ଷୋଭ ପାଇଁ ଅନ୍ୟ ସ୍ଥାନ ବାଛିବା ନିମନ୍ତେ ପୋଲିସ ସେମାନଙ୍କୁ ଅନୁରୋଧ କରିଥିଲା। ମଙ୍ଗଳବାର ପୋଲିସ ସହ ଚାଷୀ ନେତାଙ୍କ ବୈଠକ ପରେ ଗୁରୁବାରଠାରୁ ଯନ୍ତରମନ୍ତରରେ ବିକ୍ଷୋଭ କରିବାକୁ ନିଷ୍ପତ୍ତି ହୋଇଛି। ପୋଲିସ କହିବା ଅନୁଯାୟୀ ସିଙ୍ଘୁ ସୀମାରୁ ପୋଲିସ ସୁରକ୍ଷାରେ ଚାଷୀମାନଙ୍କୁ ବସ୍‌ରେ ଯନ୍ତରମନ୍ତର ଅଣାଯିବ। ପ୍ରତିଦିନ ୨୦୦ ଚାଷୀ ଉକ୍ତ କିଷାନ ପାର୍ଲାମେଣ୍ଟରେ ସାମିଲ ହେବେ ବୋଲି କୃଷକ ସଂଘ ପକ୍ଷରୁ କୁହାଯାଇଛି।

### ୨୪ରେ ପୃଥିବୀ ପାଖ ଦେଇ ଅତିକ୍ରମ କରିବ ବିଶାଳ ଗ୍ରହାଣୁପିଣ୍ଡ



**ନୂଆଦିଲ୍ଲୀ, ୨୧।୭:** ଷ୍ଟାଡ଼ିୟମ ଆକୃତିର ଏକ ବିଶାଳ ଗ୍ରହାଣୁପିଣ୍ଡ ଆସନ୍ତା ୨୪ ତାରିଖରେ ପୃଥିବୀ ନିକଟ ଦେଇ ଦ୍ରୁତ ବେଗରେ ଅତିକ୍ରମ କରିବ। ୨୦୦୮ଜିଠ୨୦ ନାମକ ଏହି ଗ୍ରହାଣୁ ପୁଞ୍ଜର ଓସାର ୨୦ ମିଟର। ଏହା ସେକେଣ୍ଡ ପ୍ରତି ୮ କିଲୋମିଟରରୁ ଊର୍ଦ୍ଧ୍ୱ ବେଗରେ ଗତି କରିବାକୁ ଥିବାରୁ ନାସା ଏହାକୁ ବିପଜ୍ଜନକ ଗ୍ରହାଣୁପୁଞ୍ଜ ବର୍ଗରେ ସ୍ଥାନ ଦେଇଛି ଓ ଏହା ଉପରେ କ୍ରମାଗତ ନଜର ରଖିଛି।




**ବି**ଶ୍ୱବ୍ୟାପୀ ପୁନଶ୍ଚ ଶିରୋନାମା ମଣ୍ଡନ କରିବାରେ ଲାଗିଛି ପେଗାସସ୍ ସ୍ପାଏୱେର। ଖବରଦାତା, ମାନବାଧିକାର କର୍ମୀ, ବିଜ୍‌ନେସ୍ ଏକ୍‌ଜିକ୍ୟୁଟିଭ୍, ରାଜନେତାମାନଙ୍କ ଉପରେ ଗୁପ୍ତଚରଗିରି କରିବା ପାଇଁ ପେଗାସସ୍‌କୁ ବ୍ୟବହାର କରାଯାଇଥିବା ନେଇ ୱାଶିଂଟନ ପୋଷ୍ଟ ଓ ୧୬ ମିଡିଆ ପାର୍ଟନର ପ୍ରଘଟ କରିଛନ୍ତି। ଭାରତର ଅନ୍ୟୂନ ୪୦ ଖବରଦାତାଙ୍କ ସ୍ମାର୍ଟଫୋନ୍‌କୁ ସ୍ପାଏୱେର ଜରିଆରେ ଟାର୍ଗେଟ କରାଯାଇଛି। ଖୋଳତାଡ଼ ପରେ ଏହି ପ୍ରସଙ୍ଗରେ ଦିନକୁ ଦିନ ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି।

# ପେଗାସସ୍: ଶାସକଙ୍କ ଅସ୍ତ୍ର

## ୧୪ ରାଷ୍ଟ୍ରମୁଖ୍ୟଙ୍କୁ ଟାର୍ଗେଟ

**ୱାଶିଂଟନ/ନୂଆଦିଲ୍ଲୀ,୨୧।୭**

ବିଶ୍ୱର ୧୪ ରାଷ୍ଟ୍ରମୁଖ୍ୟଙ୍କ ପଛରେ ଇସ୍ରାଏଲର ପେଗାସସ୍ ସ୍ପାଏୱେରକୁ ଲଗାଯାଇଥିଲା। ସେମାନଙ୍କ ମଧ୍ୟରେ ୧୦ ଜଣ ପ୍ରଧାନମନ୍ତ୍ରୀ, ୩ ରାଷ୍ଟ୍ରପତି ଓ ଜଣେ ରାଜା ରହିଛନ୍ତି। ପେଗାସସ୍ ଫୋନ୍ ହ୍ୟାକିଂ ସ୍କାଣ୍ଡାଲକୁ ନେଇ ଖୋଳତାଡ଼ରୁ ଏହି ବିଷୟ ସାମ୍ନାକୁ ଆସିଛି।

ୱାଶିଂଟନ ପୋଷ୍ଟରେ ପ୍ରକାଶିତ ଏକ ଅନୁସନ୍ଧାନମୂଳକ ରିପୋର୍ଟରୁ ଜଣାପଡ଼ିଛି ଯେ, ପେଗାସସ୍ ସ୍ପାଏୱେରକୁ ୩ ରାଷ୍ଟ୍ରପତିଙ୍କ ସ୍ମାର୍ଟଫୋନ୍‌ରେ ଇନ୍‌ଷ୍ଟଲ କରାଯାଇଥିଲା। ସେମାନେ ହେଲେ ଫ୍ରାନ୍ସର ଇମାନ୍ୱେଲ ମାକ୍ରଁ, ଇରାକ୍‌ର ବରହାମ୍ ସାଲିହ ଓ ଦକ୍ଷିଣ ଆଫ୍ରିକାର ସିରିଲ ରାମାପୋସା। ସେହିପରି ବର୍ତ୍ତମାନର ୩ ପ୍ରଧାନମନ୍ତ୍ରୀ ହେଲେ ପାକିସ୍ତାନର ଇମ୍ରାନ୍ ଖାନ୍, ଇଜିପ୍ଟର ମୋସ୍ତାଫା ମଦବୋଉଲି ଓ ମରକ୍କୋର ସାଦ୍-ଏଡ୍ଡିନ୍ ଏଲ୍ ଓଥମାନି। ସ୍ପାଏୱେର ଗୁପ୍ତଚରଗିରିର ଶିକାର ହୋଇଥିବା ୭ ପୂର୍ବତନ ପ୍ରଧାନମନ୍ତ୍ରୀ ହେଲେ ଅହମଦ ଓବେଇଦ ବିନ୍ ଡଘର (ୟେମେନ), ସାଦ୍ ହାରିରି (ଲେବାନନ୍), ରୁହାକାନା ରୁଗାଣ୍ଡା (ଉଗାଣ୍ଡା), ଏଡୁଆର୍ଡ ଫିଲିପେ (ଫ୍ରାନ୍ସ), ବାକିଝାନ ସାଗିଣ୍ଟାୟେଭ୍ (କାଜାଖସ୍ତାନ), ନୋଉରେଦ୍ଦିନ୍ ବେଦୋଉଇ (ଅଲ୍‌ଜେରିଆ) ଏବଂ ଚାର୍ଲ୍ସ ମାଇକେଲ (ବେଲ୍‌ଜିୟମ୍)। ଏହି ୭ ପୂର୍ବତନ ପ୍ରଧାନମନ୍ତ୍ରୀ କ୍ଷମତାରେ ଥିବାବେଳେ ସେମାନଙ୍କୁ ଟାର୍ଗେଟ କରାଯାଇଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।


ଇମାନ୍ୱେଲ ମାକ୍ରଁ


ବରହାମ୍ ସାଲିହ


ସିରିଲ ରାମାପୋସା

### ୧୦ ପ୍ରଧାନମନ୍ତ୍ରୀ, ୩ ରାଷ୍ଟ୍ରପତି ଓ ଜଣେ ରାଜାଙ୍କ ପଛରେ ସ୍ପାଏୱେର

ସେହିପରି ମରକ୍କୋ ରାଜା ମହମ୍ମଦ ଷଷ୍ଠଙ୍କ ଫୋନ୍‌କୁ ମଧ୍ୟ ସ୍ପାଏୱେର ଜରିଆରେ ହ୍ୟାକ୍ କରାଯାଇଥିବା ପ୍ରଘଟ ତଥ୍ୟରୁ ଜଣାପଡ଼ିଛି। 'ଦି ୱେର'ରେ ପ୍ରକାଶିତ ରିପୋର୍ଟ ଅନୁସାରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ମରକ୍କୋ କର୍ତ୍ତୃପକ୍ଷଙ୍କ ଦ୍ୱାରା ଟାର୍ଗେଟ ହୋଇଥିଲେ। ଫ୍ରାନ୍ସ ପକ୍ଷରୁ ମରକ୍କୋ ବିରୋଧରେ ତଦନ୍ତ ଆରମ୍ଭ ହୋଇଛି। ତେବେ ମରକ୍କୋ ଏନେଇ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛି। ପାକିସ୍ତାନର ସୂଚନା ମନ୍ତ୍ରୀ ଫୱାଦ୍ ଚୌଧରୀ ଅଲ୍‌ଜଜିରାକୁ କହିଛନ୍ତି, ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଫୋନ୍‌କୁ ପ୍ରକୃତରେ ହ୍ୟାକ୍ କରାଯାଇଥିଲା କି ନାହିଁ ସେନେଇ ତଦନ୍ତ ଆରମ୍ଭ ହୋଇଛି। ଉପର ଲିଖିତ ଅନେକ ମାମଲାରେ ରାଷ୍ଟ୍ରମୁଖ୍ୟ, ସେମାନଙ୍କ ପରିବାର ସଦସ୍ୟ, ଘନିଷ୍ଠ ସହଯୋଗୀ ପରାମର୍ଶଦାତା ଏବଂ ଡାକ୍ତରମାନଙ୍କ ଫୋନ୍‌ଗୁଡ଼ିକୁ ମଧ୍ୟ ଟାର୍ଗେଟ କରାଯାଇଥିଲା। ତେବେ ଏହି ନେତାମାନେ ନିଜ ନିଜ ସ୍ମାର୍ଟଫୋନ୍‌କୁ ଫୋରେନ୍ସିକ୍ ଯାଞ୍ଚ ପାଇଁ ଲାବ୍‌କୁ ପଠାଇନାହାନ୍ତି।


ଇମ୍ରାନ୍ ଖାନ୍


ମୋସ୍ତାଫା ମଦବୋଉଲି


ସାଦ୍-ଏଡ୍ଡିନ୍ ଏଲ୍ ଓଥମାନି


କିଙ୍ଗ୍ ମହମ୍ମଦ ଷଷ୍ଠ

### କିଏ ପ୍ରସ୍ତୁତ କରିଛି




ଇସ୍ରାଏଲଭିତ୍ତିକ ଟେକ୍ କମ୍ପାନୀ ଏନ୍‌ଏସ୍‌ଓ ଗ୍ରୁପ୍ ହେଉଛି ପେଗାସସ୍ ସ୍ପାଏୱେରର ନିର୍ମାତା। 'କ୍ୟୁ ସାଇବର ଟେକ୍ନୋଲୋଜି' ନାମରେ ଜଣାଶୁଣା ଏହି କମ୍ପାନୀ ବିକଶିତ କରିଥିବା ସ୍ପାଏୱେର ଅନ୍‌ଲାଇନ୍‌ରେ ଉପଲବ୍ଧ ଏକ ର୍ୟାଣ୍ଡମ୍ ସଫ୍ଟୱେର ନୁହେଁ। ଏନ୍‌ଏସ୍‌ଓ ଗ୍ରୁପ୍ ୨୦୦୯ରେ ଏହାକୁ ଏକ ସ୍ୱତନ୍ତ୍ର ସର୍ଭିଲାନ୍ସ ଟେକ୍ନୋଲୋଜି ସୋଲ୍ୟୁଶନ ରୂପେ ବିକଶିତ କରିଥିଲା, ଯାହାକି ବିଶିଷ୍ଟ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ହାସଲ କରିବା ପାଇଁ ଉଦ୍ଦିଷ୍ଟ। ଏହା ଥରେ ଜଣଙ୍କ ସ୍ମାର୍ଟଫୋନ୍‌ରେ ଇନ୍‌ଷ୍ଟଲ ହୋଇଗଲେ ତାକୁ ବାହାର କରିବା ଏକପ୍ରକାର ଅସମ୍ଭବ। ଏଥିରୁ ବୁଝାପଡ଼ୁଛି କେତେ ବିପଜ୍ଜନକ ଏହି ଲୁକ୍କାୟିତ ସ୍ପାଏୱେର।

### କିପରି କାମ କରେ



ପେଗାସସ୍ ସ୍ପାଏୱେରକୁ କୌଣସି ସ୍ମାର୍ଟଫୋନ୍‌ରେ ଅପ୍‌ଲୋଡ୍ କଲେ ହ୍ୟାକର ସମ୍ପୃକ୍ତ ଫୋନ୍‌ର ମାଇକ୍ରୋଫୋନ, କ୍ୟାମେରା, ଅଡିଓ, ଟେକ୍ସଟ୍ ମେସେଜ, କଣ୍ଟାକ୍ଟ, ଇ-ମେଲ୍, ବ୍ରାଉଜିଂ ହିଷ୍ଟ୍ରି ଏବଂ ଲୋକେଶନ ତଥ୍ୟ ହାସଲ କରିପାରିବେ। ପେଗାସସ୍ ଏନ୍‌କ୍ରିପ୍ଟେଡ୍ ଅଡିଓ ଶୁଣିବା ଏବଂ ଏନ୍‌କ୍ରିପ୍ଟେଡ୍ ମେସେଜ ପଢ଼ିବାକୁ ସହଜ କରିଦେଇଥାଏ। ଏନ୍‌କ୍ରିପ୍ଟେଡ୍ ମେସେଜ ଜରିଆରେ କେବଳ ମେସେଜ ପଠାଉଥିବା ଏବଂ ପାଉଥିବା ବ୍ୟକ୍ତି ହିଁ ସେଥିରେ ଥିବା ତଥ୍ୟ ସମ୍ପର୍କରେ ଜାଣିପାରନ୍ତି। ଅଥଚ ମେସେଜ୍ ପଠାଯାଉଥିବା ପ୍ଲାଟ୍‌ଫର୍ମର ସ୍ୱତ୍ୱାଧିକାରୀ କମ୍ପାନୀ ମଧ୍ୟ ତାକୁ ଦେଖି ବା ଶୁଣି ପାରିବ ନାହିଁ।

### ଏନ୍‌ଏସ୍‌ଓ କମ୍ପାନୀର ଯୁକ୍ତି

ଏନ୍‌ଏସ୍‌ଓ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ସ୍ପାଏୱେର ପ୍ରୋଗ୍ରାମକୁ କେବଳ ସରକାରୀ ଏଜେନ୍ସିଗୁଡ଼ିକୁ ଏହା ବିକ୍ରି କରିଥାଏ। ଆତଙ୍କବାଦ ଓ ଅପରାଧ ବିରୋଧରେ ଲଢ଼େଇ କରିବା ହେଉଛି ଏହାର ଉଦ୍ଦେଶ୍ୟ। ବିଭିନ୍ନ ଦେଶର ସରକାର ଏହାକୁ ଆତଙ୍କବାଦ ନିରୋଧୀ ଲଢ଼େଇ ଏବଂ ସୁରକ୍ଷା ଦୃଷ୍ଟିରୁ ବ୍ୟବହାର ପାଇଁ କିଣିଥାନ୍ତି। ବର୍ତ୍ତମାନ ଆସିଥିବା ଅଭିଯୋଗକୁ କମ୍ପାନୀ ଖଣ୍ଡନ କରିଛି।

### ନ୍ୟାୟ ବହିର୍ଭୂତ ସର୍ଭିଲାନ୍ସ



ଖବରଦାତା, ମାନବାଧିକାର କର୍ମୀ ଓ ଶାସକବର୍ଗର ସମାଲୋଚକଙ୍କ ବିରୋଧରେ ପେଗାସସ୍ ସ୍ପାଏୱେରର ଗୁପ୍ତଚରଗିରିକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନିନ୍ଦା କରିଛନ୍ତି। ସେ ଏହାକୁ ନ୍ୟାୟ ବହିର୍ଭୂତ ସର୍ଭିଲାନ୍ସ ଭାବେ ଅଭିହିତ କରିଛନ୍ତି। ଚାଇନା ଓ ରୁଷିଆ ସାଇବର ହ୍ୟାକର୍ସଙ୍କୁ ସୁରକ୍ଷା ଦେବା ସହ ଗୁପ୍ତଚରଗିରିରେ ସହଯୋଗ କରୁଛନ୍ତି। ଏହା ଲୋକଙ୍କ ମୌଳିକ ସ୍ୱାଧୀନତାର ଉଲ୍ଲଂଘନ ବୋଲି ବାଇଡେନ୍ ସମାଲୋଚନା କରିଛନ୍ତି।

### କେତେ ନିଏ ଏନ୍‌ଏସ୍‌ଓ

ପେଗାସସ୍ ସ୍ପାଏୱେରର ଗୁପ୍ତଚରଗିରି ସମ୍ପର୍କରେ ପ୍ରଥମେ ୨୦୧୬ରେ ପ୍ରଘଟ ହୋଇଥିଲା। ଏହାର ନିର୍ମାତା ଏନ୍‌ଏସ୍‌ଓ ଗ୍ରୁପ୍ ଇନ୍‌ଷ୍ଟାଲେଶନ ଫିଜ୍ ବାବଦକୁ ୩.୭ କୋଟି ଟଙ୍କା ନେଇଥାଏ। ଏହା ପରେ ୧୦ଟି ଆଇଫୋନ୍ କିମ୍ବା ଆଣ୍ଡ୍ରଏଡ୍ ୟୁଜର୍ସଙ୍କ ଉପରେ ଗୋଇନ୍ଦାଗିରି କରିବା ପାଇଁ ୪.୮୪ କୋଟି ଟଙ୍କା ଚାର୍ଜ କରିଥାଏ। ୫ ବ୍ଲାକ୍‌ବେରି ୟୁଜର୍ସଙ୍କ ପାଇଁ ୩.୭ କୋଟି ଟଙ୍କା ଏବଂ ୫ ସିମ୍ବିଆନ୍ ୟୁଜର୍ସଙ୍କ ପଛରେ ଲଗାଇବା ସକାଶେ ୨.୨୫ କୋଟି ଟଙ୍କା ଦାବି କରିଥାଏ।




# ଭାରତ ଖର୍ଚ୍ଚ କରିଛି ୫୬ କୋଟି

ଏକ ରିପୋର୍ଟରେ ପ୍ରକାଶିତ ଆକଳନ ଅନୁସାରେ ଭାରତ ସରକାର ୩୦୦ ଜଣଙ୍କ ଉପରେ ଗୁପ୍ତଚରଗିରି କରିବା ପାଇଁ ୫୬ କୋଟି ଟଙ୍କା ଖର୍ଚ୍ଚ କରିଥାଇପାରନ୍ତି। ଏହାବାଦ୍ ମେଣ୍ଟେନାନ୍ସ ଓ ରିନ୍ୟୁଆଲ୍ ଫି ବାବଦ ଖର୍ଚ୍ଚ ରହିଛି। ଅଧିକ ସର୍ଭିଲାନ୍ସ ଟାର୍ଗେଟ ପାଇଁ କ୍ଲାଏଣ୍ଟଙ୍କୁ ଅତିରିକ୍ତ ଅର୍ଥ ପଇଠ କରିବାକୁ ପଡ଼ିଥାଏ। ୧୦୦ ଏକ୍ସଟ୍ରା ଟାର୍ଗେଟ ପାଇଁ ୫.୯୭ କୋଟି, ୫୦ ଟାର୍ଗେଟ ଲାଗି ୩.୭ କୋଟି ଏବଂ ୨୦ ଅତିରିକ୍ତ ଟାର୍ଗେଟ ସକାଶେ ୧.୯ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏହାବାଦ୍ ବାର୍ଷିକ ସିଷ୍ଟମ୍ ମେଣ୍ଟେନାନ୍ସ ବାବଦକୁ ଏନ୍‌ଏସ୍‌ଓ ମୋଟ ମୂଲ୍ୟର ୧୭% ନେଇଥାଏ। ଅର୍ଡର କରୁଥିବା ସରକାର ଏହି ସର୍ଭିସ୍ ରିନ୍ୟୁଆଲ୍ କଲେ କମ୍ପାନୀକୁ ଅତିରିକ୍ତ ଖର୍ଚ୍ଚ ଦେଇଥାଆନ୍ତି।

## ଖଣ୍ଡନ କରିନି କେନ୍ଦ୍ର

ପେଗାସସ୍ ସ୍ପାଏୱେରକୁ ନେଇ ଭାରତରେ ଝଡ଼ ସୃଷ୍ଟି ହୋଇଥିବାବେଳେ କେନ୍ଦ୍ର ସରକାର ଏହାକୁ ବିରୋଧୀଙ୍କ ବିରୋଧରେ ବ୍ୟବହାର କରିଥିବା ବିଷୟକୁ ଅଦ୍ୟାବଧି ଖଣ୍ଡନ କରିନାହାନ୍ତି। ପାର୍ଲାମେଣ୍ଟରେ ସରକାର ସଫେଇ ଦେଉଛନ୍ତି। ଭାଜପା ପକ୍ଷରୁ ନାନା କଥା କୁହାଯାଉଛି। ତେବେ ଉଠିଥିବା ଅଭିଯୋଗ ମିଥ୍ୟା ବୋଲି କେନ୍ଦ୍ର ସିଧାସଳଖ କହୁ ନ ଥିବାରୁ ସରକାରଙ୍କ ଭୂମିକା ସ୍ୱତଃ ସନ୍ଦେହ ଘେରକୁ ଟାଣି ହୋଇଯାଇଛି। ଏଥିପାଇଁ ଆସନ୍ତା ୨୮ ତାରିଖରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟିର ବୈଠକ ହେବ।


ଶଶୀ ଥରୁର

### ୨୮ରେ ଅଧିକାରୀଙ୍କୁ ପ୍ରଶ୍ନ କରିବ ସଂସଦୀୟ କମିଟି

ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ୩୨ ଜଣିଆ କମିଟିର ଏଜେଣ୍ଡା ରହିଛି 'ସିଟିଜେନ୍ସ ଡାଟା ସିକ୍ୟୁରିଟି ଆଣ୍ଡ ପ୍ରିଭେସି'। ଉକ୍ତ ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ପେଗାସସ୍ ସ୍ପାଏୱେର ଫୋନ୍ ଟ୍ୟାପିଂ ସମ୍ପର୍କରେ ଜେରା କରାଯିବ।

### ବର୍ଷକୁ ୧ ବିଲିୟନ୍ ଡଲାର ଲାଭ

ଇସ୍ରାଏଲର ଅନ୍ୟ ଏକ ସ୍ପାଏୱେର ମେକର କାଣ୍ଡିରୁ ଅନୁରୂପ ସର୍ଭିସ୍ ପାଇଁ ଏନ୍‌ଏସ୍‌ଓ ତୁଳନାରେ ୨୫ରୁ ୬୦ ଗୁଣ ଅଧିକ ଅର୍ଥ ଦାବି କରିଥାଏ। ଇସ୍ରାଏଲରେ ଏଭଳି ସାଇବର ଅପରେଶନ ଶିଳ୍ପ ବର୍ଷକୁ ୧ ବିଲିୟନ୍ ଡଲାର ରାଜସ୍ୱ ଲାଭ କରିଥାଏ। ସେଥିରୁ ସର୍ବାଧିକ ଆୟ ଏନ୍‌ଏସ୍‌ଓ କରିଥାଏ ବୋଲି ଏକ ରିପୋର୍ଟରେ ଦର୍ଶାଯାଇଛି।

### ୫୦% ୟୁଜର୍ସ ଇଣ୍ଟେଲିଜେନ୍ସ ଇଣ୍ଡଷ୍ଟ୍ରିର

ଏନ୍‌ଏସ୍‌ଓ ପକ୍ଷରୁ କୁହାଯାଇଛି ଯେ, ଏହାର ମୋଟ ୟୁଜର୍ସଙ୍କ ମଧ୍ୟରୁ ଅଧା ହେଉଛନ୍ତି ଇଣ୍ଟେଲିଜେନ୍ସ ଇଣ୍ଡଷ୍ଟ୍ରି ବା ଗୋଇନ୍ଦା ଶିଳ୍ପ ସହ ଜଡ଼ିତ। ଅବଶିଷ୍ଟ ୧୧% ସାମରିକ ଓ ୩୮% ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ସହ ଜଡ଼ିତ ବ୍ୟକ୍ତି ଏହି ଗୁପ୍ତଚରଗିରି ସ୍ପାଏୱେରକୁ ବ୍ୟବହାର କରିଥାଆନ୍ତି।

ଧରିତ୍ରୀ
DHARITRI
ଗୁରୁବାର, ଜୁଲାଇ ୨୨/୨୦୨୧ | Thursday, July 22/2021 | ପୃଷ୍ଠା-୧



## ଥିଏଟରରୁ ଲଭ୍ ଷ୍ଟୋରୀ

ଅଭିନେତା କେ. କେ. ମେନନ ଏବଂ ଅଭିନେତ୍ରୀ ନିବେଦିତା ଭଟ୍ଟାଚାର୍ଯ୍ୟଙ୍କ ପ୍ରେମ ଥିଏଟରରୁ ଆରମ୍ଭ ହୋଇଥିଲା। ପ୍ରେମ ବିବାହକୁ ସେମାନେ ଦୀର୍ଘଦିନ ଲୁଚାଇ ରଖିଥିଲେ।

୧୨

୦୯

## ଗୋଲ ସ୍କୋରରେ ମାର୍ଟାଙ୍କ ରେକର୍ଡ

ବ୍ରାଜିଲର ମାର୍ଟା ଭିଏରା ଡା' ସିଲ୍‌ଭା ପ୍ରଥମ ଫୁଟ୍‌ବଲ ଖେଳାଳି ଭାବେ କ୍ରମାଗତ ୫ଟି ଅଲିମ୍ପିକ୍ସରେ ଗୋଲ ସ୍କୋର କରିଛନ୍ତି।



# ଅନୁମୋଦନ ଅପେକ୍ଷାରେ ରାଜ୍ୟ ଇ-ଭେହିକଲ୍ ନୀତି

**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

- ୨୦୨୫ ସୁଦ୍ଧା ୨୦% ଯାନ ପଞ୍ଜୀକରଣ ଲକ୍ଷ୍ୟ
- ଯାନବାହନ କ୍ରୟ ଉପରେ ମିଳିବ ୧୫% ରିହାତି
- ସରକାରୀ କର୍ମଚାରୀଙ୍କୁ ମିଳିବ ବିନା ସୁଧରେ ଋଣ
- ବସ୍ ଉପରୁ ରୋଡ୍ ଟିକସ, ପଞ୍ଜୀକରଣ ଟିକସ ଛାଡ଼ ହେବ

ପେଟ୍ରୋଲ, ଡିଜେଲ, କୋଇଲା ଭଳି ଇନ୍ଧନ ବ୍ୟବହାରକୁ ହ୍ରାସ କରିବା ଉପରେ ବିଶ୍ୱସ୍ତରରେ ଗୁରୁତ୍ୱ ଦିଆଯାଉଛି। ବିଶ୍ୱର ଅନେକ ଦେଶ ଇଲେକ୍ଟ୍ରିକ୍ ଯାନବାହନ ଚଳାଚଳକୁ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଭାରତ ସରକାର ମଧ୍ୟ ଇଲେକ୍ଟ୍ରିକ୍ ଯାନବାହନ ଚଳାଚଳକୁ ପ୍ରୋତ୍ସାହନ ନେଇ ପଦକ୍ଷେପ ଆରମ୍ଭ କରିଛନ୍ତି। ଇତିମଧ୍ୟରେ କେନ୍ଦ୍ର ସରକାର ନ୍ୟାଶନାଲ ଇଲେକ୍ଟ୍ରିକ୍ ମୋବିଲିଟି ପ୍ଲାନ୍ କାର୍ଯ୍ୟକାରୀ କରିଛନ୍ତି। ଏଥିରେ ୨୦୩୦ ସୁଦ୍ଧା ବାୟୁ ପ୍ରଦୂଷଣ ହାର ୩୫ ପ୍ରତିଶତ ତଳକୁ ଖସାଇବାକୁ ଯୋଜନା ରଖାଯାଇଛି। କର୍ନାଟକ, ଦିଲ୍ଲୀ, ତାମିଲନାଡୁ, ମହାରାଷ୍ଟ୍ର ଭଳି କେତେକ ରାଜ୍ୟ ସରକାର ଇଲେକ୍ଟ୍ରୋନିକ ଯାନବାହନ ନୀତି କାର୍ଯ୍ୟ କରିଥିବା ବେଳେ ଓଡ଼ିଶା ସରକାର ସହରାଞ୍ଚଳର ପ୍ରଦୂଷଣ ହ୍ରାସ କରିବାକୁ ଇଲେକ୍ଟ୍ରିକ୍ ଯାନବାହନ ନୀତି(ଇ-ଭେହିକଲ୍ ପଲିସି)-୨୦୨୧ ଯାନବାହନକୁ ପ୍ରୋତ୍ସାହନ ଦେବା ସକାଶେ ରାଜ୍ୟ ସରକାର ଉକ୍ତ ପଲିସି କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ୨୦୨୫ ସୁଦ୍ଧା ରାଜ୍ୟରେ ସମୁଦାୟ ଯାନବାହନ ମଧ୍ୟରୁ ୨୦ ପ୍ରତିଶତ ଇଲେକ୍ଟ୍ରିକ୍ ଯାନବାହନ ପଞ୍ଜୀକୃତ କରିବାକୁ ଏଥିରେ ଲକ୍ଷ୍ୟ ରଖାଯାଇଛି। ଏହି ନୂତନ ନୀତିରେ ଇଲେକ୍ଟ୍ରିକ୍ ଯାନବାହନ ନିର୍ମାତା ଏବଂ ବ୍ୟାଟେରି ପ୍ରସ୍ତୁତକର୍ତ୍ତା କମ୍ପାନୀକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଏ କ୍ଷେତ୍ରରେ ଗବେଷଣା, ଡ୍ରାଇଭିଂ, ବିକ୍ରି, ଆର୍ଥିକ ସହାୟତା, ସର୍ଭିସିଂ, ମାନୁଫାକ୍ଚରିଂ ଏବଂ ଚାର୍ଜିଂ ଇତ୍ୟାଦିକୁ ମଧ୍ୟ ପ୍ରୋତ୍ସାହିତ କରାଯିବ। ଚୂଡ଼ାନ୍ତ ପଲିସି ପ୍ରକାଶ ପାଇବାଠାରୁ ୪ ବର୍ଷ ଯାଏ ଏହା କାର୍ଯ୍ୟକାରୀ ହେବ। କେନ୍ଦ୍ର ସରକାରଙ୍କ ଫେମ୍ ଇଣ୍ଡିଆ ଫେଜ୍-୨ ଯୋଜନା ଅନୁଯାୟୀ ଆର୍ଥିକ ରିହାତି ପ୍ରଦାନ କରାଯିବ। ଏଥିରେ ରୋଡ୍ ଟ୍ୟାକ୍ସ ଏବଂ ପଞ୍ଜୀକରଣ ଟିକସ ଛାଡ଼ ବ୍ୟବସ୍ଥା ରହିବ। ଇ-ଭେହିକଲ୍ ନୀତି-୨୦୨୧ କାର୍ଯ୍ୟକାରୀ କରିବାକୁ ରାଜ୍ୟସ୍ତରରେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି। ☞ପୃଷ୍ଠା-୨





ରଥରେ ଦାରୁଦିଅଁଙ୍କ ସୁନାବେଶ ପାଇଁ ଶ୍ରୀମନ୍ଦିର ରତ୍ନଭଣ୍ଡାରରୁ ନିଆଯାଉଛି ସୁନା କିରୀଟ ।

# ମୋଦି ଚାହାନ୍ତି 'ସର୍ଭିଲାନ୍ସ ଷ୍ଟେଟ୍'

## ତେଜିଲା ପେଗାସସ୍ ଝଡ଼

**କୋଲକାତା,୨୧।୭(ପି.ଟି.)**



"ଆମ ଫୋନ୍‌ଗୁଡ଼ିକୁ ଟ୍ୟାପ୍ କରାଯାଉଛି। କେବଳ ଟ୍ୟାପ୍ କରାଯାଉ ନାହିଁ, ରେକର୍ଡ ମଧ୍ୟ କରାଯାଉଛି। ଏହା ସମସ୍ତ ବିରୋଧୀ ଦଳ ନେତା ଜାଣିଛନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର, ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ଓ ଅନ୍ୟ ବିରୋଧୀ ଦଳ ନେତା କିମ୍ବା କୌଣସି ମୁଖ୍ୟମନ୍ତ୍ରୀଙ୍କ ସହ ମୁଁ ଫୋନ୍‌ରେ କଥା ହୋଇପାରିବି ନାହିଁ। କାରଣ କେନ୍ଦ୍ର ସରକାର ଆମକୁ ଚୋରାରେ ଲୁଚିଛପି ଦେଖୁଛନ୍ତି। ଆମ ଉପରେ ଗୁପ୍ତଚରଗିରି କରାଯାଉଛି। ୨୦୨୪ ସାଧାରଣ ନିର୍ବାଚନରେ ଏହା ଭାଜପାକୁ ରକ୍ଷା କରିପାରିବ ନାହିଁ।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

- ବିରୋଧୀ ଏକତା ପାଇଁ ମମତାଙ୍କ ଆହ୍ୱାନ
- ଭାଜପାକୁ କ୍ଷମତାଚ୍ୟୁତ କରିବାକୁ ପଡ଼ିବ
- ସୁପ୍ରିମକୋର୍ଟ ନିଜ ଆଡୁ ମାମଲା କରନ୍ତୁ

କେନ୍ଦ୍ରରେ କ୍ଷମତାସୀନ ମୋଦି ସରକାର ଏକ 'ସର୍ଭିଲାନ୍ସ ଷ୍ଟେଟ୍' ପ୍ରତିଷ୍ଠା କରିବାକୁ ଉଦ୍ୟମ ଚଳାଇଛନ୍ତି। ତେଣୁ ଏକଚ୍ଛତ୍ରବାଦୀ ଭାଜପା ସରକାରକୁ କ୍ଷମତାଚ୍ୟୁତ କରିବା ଲାଗି ଆସନ୍ତା ଲୋକ ସଭା ନିର୍ବାଚନରେ ସମସ୍ତ ବିରୋଧୀ ଦଳ ଏକାଠି ହେବା ଆବଶ୍ୟକ। ପେଗାସସ୍ ସ୍ପାଏୱେର ଜରିଆରେ କେନ୍ଦ୍ର ବିରୋଧୀ ନେତା, ଖବରଦାତା, ଆକ୍ଟିଭିଷ୍ଟ, ନିର୍ବାଚନ କମିଶନ ଓ ବିଚାରପତିମାନଙ୍କ ସ୍ମାର୍ଟଫୋନ୍‌ରେ ଗୁପ୍ତଚରଗିରି କରାଇଥିବା ନେଇ ଚାଞ୍ଚଲ୍ୟକର ରିପୋର୍ଟ ପ୍ରଘଟ ହେବା ପରେ ବୁଧବାର ଏଭଳି ଆହ୍ୱାନ ଦେଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସୁପ୍ରିମକୋର୍ଟ ଏହି ପ୍ରସଙ୍ଗକୁ ସଂଜ୍ଞାନକୁ ନେଇ ନିଜ ଆଡୁ ମାମଲା ରୁଜୁ କରନ୍ତୁ ବୋଲି ମମତା ଅନୁରୋଧ କରିଛନ୍ତି।

ଇସ୍ରାଏଲ କମ୍ପାନୀ ଏନ୍‌ଏସ୍‌ଓ ଗ୍ରୁପ୍‌ର ସ୍ପାଏୱେର ପେଗାସସ୍‌କୁ ନେଇ ଭାରତରେ ଉଠିଥିବା ଝଡ଼ ଭୟଙ୍କର ରୂପ ନେବାରେ ଲାଗିଛି। ଏହି ପ୍ରସଙ୍ଗରେ ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ଦୁଇଦିନ ବେକାର ଯାଇଥିବାବେଳେ ଏନେଇ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ କରାଯାଉ ବୋଲି ବିରୋଧୀ ନେତାମାନେ ଦାବି କରିଛନ୍ତି। ଏହା ଉପରେ ଉଭୟ ଗୃହରେ ବିତର୍କ କରା ନ ଗଲେ ଆଗକୁ ମଧ୍ୟ ସଂସଦ ଅଚଳ କରିଦିଆଯିବ ବୋଲି କଂଗ୍ରେସ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସମେତ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି କ୍ରମରେ ବୁଧବାର ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ମୋଦି ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। କୋଲକାତାରେ ଶହୀଦ ଦିବସ ପାଳନ ଅବସରରେ ମମତା ଅନ୍‌ଲାଇନ୍‌ରେ ସମ୍ବୋଧିତ କରି କହିଛନ୍ତି, ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଭାଜପା ଏହାକୁ ୱେଲଫେୟାର ଷ୍ଟେଟ୍ (ଜନମଙ୍ଗଳ ରାଷ୍ଟ୍ର) ପରିବର୍ତ୍ତେ ସର୍ଭିଲାନ୍ସ ଷ୍ଟେଟ (ଅନ୍ୟମାନଙ୍କ ଉପରେ ଗୋପନୀୟ ଭାବେ ତୀକ୍ଷ୍ଣ ଦୃଷ୍ଟି ରଖୁଥିବା ରାଷ୍ଟ୍ର)ରେ ପରିବର୍ତ୍ତିତ କରିବାକୁ ଚାହୁଁଛି। କେନ୍ଦ୍ର ପେଟ୍ରୋଲ, ଡିଜେଲ ଓ ଅନ୍ୟ ଜରୁରୀ ସାମଗ୍ରୀ ଉପରେ ଅତ୍ୟଧିକ ଟିକସ ବସାଇ ବିପୁଳ ରାଜସ୍ୱ ସଂଗ୍ରହ କରୁଛି। ଉକ୍ତ ଅର୍ଥକୁ କଲ୍ୟାଣକାରୀ ଯୋଜନାରେ ଖର୍ଚ୍ଚ କରିବା ବଦଳରେ 'ବିପଜ୍ଜନକ ସଫ୍ଟୱେର' ବ୍ୟବହାର କରି ଗୋଇନ୍ଦାଗିରି କରୁଛି ବୋଲି ମମତା ସମାଲୋଚନା କରିଛନ୍ତି।

ଟିଏମ୍‌ସି ସୁପ୍ରିମୋ ଆହୁରି କହିଛନ୍ତି, ପେଗାସସ୍ ଅତ୍ୟନ୍ତ ବିପଜ୍ଜନକ। ଏମ୍‌ପି ଅଭିଷେକ ବାନାର୍ଜୀ ☞ପୃଷ୍ଠା-୨

# ୨୬ରୁ ଖୋଲିବ ହଷ୍ଟେଲ

**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

- ଏସ୍‌ଓପି ଜାରି କଲା ଗଣଶିକ୍ଷା ବିଭାଗ
- ଏବେ କେବଳ ଦଶମ,ଦ୍ୱାଦଶ ପିଲା ରହିବେ
- ହଷ୍ଟେଲରେ ରହିବ ଆଇସୋଲେଶନ ରୁମ୍

ରାଜ୍ୟରେ କରୋନା କଟକଣା ଭିତରେ ଆସନ୍ତା ୨୬ ତାରିଖରୁ ଦଶମ ଓ ଦ୍ୱାଦଶ ପିଲାଙ୍କ ପାଇଁ ସ୍କୁଲ ଖୋଲୁଛି। ସେମାନଙ୍କ ପାଇଁ ଉକ୍ତଦିନଠାରୁ ହଷ୍ଟେଲ ମଧ୍ୟ ଖୋଲିବ। ପୂର୍ବରୁ ହଷ୍ଟେଲ ଖୋଲିବ ନାହିଁ ବୋଲି ଘୋଷଣା କରାଯାଇଥିଲା। ବର୍ତ୍ତମାନର କରୋନା ସ୍ଥିତି ଓ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ହଷ୍ଟେଲ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ଅଧୀନରେ ଥିବା ସମସ୍ତ ସ୍କୁଲ ଓ ଘରୋଇ ସ୍କୁଲଗୁଡ଼ିକ ସେମାନଙ୍କ ଦଶମ ଓ ଦ୍ୱାଦଶ ପିଲାଙ୍କ ପାଇଁ ହଷ୍ଟେଲ ଖୋଲିପାରିବେ। ତେବେ ହଷ୍ଟେଲ ଖୋଲିବା ପାଇଁ ରାଜ୍ୟ ସରକାର ଏସ୍‌ଓପି ପ୍ରସ୍ତୁତ କରିଛନ୍ତି। ଏ ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ପ୍ରତାପ କୁମାର ମିଶ୍ର ବୁଧବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ, ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

ବିଭାଗ ପକ୍ଷରୁ ଜାରି ଏସ୍‌ଓପି ଅନୁସାରେ, ପିଲା ହଷ୍ଟେଲରେ ରହିବା ପୂର୍ବରୁ ଘର ଲୋକଙ୍କ ଅନୁମତି ଆଣିବା ଜରୁରୀ। ହଷ୍ଟେଲରେ ପିଲାମାନେ ସାମାଜିକ ଦୂରତାକୁ କଡ଼ାକଡ଼ି ପାଳନ କରିବେ। ମେସ୍ କିମ୍ବା ଶୌଚାଳୟ ଭଳି କମନ ଏରିଆରେ ଭଲ ଭାବେ ପର୍ଯ୍ୟାୟକ୍ରମେ ସାନିଟାଇଜ କରିବା ସହ ପର୍ଯ୍ୟାପ୍ତ ସାବୁନ/ସାନିଟାଇଜର ରଖିବାକୁ କୁହାଯାଇଛି। ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କାଉନ୍‌ସିଲ କରାଯିବ। ସ୍ୱାସ୍ଥ୍ୟ ଚେକ୍ ଅପ୍ ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହିତ କର୍ତ୍ତୃପକ୍ଷ ଜଡ଼ିତ ରହିବେ। ପିଲାମାନେ ଏକତ୍ରିତ ନ ହେବାକୁ କର୍ତ୍ତୃପକ୍ଷ ଦୃଷ୍ଟି ଦେବେ। ହଷ୍ଟେଲ ଭିତରେ ଏକ ଆଇସୋଲେଶନ ରୁମ୍ କରାଯିବ। କୌଣସି ପିଲା ହଠାତ୍ ଅସୁସ୍ଥ ହୋଇପଡିଲେ ତାଙ୍କୁ ଆଇସୋଲେଶନ ☞ପୃଷ୍ଠା-୨

# 'ଆକାଶ ଏନ୍‌ଜି'ର ପରୀକ୍ଷଣ ସଫଳ



**ବାଲେଶ୍ୱର ଅଫିସ, ୨୧।୭**

ବାଲେଶ୍ୱର ଜିଲା ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ୩ନଂ. ଲଞ୍ଚପ୍ୟାଡ୍‌ରୁ ବୁଧବାର ମଧ୍ୟାହ୍ନ ୧୨ଟା ୪୪ ମିନିଟ୍‌ରେ ଆକାଶ କ୍ଷେପଣାସ୍ତ୍ରର ନ୍ୟୁ ଜେନେରେଶନ (ଏନ୍‌ଜି)ର ଉତ୍‌କ୍ଷେପଣ କରାଯାଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ହାଇଦ୍ରାବାଦସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ଲାବୋରେଟୋରୀ(ଡିଆର୍‌ଡିଏଲ) ଏବଂ ପ୍ରତିରକ୍ଷା ଗବେଷଣା ବିକାଶ କେନ୍ଦ୍ର(ଡିଆର୍‌ଡିଓ) ଦ୍ୱାରା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ଶାନ୍ତି ପ୍ରତିଷ୍ଠାର ଦାୟିତ୍ୱ




# ଅଶୋଧିତ ତେଲ ଶସ୍ତା ସତ୍ତ୍ୱେ ଆଶ୍ୱସ୍ତି ନାହିଁ

**ନୂଆଦିଲ୍ଲୀ,୨୧।୭**



- ଅନ୍ତର୍ଜାତୀୟ ବଜାରରେ ତେଲ ୩୬% ଶସ୍ତା, ହେଲେ ପେଟ୍ରୋଲ ୪୩% ମହଙ୍ଗା
- ଗତ ୭ ବର୍ଷରେ ଫାଇଦା ଦେଇନାହାନ୍ତି ସରକାର
- ମାତ୍ରାଧିକ ଟିକସ ଯୋଗୁ କମୁନି ଦର

କରୋନା କାଳରେ ଦେଶର ବିଭିନ୍ନ ପ୍ରାନ୍ତରେ ପେଟ୍ରୋଲ ଏବଂ ଡିଜେଲ ଦର ବର୍ତ୍ତମାନ ୧୦୦ ଟଙ୍କା ଟପିଛି। ତେଲ ଦର ବଢ଼ିବା ଯୋଗୁ ଏହାର ପ୍ରଭାବ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ଉପରେ ପଡ଼ିଛି। ପରିବହନ ଖର୍ଚ୍ଚ ବଢ଼ିବା କାରଣରୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ୍ୟ ମହଙ୍ଗା ହେଉଛି। ଲୋକଙ୍କ ପକେଟକୁ ଏହା ବାଧୁଛି। ତେଲ ଦର ହ୍ରାସ କରିବା ଲାଗି ବାରମ୍ବାର ଲୋକମାନେ ଦାବି ଉଠାଉଥିବା ବେଳେ ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ପୂର୍ବ ସରକାରଙ୍କ ଭୁଲ୍ ଯୋଗୁ ଦର ଖସୁନାହିଁ ବୋଲି ସରକାର ଲୋକଙ୍କୁ ସ୍ପଷ୍ଟୀକରଣ ଦେଉଥିବା ଦେଖାଯାଉଛି। ଅପରପକ୍ଷରେ ଅନ୍ତର୍ଜାତୀୟ ବଜାରକୁ ହିଁ ସବୁ ସମୟରେ ସରକାର ଦୋଷ ଦେଉଛନ୍ତି। ମାତ୍ର ଏକ ରିପୋର୍ଟ ମୁତାବକ ଗତ ୭ ବର୍ଷରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଲୋକଙ୍କୁ ପେଟ୍ରୋଲ, ଡିଜେଲ କ୍ଷେତ୍ରରେ କୌଣସି ଫାଇଦା ଦେଇ ନ ଥିବା ଜଣାପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଶସ୍ତା ହେବା ସତ୍ତ୍ୱେ ଉଚ୍ଚ ତେଲ ଦରରୁ ଲୋକଙ୍କୁ ଫାଇଦା ମିଳିନାହିଁ। ଏହି ବର୍ଷଗୁଡ଼ିକ ମଧ୍ୟରେ ଅଶୋଧିତ ତେଲ ଦର ୩୬% ଶସ୍ତା ହୋଇଛି ହେଲେ ପେଟ୍ରୋଲ ୪୩% ମହଙ୍ଗା ହୋଇଥିବା ଜଣାପଡ଼ିଛି।

ଅଶୋଧିତ ତେଲ ଦର କିଛି ଦିନ ତଳେ ବ୍ୟାରେଲ ପିଛା ୭୭ ଡଲାରରେ ପହଞ୍ଚିବା ପରେ ଏବେ ପୁଣି ଥରେ ବ୍ୟାରେଲ ପିଛା ୭୦ ଡଲାରରୁ ନିମ୍ନରେ ରହିଛି। ମାତ୍ର ସରକାର ପେଟ୍ରୋଲ ଡିଜେଲ ଦରରେ ସେଭଳି ଆଖିଦୃଶିଆ ହ୍ରାସ କରିନାହାନ୍ତି। ମୋଦି ସରକାର ଶାସନ କ୍ଷମତାକୁ ଆସିବା ସମୟରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୭ ଡଲାର ରହିଥିଲା। ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍‌ର ରିପୋର୍ଟ ମୁତାବକ, ୨୦୧୪ରେ ପେଟ୍ରୋଲର ବେସ୍ ପ୍ରାଇସ ୪୭.୧୨ ଟଙ୍କା ରହିଥିଲା। ଜୁଲାଇ ୨୦୨୧ ବେଳକୁ ଏହା ୪୧ ଟଙ୍କା ରହିଛି। ମୂଳ ଦର କମିବା ସତ୍ତ୍ୱେ ମଧ୍ୟ ପେଟ୍ରୋଲ ୪୩% ବଢ଼ିଛି। ୨୦୧୪ ମେ ☞ପୃଷ୍ଠା-୨

## ଜିଏସ୍‌ଟି ପରିସରକୁ ଆସିବନି

ପେଟ୍ରୋଲ, ଡିଜେଲକୁ ବର୍ତ୍ତମାନ ଜିଏସ୍‌ଟି ପରିସରଭୁକ୍ତ କରାଇବା ଲାଗି କୌଣସି ଯୋଜନା ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି ଲୋକ ସଭାକୁ ସୋମବାର କହିଛନ୍ତି, ତେଲ ଏବଂ ପ୍ରାକୃତିକ ବାଷ୍ପ ଜିଏସ୍‌ଟି ପରିସରଭୁକ୍ତ କରାଇବା ନେଇ ଅଦ୍ୟାବଧି ଜିଏସ୍‌ଟି କାଉନସିଲ ପକ୍ଷରୁ କୌଣସି ପ୍ରସ୍ତାବ ରଖାଯାଇନାହିଁ। ଏସ୍‌ବିଆଇ ଅର୍ଥନୀତିଜ୍ଞଙ୍କ ପକ୍ଷରୁ ଜାରି ଏକ ରିପୋର୍ଟ ମୁତାବକ, ଜିଏସ୍‌ଟି ପରିସରଭୁକ୍ତ ହେଲେ ପେଟ୍ରୋଲ ଲିଟର ପିଛା ଦର ୮୧ ଟଙ୍କା ଏବଂ ଡିଜେଲ ୭୪ ଟଙ୍କାକୁ ହ୍ରାସ ପାଇବ। ସରଳ ଭାଷାରେ କହିବାକୁ ଗଲେ ପେଟ୍ରୋଲ ଲିଟର ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

ଆମେରିକାରେ କୋଭିଡ୍-୧୯ ଆକ୍ରାନ୍ତଙ୍କ ମୃତ୍ୟୁସଂଖ୍ୟା ନାଟକୀୟ ଭାବେ ହ୍ରାସ ପାଇଛି। ତଥାପି ଡେଲ୍ଟା ଭାରିଆଣ୍ଟ ପ୍ରତି ସତର୍କ ରହିବାକୁ ପଡ଼ିବା। **-ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି**


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ପ୍ରତୀକ୍ ପ୍ରସାଦ
ପରିବାରବର୍ଗ


ଡୋଲୁ
ପରିବାରବର୍ଗ


ଧରିତ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜେଡି-ଭାଜପା ମୁହାଁମୁହିଁ

**ଜାତିଭିତ୍ତିକ ଜନଗଣନାକୁ କେନ୍ଦ୍ରର ନା**

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ଜାତିଭିତ୍ତିକ ଜନଗଣନା ନେଇ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ଚିଠି ପ୍ରସଙ୍ଗରେ ବିଜେଡି ଜାତି ରାଜନୀତି ଚାହୁଁଛି ବୋଲି ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି। ପୃଥ୍ୱୀରାଜ କହିଛନ୍ତି, ଅପରିଣାମଦର୍ଶୀ ଚିଠି ଲେଖିବାର କୌଣସି ପଟାନ୍ତର ନାହିଁ। ଯେକୌଣସି ସମୟରେ କେନ୍ଦ୍ରକୁ ଚିଠି ଲେଖାଯାଏ, ତା'ର ପରିଣାମ କ'ଣ ଥାଏ ନ ଥାଏ ସେନେଇ ଚିନ୍ତା କରିବା ପୂର୍ବରୁ ତାଙ୍କ ଉପଦେଷ୍ଟାମାନେ କେବଳ ମୁଖ୍ୟମନ୍ତ୍ରୀଙ୍କୁ ଦସ୍ତଖତ କରିବାକୁ କହିଥାଆନ୍ତି। ବାସ୍ତବରେ ଜାତିଭିତ୍ତିକ ଜନଗଣନା ହେଲେ କିଛି ଗୋଟେ ବଡ ବିକାଶର ରାସ୍ତା ଖୋଲିଯିବ ବୋଲି ଭାବିବା ଭୁଲ୍। କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଲୋକ ସଭାରେ କହିଛନ୍ତି, ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ଲୋକ ସଭା ଓ ବିଧାନସଭାରେ ଅନୁସୂଚିତ ଜାତି ଓ ଜନଜାତି ଲାଗି ସଂଖ୍ୟାନୁପାତରେ ଆସନ ସଂରକ୍ଷଣ ବ୍ୟବସ୍ଥା ରହିଛି। ଦେଶରେ ଜାତିଭିତ୍ତିକ ଜନଗଣନା ଲାଗି ତଥ୍ୟ ସଂଗ୍ରହ ପାଇଁ ଓଡ଼ିଶା ଓ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ଅନୁରୋଧ କରାଯାଇଥିଲା। ଏହାକୁ କେନ୍ଦ୍ର ପ୍ରତ୍ୟାଖ୍ୟାନ କରିଛି। ତେବେ ବିଜେଡି ମୁଖପାତ୍ର ଈପ୍ସିତା ସାହୁ ଭାଜପା ନେତାଙ୍କ କଥାକୁ ଟାର୍ଗେଟ କରି କହିଛନ୍ତି, ପୃଥୀରାଜ ହରିଚନ୍ଦନ ଓଡ଼ିଶା ବିଧାନସଭା ସଦସ୍ୟ ହୋଇନାହାନ୍ତି। ତେଣୁ ରାଜ୍ୟରେ ପଛୁଆବର୍ଗଙ୍କ ଗଣନା ପାଇଁ ଭାଜପା ଓଡ଼ିଶା ରାଜ୍ୟ ପଛୁଆବର୍ଗ (ସଂଶୋଧନ) ବିଲ୍ ପାରିତ କରିବା ଲାଗି ୨୦୨୦ରେ ବିଧାନସଭାରେ ସମର୍ଥନ କରିବା ବିଷୟ ଜାଣିନାହାନ୍ତି। ଏହି ବିଲ୍‌କୁ ଭାଜପା ସମେତ ଓଡ଼ିଶା ବିଧାନସଭାର ସମସ୍ତ ରାଜନୈତିକ ଦଳ ସର୍ବସମ୍ମତିକ୍ରମେ ପାରିତ କରିଥିଲେ। ତାଙ୍କର ବିବୃତି ଓଡ଼ିଶା ଭାଜପା ଓ ଏହାର ପଛୁଆବର୍ଗ ବିରୋଧୀ ମନୋଭାବକୁ ପଦାରେ ପକାଇଛି। ପଛୁଆବର୍ଗଙ୍କ ସ୍ୱାର୍ଥ ବିରୋଧରେ ଭାଜପାର ଏଭଳି ପରିବର୍ତ୍ତନ ଅତ୍ୟନ୍ତ ଦୁଃଖଦାୟକ ଏବଂ ଦୁର୍ଭାଗ୍ୟଜନକ ବୋଲି ଈପ୍ସିତା କହିଛନ୍ତି।



## ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**କନ୍ୟା ଦେଖା, ବାଇଗଣ ବିକା**
**ଏକା ହାଟରେ ହେବା ।**

କିଛି ବ୍ୟକ୍ତି ଏକାବେଳେ ଦୁଇଟି ସୁବିଧା ହାସଲ କରିବାରେ ଏକଦମ୍ ସିଦ୍ଧହସ୍ତ। ଗୋଟିଏ ଜାଗାକୁ ଯାଇ ଏକା ସାଙ୍ଗରେ ଦୁଇଟା କାମ ସାରି ଫେରନ୍ତି। ଧୂର୍ତ୍ତ ଓ ଚତୁର ବ୍ୟକ୍ତିଙ୍କ ସ୍ୱଭାବ ସମ୍ପର୍କରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଲ ଠାର**
**କାଲ ମା' ଜାଣେ।**

ପୁଅଟି କାଲ। ତାକୁ ଶୁଭେନି। ସେ କି ପ୍ରକାର ଇସାରା ଦେଲେ କ'ଣ ବୁଝିବ, କେବଳ ତା'ର ମା' ଜାଣେ ବା ନିଜର ପାଖ ଲୋକ ଜାଣନ୍ତି। ସାଙ୍ଗରେ ଚଳପ୍ରଚଳ ହେବା ଲୋକ ଉଦ୍ଦେଶ୍ୟ ଓ ପ୍ରକୃତି ବିଷୟରେ ଉତ୍ତମ ରୂପେ ଜାଣିପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ପେଗାସସ୍ ସ୍ପାଏୱେର ମାଧ୍ୟମରେ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ସମେତ ଦେଶର ବହୁ ଚର୍ଚ୍ଚିତ ବ୍ୟକ୍ତିଙ୍କ ଫୋନ୍ ଟ୍ୟାପିଂ କରାଯାଇଥିବା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛି ଓଡ଼ିଶା ପ୍ରଦେଶ କଂଗ୍ରେସ। ରାଜନୈତିକ ଫାଇଦା ହାସଲ କରିବାକୁ ବ୍ୟକ୍ତି ସ୍ୱାଧୀନତାକୁ ଜଳାଞ୍ଜଳି ଦିଆଯାଇଛି। ଏଭଳି କାର୍ଯ୍ୟ ଦେଶଦ୍ରୋହ। ଏଣୁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ସହିତ ତାଙ୍କ ଇସ୍ତଫା ଦାବି କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କୁ ଦିଆଯାଇଛି।

# ସ୍ତ୍ରୀଙ୍କୁ ଫ୍ୟାନ୍ ଷ୍ଟାଣ୍ଡରେ ପିଟି ହତ୍ୟା

- **ସନ୍ଦେହରେ ଉଜାଡ଼ିଦେଲେ ସଂସାର**
- **ଛୁଟିରେ ଆସିଥିବା ଯବାନଙ୍କ ନାରକୀୟ କାଣ୍ଡ**
- **ହତ୍ୟା ପରେ ପୋଲିସ ପାଖରେ ଆତ୍ମସମର୍ପଣ**

ଢେଙ୍କାନାଳ ଅଫିସ, ୨୧।୭

ଢେଙ୍କାନାଳ ସହର ବାଜିଚୌକ ଅଞ୍ଚଳରେ ବୁଧବାର ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଚରିତ୍ର ଉପରେ ସନ୍ଦେହ କରି ଭାରତୀୟ ସାମରିକ ବାହିନୀରେ କାର୍ଯ୍ୟରତ ଯବାନ ସତ୍ୟବ୍ରତ ମହାଲିକ ଶ୍ୱଶୁର ଘରେ ସ୍ତ୍ରୀ ମମତା (୨୮)ଙ୍କୁ ପେଡେଷ୍ଟାଲ୍ ଫ୍ୟାନ୍ ଷ୍ଟାଣ୍ଡରେ ପିଟି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମୃତା ମହିଳାଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ନଂ. ୨୯୪/୨୧ରେ ମାମଲା ରୁଜୁ ହୋଇଛି। ସତ୍ୟବ୍ରତଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି ।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ସତ୍ୟବ୍ରତଙ୍କ ପୈତୃକ ଘର ବଣସଂହ ଅଞ୍ଚଳରେ। ସେ ହିମାଚଳ ପ୍ରଦେଶର ଟାଙ୍ଗା ଅଞ୍ଚଳରେ ମୁତୟନ ୬୦୫ ବାଟାଲିୟନରେ କାର୍ଯ୍ୟରତ ଅଛନ୍ତି। ସତ୍ୟବ୍ରତ ଏବଂ ମମତାଙ୍କ ବିବାହ ୧୦ ବର୍ଷ ତଳେ ହୋଇଥିବାବେଳେ ଉଭୟଙ୍କ ୯ ଏବଂ ୭ ବର୍ଷର ଦୁଇ ଶିଶୁପୁତ୍ର ଅଛନ୍ତି। ବିବାହର କିଛିଦିନ ପରେ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ସତ୍ୟବ୍ରତ ଛୁଟିରେ ଆସିଲେ ଯୌତୁକ ଦାବି କରି ସ୍ତ୍ରୀଙ୍କୁ ଅକଥନୀୟ ନିର୍ଯାତନା ଦେଉଥିଲେ। ତେଣୁ ମମତା ଦୁଇ ପୁଅଙ୍କୁ ଧରି ବାଜିଚୌକସ୍ଥିତ ନିଜ ବାପଘରକୁ ଚାଲି ଆସିଥିଲେ। ପରେ ଏକ ଭଡ଼ାଘରେ ଦୁଇପୁଅଙ୍କ ସହ ରହୁଥିଲେ। ଦୁଇସପ୍ତାହ ତଳେ ସତ୍ୟବ୍ରତ ଛୁଟିରେ ଆସିଥିବାବେଳେ ସ୍ତ୍ରୀଙ୍କୁ ଆକ୍ରମଣ କରିବାକୁ ସୁଯୋଗ ଖୋଜୁଥିଲେ। କୌଣସି ସୂତ୍ରରୁ ଏହା ଜାଣିବା ପରେ ଭୟଭୀତ ମମତା ଦୁଇ ପିଲାଙ୍କୁ ଧରି ବାପଘରକୁ ଚାଲି ଆସିଥିଲେ। ମଙ୍ଗଳବାର ସତ୍ୟବ୍ରତ ଏକ ସ୍କୁଟିରେ ଆସି ଶ୍ୱଶୁର ଘର ନିକଟରେ ଗାଡ଼ି ରଖି ଲୁଚି ରହିଥିଲେ। ବୁଧବାର ସକାଳେ ମମତା ଗେଟ୍ ଖୋଲି ପଦାକୁ ଯିବା ସମୟରେ ପୂର୍ବ ଯୋଜନା ଅନୁଯାୟୀ ସତ୍ୟବ୍ରତ ଏକ ପେଡେଷ୍ଟାଲ ଫ୍ୟାନ୍ ରଡ୍‌ରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଲୁହା ରଡ୍ ମାଡ଼ରେ ମମତା ଟଳିପଡ଼ିଥିଲେ। ଚିତ୍କାର ଶୁଣି ଝିଅଙ୍କୁ ବଞ୍ଚାଇବାକୁ ଆସିଥିବା ବାପା ପଙ୍କଜ ବେହେରା ମଧ୍ୟ ଅଭିଯୁକ୍ତଙ୍କୁ ଆକ୍ରମଣରୁ ବର୍ତ୍ତି ନ ଥିଲେ। ଏଭଳି ନୃଶଂଶ କାଣ୍ଡ ଘଟାଇବା ପରେ ସତ୍ୟବ୍ରତ ଟାଉନ ଥାନାରେ ଆତ୍ମସମର୍ପଣ କରିବା ସହ ସମସ୍ତ ଘଟଣା ବଖାଣିଥିଲେ। ଟାଉନ ଥାନାଧିକାରୀ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଘଟଣାସ୍ଥଳରୁ ରକ୍ତଭିଜା ପେଡେଷ୍ଟାଲ ଫ୍ୟାନ ରଡ୍ ଜବତ କରାଯାଇଛି। ଅନ୍ୟପଟେ ଆକ୍ରମଣରେ ପଙ୍କଜଙ୍କ ବାମ କାନରେ କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଚିକିତ୍ସା ପାଇଁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

### ୨ ଶିଶୁପୁତ୍ର ଅସହାୟ

ସତ୍ୟବ୍ରତ ଏବଂ ମମତାଙ୍କ ମଧ୍ୟରେ ଦାମ୍ପତ୍ୟ ଜୀବନରେ ସୃଷ୍ଟି ହୋଇଥିବା ବିବାଦ ଦୀର୍ଘଦିନର। ଏ ନେଇ ସଦର ଥାନାରେ ଏକାଧିକ ଥର ଅଭିଯୋଗ କରାଯାଇଥିଲା। ସତ୍ୟବ୍ରତଙ୍କ ନିର୍ଯାତନାରେ ଅତିଷ୍ଠ ମମତା ତାଙ୍କ ଦୁଇପୁଅଙ୍କୁ ଧରି ସବୁବେଳେ ଭୟଭୀତ ଅବସ୍ଥାରେ ରହୁଥିଲେ। ହେଲେ ସବୁ ସମ୍ପର୍କ ଭୁଲି ସ୍ୱାଇଁ ସତ୍ୟବ୍ରତ ଏଭଳି ଜଘନ୍ୟକାଣ୍ଡ ଘଟାଇବା କଳ୍ପନା କରି ହେଉନାହିଁ ବୋଲି କହିଛନ୍ତି ପଙ୍କଜ ବେହେରା ଏବଂ ତାଙ୍କ ପରିବାର ସଦସ୍ୟ। ଅନ୍ୟପଟେ ଝିଅଙ୍କ ମୃତ୍ୟୁ ଦୁଇ ନାତି ଅସହାୟ ହୋଇପଡ଼ିଛନ୍ତି। ସତ୍ୟବ୍ରତ ଜେଲରୁ ଫେରିଲେ ତାଙ୍କ ପରିବାର ଉପରେ ପ୍ରତିଶୋଧ ନେବାକୁ ଧମକଚମକ ଦେଇଛନ୍ତି। ତେଣୁ ତାଙ୍କ ଉଭୟ ଶିଶୁପୁତ୍ର ଏବଂ ପରିବାର ସଦସ୍ୟଙ୍କୁ ସୁରକ୍ଷା ଦେବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଙ୍କଜ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ମୋଦି ଚାହାନ୍ତି ...

(ମମତାଙ୍କ ପୁତୁରା) ଏବଂ ପ୍ରଶାନ୍ତ କିଶୋର (ନିର୍ବାଚନ ରଣନୀତିକାର)ଙ୍କ ଉପରେ ଚୋରାରେ ସତର୍କ ଦୃଷ୍ଟି ରଖାଯାଉଛି। ତେଣୁ ମୁଁ ମୋ ଫୋନ୍‌କୁ ପ୍ଲାଷ୍ଟରରେ ଘୋଡ଼ାଇ ଦେଇଛି। ଭାଜପା ସରକାରକୁ ମଧ୍ୟ ଅନୁରୂପ ଭାବେ ପ୍ଲାଷ୍ଟର କରାଯିବା ଉଚିତ। ଅନ୍ୟଥା ଦେଶ ବରବାଦ ହୋଇଯିବ। ଭାଜପା ଦେଶର ସଂଘୀୟ ଢାଞ୍ଚାକୁ ଧ୍ୱଂସ କରିବା ଦିଗରେ କାର୍ଯ୍ୟ କରୁଛି। ସୁପ୍ରିମକୋର୍ଟ ଏହା ଉପରେ ନିଜ ଆଡୁ ତଦନ୍ତ ଆରମ୍ଭ କରନ୍ତୁ। ଗଣତନ୍ତ୍ରରେ ଗଣମାଧ୍ୟମ, ନ୍ୟାୟପାଳିକା ଓ ନିର୍ବାଚନ କମିଶନ ଗୁରୁତ୍ୱପୂର୍ଣ୍ଣ, ଯାହାଙ୍କୁ ପେଗାସସ୍ ନିଜ ଆୟତ୍ତରେ ରଖିଛି। ସର୍ବୋଚ୍ଚ ଅଦାଲତ ଆଗକୁ ଆସି ଦେଶକୁ ସହଯୋଗ କରନ୍ତୁ ଏବଂ ଗଣତନ୍ତ୍ରକୁ ରକ୍ଷା କରନ୍ତୁ। ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ବିରୋଧୀ ନେତାଙ୍କ ବିପକ୍ଷରେ ଅପବ୍ୟବହାର କରୁଛନ୍ତି ବୋଲି ମମତା ସମାଲୋଚନା କରିଛନ୍ତି। ତେବେ ତାଙ୍କର ଏହି ବକ୍ତବ୍ୟ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ବ୍ୟକ୍ତିଗତ ସମାଲୋଚନା ନୁହେଁ, ବରଂ ଦେଶ ହିତରେ ଉଦ୍ଦିଷ୍ଟ ବୋଲି ଟିଏମ୍‌ସି ନେତ୍ରୀ ସ୍ପଷ୍ଟ କରିଛନ୍ତି। ସେହିପରି ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା କମଲନାଥ ମଧ୍ୟ ପେଗାସସ୍ ସ୍ନୁପିଂ ମାମଲାର ତଦନ୍ତ ଜଣେ ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା କରାଯାଉ ବୋଲି ଦାବି କରିଛନ୍ତି।

### ଅନୁମୋଦନ ଅପେକ୍ଷାରେ ...

ଏହି ଟାସ୍କଫୋର୍ସରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷ ରହିବାବେଳେ ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଦସ୍ୟ, ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ମେମ୍ବର କନ୍‌ଭେନର, ଶିଳ୍ପ, ଅର୍ଥ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଦକ୍ଷତା ବିକାଶ, ଶକ୍ତି ବିଭାଗ ସଚିବ ସଦସ୍ୟ ରହିବେ। ଏହି ଟାସ୍କଫୋର୍ସ ପଲିସିକୁ ତଦାରଖ କରିବା ସହିତ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ସମୀକ୍ଷା କରିବେ। ଟାସ୍କଫୋର୍ସ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ୧୧ ଜଣ ସଦସ୍ୟଙ୍କୁ ନେଇ ଏକ ଷ୍ଟିୟରିଂ କମିଟି ଗଠନ କରାଯିବ। ଇ-ଭେହିକଲ୍‌ଗୁଡ଼ିକର କ୍ରୟ ଉପରେ ରାଜ୍ୟ ସରକାର ୧୫% ରିହାତି ଦେବେ। ବିଶେଷକରି ଦୁଇଚକିଆ ଯାନ ପାଇଁ ୧୫ ହଜାର, ତିନିଚକିଆ ପାଇଁ ୧୨ ହଜାର ଏବଂ ଚାରିଚକିଆ ଯାନ ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ମିଳିବ ବୋଲି ଚିଠା ନୀତିରେ ବ୍ୟବସ୍ଥା କରାଯାଇଛି। ଇ- ଯାନବାହନଗୁଡ଼ିକ ପାଇଁ କୌଣସି ପାର୍କିଂ ଫି' ରିହାତି ଦେବାର ବ୍ୟବସ୍ଥା ରହିବ। ସରକାରୀ କର୍ମଚାରୀ ଇ- ଭେହିକଲ୍ କିଣିଲେ ରାଜ୍ୟ ସରକାର ସୁଧବିହୀନ ଋଣ ଯୋଗାଇ ଦେବେ। ସେହିପରି ବସ୍‌ଗୁଡ଼ିକୁ ୧୦ ପ୍ରତିଶତ ସବ୍‌ସିଡି ସହିତ ୪ ବର୍ଷ ପର୍ଯ୍ୟନ୍ତ ରୋଡ୍‌ଟ୍ୟାକ୍ସ ଓ ପଞ୍ଜୀକରଣ ଫି' ଛାଡ଼ କରାଯିବ। ଇ-ଯାନବାହନ ଉତ୍ପାଦନ କରୁଥିବା ସଂସ୍ଥାଗୁଡ଼ିକୁ ରାଜ୍ୟ ସରକାର ଦ୍ରବ୍ୟ ଓ ସେବା ଟିକସ ଛାଡ଼ କରିବେ। ସେହିପରି ଚିଠା ପ୍ରସ୍ତାବରେ ଇ-ଭେହିକଲ୍‌କୁ ପ୍ରୋତ୍ସାହନ ଦେବାକୁ ଅନେକ ବ୍ୟବସ୍ଥା କରାଯାଇଛି।

ଇଲେକ୍ଟ୍ରିକ୍ ଭେହିକଲ୍ ଚିଠା ନୀତି ଉପରେ ଜନସାଧାରଣଙ୍କ ମତାମତ ଲୋଡ଼ାଯାଇଛି। ପରିବହନ ବିଭାଗ ପକ୍ଷରୁ କ୍ୟାବିନେଟ ଅନୁମୋଦନ ପାଇଁ ମେମୋରାଣ୍ଡମ୍ ପ୍ରସ୍ତୁତ କରାଯାଇଛି। ଖୁବ୍‌ଶୀଘ୍ର ଏହାକୁ କ୍ୟାବିନେଟରେ ଅନୁମୋଦନ ପାଇଁ ପ୍ରସ୍ତାବ ଦିଆଯିବ। ଅନୁମୋଦନ ପାଇବା ପରେ ଇ-ଭେହିକଲ୍ ଚୂଡ଼ାନ୍ତ ନୀତି କାର୍ଯ୍ୟକାରୀ କରାଯିବ ବୋଲି ବାଣିଜ୍ୟ ଓ ପରିବହନ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି।

### ଅଶୋଧିତ ତେଲ ଶସ୍ତା ...

ବେଳକୁ ଦିଲ୍ଲୀରେ ପେଟ୍ରୋଲ ୭୧.୪୧ ଟଙ୍କାରେ ବିକ୍ରି ହେଉଥିଲା । ଏହା ବର୍ତ୍ତମାନ ୧୦୧.୮୪ ଟଙ୍କାରେ ବିକ୍ରି ହେଉଛି ।

## ମୂଳ ମୂଲ୍ୟ କମିଛି; ବଢ଼ିଛି ତେଲ ଦର

ଏଠାରେ ଗୋଟିଏ ପ୍ରଶ୍ନ ମନକୁ ଆସିପାରେ। ମୂଳ ଦର କମିଛି। ତେଲ ଦର ହ୍ରାସ ହେବା କଥା। ମାତ୍ର କମିନାହିଁ କାହିଁକି। ଓଲଟା ଦର ବଢ଼ିଚାଲିଛି। ଏହାର ପ୍ରକୃତ କାରଣ ହେଲା ପେଟ୍ରୋଲ ଏବଂ ଡିଜେଲ ଉପରେ ଲାଗୁ ହେଉଥିବା ମାତ୍ରାଧିକ ଟିକସ ଯୋଗୁ ତେଲ ଦର ଖସୁନାହିଁ। ୨୦୧୪ ମେ ମାସ ପରଠାରୁ କେନ୍ଦ୍ର ସରକାର ୧୩ ଥର ଉତ୍ପାଦ ଟିକସ ବଢ଼ାଇଛନ୍ତି। ୨୦୧୪ରେ କେନ୍ଦ୍ର ସରକାର ପେଟ୍ରୋଲ ଲିଟର ଉପରେ ୧୦.୩୮ ଟଙ୍କା ଉତ୍ପାଦ ଟିକସ ନେଉଥିଲେ। ସେହିଭଳି ଡିଜେଲ ଉପରେ ଏହି ଟିକସ ୪.୫୨ ଟଙ୍କା ରହିଥିଲା। ୧୩ ଥର ଟିକସ ବଢ଼ାଇ କେନ୍ଦ୍ର ସରକାର ମାତ୍ର ୩ ଥର ଟିକସ ହ୍ରାସ କରିଛନ୍ତି। ବର୍ତ୍ତମାନ ପେଟ୍ରୋଲ ଲିଟର ପିଛା ୩୨.୯୦ ଟଙ୍କା ଏବଂ ଡିଜେଲ ଉପରେ ୩୧.୮୩ ଟଙ୍କାର ଟିକସ କେନ୍ଦ୍ର ନେଉଛି। ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ପେଟ୍ରୋଲ ଉପରେ ୩ ଗୁଣ ଏବଂ ଡିଜେଲ ଉପରେ ୭ ଗୁଣ ଟିକସ ବଢ଼ିଛି।

### ଟିକସ ପରେ ତେଲ ଦର ୨ ଗୁଣ

ଦେଶ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲର ମୂଳ ଦର ଯଥାକ୍ରମେ ୪୧ ଏବଂ ୪୨ ଟଙ୍କା ରହିଛି। ମାତ୍ର କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଟିକସ ମିଶିବା ପରେ ତେଲ ଦର ଲିଟର ପିଛା ୧୧୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଏଭଳି ଟିକସ ଯୋଗୁ ତେଲର ମୂଳ ଦର ତୁଳନାରେ ବିକ୍ରି ଦର ୨ ଗୁଣ ଅଧିକ ରହୁଛି। ଭାରତରେ ପେଟ୍ରୋଲ ଉପରେ ୫୬ ଟଙ୍କାରୁ ଊର୍ଦ୍ଧ୍ୱ ଏବଂ ଡିଜେଲ ଉପରେ ୪୫ ଟଙ୍କାରୁ ଊର୍ଦ୍ଧ୍ୱ ଟିକସ ଲାଗୁ ହେଉଛି। ୨୦୧୪-୧୫ ଅବଧିରେ ପେଟ୍ରୋଲିୟମ ସାମଗ୍ରୀ ଉପରୁ ୧.୭୨ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ ହୋଇଥିଲା। ୨୦୨୦-୨୧ରେ ଏହା ୪.୫୪ ଲକ୍ଷ କୋଟି ଟଙ୍କା ଛୁଇଁଛି। ମୋଟାମୋଟି ଭାବେ କହିବାକୁ ଗଲେ ଗତ ୭ ବର୍ଷରେ ତେଲ ଟିକସ ବାବଦକୁ କେନ୍ଦ୍ର ସରକାରଙ୍କ ଆୟ ପ୍ରାୟ ୩ ଗୁଣ ବଢ଼ିଛି।

### ଜିଏସ୍‌ଟି ପରିସରକୁ ...

ପିଛା ୧୫ରୁ ୩୦ ଟଙ୍କା ଏବଂ ଡିଜେଲ ଲିଟର ପିଛା ୧୦ରୁ ୨୦ ଟଙ୍କା ଶସ୍ତା ହୋଇପାରେ। ଅନ୍ତର୍ଜାତୀୟ ବଜାରକୁ ଦେଖି ଏଥିରେ ହ୍ରାସ ଏବଂ ବୃଦ୍ଧି ଘଟିପାରେ। ତେବେ ତେଲ ଦରରୁ ଲୋକଙ୍କୁ ସରକାର କେବେ ଆଶ୍ୱସ୍ତି ଦେବେ ତାହା ଦେଖିବାକୁ ବାକି ରହିଲା।

### 'ଆକାଶ ଏନ୍‌ଜି'ର ...

ପ୍ରସ୍ତୁତ ମଧ୍ୟମ ଦୂରଗାମୀ ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୭୦କି.ମି.। ପରୀକ୍ଷା ସମୟରେ ରାଡାର ମାଧ୍ୟମରେ ସଂଗ୍ରହ କରାଯାଇଥିବା ତଥ୍ୟକୁ ପ୍ରତିରକ୍ଷା ବିଭାଗର ବୈଜ୍ଞାନିକମାନେ ସମୀକ୍ଷା କରୁଛନ୍ତି। ପୂର୍ବରୁ ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୩୦କି.ମି. ରହିଥିଲା। ବିଶେଷକରି ଶତ୍ରୁପକ୍ଷର କ୍ଷେପଣାସ୍ତ୍ରକୁ ଏହା ଚିହ୍ନଟ କରି ତୁରନ୍ତ ଧ୍ୱଂସ କରିବାର କ୍ଷମତା ରଖିଛି। ଭୂପୃଷ୍ଠରୁ ଆକାଶକୁ ଲକ୍ଷ୍ୟଭେଦ କରିପାରୁଥିବା ଏହି କ୍ଷେପଣାସ୍ତ୍ରରେ ଆଣବିକ ଯୁଦ୍ଧାସ୍ତ୍ରକୁ ବ୍ୟବହାର କରାଯାଇପାରିବ। ଆକାଶ ଏନ୍‌ଜି କ୍ଷେପଣାସ୍ତ୍ରକୁ ପ୍ରଥମଥର ପାଇଁ ଚଳିତ ବର୍ଷ ଜାନୁୟାରୀ ୨୫ତାରିଖରେ ଏବଂ ଦ୍ୱିତୀୟଥର ମାର୍ଚ୍ଚ ୨୩ତାରିଖରେ ପରୀକ୍ଷା କରାଯାଇଥିଲା। ପ୍ରତ୍ୟେକ ପରୀକ୍ଷାରେ ଇଲେକ୍ଟ୍ରୋନିକ୍ ଟାର୍ଗେଟ୍‌କୁ ବ୍ୟବହାର କରାଯାଇଛି। ୨୦୨୩ ସୁଦ୍ଧା ଏହାକୁ ସେନାରେ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଡିଆରଡିଓ ପକ୍ଷରୁ ସୂଚନା ମିଳିଛି।

### ୨୬ରୁ ଖୋଲିବ ...

ରୁମ୍‌ରେ ରଖି ଚିକିତ୍ସା ସେବା ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ କରୋନା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।


# classifieds Everyday
0674-2580101, 2549302



**SALE**

ଭୁବନେଶ୍ୱରରେ ଫ୍ଲାଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71119

Bhubaneswar Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952. D-70865

**AIIMS Hospital frontgateରୁ 300mtr 2395sqft. ଘରବାରି plot yellowzone sqft.-2500/-, Contact: 9938447042. D-70863**

ଖୋର୍ଦ୍ଧାରୋଡ୍ ରେଲ୍‌ୱେ ଷ୍ଟେସନ୍‌ରୁ 1km ଦୂରତାରେ ଜଟଣୀ ହାଟ ବଜାରରେ ନିଜସ୍ୱ ମାଲିକାନାରେ ଥିବା ଘରବାରି ସ୍ଥିତିବାନ୍ 5 ଡିସିମିଲ୍ ଜାଗା ସହିତ ଦୁଇ ବଖରା ଆଜବେଷ୍ଟ ଘର ତୁରନ୍ତ ବିକ୍ରିହେବ। @ 45Lakhs Owner-9439270333. D-70866

**ଭୁବନେଶ୍ୱର ପଟିଆ, ରଘୁନାଥପୁର, ନଖରାପାଖରେ 1, 2, 3BHK Simplex/Duplex ଅଛି। 8327785834, 9658122456. D-70868**

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70869

Genuine Odisha Housing Board 2400sqft. plot at Laltikira, VIP Road, Bolangir, Cost-18Lakhs. Direct owner-08847875325. D-70931



New opening Saikrupa Panchakarma and Spa jointpain, fullbody massage, 8984068077. D-65918

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**LOST**

By virtue of an affidavit sworn before the Notary Public, Bargarh, I, Kakarla Katan Dora, S/o- K.Satyanarayan do hereby declare that the Original sale deed bearing No.- 1640, executed between Mr. Raghuveer Jaiswal and Kakarla Katan Dora, dt. 18.06.1984 towards sale of the land bearing plot No.- 786, Khata No.- 389, Plot area-A0.820 Decimal, Kisam-Aa-Pa, has been lost during transit. I am not liable for any abuse of this said document in future. Any discrepancy should be informed to. Advocate Aswini Kumar Debata. Mob: 9437158519. D-21140

**AFFIDAVIT**

I, Shubhangi Dutta, D/o- Sukanta Dutta, hereby declare that I have changed my name to Mona Ray Paul vide affidavit dated 13.07.2021, for all future purposes, sworn before Notary Gangaram Behera in Bhubaneswar. D-21138

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜିର ଚନ୍ଦ୍ର ଷଷ୍ଠାଧିପଙ୍କ ନକ୍ଷତ୍ରରେ ରହିଥିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି କରି ମନକୁ ବିଭ୍ରାନ୍ତ କରିପାରନ୍ତି। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇଲେ ମଧ୍ୟ ଯାତ୍ରା,ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ବହୁତ ଭଲ। ରହିଯାଇଥିବା ଘରର କେତେକ କାମକୁ ଶୀଘ୍ର ଶେଷ କରିବା ସକାଶେ ଚିନ୍ତା କରିପାରନ୍ତି। କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସିରହିବ।

**ବୃଷ** ଧନାଧିପ ସ୍ୱଗୃହସ୍ଥ ଯୋଗୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବନ୍ଧୁଙ୍କ ନିକଟରୁ ଅର୍ଥ ଲାଭକରି ଖୁସି ହେବେ। ଗୁରୁବର୍ଗ କିମ୍ବା ଉପରିସ୍ଥ କର୍ମଚାରୀଙ୍କ ନିକଟରୁ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ପ୍ରଶାସନିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସାମାଜିକ କିମ୍ବା ରାଜନୈତିକ କ୍ଷେତ୍ରରେ କାର୍ଯ୍ୟ ମନ୍ଥର ହେବ।

**ମିଥୁନ** ବୁଧଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ବନ୍ଧୁବର୍ଗଙ୍କ ଆଦରଣୀୟ ହେବେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ରହିପାରନ୍ତି। ଘର କାମରେ କିମ୍ବା ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଅଫିସ୍ କାମରେ ସହକର୍ମୀମାନେ କୌଶଳରେ କାର୍ଯ୍ୟ ହାସଲ କରିନେବେ।

**କର୍କଟ** କେତୁଙ୍କ କୁପ୍ରଭାବରୁ ଆପଣଙ୍କ ନିଷ୍ପତ୍ତି ଓ ବିଚାରଧାରା ଠିକ୍ ରହି ନ ପାରେ। କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବା ସାଙ୍ଗକୁ ଏକ ମାମୁଲି ଘଟଣାରେ ଉଚ୍ଚବାଚର ଆଶଙ୍କା ରହିଛି। ଅପରାହ୍ନରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁଙ୍କ ସକ୍ରିୟତା ବୃଦ୍ଧିପାଇବା ହେତୁ ବ୍ୟସ୍ତ ରହିପାରନ୍ତି।

**ସିଂହ** ଲାଭ ସ୍ଥାନରେ ଧନର ମାଲିକ ବୁଧ ଥିବାରୁ ଆଜି ବନ୍ଧୁଙ୍କ ସହାୟତାରେ ଅର୍ଥଲାଭ ଘଟିବ। କିନ୍ତୁ ପରିସ୍ଥିତିରେ ପଡି ଇଚ୍ଛା ନଥାଇ ମଧ୍ୟ ନିକଟ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ ହେବେ। ପାରିବାରିକ ସମସ୍ୟା ସୁଧାରିବାକୁ ଯାଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** ବୁଧଙ୍କ ଦୃଷ୍ଟିରେ ଚନ୍ଦ୍ର ହେତୁ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ପରୋକ୍ଷ ଶତ୍ରୁତା ହେତୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟିହେବାର ସମ୍ଭାବନା ରହିଛି। ଅଫିସ୍ କାମରେ ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହୋଇପାରନ୍ତି।

**ତୁଳା** ସ୍ୱଗୃହୀ ଶନି ହେତୁ ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା** କର୍ମଭାବସ୍ଥ ଶୁକ୍ର ହେତୁ ପ୍ରତ୍ୟୁଷ ଯାତ୍ରାରେ ସଫଳତା ନିଶ୍ଚିତ ମିଳିବ। କିନ୍ତୁ ଅତ୍ୟଧିକ ଖର୍ଚ୍ଚାନ୍ତ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରେ। ସପ୍ତମସ୍ଥ ବୁଧଙ୍କ ଯୋଗୁ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବ। ଭୁଲ୍ ବୁଝାମଣା କାରଣରୁ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ସୃଷ୍ଟି କରିପାରନ୍ତି।

**ମକର** ଅଷ୍ଟମସ୍ଥ ଶୁକ୍ର ହେତୁ ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ପୂର୍ବ ସ୍ଥିରୀକୃତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ସାମାଜିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ** ଶୁକ୍ରମଙ୍ଗଳ ଯୋଗ ପ୍ରଭାବରୁ ବନ୍ଧୁଙ୍କ ସହଯୋଗରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ସବୁ ଜାଣି ଶୁଣି ନୀରବଦ୍ରଷ୍ଟା ଭଳି କାମ କରିବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ** କେନ୍ଦ୍ରସ୍ଥ ବୁଧ ହେତୁ ବୁଦ୍ଧିମତ୍ତାର ପରିଚୟ ଦେଇ ଅନ୍ୟକୁ ଆପଣାର କରିବା ସକାଶେ କୌଶଳ ପ୍ରୟୋଗ କରି ପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ ।

ଆଜି ଆଷାଢ଼ ଶୁକ୍ଳ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ, ଗୁରୁବାର, ରଥ ଉପରେ ଅଧରପଣା ନୀତି, ଶିବଶୟନ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଜୁଲାଇ ୨୨ ତାରିଖ, ରାଶିନକ୍ଷତ୍ର- ମୂଳା/ଧନୁ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣଶ୍ରାଦ୍ଧ, ସକାଳ ଘ.୦୫।୨୨ ଗତେ ଘ.୦୭।୦୬ ମଧ୍ୟେ, ଘ.୧୦।୩୪ ଗତେ ଘ୦୧।୧୧ ମଧ୍ୟେ ମାହେନ୍ଦ୍ରବେଳା। ରାତ୍ରି ଘ.୦୨।୨୭ ଗତେ ଘ.୦୩।୧୧ ମଧ୍ୟେ ଅମୃତବେଳା। ଦିବା ଘ.୦୧।୩୦ ଗତେ ଘ.୦୩।୦୮ ମଧ୍ୟେ ରାହୁକାଳ ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୨୪,୮୯,୯୪୧ | ୪୧,୩୭,୫୦୫ | ୧୭,୫୧,୦୪,୦୭୬ |
| ଭାରତ | ୩,୧୨,୧୯,୩୭୪ | ୪,୧୮,୬୨୩ | ୩,୦୩,୯୦,୬୮୭ |
| ଓଡ଼ିଶା | ୯,୫୯,୯୮୬ | ୫୨୪୧(+୫୩) | ୯,୩୬,୯୫୦ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଅଗଷ୍ଟ ୧୬ରୁ ପ୍ରାଇଭେଟ୍ ଷ୍ଟୁଡେଣ୍ଟଙ୍କ ପରୀକ୍ଷା

**ସିବିଏସ୍ଇ ଦଶମ, ଦ୍ୱାଦଶ**

**ଭୁବନେଶ୍ୱର, ୨୧।୭(ବ୍ୟୁରୋ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ତା'ର ଦଶମ ଓ ଦ୍ୱାଦଶ ଶ୍ରେଣୀର ପ୍ରାଇଭେଟ୍ ଷ୍ଟୁଡେଣ୍ଟ (ଭଲ ପ୍ରଦର୍ଶନ ପାଇଁ ପରୀକ୍ଷାର ପୁନରାବୃତ୍ତି କରିବାକୁ ଚାହୁଁଥିବା ପିଲା)ଙ୍କ ପାଇଁ ଅଫ୍‌ଲାଇନ୍ ପରୀକ୍ଷା ତାରିଖ ଘୋଷଣା କରିଛି। ଚଳିତବର୍ଷ ବିନା ପରୀକ୍ଷାରେ ସିବିଏସ୍ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ବିକଳ୍ପ ପଦ୍ଧତିରେ ପ୍ରକାଶ ପାଇବ। କିନ୍ତୁ ତଥ୍ୟ ଓ ରେକର୍ଡ ଅଭାବରୁ ପ୍ରାଇଭେଟ୍ ଷ୍ଟୁଡେଣ୍ଟଙ୍କ ପାଇଁ ବିକଳ୍ପ ମୂଲ୍ୟାୟନ କରାଯାଇପାରିବ ନାହିଁ। ତେଣୁ ବୋର୍ଡ ସମସ୍ତ ପ୍ରାଇଭେଟ୍ ଷ୍ଟୁଡେଣ୍ଟଙ୍କ ଅଫ୍‌ଲାଇନ ପରୀକ୍ଷା ଅଗଷ୍ଟ ୧୬ରୁ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଏହା ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ ଓ ଫଳାଫଳ ଶୀଘ୍ର ଘୋଷଣା କରାଯିବ। ପରୀକ୍ଷା ସହ ଜଡ଼ିତ ସମସ୍ତ ବିବରଣୀ ନେଇ ବୋର୍ଡ ଏକ ବିଜ୍ଞପ୍ତି ଜାରି କରିବ ବୋଲି ସୂଚନା ମିଳିଛି।

### ସୌମ୍ୟଙ୍କୁ ନ୍ୟାୟ ପାଇଁ ଦସ୍ତଖତ ଅଭିଯାନ

**ଭୁବନେଶ୍ୱର,୨୧।୭(ବ୍ୟୁରୋ):** ଏସିଏଫ୍ ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ପୋଲିସ ତଦନ୍ତ କରୁଥିବାବେଳେ ଦିନକୁ ଦିନ ରହସ୍ୟ ଘେରକୁ ଚାଲିଯାଉଛି। ତେବେ ହତ୍ୟାକାରୀଙ୍କୁ ଖୁବ୍‌ଶୀଘ୍ର ଧରିବା ସହ ସୌମ୍ୟଙ୍କୁ ନ୍ୟାୟ ପାଇଁ ଏକ ପିଟିଶନ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଓୟୁଏଟିସ୍ଥିତ କଲେଜ ଅଫ୍ ଫରେଷ୍ଟ୍ରିର ଛାତ୍ରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଓ ଓଡିଶା ହାଇକୋର୍ଟଙ୍କୁ ପ୍ରଦାନ ଉଦ୍ଦେଶ୍ୟରେ ଏହି ଦସ୍ତଖତ ଅଭିଯାନ କରାଯାଉଛି। ବୁଧବାର ସୁଦ୍ଧା ୨୪୭୦ ଦସ୍ତଖତ କରିଛନ୍ତି। ଏହି ସଙ୍ଗିନ ମାମଲାରେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ସହ ସ୍ଥାନୀୟ ପୋଲିସ ଅଧିକାରୀଙ୍କ ସମ୍ପୃକ୍ତି ନେଇ ମଧ ଅଭିଯୋଗ ହୋଇଛି। ତେଣୁ ଏହାର ନିରପେକ୍ଷ ତଦନ୍ତ କରାଯିବା ସହ ଆବଶ୍ୟକ ପଡ଼ିଲେ ସିବିଆଇ ତଦନ୍ତ କରାଯିବା ନେଇ ଲୋକେ ଦାବି ରଖୁଥିବା ଦେଖିବାକୁ ମିଳୁଛି।

# 'ହକି ଦେଇଛି ପରିଚୟ'



ଅମିତ ରୋହିଦାସ

**ଅମିତ ରୋହିଦାସ ଏବେ ଭାରତୀୟ ହକିର ଏକ ପରିଚିତ ନାମ। ସୁନ୍ଦରଗଡ଼ ଜିଲା ସଉନାମୁରା ଗ୍ରାମର ଗୋଲାପ ଏବଂ ଗୋପାଳ ରୋହିଦାସଙ୍କ ପୁତ୍ର ଅମିତ ଅଲିମ୍ପିକ୍ସ ଖେଳିବା ପାଇଁ ଟୋକିଓରେ ପହଞ୍ଚି ସାରିଛନ୍ତି। କ୍ରୀଡ଼ା ମହାକୁମ୍ଭରେ ପଦାର୍ପଣ କରିବାକୁ ଯାଉଛନ୍ତି ଏହି ଓଡ଼ିଆ ଡିଫେଣ୍ଡର। ଏସିଆ କପ୍‌ରେ ସ୍ୱର୍ଣ୍ଣ, ରୌପ୍ୟ, ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ଏସିଆନ ଗେମ୍ସ ଓ ହକି ୱାର୍ଲ୍ଡ ଲିଗ୍‌ରେ ବ୍ରୋଞ୍ଜ ପଦକ ଜିତି ସାରିଥିବା ଅମିତଙ୍କର ଅଲିମ୍ପିକ୍ସ ଖେଳିବା ସ୍ୱପ୍ନ ସାକାର ହେବାକୁ ଯାଉଛି। ଟୋକିଓରେ ପୋଡିୟମ ମଣ୍ଡନ ମୁଖ୍ୟ ଲକ୍ଷ୍ୟ ବୋଲି ଏକ ସାକ୍ଷାତ୍‌କାର ଅବସରରେ ପ୍ରକାଶ କରିଛନ୍ତି ଭାରତୀୟ ଦଳର ଏହି ନିର୍ଭରଯୋଗ୍ୟ ଡିଫେଣ୍ଡର।**

## ଧରିତ୍ରୀ ଆଳାପ

**ପ୍ରଥମଥର ପାଇଁ ଅଲିମ୍ପିକ୍ସରେ ଖେଳିବାକୁ ଯାଉଛନ୍ତି, କ'ଣ ଆକାଂକ୍ଷା ରହିଛି ?**

❖ ଅଲିମ୍ପିକ୍ସ ଖେଳିବାରେ ସମସ୍ତଙ୍କର ଇଚ୍ଛା ଥାଏ। ମୋର ମଧ ଥିଲା। ତାହା ଏବେ ସାକାର ହେବାକୁ ଯାଉଛି। ଏଥିପାଇଁ ଗତ ୧୨-୧୩ ବର୍ଷ ଧରି କଠିନ ପରିଶ୍ରମ କରି ଆସିଛି, ଏହାର ମୂଲ୍ୟ ମିଳିଛି। ୨୦୧୨ ଲଣ୍ଡନ ଏବଂ ୨୦୧୬ ରିଓ ଅଲିମ୍ପିକ୍ସ ଖେଳିପାରି ନ ଥିଲି। ଏଥର ସୁଯୋଗ ମିଳିଛି, ଏଥିପାଇଁ ମନ ବହୁତ ଖୁସି ଅଛି।

**ଜୁଲାଇ ୨୪ରେ ଭାରତ ପ୍ରଥମ ମ୍ୟାଚ ଖେଳିବ। ଅଭ୍ୟାସ ସମୟରେ କେଉଁ କଥାକୁ ଅଧିକ ଗୁରୁତ୍ୱ ଦିଆଯାଉଛି ?**

❖ ଦୀର୍ଘଦିନଧରି ବେଙ୍ଗାଲୁରୁରେ କ୍ୟାମ୍ପ ଚାଲିଥିଲା। ସେଠାରେ ସକାଳେ ଏବଂ ସନ୍ଧ୍ୟାରେ କୋଚ୍ ଗ୍ରାହାମ ରିଡ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଭ୍ୟାସକୁ ଜୋରଦାର କରାଯାଇଥିଲା। ସମସ୍ତେ କିପରି ନିଜ ନିଜ ପୋଜିଶନରେ ଶ୍ରେଷ୍ଠ ପ୍ରଦର୍ଶନ କରିପାରିବେ ତା' ଉପରେ ଗୁରୁତ୍ୱ ଦିଆଯାଉଛି।

**ଭାରତର ସମ୍ଭାବନାକୁ କିପରି ଦେଖୁଛନ୍ତି ?**

❖ ଅଲିମ୍ପିକ୍ସରେ ଆମେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଜାପାନ, ନ୍ୟୁଜିଲାଣ୍ଡ ଓ ସ୍ପେନ୍ ସହିତ ଗ୍ରୁପ୍ 'ଏ'ରେ ରହିଛୁ। ଗ୍ରୁପ୍ 'ବି'ରେ ବେଲ୍‌ଜିୟମ, କାନାଡ଼ା, ଜର୍ମାନୀ, ଗ୍ରେଟ୍ ବ୍ରିଟେନ, ନେଦରଲାଣ୍ଡ୍ସ, ଦକ୍ଷିଣ ଆଫ୍ରିକା ରହିଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୪ ଦଳ କ୍ୱାର୍ଟର ଫାଇନାଲ ଖେଳିବ। ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଥିବା ସବୁ ଦଳ ଶକ୍ତିଶାଳୀ। କୌଣସି ଦଳକୁ ହାଲୁକାଭାବେ ନେଇ ହେବନି। ତେବେ ଆମେ ଭଲ ସ୍ଥିତିରେ ରହିବୁ ବୋଲି ଦୃଢ଼ ଆଶାୟୀ ରହିଛୁ। ପୋଡିୟମ ମଣ୍ଡନ ଆମର ମୁଖ୍ୟ ଲକ୍ଷ୍ୟ ରହିବ।

**କୋଚ୍ ଗ୍ରାହାମ ରିଡ୍‌ଙ୍କର ସ୍ୱତନ୍ତ୍ର ବାର୍ତ୍ତା ?**

❖ ଯିଏ ଯେଉଁ ପୋଜିଶନରେ ଖେଳୁଛନ୍ତି ଯେପରି ଶ୍ରେଷ୍ଠ ଦେଇ ପାରିବେ କୋଚ୍ ତା' ଉପରେ ଗୁରୁତ୍ୱ ଦେଉଛନ୍ତି। ଏହା ହେଲେ ଦଳଗତ ପ୍ରଦର୍ଶନ ଭଲ ରହିପାରିବ। ସେ ଯେଉଁ ରଣନୀତି କରୁଛନ୍ତି ତାକୁ କିପରି ପଡ଼ିଆରେ କାର୍ଯ୍ୟରେ ପରିଣତ କରାଯାଇପାରିବ ଆମେ ତା ଉପରେ ଗୁରୁତ୍ୱ ଦେଉଛୁ।

**ଏବେ ଆପଣଙ୍କର ମୁଖ୍ୟ ଫୋକସ୍ କ'ଣ ?**

❖ ମୁଁ ଜଣେ ଡିଫେଣ୍ଡର, ଏହି ବିଭାଗରେ ମୁଁ କିପରି ପ୍ରଭାବୀ ପ୍ରଦର୍ଶନ କରିବି ତା' ଉପରେ ଫୋକସ୍ କରୁଛି। ସବୁ ଖେଳାଳି ନିଜ ପୋଜିଶନରେ ଶ୍ରେଷ୍ଠ ଦେଇପାରିଲେ ପରୋକ୍ଷରେ ତାହା ଦଳକୁ ସାହାଯ୍ୟ କରିବ ଏବଂ ଫଳାଫଳରେ ରୂପାନ୍ତରିତ ହୋଇପାରିବ।

**ରାଜ୍ୟ ସରକାର ହକି ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଆଉ କ'ଣ ଆବଶ୍ୟକ ଅଛି ?**

❖ କିଛି ବର୍ଷ ପୂର୍ବରୁ ରାଜ୍ୟରେ ହକି ଭିତ୍ତିଭୂମି ସେମିତି କିଛି ଭଲ ନ ଥିଲା। ଏବେ ଆମ ନିକଟରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ଅଛି। ରାଜ୍ୟରେ ଚାମ୍ପିୟନ୍ସ ଟ୍ରଫିଠାରୁ ଆରମ୍ଭ କରି ହକି ବିଶ୍ୱକପ୍, ଏଫ୍‌ଆଇଏଚ୍ ପ୍ରୋ ଲିଗ୍, ଅଲିମ୍ପିକ୍ କ୍ୱାଲିଫାୟର୍ସ ଆଦି ଅନେକ ବଡ଼ ଟୁର୍ନାମେଣ୍ଟ ସମ୍ଭବ ହୋଇ ପାରିଛି। ସରକାରଙ୍କ ଇଚ୍ଛାଶକ୍ତି ଯୋଗୁ ଓଡ଼ିଶା ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ମୁଁ ଭାବୁଛି ସବୁକିଛି ଠିକ୍ ଚାଲିଛି, ଆଗକୁ ଓଡ଼ିଶାରେ ହକି ପାଇଁ ଭିତ୍ତିଭୂମି ଆହୁରି ସୁଦୃଢ଼ ହେବ।

**ଓଡ଼ିଶାର ପ୍ରଥମ ଅଣଆଦିବାସୀ ଖେଳାଳି ଭାବେ ଅଲିମ୍ପିକ୍ସରେ ପଦାର୍ପଣ କରିବାକୁ ଯାଉଛନ୍ତି?**

❖ ହଁ ତାହା ସତ, ମାତ୍ର ହଷ୍ଟେଲ ହେଉ କି ବାହାରେ ମୁଁ ମୋ କ୍ୟାରିୟର ଆରମ୍ଭରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ଆଦିବାସୀ ଖେଳାଳିଙ୍କ ସହିତ ହିଁ ଖେଳି ଆସିଛି। ଦିଲୀପ ତିର୍କୀଙ୍କଠାରୁ ଆରମ୍ଭ କରି ଅନେକ କିମ୍ବଦନ୍ତୀ ଖେଳାଳି ଆମ ରାଜ୍ୟରୁ ପ୍ରତିନିଧିତ୍ୱ କରିଛନ୍ତି। ସେମାନଙ୍କଠାରୁ ମୁଁ ଖେଳ ଶିଖିଛି। ତେଣୁ ସେମାନଙ୍କ ନିକଟରେ ମୁଁ କୃତଜ୍ଞ।

**ଜୁନିୟର ସ୍ତରରେ କେଉଁ ପ୍ରଦର୍ଶନ ଆପଣଙ୍କୁ ସିନିୟର ଡେବ୍ୟୁ କରାଇଥିଲା?**

❖ ୨୦୦୯ରୁ ଜୁନିୟର ସ୍ତରରେ ଖେଳି ଆସିଥିଲି। ସେହିବର୍ଷ ମ୍ୟାନ୍‌ମାରରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଏସିଆ କପ୍‌ରେ ଭଲ ଖେଳିଥିଲି। ୭ ଗୋଲ ସ୍କୋର କରିଥିବାରୁ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିଲି। ୨୦୧୨ରେ ମାଲେସିଆରେ ଅନୁଷ୍ଠିତ ଜୁନିୟର ଏସିଆ କପ୍‌ରେ ମୁଁ ବ୍ରୋଞ୍ଜ ପଦକ ବିଜୟୀ ଦଳର ସଦସ୍ୟ ଥିଲି। ମୋତେ ଯେତେବେଳେ ଯେଉଁ ଟୁର୍ନାମେଣ୍ଟରେ ସୁଯୋଗ ମିଳିଥିଲା ସବୁଥିରେ ଶ୍ରେଷ୍ଠ ଦେବାକୁ ଚେଷ୍ଟା କରିଥିଲି। ତା'ର ଫଳ ମୋତେ ମିଳିଥିଲା। ୨୦୧୩ରେ ସୁଲତାନ ଜୋହର କପ୍ (ଜୁନିୟର) ଟୁର୍ନାମେଣ୍ଟରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ମୁଁ ସଦସ୍ୟ ଥିଲି। ଏହି ଟୁର୍ନାମେଣ୍ଟ ମୋତେ ସିନିୟର ଦଳରେ ସାମିଲ ହେବାରେ ସହାୟକ ହୋଇଥିଲା। ୨୦୧୩ରେ ମୁଁ ମାଲେସିଆରେ ସୁଲତାନ ଆଜଲାନଶାହ କପ୍‌ରୁ ସିନିୟର ସ୍ତରରେ ଖେଳିବା ଆରମ୍ଭ କରିଥିଲି।

**କେଉଁ ଟୁର୍ନାମେଣ୍ଟ ସ୍ମରଣୀୟ ବୋଲି ଭାବୁଛନ୍ତି?**

❖ ଅନେକ ଟୁର୍ନାମେଣ୍ଟର ସ୍ମରଣୀୟ ସ୍ମୃତି ରହିଛି। ୨୦୧୭ରେ ବାଂଲାଦେଶରେ ଅନୁଷ୍ଠିତ ଏସିଆ କପ୍‌ରେ ଆମେ ଚାମ୍ପିୟନ ହୋଇଥିଲୁ। ୨୦୧୮ରେ ନେଦରଲାଣ୍ଡସରେ ଅନୁଷ୍ଠିତ ହକି ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ହାସଲ କରିଥିଲୁ। ୨୦୧୯ରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ହକି ସିରିଜ ଫାଇନାଲରେ ଚାମ୍ପିୟନ ହେବା ଆଦି ସ୍ମରଣୀୟ ହୋଇ ରହିଛି।

**ହକି ଇଣ୍ଡିଆ ଲିଗ୍ କେତେ ସହାୟକ ହୋଇଛି ?**

❖ ହକିକୁ କ୍ୟାରିୟର କରୁଥିବା ସବୁ ଖେଳାଳିଙ୍କ ପାଇଁ ହକି ଇଣ୍ଡିଆ ଲିଗ୍ ଏକ ବଡ଼ ପ୍ଲାଟ୍‌ଫର୍ମ। ଜାତୀୟ ଦଳରେ ସ୍ଥାନ ପାଇପାରୁ ନ ଥିବା ଅନେକ ଖେଳାଳି ଏହି ଲିଗ୍ ଦ୍ୱାରା ହିଁ ଉପକୃତ ହୋଇଛନ୍ତି ଏବଂ ନିଜ ଦକ୍ଷତା ଦେଖାଇବାର ସୁଯୋଗ ପାଇଛନ୍ତି। ବ୍ୟକ୍ତିଗତ ଭାବେ ଏହା ମୋ ପାଇଁ ବହୁତ ସୁଯୋଗ ଆଣିଛି। ମୁଁ ପ୍ରଥମ ୩ ବର୍ଷ ରାଞ୍ଚି ରାଇନୋଜ ଦଳରେ ଖେଳିବା ପରେ ଭୁବନେଶ୍ୱରଭିତ୍ତିକ ଦଳ କଳିଙ୍ଗ ଲାନ୍ସର୍ସ ପକ୍ଷରୁ ୨ ବର୍ଷ ଖେଳିଛି। ଏହି ଲିଗ୍‌ରେ ବିଦେଶୀ ଖେଳାଳିମାନେ ସାମିଲ ଥିବାରୁ ଫାଇଦା ମିଳିଥାଏ। ସେମାନଙ୍କ ଟେକ୍ନିକ, ଖେଳିବା ଶୈଳୀରୁ ଅନେକ କିଛି ଶିଖିବାକୁ ମିଳିଥାଏ। ଯାହାକି ଆବଶ୍ୟକ ସମୟରେ ବହୁତ କାମ ଦେଇଥାଏ।

**ହକିକୁ ନେଇ ଭବିଷ୍ୟତ ଲକ୍ଷ୍ୟ?**

❖ ମୁଁ ପିଲାଟି ଦିନରୁ ହକିକୁ ନେଇ ବଞ୍ଚିଛି। ହକି ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି। ତେଣୁ ହକିକୁ ବାଦ୍ ଦେଇ ମୁଁ ଆଉ କିଛି ପରିକଳ୍ପନା କରିପାରୁନାହିଁ। ଯେତେଦିନ ସମ୍ଭବ ହକି ସହିତ ଜଡ଼ିତ ହୋଇ ରହିବା ମୋର ଇଚ୍ଛା। ଏଥିପାଇଁ ମୁଁ ମୋ ପରିବାର ଓ ସମସ୍ତ କୋଚ୍‌ଙ୍କୁ ଅନେକ ଶ୍ରେୟ ଦେବି। ସେମାନଙ୍କ ସମର୍ଥନ ବିନା ମୁଁ କିଛି କରିପାରି ନ ଥାନ୍ତି।

**ଜୀବନସାଥୀ ସମ୍ପର୍କରେ ପଦେ ?**

❖ ସେମିତି କିଛି ଏ ପର୍ଯ୍ୟନ୍ତ ଭାବିନାହିଁ। ମୋର କେହି ଗର୍ଲଫ୍ରେଣ୍ଡ ନାହାନ୍ତି। ସେ ସବୁ କଥା ବୁଝିବା ପାଇଁ ମୋ ଘର ପରିବାର ଅଛନ୍ତି। ମୁଁ ଏବେ କେବଳ ଖେଳ କଥା ଚିନ୍ତା କରୁଛି।

**ଆପଣଙ୍କର ଆଦର୍ଶ ଖେଳାଳି ?**

❖ ପଦ୍ମଶ୍ରୀ ଦିଲୀପ ତିର୍କୀ ହେଉଛନ୍ତି ମୋର ଆଦର୍ଶ ଖେଳାଳି। ତାଙ୍କ ବଲ୍ କ୍ଲିୟରାନ୍ସ, ଟ୍ୟାକ୍‌ଲିଂ, ହିଟିଂ କରିବାର ଦକ୍ଷତାରେ ମୁଁ ବହୁତ ପ୍ରଭାବିତ। ସେ ବହୁତ ଶାନ୍ତ ପ୍ରକୃତିର। ସେ ଚତୁରତାର ସହିତ ଗୋଲ ମଧ କରିପାରନ୍ତି। ତାଙ୍କ ବ୍ୟକ୍ତିତ୍ୱ ମୋର ଖୁବ୍ ପସନ୍ଦ। ତାଙ୍କପରି ଖେଳାଳି ହେବାକୁ ମୁଁ ସବୁବେଳେ ଚେଷ୍ଟା କରି ଆସିଛି। ସେ ନିଜ ଜୀବନକାଳରେ ଜଣେ ଡିଫେଣ୍ଡର ଭାବେ ଖେଳିଆସିଥିଲେ, ମୁଁ ମଧ ଡିଫେନ୍ସରେ ଖେଳୁଛି। ତାଙ୍କୁ ଅନୁକରଣ କରି ମୁଁ ଅନେକ କଥା ଶିଖିଛି। ତେବେ ତାଙ୍କ ସହ ଖେଳିପାରି ନ ଥିବାରୁ ମନରେ ଦୁଃଖ ରହିଛି।

—ତପନ ସ୍ୱାଇଁ

# 'ମୁଁ ତୁମକୁ ଘୃଣା କରେ'

■ ବିଦ୍ୟାଭାରତୀଙ୍କ ହାତଲେଖା ଚିଠିକୁ ନେଇ ଚର୍ଚ୍ଚା

■ ମନ ଦୁଃଖ ସମୟରେ ଲେଖିଥିଲି, ସେଥିରେ କିଛି ମୂଲ୍ୟ ନାହିଁ: ବିଦ୍ୟା

**କପ୍ତିପଦା,୨୧।୭(ଡି.ଏନ.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାକୁ ୮ ଦିନ ପୂରିଛି। ପାରଳାଖେମୁଣ୍ଡିରୁ ଭାୟା ବାଲେଶ୍ୱରର ଖଇରା ଓ ମୟୂରଭଞ୍ଜ ଜିଲା କପ୍ତିପଦାର ଗୌଡ଼ଗାଁ ପର୍ଯ୍ୟନ୍ତ ଅତୁଆ ଖିଅ ଖୋଜି ଚାଲିଛି ପୋଲିସ। ବହୁ ଚର୍ଚ୍ଚିତ ଏହି ମୃତ୍ୟୁ ଘଟଣାର ଯୋରଦାର ତଦନ୍ତ ଚାଲିଥିବା ବେଳେ ପ୍ରତିଦିନ ଚୋଟକ ତଥ୍ୟ ସାମ୍ନାକୁ ଆସୁଛି। ପୋଲିସ ଜବତ କରିଥିବା ଦସ୍ତାବିଜ୍ ମଧ୍ୟରୁ ସୌମ୍ୟରଞ୍ଜନଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କ ଏକ ହାତ ଲେଖା ଚିଠିକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଉକ୍ତ ଚିଠିରେ 'ଏହି ପୃଥିବୀରେ ମୁଁ ତୁମକୁ ସବୁଠୁ ଅଧିକ ଘୃଣା କରେ, ମୋ ନାଁକୁ ଏହି ଲୋକ ନାଁରେ ଯୋଡ଼ିବାକୁ ମୋତେ ଖରାପ ଲାଗୁଛି। କେମିତି ଆଉ ୩ ଦିନ କଟିବ। ୧୨ରୁ ୧୫ ତାରିଖ ପରେ ଶାନ୍ତି ମିଳିବ' ବୋଲି ଉଲ୍ଲେଖ ରହିଛି। ଯାହାକୁ ନେଇ ସନ୍ଦେହ ଘନେଇବାରେ ଲାଗିଛି। ତେବେ ସୌମ୍ୟଙ୍କ ସହ ଝଗଡ଼ା ଯୋଗୁ ମନ ଦୁଃଖ ସମୟରେ ସେ ଏହି ଚିଠି ଲେଖିଥିଲେ ଓ ଯାହାର କିଛି ମୂଲ୍ୟନାହିଁ ବୋଲି ବିଦ୍ୟା କହିଛନ୍ତି।



ମୃତ ଏସିଏଫ୍ ସୌମ୍ୟରଞ୍ଜନଙ୍କ ସ୍ତ୍ରୀ ବିଦ୍ୟାଭାରତୀ ଲେଖିଥିବା ଚିଠି।

ପାରଳାଖେମୁଣ୍ଡି ସ୍ଥିତ ସୌମ୍ୟଙ୍କ ସରକାରୀ କ୍ୱାର୍ଟର୍ସରୁ ଜବତ ହୋଇଥିବା ଏହି ଚିଠିରେ ଆହୁରି ମଧ ଲେଖା ହୋଇଛି, ହେ ପ୍ରଭୁ ସବୁ ଭୁଲ୍ କ୍ଷମାକର। ମୋ ଜୀବନକୁ ନଷ୍ଟ କରନାହିଁ। ମୁଁ କାହାର କିଛି ଦୋଷ କରିନାହିଁ। ଗୋଟିଏ ଭୁଲ ନିଷ୍ପତ୍ତି କେମିତି ଜୀବନକୁ ନଷ୍ଟ କରିଦିଏ। ପ୍ଲିଜ୍ ମୋତେ କ୍ଷମା କରିଦିଅ। ଜୀବନ ସାରା ପାଇଁ କଷ୍ଟ ଦେଖିପାରିବି ନାହିଁ। ତେବେ ବିଦ୍ୟାଭାରତୀ କାହା ଉଦ୍ଦେଶ୍ୟରେ ଏହି ଚିଠି ଲେଖିଥିଲେ ତାହା ସନ୍ଦେହ ଘେରରେ ଥିବା ବେଳେ ଏହି ଚିଠିରୁ ସୌମ୍ୟଙ୍କ ମୃତ୍ୟୁର ରହସ୍ୟ ଜଣାପଡ଼ିବ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୨ ତାରିଖରେ ସୌମ୍ୟରଞ୍ଜନ ତାଙ୍କ ସରକାରୀ ବାସଭବନରେ ପୋଡ଼ି ହୋଇ ଗୁରୁତର ହୋଇ ପଡ଼ିଥିଲେ। ପରଦିନ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଜବତ ହାତଲେଖା ଚିଠିରେ ୧୨ରୁ ୧୫ ତାରିଖ ପରେ ଶାନ୍ତିରେ ରହିବି ବୋଲି ଯାହା ଉଲ୍ଲେଖ ରହିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଡିଏଫ୍‌ଓ, ଗୁରାଣ୍ଡି ଓଆଇସି ହେବେ ଜେରା

**ଏସିଏଫ୍ ମୃତ୍ୟୁ ଘଟଣା**

**ପାରଳାଖେମୁଣ୍ଡି,୨୧।୭(ଡି.ଏନ୍.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣା ଦିନକୁ ଦିନ ଭିନ୍ନ ମୋଡ଼ ନେବାରେ ଲାଗିଛି। ଘଟଣାର ୯ ଦିନ ପରେ ବି ମୃତ୍ୟୁ ରହସ୍ୟରୁ ପରଦା ହଟୁନି। ସୌମ୍ୟଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଥିଲେ ମଧ ମେଡିକାଲ ନେବା ବେଳେ ଡିଏଫ୍‌ଓଙ୍କ କାର୍ଯ୍ୟାଳୟଠାରେ ଆମ୍ବୁଲାନ୍ସକୁ ଅଟକା ଯାଇଥିଲା। ଏହି ଘଟଣାରେ ତଦନ୍ତ ପରିସରକୁ ଆସୁଛନ୍ତି ଗୁରାଣ୍ଡି ଥାନା ଓଆଇସି ମମତା ପଣ୍ଡା ଓ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା। ଠିକ୍ ସମୟରେ ଉଭୟଙ୍କୁ ପଚରାଉଚରା କରାଯିବ ବୋଲି ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକ କହିଛନ୍ତି।

ଅନ୍ୟପକ୍ଷରେ ତଦନ୍ତରେ ପୋଲିସକୁ ସହଯୋଗ କରିବା ପାଇଁ କ୍ରାଇମ୍‌ବ୍ରାଞ୍ଚର ୩ ଜଣିଆ ଟିମ୍ ମଙ୍ଗଳବାର ପାରଳାଖେମୁଣ୍ଡିକୁ ଆସିଛି। ଏହି ଟିମ୍‌ରେ ଜଣେ ସାଇବର ଏକ୍ସପର୍ଟ ମଧ ଅଛନ୍ତି। କ୍ରାଇମ୍‌ବ୍ରାଞ୍ଚ ଟିମ୍ ବୁଧବାର ଏସ୍‌ପିଙ୍କ ସହ ଘଟଣା ଦିନଠାରୁ ଏ ପର୍ଯ୍ୟନ୍ତ ପୋଲିସ ତଦନ୍ତରେ କେଉଁ କେଉଁ ଦିଗକୁ ଅନୁଧ୍ୟାନ କରିଛି, ବର୍ତ୍ତମାନ ସୁଦ୍ଧା କ'ଣ ତଥ୍ୟ ସଂଗ୍ରହ କରାଯାଇଛି ଏବଂ ଆଗକୁ ତଦନ୍ତ କେଉଁ ଦିଗକୁ ଯିବ ସେ ନେଇ ଆଲୋଚନା କରିଛନ୍ତି। ସେପଟେ ବାଲେଶ୍ୱର ଜିଲା ଖଇରାରେ ସୌମ୍ୟଙ୍କ ପରିବାର ସଦସ୍ୟ ଓ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅନ୍ତର୍ଗତ ଗୌଡ଼ଗାଁରେ ନିଜ ବାପଘରେ ଥିବା ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କୁ ଦୁଇ ଦିନ ଧରି ଜେରା କରିବା ପରେ ବୁଧବାର ଟିମ୍ ସହ ଫେରିଛନ୍ତି ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ। ସେ ପାଇଥିବା ତଥ୍ୟ ଉପରେ ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ଜଣାପଡ଼ିଛି। ତଦନ୍ତ ଜାରି ରହିଥିବାରୁ କୌଣସି ଅଧିକ ତଥ୍ୟ ଦେବାକୁ ମନା କରିଛନ୍ତି ତଦନ୍ତକାରୀ ଅଧିକାରୀ ସ୍ୱାଇଁ। ସନ୍ଧ୍ୟାରେ ଏସ୍‌ପି ତପନ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ତଦନ୍ତକାରୀ ଟିମ୍ ଓ କ୍ରାଇମ୍‌ବ୍ରାଞ୍ଚ ଟିମ୍ ସହ ମିଶି ଆଲୋଚନା କରିଛନ୍ତି। ସୌମ୍ୟଙ୍କ ମୃତ୍ୟୁ ଘଟଣାର ସବୁ ଦିଗକୁ ତର୍ଜମା କରାଯିବ ବୋଲି ଏସ୍‌ପି କହିଛନ୍ତି।



ତୁମେ ଯେଉଁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ-ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସମ୍ପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। -ଶ୍ରୀମା



# ଶାନ୍ତି ପ୍ରତିଷ୍ଠାର ଦାୟିତ୍ୱ



ଜୁଆନ ମାନୁଏଲ ସାଣ୍ଟୋସ

ଇଂଲିଶ କବି ଜନ୍ ମିଲ୍‌ଟନ ତାଙ୍କ 'ପାରାଡାଇଜ୍ ଲଷ୍ଟ' କବିତାରେ ଏକ ସଶସ୍ତ୍ର ଯୁଦ୍ଧର ଅବସାନ ଘଟାଇ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଲାଗି ଆବଶ୍ୟକ ସଂଗ୍ରାମର ମୌଳିକ ସତ୍ୟକୁ ପ୍ରକାଶ କରିଛନ୍ତି। ତାଙ୍କ ମତରେ- ଯିଏ ବଳ ପ୍ରୟୋଗ କରି ବିଜୟ ଲାଭ କରିଛି ବୋଲି ଭାବିବ ସେ ତା' ଶତ୍ରୁକୁ ଅଧା ଜିତିଛି ବୋଲି ବୁଝିବାକୁ ପଡ଼ିବ। ଏହା ସୂଚାଉଛି କି ସମସ୍ୟା ଉପରେ ବିଜୟ ପ୍ରାପ୍ତ କରିବାକୁ ହେଲେ କେବଳ ବଳ ପ୍ରୟୋଗ ନୁହେଁ, ବରଂ ଆମକୁ ସୁଚିନ୍ତିତ ରଣକୌଶଳ ସହ ଆଗେଇବାକୁ ହେବ। ମୋ ବିଚାରରେ ଏହି ଅନ୍ତର୍ଦୃଷ୍ଟି କଲମ୍ବିଆର ଦୀର୍ଘଦିନର ଅତି ଭୟଙ୍କର ଗୃହଯୁଦ୍ଧର ଅବସାନ ପାଇଁ ନକ୍ସା ପ୍ରସ୍ତୁତ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ସାମ୍ପ୍ରତିକ ସମୟରେ ଆମେ ସାମ୍ନା କରୁଥିବା ବିଶ୍ୱର ସମସ୍ୟାଗୁଡ଼ିକ ପାଇଁ ଏହାର ମଧ୍ୟ ବହୁ ପ୍ରାସଙ୍ଗିକତା ରହିଛି। ଶାନ୍ତି ପ୍ରତିଷ୍ଠା କରିବା ଲାଗି ଜଣେ ନେତା ଆଶା ଓ ବିଶ୍ୱାସ ବଢ଼ାଇବା ଆବଶ୍ୟକ। ଦୟା,ସାମ୍ୟଭାବ ଆଧାରରେ ଓ ସାଧାରଣ ଲୋକଙ୍କ ମଙ୍ଗଳ ପାଇଁ ଦୂରଦୃଷ୍ଟି ସମ୍ପନ୍ନ ନୀତିଗୁଡ଼ିକୁ ସମର୍ଥନ କରିବା ଉଚିତ। ଏବେ କୋଭିଡ୍-୧୯ ମହାମାରୀ ଉପରେ ବିଜୟ ପ୍ରାପ୍ତ କରିବା ପାଇଁ ଏହା ମଧ୍ୟ ଏକ ମୂଲ୍ୟବାନ ଦୃଷ୍ଟିକୋଣ। ଭବିଷ୍ୟତରେ ଆହୁରି ଅନେକ ସଙ୍କଟ ଓ ବାଧାବିଘ୍ନ ଆସିବ। ଏଣୁ ଏହାକୁ ସାମ୍ନା କରିବା ଭଳି ଏକ ଶକ୍ତ ପୃଥିବୀ ଗଠନ କରିବାରେ ଜନ୍ ମିଲ୍‌ଟନଙ୍କ ଦୃଷ୍ଟିକୋଣର ଆବଶ୍ୟକତା ରହିଛି।

କୋଭିଡ୍ ମହାମାରୀରେ ମାନବଜାତିର ସାମଗ୍ରିକ ଅନୁଭବ ଆମକୁ ସ୍ମରଣ କରାଇ ଦେଇଛି ଜୀବନ କେତେ ମୂଲ୍ୟବାନ, ପୁଣି କେତେ ଦୁର୍ବଳ। ଜୀବନରେ ନିହିତ ନିବିଡ଼ ସମ୍ପର୍କ ଉପରେ ଏହା ମଧ୍ୟ ଉଜାଗରଦେଇଛି। ପୃଥିବୀରେ ପ୍ରତ୍ୟେକ ବ୍ୟକ୍ତିର ସ୍ଥିତି କିଭଳି ଆମ ଭାଇ, ଭଉଣୀ ଏବଂ ପଡ଼ୋଶୀ ତଥା ପୂର୍ବଜ ଏବଂ ପରପିଢ଼ିଙ୍କ ସହିତ ଦୃଢ ଭାବେ ଯୋଡ଼ି ହୋଇଛି ତାହା ମହାମାରୀ ଆମକୁ ମନେ ପକାଇଦେଇଛି। ମହାମାରୀ ପରେ ଆମେ ସୁଧାର ଆଣି ଆମ ଭବିଷ୍ୟତକୁ ପୁଣି ଗଢ଼ିବାକୁ ଯାଉଛୁ। ଏଥିପାଇଁ ପୂର୍ବରୁ ସଫଳ ହୋଇଥିବା ନେତାମାନଙ୍କଠାରୁ ଆମକୁ ପ୍ରେରଣା ନେବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ନେଲସନ ମଣ୍ଡେଲାଙ୍କଠାରୁ ଆଉ ଭଲ ଆଦର୍ଶ ବା ପ୍ରେରଣା କେହି ନାହାନ୍ତି ବୋଲି କୁହାଯାଇପାରେ। ସେ ଥିଲେ ଅସୀମ ସାହସର ଅଧିକାରୀ। ପ୍ରତିବଦ୍ଧତାର ଖାଣ୍ଟି ମଣିଷ। ସେ ଜାତିଗତ ଉତ୍ପୀଡ଼ନ ଭଳି ଖରାପ ବ୍ୟବସ୍ଥାକୁ ଦୃଢ ବିରୋଧ କରି ତାଙ୍କ ସମୟରେ ଜଣେ ଶ୍ରେଷ୍ଠ ଶାନ୍ତିପ୍ରତିଷ୍ଠାତା ହୋଇଥିଲେ। ମଣ୍ଡେଲା ପାଖାପାଖି ତିନି ଦଶନ୍ଧି ଧରି ଜେଲ୍‌ରେ ରହି ସ୍ୱାଧୀନତା ପାଇଁ ଲୋକମାନଙ୍କୁ ନେତୃତ୍ୱ ପ୍ରଦାନ କରୁଥିଲେ। ସେ ଦକ୍ଷିଣ ଆଫ୍ରିକାରେ ଏକ ଦୃଢ, ସହନଶୀଳ ତଥା ବହୁଜାତୀୟ ଲୋକତନ୍ତ୍ର ପ୍ରତିଷ୍ଠା କରିଯାଇଛନ୍ତି ଯାହା ଏବେ ଚାଲିଛି। ଭେଦଭାବ ଦୂର କରି ଶାନ୍ତି ପ୍ରତିଷ୍ଠାରେ ଏହା ହିଁ ଶ୍ରେଷ୍ଠ ନିଦର୍ଶନ।

ମଣ୍ଡେଲାଙ୍କର ବିନମ୍ରତା ଓ ଲୋକତନ୍ତ୍ରରେ ତାଙ୍କର ଦୃଢ ବିଶ୍ୱାସ ହିଁ ତାଙ୍କୁ ଆଧୁନିକ ଦକ୍ଷିଣ ଆଫ୍ରିକାର ଭିତ୍ତି ସ୍ଥାପନ କରିବାରେ ସହାୟକ ହୋଇଥିଲା। ତାଙ୍କର ଏହି ସବୁ ଗୁଣକୁ ମଧ୍ୟ ବିଶ୍ୱ ଗଭୀର ଭାବେ ଅନୁଭବ କରିଛି। କାରଣ ଉପନିବେଶବାଦ, ଜାତିବାଦ ଏବଂ ଭେଦଭାବ ବିରୋଧରେ ଅନ୍ତର୍ଜାତୀୟ ସ୍ତରରେ ବିରୋଧକୁ ବ୍ୟାପକ କରିବାରେ ମଣ୍ଡେଲା ଥିଲେ ପୁରୋଧା। ତାହାକୁ ଦୃଷ୍ଟିରେ ରଖି ସେ ସବୁବେଳେ ଆଫ୍ରିକୀୟ ଜାତୀୟ କଂଗ୍ରେସର ସଂଗ୍ରାମକୁ ବିଶ୍ୱ ଦରବାରରେ ଉପସ୍ଥାପନ କରୁଥିଲେ। ମାନବ ଜାତିର କଲ୍ୟାଣ ଲାଗି ତାଙ୍କ ସଂଗ୍ରାମ ଓ ଘୋଷଣାକୁ ସମର୍ଥନ କରି 'ଦି ଲିଡର' ପ୍ରତିଷ୍ଠା କରାଯାଇଛି। ଏହା ମଣ୍ଡେଲାଙ୍କର ନିଷ୍ପତ୍ତିରେ ହିଁ କରାଯାଇଥିଲା ଯେଉଁଥିରେ ମୁଁ ଏବେ ଜଣେ ସଦସ୍ୟ ଭାବେ ରହିଛି। ଜୁଲାଇ ୨୦୦୭ରେ ଜୋହାନ୍ସବର୍ଗରେ ଉକ୍ତ ସଂସ୍ଥାର ପ୍ରତିଷ୍ଠା ଉପଲକ୍ଷେ ଆୟୋଜିତ ଉତ୍ସବରେ ସେ ତାଙ୍କ ଭାଷଣ ମାଧ୍ୟମରେ ସଦସ୍ୟମାନଙ୍କ ଉପରେ ଗୁରୁଦାୟିତ୍ୱ ଲଦି ଦେଇଥିଲେ। ବହୁମତ ଆଧାରରେ ଏହା କରାଯାଇଥିଲା। ସେ ସେଠାରେ କହିଥିଲେ ଯେ, ଯେଉଁଠି ଭୟ ରାଜୁତି କରୁଛି ସେଠାରେ ସାହସକୁ ସମର୍ଥନ କର, ଯେଉଁଠି ଯୁଦ୍ଧ ଲାଗିଛି ସେଠାରେ ବୁଝାମଣା କର ଏବଂ ଯେଉଁଠି ନିରାଶା ରହିଛି ସେଠାରେ ଆଶା ସଞ୍ଚାର କର। କୋଭିଡ୍ ମହାମାରୀ ଏବଂ ଜଳବାୟୁ ପରିବର୍ତ୍ତନ ଓ ଆଣବିକ ଅସ୍ତ୍ର ଭଳି ବୃହତ୍ ବିପଦକୁ ନଜରରେ ରଖି ମଣ୍ଡେଲାଙ୍କ ଉକ୍ତ ଦୃଷ୍ଟିକୋଣ ପ୍ରତି ପୂର୍ବାପେକ୍ଷା ଆମେ ଏବେ ଅଧିକ ପ୍ରତିବଦ୍ଧତା ପ୍ରକାଶ କରିବା ଦରକାର। ଶୀଘ୍ର ଏହା ଉପରେ ବିଶ୍ୱର ନେତାମାନଙ୍କର ସ୍ପଷ୍ଟ ସ୍ୱୀକୃତି ଆମର ଦରକାର, ଯାହା ବିଭିନ୍ନ ବିଷୟରେ ସାମାଜିକ ସମତାବାଦକୁ ଉତ୍ସାହିତ କରିବା ସହ ସାମ୍ପ୍ରତିକି ସମସ୍ୟା ବିରୋଧରେ ଲଢେଇ କରିବା ଭଳି ନିର୍ଣ୍ଣାୟକ କାର୍ଯ୍ୟ କରିବାକୁ ପଡ଼ିବ। ଏହା ସହ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଏକାଠି ହୋଇ କାର୍ଯ୍ୟ କରିବେ ବା ବହୁପକ୍ଷବାଦକୁ ଉଜାଗର କରିବାକୁ ହେବ। କିଭଳି ଏହା ହାସଲ କରିହେବ ସେଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ।

ଏହି ଲକ୍ଷ୍ୟପ୍ରାପ୍ତି ପାଇଁ ସାମଗ୍ରିକ ସହଯୋଗ ଏବଂ ବିଶ୍ୱାସର ଭାବନା ହିଁ ଲୋଡ଼ା। କିନ୍ତୁ ମାର୍ଚ୍ଚ ୨୦୨୦ରେ କୋଭିଡ୍ ମହାମାରୀ ସମୟରେ ବିଶ୍ୱସ୍ତରରେ ଯୁଦ୍ଧ ବିରତି ପାଇଁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସଙ୍କ ଅନୁରୋଧ ପ୍ରତି ସାମଗ୍ରିକ ପ୍ରତିକ୍ରିୟା ଅତ୍ୟନ୍ତ ନିରାଶାଜନକ ରହିବା ଲକ୍ଷ୍ୟକରାଯାଇଛି। ଏଥିରୁ ଲକ୍ଷ୍ୟଠାରୁ ଦୂରେଇ ରହିବା ଓ ବିଶ୍ୱାସର ଅଭାବ ପ୍ରତିପାଦିତ ହୋଇଥିଲା। ଏହା ସତ ଯେ,ଗୁଟେରେସଙ୍କ ଆହ୍ୱାନ ଅକାଟ୍ୟ ଥିଲା ଓ ଗତବର୍ଷ ଏପ୍ରିଲ ପ୍ରାରମ୍ଭରୁ ୧୧ଟି ଦେଶରେ ଯୁଦ୍ଧରେ ଲିପ୍ତ ପକ୍ଷଗୁଡ଼ିକ ଏହାକୁ ମାନି ନେଇଥିଲେ ବୋଲି ଜାତିସଂଘ ଆକଳନ କରିଥିଲା। କିନ୍ତୁ ଜାତିସଂଘ ସୁରକ୍ଷା ପରିଷଦ ଗୁଟେରେସଙ୍କ ଜରୁରୀ ଅନୁରୋଧ ସମର୍ଥନରେ ଏକ ପ୍ରସ୍ତାବ ପାସ୍ କରିବାକୁ ଆଉ ୩ ମାସରୁ ଅଧିକ ସମୟ ନେଇଗଲା। ଏଣୁ ବହୁ ସଂଘର୍ଷ ବା ଯୁଦ୍ଧ ପୂର୍ବରୁ ଯେମିତି ଚାଲିଥିଲା ୨୦୨୦ରେ ମଧ୍ୟ ସେମିତି ଚାଲିଲା ଓ ଏବେ ବି ତୀବ୍ର ଭାବେ ବଢ଼ିବାରେ ଲାଗିଛି। ଏହାଦ୍ୱାରା ନିରସ୍ତ୍ର ନାଗରିକଙ୍କ ଜୀବନ ଧ୍ୱଂସ ହୋଇଆସୁଛି। ୨୦୨୦ ମଧ୍ୟ ସୁଦ୍ଧା ହିଂସକ ସଂଘର୍ଷ ଯୋଗୁ ପାଖାପାଖି ୮୦ ମିଲିୟନ ଲୋକ ବଳପୂର୍ବକ ବିସ୍ଥାପିତ ହୋଇଥିଲେ। ସଂଘର୍ଷ ଯୋଗୁ ସେହି ବର୍ଷ ଶେଷ ସୁଦ୍ଧା ପ୍ରାୟ ୧୦୦ ମିଲିୟନ ଲୋକ ଗୁରୁତର ଖାଦ୍ୟ ଅସୁରକ୍ଷା ବା ଅଭାବର ସମ୍ମୁଖୀନ ହୋଇଥିଲେ। ଏହି ସଂଖ୍ୟା ୨୦୧୯ରେ ଥିଲା ୭୭ ମିଲିୟନ। ବିଶେଷକରି ଜାତିସଂଘ ସୁରକ୍ଷା ପରିଷଦର ୫ ସ୍ଥାୟୀ ସଦସ୍ୟଙ୍କ ସାମଗ୍ରିକ ବିଫଳତା ଅତ୍ୟନ୍ତ ନିନ୍ଦନୀୟ। ଏହା ମଧ୍ୟ ସେମାନଙ୍କ ଉପରେ ଗୁରୁତର ଅଭିଯୋଗ ଆଣିଛି। କିନ୍ତୁ କେବଳ କୋଭିଡ୍-୧୯ରେ ବିଶ୍ୱର ବହୁ ନେତାଙ୍କ ବିଫଳତାକୁ ଦେଖିଲେ ଆମେ ବି ପରିଷଦର ଅକ୍ଷମତା ବା ଶିଥିଳତାକୁ ବୁଝିପାରିବା। ଏହା ସହ ମହାମାରୀକୁ ରୋକିବାରେ ସମନ୍ୱୟ ଓ ସୂଚନା ପ୍ରଦାନରେ ଅଭାବ, ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ସୁରକ୍ଷିତ ରଖିବାରେ ଜି୨୦ର ସହଯୋଗର ଅଭାବ, ଗରିବ ତଥା ନିମ୍ନ ଆୟବର୍ଗର ଦେଶଗୁଡ଼ିକୁ ଆର୍ଥିକ ସହାୟତାରେ ହ୍ରାସ ଏବଂ ଟିକାକରଣରେ ଭେଦଭାବର ନୈତିକ ବିପର୍ଯ୍ୟୟ ପରିଲକ୍ଷିତ ହୋଇଛି। ଆହ୍ୱାନ ଓ ନିରାଶାର ଏହି ଅଭିଯୋଗଗୁଡ଼ିକୁ ବିଚାରକୁ ନେଲେ ଯେ କେହି ନିରାଶାବାଦୀ ହେବା ସହଜ। କିନ୍ତୁ ବିଫଳତାକୁ ଗ୍ରହଣ କରି ଆମେ ଯୁଦ୍ଧର ଯନ୍ତ୍ରଣା ଓ କ୍ଷତି ସହି ନ ଥିବା ସୁବିଧାବାଦୀ ବିଶ୍ୱ ପ୍ରତି କେବଳ ଅନୁଗ୍ରହ ପ୍ରକାଶ କରିବା ହିଁ ସାର ହେବ। କେବଳ ଏତିକି ନୁହେଁ, ଯୁଦ୍ଧ ପୀଡିତଙ୍କ ପ୍ରତି ଏହା ଧୋକା ହେବ। ଏଣୁ ପରିସ୍ଥିତିରେ ସୁଧାର ଲାଗି ଆମର ଆଶା ଓ ବିଶ୍ୱାସ ଏବଂ ପ୍ରତିବଦ୍ଧତା ରହିବା ଆବଶ୍ୟକ।

ମୋ ମତରେ, ମୁଁ ଏଥିପ୍ରତି ଆଶାବାଦୀ। ମୋର ବିଶ୍ୱାସ ବି ଅଛି। ଦୃଢ ନିଶ୍ଚିତ ଯେ, ଆମେ ମହାମାରୀରୁ ଉଦ୍ଧାର ପାଇ ସ୍ଥିତିରେ ସୁଧାର ଆଣିବାରେ ସକ୍ଷମ ହୋଇପାରିବା। ମୋ ଦେଶର ପ୍ରତିଷ୍ଠିତ ଲେଖକ ତଥା ନୋବେଲ ପୁରସ୍କାର ବିଜେତା ଗାବ୍ରିଏଲ ଗ୍ରାସିଆ ମରକ୍ୱେଜଙ୍କ କଥା ଅନୁସାରେ ଏହା ହାସଲ କରିବାକୁ ହେବ। ତାଙ୍କ ମତରେ,ବନ୍ୟା କି ପ୍ଲେଗ୍ ନୁହେଁ, ଦୁର୍ଭିକ୍ଷ କି ମହାପ୍ରଳୟ ନୁହେଁ କିମ୍ବା ଶତାବ୍ଦୀ ଶତାବ୍ଦୀ ଧରି ଚାଲିଆସୁଥିବା ଚିରକାଳିକ ଯୁଦ୍ଧ ମୃତ୍ୟୁ ଉପରେ ଜୀବନର ଲଗାତର ଶ୍ରେଷ୍ଠତାପଣକୁ ପରାସ୍ତ କରିବାକୁ ସକ୍ଷମ ହୋଇପାରିନାହିଁ। ଏହି ଭାବନାରେ ଶାନ୍ତି ପ୍ରତିଷ୍ଠାର କାର୍ଯ୍ୟ ବା ଦାୟିତ୍ୱରେ ଆମେ ସଫଳତା ହାସଲ କରିବା ଆବଶ୍ୟକ।

**ନୋବେଲ ଶାନ୍ତି ପୁରସ୍କାର ବିଜେତା ତଥା କଲମ୍ବିଆର ପୂର୍ବତନ ରାଷ୍ଟ୍ରପତି**

# ଝିଅଟିଏ ଅଛି ତ...



ଛନ୍ଦା ମିଶ୍ର

ସମୟ ବଦଳୁଛି। ବଦଳୁଛି ଲୋକଙ୍କ ମାନସିକତା। ଏଇ କିଛିଦିନ ତଳେ ଦେଖା ହେଲା ପରିଚିତା ଜଣେ ମାଉସୀଙ୍କ ସହ। ତାଙ୍କ ପୁଅ ଝିଅ ସମସ୍ତେ ଉଚ୍ଚ ଶିକ୍ଷିତ ଏବଂ ପ୍ରତିଷ୍ଠିତ। ତେବେ ତାଙ୍କ ମନରେ ଗୋଟିଏ ଧାରଣା ବସା ବାନ୍ଧିଛି ଯେ, ବୋହୂମାନେ ଆସିଲା ପରେ, ପୁଅମାନେ ବାପା ମା'ଙ୍କ ପ୍ରତି ହୋଇଛନ୍ତି ବିମୁଖ। ଅପରପକ୍ଷେ ଝିଅମାନଙ୍କୁ, ମାଉସୀ ଦେଇଥିବା ଶିକ୍ଷା ଯୋଗୁ ସେମାନେ ନିଜ ଶାଶୁ ଘର ସହ ବାପ ଘର ପ୍ରତି ମଧ୍ୟ ବେଶ୍ ଯତ୍ନବାନ। ସୁବିଧା ଅସୁବିଧା କଥା ତ ଅଲଗା, ଏମିତିରେ ନିତି ଟିକେ ଆମ ଭଲ ମନ୍ଦ ନ ବୁଝିଲେ ଝିଅମାନଙ୍କର ଭାତ ହଜମ ହୁଏନା। ଆଉ ପୁଅ, ତାଙ୍କୁ ତ ଆମ ପାଇଁ ଫୁରୁସତ ନ ଥାଏ। ବୁଝିଲୁ ମା, ଏମାନେ ମୋର ଝିଅ ନୁହନ୍ତି ବରଂ ପୁଅଠାରୁ ବଳକା।''

ଝିଅମାନଙ୍କୁ ନେଇ ମାନସିକତା ଏବେ ବଦଳିଛି। ରକ୍ଷଣଶୀଳ ଲୋକେ, ଝିଅକୁ ପର ଘରି, ପର ଗୋତ୍ରୀ, ତଥା ଝିଅ ଘରେ ପାଣି ଟୋପାଏ ପିଇବାକୁ ପାପ ବୋଲି ଭାବୁଥିଲେ, କିନ୍ତୁ ବର୍ତ୍ତମାନ ଝିଅ ପାଇଁ ଜ୍ୱାଇଁଟିଏ ଘରକୁ ଆଣି ଆସିଲେ ଝିଅଟି ଆମର ଘରେ ରହିବ ଓ ଆମ ବୃଦ୍ଧାବସ୍ଥାଟି ଆନନ୍ଦରେ କଟିବ ବୋଲି ଲୋକେ ଚିନ୍ତା କଲେଣି। ଝିଅଙ୍କୁ ଆଗେ ଶ୍ମଶାନ ଯିବାରେ ବାରଣ ଥିଲା, ଏବେ ସେମାନେ ମୁଖାଗ୍ନି ଦେଲେଣି ଏବଂ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏବେ ପୋଷ୍ୟ ସନ୍ତାନ ଗ୍ରହଣ କରିବା ଦମ୍ପତିମାନେ ଝିଅଟିଏ ପୋଷ୍ୟ ଭାବେ ଗ୍ରହଣ କରିବାକୁ ହେଉଛନ୍ତି ଆଗଭର, ଭବିଷ୍ୟତ ପାଇଁ ଝିଅକୁ ମଣୁଛନ୍ତି ନିରାପଦ।

ମୋର ପରିଚିତ ଜଣେ, ତାଙ୍କ ଏକମାତ୍ର ମେଧାବୀ ଝିଅ ପାଇଁ ମେଧାବୀ ଜ୍ୱାଇଁଟିଏ ଯୋଗାଡ଼ କରିଥିଲେ। ସେମାନଙ୍କର ସର୍ତ୍ତ ଥିଲା ଯେ, ପିଲାଟି ଘର ଜ୍ୱାଇଁ ହୋଇ ରହିବ। ଝିଅର ମେଧାରେ ମୁଗ୍ଧ ଏବଂ ଶାଶୁ ଶ୍ୱଶୁରଙ୍କ ପ୍ରତିପତ୍ତିରେ ବିମୁଗ୍ଧ ଯୁବକକୁ, ନିଜ ମୋହ ଭଙ୍ଗ ପାଇଁ ଲାଗିଲା ମୋଟେ ତିନୋଟି ବର୍ଷ। ବିବାହ ବିଚ୍ଛେଦ ହେଲା। ପୁଅ ବିଷୟରେ ଜାଣେନା, ଝିଅଟିର ଦ୍ୱିତୀୟ ବିବାହ ହୋଇଛି। ଏହାକୁ ଆପଣ ଭିନ୍ନ ଦୃଷ୍ଟିରେ ଯଦି ଦେଖିବେ, ତେବେ ଜାଣିପାରିବେ ଯେ, ପୁଅଟି ମାତା ପିତାଙ୍କୁ ଛାଡ଼ି ଦେଲା ସ୍ତ୍ରୀ ପାଇଁ, ମାତ୍ର ଝିଅଟି ମାତା ପିତାଙ୍କ ପାଇଁ ସ୍ୱାମୀକୁ ତ୍ୟାଗ କରିବାକୁ ଭ୍ରୂକ୍ଷେପ କଲା ନାହିଁ।

ଝିଅଟିକୁ ବଢ଼ାଇ ଥିବା ମାତା ପିତା, ଝିଅଠାରୁ ଅଲଗା ହେବା ପାଇଁ ଚାହୁଁ ନାହାନ୍ତି। ଝିଅ ମାନେ ସ୍ୱାବଲମ୍ବୀ ହୋଇସାରିଲା ପରେ ଅନ୍ୟ କାହାର ଆଧିପତ୍ୟକୁ ବରଦାସ୍ତ କରିବା ପାଇଁ ଉଚିତ ମନେ କରୁନାହାନ୍ତି। ଗୋଟିଏ ପୁଅ ଥିବା ପରିବାରରେ ବୋହୂଟି ଯଦି ସ୍ୱାମୀ ଓ ଶାଶୁ ଶ୍ୱଶୁରଙ୍କୁ ସହୃଦୟତାର ସହିତ ଗ୍ରହଣ କରିନେଲା କିମ୍ବା ଶାଶୁଘର ଲୋକେ ବୋହୂଟିକୁ ତା'ର ସମସ୍ତ ଗୁଣ ଓ ଖୁଣ ସହ ଆପଣେଇ ପାରିଲେ ତେବେ ଘର ସଂସାର ସୁରୁଖୁରୁରେ ଚାଲିଲା, ନୋହିଲେ ଘର ଆଉ ଘର ହୋଇ ରହିଲା ନାହିଁ। ତେବେ ସମସ୍ୟାଟିର ସମାଧାନ ରହିଛି ମଧ୍ୟମ ପନ୍ଥାରେ। ବର ଘର ଓ କନ୍ୟା ଘର ଉଭୟ, ଉଭୟଙ୍କୁ ସମ୍ମାନ ଦେବା ସହ ସମ୍ବେଦନଶୀଳ ହେବେ, ଉଭୟ ମିଶି ବର କନ୍ୟାଙ୍କ ଘର ସଂସାର ବସାଇବାକୁ ଦୃଢ଼ ପଣ କରିବେ। ଏଠାରେ ପୁଅଟି, ଝିଅର ମା' ବାପା, ଝିଅଟିକୁ କେଉଁଠୁ ଗୋଟେଇ ଆଣି ନାହାନ୍ତି ବୋଲି ମନେରଖିବା ସହ, ଝିଅଟି ବି ପୁଅ ଉପରେ ତା'ର ମାତା ପିତା ନିର୍ଭରଶୀଳ କଥାଟିକୁ ହୃଦୟଙ୍ଗମ କରିବା ଉଚିତ। ତେବେ ଯାଇ ସୁଖମୟ ସଂସାରଟିଏ ହସି ଉଠିବ।

ଝିଅଟିଏ ହିଁ ଶାଶୁଘରକୁ ଯାଏ। ତା'ର ସୌଭାଗ୍ୟ ବା ଦୁର୍ଭାଗ୍ୟକୁ ମୁଣ୍ଡ ନୁଆଁଇ ଗ୍ରହଣ କରେ। କାରଣ ସ୍ୱାଭାବିକ ଭାବେ ତା' ନିକଟରେ ସହନଶୀଳତା, କରୁଣା, ଦୟା, କ୍ଷମା ପରି ଈଶ୍ୱରୀୟ ଆଶୀର୍ବାଦଗୁଡ଼ିକ ଭରି ରହିଥାଏ। କିନ୍ତୁ ସେଥିପାଇଁ ତା' ଦାନର ପ୍ରତିଦାନରେ ସମ୍ମାନ ଟିକେ ମିଳିବା ତ ଦୂର ବରଂ ତାକୁ ପାଦର ପାଣ୍ଡୋଇ ଭାବେ ସମାଜ ଦେଖିବାକୁ ଲାଗିଲା। ସ୍ତ୍ରୀ ହେଉଛି ସ୍ୱାମୀର ସମ୍ପତ୍ତି ଓ ସେ ତାକୁ ମନଇଚ୍ଛା ବ୍ୟବହାର କରିପାରିବ, ଏଇ ଭାବନାଟି ସ୍ତ୍ରୀ ମନରେ ବିଦ୍ରୋହ ସୃଷ୍ଟି କଲା। ଫଳରେ ପରାଧୀନତାର ବନ୍ଧନରୁ ମୁକ୍ତ ହୋଇ ସ୍ୱାଧୀନ ହେବାକୁ ସେ ଇଚ୍ଛା କଲା। ମାତ୍ର ଯେଉଁଠି ସ୍ୱାଧୀନତାଟିକୁ ସ୍ୱେଚ୍ଛାଚାରିତା ବୋଲି ଗ୍ରହଣ କରାଯାଇଛି ସେଠାରେ ଅସୁବିଧା ଉପୁଜିଲା। ଏବେ ଝିଅମାନେ କୌଣସି ଗୁଣରେ ପୁଅଠାରୁ କମ୍ ନୁହନ୍ତି। ଘରଠାରୁ ବାହାର ଯାକେ ପ୍ରତି କ୍ଷେତ୍ରରେ ତାହା ପ୍ରମାଣିତ ହୋଇଛି। ହେଲେ କେତେକ ସ୍ଥାନରେ ଆଧୁନିକତାର ଆବରଣ ତଳେ ଉଚ୍ଛୃଙ୍ଖଳତା ପାଉଛି ସ୍ଥାନ। ବେଶ ପୋଷାକ ତଥା ଆଚରଣ ଓ ଉଚ୍ଚାରଣ ଉଦ୍ଭଟ ହେଉଛି। ଆଗେ ସଧବାର ସମ୍ପତ୍ତି କୁହାଯାଉଥିବା ଶଙ୍ଖା ସିନ୍ଦୂରକୁ ଅନେକେ ଆଡ଼େଇ ଦେଲେଣି। ତାଙ୍କ ଯୁକ୍ତି ହେଉଛି ପୁଅଟିଏ ଯଦି ବିବାହର କୌଣସି ଚିହ୍ନ ଆବଶ୍ୟକ କରୁନାହିଁ, ତେବେ ଝିଅଟିଏ ପାଇଁ ତା'ର ଆବଶ୍ୟକତା କେଉଁଠି? ଆଉ ଦୁଇ ପାଦ ଆଗକୁ ଯାଇ ମୁମ୍ବାଇର ତନୁଜା ପାଟିଲ, ବର ଶାର୍ଦ୍ଦୁଳ କଦମଙ୍କୁ ମଙ୍ଗଳ ସୂତ୍ର ପିନ୍ଧାଇଛନ୍ତି ବିବାହ ବେଦିରେ। କେତେକ ସ୍ଥାନରେ ବର ଆଉ କନ୍ୟା ଘରକୁ ନ ଯାଇ କନ୍ୟା ଘୋଡ଼ା ଚଢ଼ି ବର ଘରକୁ ବିବାହ କରିବାକୁ ଆସିବା ଦେଖିବାକୁ ମିଳିଛି। ମାତ୍ର ଆମେ ଭୁଲିଗଲେ ଚଳିବନି ଯେ, ଆଜି ଯଦି ଭାରତର ମହାନ୍ ପ୍ରଥା ଓ ପରମ୍ପରା ବଞ୍ଚି ରହିଛି, ତା' କେବଳ ଏହି ମାତୃ ଜାତି ଯୋଗୁ। ପରିବେଶରେ ପରିବର୍ତ୍ତନ ଆସିଛି ବୋଲି, କୋଇଲି ନିଜ କଣ୍ଠର ମଧୁରତାକୁ କର୍କଶ କରିନାହିଁ। ଠିକ୍ ସେମିତି ନାରୀ ନିଜ ଆଭିମୁଖ୍ୟରେ କଠୋର ହେଉ, ମାତ୍ର ନିଜ ଗରିମାମୟ ନାରୀତ୍ୱକୁ ବଜାୟ ରଖି। ଭାରତୀୟ ନାରୀ, ନିଜ ସମ୍ଭ୍ରମବୋଧ ଯୋଗୁ ବିଶ୍ୱ ବନ୍ଦିତା। ଆଉ ପୁରୁଷ ନାରୀର ସମ୍ଭ୍ରମବୋଧକୁ ତା'ର ଦୁର୍ବଳତା ବୋଲି ନ ଭାବି ତାକୁ ସମ୍ମାନ ଦେବା ନିତାନ୍ତ ଜରୁରୀ। ସମାଜରେ ସନ୍ତୁଳନ ବଜାୟ ରଖିବା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ।

ମୋ:୯୪୩୭୪୫୩୬୧୦

## ଏଇ ଭାରତରେ

ପେସାରେ ଶିକ୍ଷକ ହେଲେ ବି ବୃକ୍ଷରୋପଣ ନିଶାରେ ପଡ଼ିଯାଇଛନ୍ତି ରାଜସ୍ଥାନର ପ୍ରସନ୍ନପୁରି ଗୋସ୍ୱାମୀ। ସେ ୩୪ ବର୍ଷରେ ମେରାଙ୍ଗଗଡ଼ ଚାରିପାଖରେ ୨୨ ହେକ୍ଟର ଜମିରେ ୫୦,୦୦୦ ଗଛ ଲଗାଇ ସାରିଲେଣି। ୧୫ ଏକରରେ ବିଭିନ୍ନ ଗଛ ଓ ୭ ଏକରରେ କେବଳ ଔଷଧୀୟ ଗଛ ଲଗାଇଛନ୍ତି। ଏବେ ଦୁର୍ଗର ଚାରିପାଖ ସବୁଜ ହୋଇଯାଇଛି ଓ ଏହା ବହୁ ପ୍ରଜାତିର ପକ୍ଷୀଙ୍କ ବାସସ୍ଥଳୀ ପାଲଟିଛି। ୧୯୮୭ରୁ ଗୋସ୍ୱାମୀ ବୃକ୍ଷରୋପଣ ଆରମ୍ଭ କରିଥିଲେ। ଶିକ୍ଷକ ଭାବେ ଦାୟିତ୍ୱ ତୁଲାଇବା ପରେ ବଳକା ସମୟରେ ଗଛ ଧରି ପାହାଡ଼ ଅଭିମୁଖେ ବାହାରି ଯାଉଥିଲେ। ଏପରିକି ବୃକ୍ଷଗୁଡ଼ିକୁ ବଞ୍ଚାଇବା ଲାଗି ଖରାଦିନେ ସେ ବୋତଲରେ ପାଣି ନେବାକୁ ଭୁଲି ନ ଥିଲେ। ଶିକ୍ଷକ ଥିବା ସମୟରେ ଓ ଅବସର ପରେ ବି ସେ ବୃକ୍ଷରୋପଣ କାର୍ଯ୍ୟରୁ ଓହରି ନାହାନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ସମୟରେ ଜଙ୍ଗଲ ବିଭାଗ, ଜିଲା ପ୍ରଶାସନରୁ ଆର୍ଥିକ ସହାୟତା ମିଳିଛି। ଏହାଦ୍ୱାରା ସେ ବନୀକରଣକୁ ବ୍ୟାପକ କରିବାର ସୁଯୋଗ ପାଇପାରିଛନ୍ତ। ଏବେ ତାଙ୍କ ବୟସ ୭୪। ଏହି ପରିଣତ ବୟସରେ ବି ଏହି କାର୍ଯ୍ୟ ଜାରି ରଖିଛନ୍ତି ଓ ଜଙ୍ଗଲର ଯତ୍ନ ନେଉଛନ୍ତି। ତିନି ଦଶନ୍ଧିରେ ସେ ତାଙ୍କ ପିଲାଦିନର ସ୍ୱପ୍ନ ପୂରଣ କରିପାରିଛନ୍ତି ବୋଲି କହନ୍ତି ଗୋସ୍ୱାମୀ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨୨ ଜୁଲାଇ ୧୯୯୬

- କେନ୍ଦ୍ରୀୟ ବୁରୁଣ୍ଡିସ୍ଥିତ ଶରଣାର୍ଥୀ ଶିବିର ଉପରେ ବିଦ୍ରୋହୀ ହୁଟୁମାନଙ୍କ ଆକ୍ରମଣ ଫଳରେ ୩୦୪ ଶରଣାର୍ଥୀ ନିହତ।
- ମଧ୍ୟପ୍ରଦେଶର ଜଳସମ୍ପଦ ବିଭାଗ କର୍ମଚାରୀ ତାଲିକାରେ ଥିବା କର୍ମଚାରୀମାନଙ୍କୁ ଦରମା ଦେବା କ୍ଷେତ୍ରରେ ୧୫ କୋଟି ଟଙ୍କାର ହେରଫେର ହୋଇଥିବା ଜଣାପଡ଼ିଛି।
- ରାଜ୍ୟ ସରକାର ବିହନ ଉତ୍ପାଦନ ଓ ବିତରଣ ବ୍ୟବସ୍ଥାର ଘରୋଇକରଣ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 4 | 8 |
| | | 6 | | | 5 | | | 3 |
| 4 | | 7 | | 2 | | | 9 | |
| | | | | | 3 | | | |
| | | 3 | 9 | | | | | |
| | 1 | | 5 | 7 | 2 | | | |
| | | | 7 | | | | | |
| 5 | 8 | 1 | | | 4 | | | |
| 2 | | | | | | 8 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 1 | 6 | 7 | 8 | 3 | 4 | 2 |
| 8 | 3 | 6 | 9 | 2 | 4 | 7 | 5 | 1 |
| 7 | 4 | 2 | 3 | 1 | 5 | 8 | 9 | 6 |
| 3 | 7 | 9 | 2 | 6 | 1 | 4 | 8 | 5 |
| 2 | 1 | 4 | 8 | 5 | 7 | 9 | 6 | 3 |
| 6 | 8 | 5 | 4 | 9 | 3 | 2 | 1 | 7 |
| 1 | 5 | 3 | 7 | 8 | 9 | 6 | 2 | 4 |
| 9 | 2 | 7 | 5 | 4 | 6 | 1 | 3 | 8 |
| 4 | 6 | 8 | 1 | 3 | 2 | 5 | 7 | 9 |

ଗତକାଲିର ଉତ୍ତର

# ଅଫ୍‌ଲାଇନ ପାଠପଢ଼ା ଚିନ୍ତା



ରାଜୀବ କୁମାର ନାୟକ

କରୋନା ପ୍ରଭାବରେ ଛାତ୍ରୀଛାତ୍ରମାନେ ପାଖାପାଖି ଦେଢ଼ବର୍ଷ ହେଲା ବିଦ୍ୟାଳୟର ଦ୍ୱାର ମାଡ଼ି ନ ଥିବା ବେଳେ ଏହା ଭିତରେ ଓଡ଼ିଶା ସରକାର ଅନ୍‌ଲାଇନ ଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ସକାଶେ ଅଫ୍‌ଲାଇନରେ ପାଠପଢ଼ା ପାଇଁ ବ୍ୟଗ୍ରତା ଦେଖାଇଛନ୍ତି। ଅନ୍‌ଲାଇନ ଶିକ୍ଷା ଯେଉଁ ଦିନଠାରୁ ଆରମ୍ଭ ହୋଇଛି, ସେହିଦିନଠାରୁ ବିଭିନ୍ନ ପ୍ରକାରର କଥା ଶୁଣିବାକୁ ମିଳୁଛି। ଯେମିତି ଇଣ୍ଟରନେଟ୍ ସେବା ଠିକ୍ ଭାବରେ ଉପଲବ୍ଧ ହେଉ ନ ଥିବାରୁ କେଉଁଠି ଛାତ୍ରୀଛାତ୍ର ପାଣିଟାଙ୍କି ଉପରେ ଚଢ଼ି ଅନ୍‌ଲାଇନ ଶିକ୍ଷା ଗ୍ରହଣ କରୁଥିବାର ଚିତ୍ର ଗଣମାଧ୍ୟମରୁ ଦେଖିବାକୁ ମିଳୁଛି ତ କେଉଁଠି ପାଠ ପଢ଼ିବା ବଦଳରେ ମୋବାଇଲର କୁବ୍ୟବହାର ବଢ଼ିଥିବା ଅଭିଯୋଗ ଆସୁଛି।

ଗତବର୍ଷ ସରକାର ଓଡ଼ିଶା ଶିକ୍ଷା ସଂଯୋଗ ନାମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ସକାଶେ ଏକ ପ୍ରୟାସ ଆରମ୍ଭ କରିଥିଲେ, ଯଦ୍ୱାରା ନିଜ ନିଜ ଆଣ୍ଡ୍ରଏଡ୍ ସେଟରେ ବ୍ଲକସ୍ତରରେ ପରିଚାଳିତ ହ୍ୱାଟ୍ସଆପ୍ ଗ୍ରୁପ ମାଧ୍ୟମରେ ଏବଂ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ମଧ୍ୟ ଆପ୍ ଡାଉନ୍‌ଲୋଡ କରି ଅନ୍‌ଲାଇନରେ ଯାହା ଯାହା ପଢ଼ାଯିବ ଘରେ ବସି ଦେଖିପାରିବେ ଏବଂ ମେସେଜ୍ ପଠାଇ ସନ୍ଦେହ ଦୂର କରିପାରିବେ ବୋଲି କୁହାଯାଉଥିଲା। ସରକାର ଯେଉଁ ସ୍ଥାନରେ ମୋବାଇଲ ତଥା ଇଣ୍ଟରନେଟର ସୁବିଧା ନାହିଁ, ଜଣେ କରି ଶିକ୍ଷକ ଗୋଟିଏ ଗୋଟିଏ ଗାଁକୁ ଯାଇ ସାମାଜିକ ଦୂରତା ବଜାୟ ପୂର୍ବକ ପିଲାମାନଙ୍କୁ ସହାୟତା ପ୍ରଦାନ କରିବା କଥା କହୁଥିଲେ। ଠିକ୍ ସେହିପରି ନିର୍ଦ୍ଦିଷ୍ଟ ଭାବରେ ଖୋର୍ଦ୍ଧା ଜିଲାର ପିଲାମାନଙ୍କ ସୁବିଧା ସକାଶେ 'ଗୋଟିଏ ପିଲା ଗୋଟିଏ ପଦକ୍ଷେପ' ଭଳି ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା, ଯେଉଁଥିରେ ଆଣ୍ଡ୍ରଏଡ୍ ମୋବାଇଲ ଥିବା କିଛି ପିଲାଙ୍କୁ ମେଣ୍ଟରେ ନିୟୋଜିତ କରାଯାଇ ପ୍ରତି ମେଣ୍ଟରଙ୍କ ଅଧୀନରେ ଚାରିଜଣ ମୋବାଇଲ ସୁବିଧା ନ ଥିବା ବିଦ୍ୟାର୍ଥୀଙ୍କୁ ରଖାଯିବା ସହିତ ତାଙ୍କୁ ପାଠପଢ଼ାରେ ସହଯୋଗ କରାଯିବା କଥା କହିଥିଲେ। ଆହୁରି ମଧ୍ୟ ପ୍ରାକ୍ତନ ଛାତ୍ରୀଛାତ୍ର ତଥା ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମୋବାଇଲ ସୁବିଧା ନ ଥିବା ବିଦ୍ୟାର୍ଥୀଙ୍କୁ ଦୈନିକ ଏକ ଘଣ୍ଟାରୁ ତିନିଘଣ୍ଟା ପର୍ଯ୍ୟନ୍ତ ମୋବାଇଲ ଦେବା, ଜିଲାରେ ଥିବା ଅନୁନ୍ନତ ଓ ଅପହଞ୍ଚ ଅଞ୍ଚଳରେ ମୋବାଇଲ ନ ଥିବା ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟ ପାଣ୍ଠିରୁ ଖର୍ଚ୍ଚ କରାଯାଇ ଅନ୍‌ଲାଇନରେ ପ୍ରଦାନ କରାଯାଇଥିବା ଡକ୍ୟୁମେଣ୍ଟର ପ୍ରିଣ୍ଟକପି ପ୍ରଦାନ କରାଯିବା ସ୍ଥିର ହୋଇଥିଲା। ଏହା କେତେ କାର୍ଯ୍ୟକାରୀ ହେଲା, କେତେ ଫଳପ୍ରଦ ହେଲା, ତା'ର ହିସାବ କାହାରି ପାଖରେ ନାହିଁ। କିନ୍ତୁ ବର୍ଷ ମୁଣ୍ଡକୁ ସମସ୍ତେ ଗୋଟିଏ କଥାରେ ଏକମତ ହେଲେ ଯେ ଅଫ୍‌ଲାଇନ ଶିକ୍ଷା ବିନା ଅନ୍‌ଲାଇନ ଶିକ୍ଷା କେବଳ ନାମକୁମାତ୍ର। ଏହା ପ୍ରକୃତ ବିକଳ୍ପ ହୋଇ ନ ପାରେ। ସେଥିସକାଶେ ଅନେକ ଛାତ୍ରୀଛାତ୍ର ଏହି ଶିକ୍ଷାରୁ ବଞ୍ଚିତ ହୋଇଥିବା ତଥା କରୋନାର ଦ୍ୱିତୀୟ ଲହର ସମ୍ପୂର୍ଣ୍ଣ ରୂପେ ଯାଇ ନ ଥିବା ଦର୍ଶାଇ ବର୍ଷ ଶେଷରେ ସରକାର ବିନା ପରୀକ୍ଷାରେ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀ ମଧ୍ୟ ଉତ୍ତୀର୍ଣ୍ଣ କରିଦେଲେ। ସେ ଯାହାହେଉ, ଅଫ୍‌ଲାଇନ ଶିକ୍ଷାର ବିକଳ୍ପ ନାହିଁ ଏହା ସରକାର ହୃଦୟଙ୍ଗମ କରିଛନ୍ତି ଏବଂ ଚଷା ହୁଡ଼ିଲେ ବରଷେ, ପାଠ ହୁଡ଼ିଲେ ପୁରୁଷେ ଏହା ବୁଝି ଏଣିକି ପାଖାପାଖି ଦଶ ହଜାର ସିଟି ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଇଣ୍ଟରଶିପ ନାଁରେ ଗାଁକୁ ପଠାଇ ୧୦ ଜଣରେ ଜଣେ କରି ଶିକ୍ଷାଦାନ କରିବେ ବୋଲି ଚିନ୍ତା କରାଯାଉଅଛି। ଅନ୍‌ଲାଇନରୁ ବଞ୍ଚିତ ପିଲାଙ୍କୁ ଚିହ୍ନଟ କରିବା ତଥା କିଏ କେଉଁ ଦଶ ଜଣଙ୍କର ଦାୟିତ୍ୱ ନେବ, ଏହିସବୁ ବିଷୟ ଗାଁ ମୁଖିଆଙ୍କ ସହିତ ଆଲୋଚନା କଲା ପରେ ପାଠପଢ଼ା ଆରମ୍ଭ ହେବ। ସେମାନେ ଦୈନିକ ୨ ଘଣ୍ଟା କରି ପଢ଼ାଇବେ। ଏଥିରେ ମୁଖ୍ୟତଃ ଗଣିତ, ଇଂଲିଶ୍ ଓ ସାହିତ୍ୟ ଉପରେ ଗୁରୁତ୍ୱ ଦେବା ସହିତ ପିଲାଙ୍କୁ ପାଠପଢ଼ା ଭିନ୍ନ ଖେଳକୁଦ, ଗପ, ଚିତ୍ର ଆଦି ଶିକ୍ଷା ଦିଆଯିବା କଥା କୁହାଯାଉଛି। ଶିକ୍ଷାଦାନ ନିମିତ୍ତ ପ୍ରତ୍ୟେକ ସିଟି ପିଲାଙ୍କୁ ୟୁନିସେଫ୍ ତରଫରୁ ଟ.୭୦୦/-ର ପ୍ରୋତ୍ସାହନ ଯୋଗାଇ ଦିଆଯିବ। ସେହିପରି ସିଟି ପିଲାଙ୍କୁ ତଦାରଖ କରିବା ପାଇଁ ସିଟି ସ୍କୁଲର ଶିକ୍ଷକମାନଙ୍କୁ ଦାୟିତ୍ୱ ଦିଆଯିବ। ୨୦ରୁ ୩୦ ଜଣ ସିଟି ପିଲାଙ୍କୁ ଜଣେ ଶିକ୍ଷକ ଗାଇଡ୍ କରିବେ।

ଏହା ଏକ ଉପଯୁକ୍ତ ପଦକ୍ଷେପ ଭଳି ମନେହୁଏ। ଶିଶୁମାନେ ଏକ ସମ୍ବେଦନଶୀଳ ଗୋଷ୍ଠୀ। ତେଣୁ ସରକାର ଛାତ୍ରୀଛାତ୍ରଙ୍କୁ ନେଇ ପରୀକ୍ଷାନିରୀକ୍ଷା କରିବାକୁ ଚାହୁଁ ନ ଥିଲେ। ଅନ୍ୟ ଦିଗରେ ବର୍ଷ ବର୍ଷ ଧରି ଶିକ୍ଷାଦାନ ବନ୍ଦ ରହିବାକୁ ସରକାର ତଥା ଅଭିଭାବକ କେହିବି ସହଜରେ ନେଇପାରୁ ନାହାନ୍ତି। ହେଲେ ଭବିଷ୍ୟତରେ ପୁଣି ତୃତୀୟ ଲହର ଆସିବାର ଆଶଙ୍କା ତଥା ଅଠର ବର୍ଷ ତଳକୁ ଥିବା ପିଲାମାନଙ୍କୁ ଟିକା ମଧ୍ୟ ଦିଆଯାଇ ନ ପାରିବା କାରଣରୁ ନିକଟ ଭବିଷ୍ୟତରେ ମଧ୍ୟ ବିଦ୍ୟାଳୟ ସବୁ ଖୋଲିବାର ଆଶା କ୍ଷୀଣ। ତେଣୁ ସରକାର ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି କୋଭିଡ୍ କଟକଣା ମଧ୍ୟରେ କ'ଣ କିଭଳି ଶିକ୍ଷାଦାନ ଦିଆଯାଇପାରିବ, ସେଥିସକାଶେ ଗଭୀର ଭାବରେ ଚିନ୍ତା କରୁଛନ୍ତି।

ବିକଳ୍ପ ସ୍ୱରୂପ ପରୀକ୍ଷାମୂଳକ ଭାବରେ ସିଟି ଛାତ୍ରୀଛାତ୍ରମାନଙ୍କୁ ଗାଁ ସ୍ତରକୁ ପ୍ରେରଣ କରି ଶିକ୍ଷାଦାନ କରିବା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କୋଭିଡ୍ କଟକଣା ମଧ୍ୟରେ ଅଫ୍‌ଲାଇନରେ ପାଠପଢ଼ା ଏକ ଆହ୍ୱାନ ହେଲେ ମଧ୍ୟ ଦୀର୍ଘ ଦିନରୁ ବିଦ୍ୟାଳୟଠାରୁ ଦୂରେଇଯିବା ଫଳରେ ପିଲାମାନେ ପାଠରେ ଯେଉଁ ପଛରେ ପଡ଼ିଯାଇଛନ୍ତି, ତାହା ଭରଣା କରିପାରିବେ। ପାଠପଢ଼ା ବାହାରେ ଦୀର୍ଘଦିନ ହେଲା ପିଲାମାନେ ସାଙ୍ଗସାଥୀଙ୍କଠାରୁ ଦୂରେଇ ରହିଛନ୍ତି। କେବଳ ଗୃହର ଚାରିକାନ୍ଥ ମଧ୍ୟରେ ଯେଉଁସବୁ ଖେଳକୁଦ ସମ୍ଭବ ତାହା ହିଁ ଖେଳୁଛନ୍ତି। ମୁକ୍ତାକାଶରେ ଖେଳିବାର ମଜା ସେମାନେ ନେଇପାରୁ ନାହାନ୍ତି। ତେଣୁ ଅନ୍ତତଃପକ୍ଷେ ପାଞ୍ଚ ସାତ ଜଣ ପିଲାଙ୍କୁ ନେଇ ଗାଁର କୌଣସି ଏକ ସ୍ଥାନରେ ପାଠପଢ଼ା ଆରମ୍ଭ କଲେ ପିଲାମାନେ ଘର ଭିତରୁ ବାହାରିବାର ସୁଯୋଗ ମଧ୍ୟ ପାଇପାରିବେ। ବର୍ତ୍ତମାନ ସମୟରେ ସିଟି ପିଲାଙ୍କ ସହିତ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକମାନଙ୍କୁ ମଧ୍ୟ ଏଥିରେ ସାମିଲ କରାଯିବା ଆବଶ୍ୟକ। କାରଣ ସିଟି ପିଲାଙ୍କ ସହିତ ଏମାନଙ୍କୁ ମଧ୍ୟ ଗାଁକୁ ଯାଇ ପାଠ ପଢ଼ାଇବାର ଦାୟିତ୍ୱ ଦେଲେ ଜଣ ପିଛା ପିଲା ସଂଖ୍ୟା କମନ୍ତା ଏବଂ ସାମାଜିକ ଦୂରତା ମଧ୍ୟ ବଜାୟ ରହନ୍ତା। ଆହୁରି ମଧ୍ୟ ବିଦ୍ୟାଳୟରେ ଅବସ୍ଥାପିତ ଶିକ୍ଷକଗଣ ନିଶ୍ଚିତପକ୍ଷେ ଅଧିକ ଅଭିଜ୍ଞ। ଅନ୍ତତଃ କିଛି ସମୟ ପାଇଁ ହେଲେ ମଧ୍ୟ ପିଲାମାନେ ଶିକ୍ଷକଙ୍କ ସାନ୍ନିଧ୍ୟ ଲାଭ କରିବାର ସୌଭାଗ୍ୟ ଲାଭ କରନ୍ତେ। ତେଣୁ ସରକାର କାଳବିଳମ୍ବ ନ କରି ଯେତେ ଶୀଘ୍ର ଏହି ପ୍ରକ୍ରିୟାକୁ ଆରମ୍ଭ କରିବେ, ପିଲାମାନେ ସେତେ ଶୀଘ୍ର ଏହାର ସୁଫଳ ପାଇବେ ଏବଂ ଅଭିଭାବକଙ୍କ ମଧ୍ୟ ବୋଝ ଅନେକ ମାତ୍ରାରେ ହାଲୁକା ହେବ।

rajeebahwan@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶା ହାଇକୋର୍ଟ ବିଚାରପତିଙ୍କୁ ଅନୁରୋଧ

ମହାଶୟ,

ଅରିଜିନାଲ ରିଟ୍ ପିଟିସନ୍‌ଗୁଡିକ ଯେପରି ଅଗ୍ରାଧିକାର ଭିତରେ ବିଚାର କରାଯାଉଛି, ଠିକ୍ ରିଭ୍ୟୁ ପିଟିସନ୍‌ଗୁଡିକ ସେହିପରି ବିଚାର କରିବା ପାଇଁ ଲିଷ୍ଟିଂ କରାଯାଉ। ଏହା ବିଚାରକୁ ନେଲେ ରିଭ୍ୟୁ ମକଦ୍ଦମା ଗୁଡିକ ଶୀଘ୍ର ନିଷ୍ପତ୍ତି ହେବା ସହିତ ଅରିଜିନାଲ ଓ ରିଭ୍ୟୁ ପିଟିସନ ବିଚାର ପ୍ରକ୍ରିୟାରେ ଥିବା ଅସାମଞ୍ଜସ୍ୟତା ଦୂର ହୋଇପାରିବ ଏବଂ ବର୍ଷ ବର୍ଷ ଧରି କୋର୍ଟକୁ ଦୌଡୁଥିବା ପିଟିସନରମାନେ ମାନସିକ ଶାନ୍ତି ପାଇବେ।

- ସୌରଭ ମହାନ୍ତି, ବରମୁଣ୍ଡା, ଭୁବନେଶ୍ୱର

### କରୋନା ମୃତ୍ୟୁ ସହାୟତା ସମ୍ଭବ ନୁହେଁ

କରୋନା ମୃତ୍ୟୁରେ ସହାୟତା ଦେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ରାୟ ଦେଇଛନ୍ତି ତାହା ସମ୍ଭବ ହେବା ଭଳି ଲାଗୁ ନାହିଁ। ଯଦିଓ ରାୟ ବିରୋଧରେ କିଛି କହିବା କଥା ନୁହେଁ ତଥାପି ସରକାର ଏହାର ପୁନର୍ବିଚାର ପାଇଁ ଆବେଦନ କରିବା ଜରୁରୀ। ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସରକାର ଚାରିଲକ୍ଷ ଟଙ୍କା ଘୋଷଣା କରିଛନ୍ତି ଏବଂ ଦେଉଛନ୍ତି। କରୋନା ମହାମାରୀ ଭଳି ଅନେକ ମହାମାରୀ ଆସିବ ମୃତକଙ୍କ ପରିବାରକୁ ସହାୟତା ଦେଲେ ସରକାର ଦେବାଳିଆ ହୋଇଯିବେ।

-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ଚିନ୍ତାହୀନ ଶୋକଶୂନ୍ୟ
ସୁଖ ସୌଭାଗ୍ୟର କୋଳାହଳ,
କାହିଁ ଲୁଚେ ଅନ୍ଧକାରେ
କାହିଁ ହୁଏ ଆଲୋକେ ଉଜ୍ଜ୍ୱଳ! -(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସେଲ୍‌ଫି ନେଲାବେଳେ ଭାସିଗଲେ ଯୁବକ

ଠାକୁରମୁଣ୍ଡା,(ଡି.ଏନ.ଏ.): ସେଲ୍‌ଫି ଉଠାଉଥିବା ବେଳେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଖୁନାଖମଣ ସ୍ଥିତ ବୈତରଣୀ ନଦୀରେ ଭାସି ବୁଧବାର ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଚାଇଁବସା ଅଞ୍ଚଳର ଶ୍ରୀରାମ କୁଣ୍ଡୁରା(୨୦)। ପାଣି ସ୍ରୋତ ଅଧିକ ଥିବାରୁ ତାଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇନାହିଁ। ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। କରଞ୍ଜିଆର ଅଙ୍କିତ ପେରିୱାଲଙ୍କ ପରିବାର ଲୋକଙ୍କ ସହ ତାଙ୍କ ସମ୍ପର୍କୀୟ ଶ୍ରୀରାମ ଖୁନାଖମଣ ବୁଲିବାକୁ ଆସିଥିଲେ। ତେବେ ସେଲ୍‌ଫି ଉଠାଉଥିବାବେଳେ ଅନ୍ୟତମ ସମ୍ପର୍କୀୟ ଅର୍ପିତ ସହିତ ସେ ପାଣିରେ ଖସି ପଡ଼ିଥିଲେ। ପରିବାର ଲୋକେ ଅର୍ପିତଙ୍କୁ ଉଦ୍ଧାର କରିଥିବାବେଳେ ଶ୍ରୀରାମ ଭାସି ଯାଇଥିଲେ।

## ୪୮ ଘଣ୍ଟାରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୨୧।୭(ବ୍ୟୁରୋ): ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପ୍ରଭାବରେ ରାଜ୍ୟରେ ୨୭ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ୨ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଗୁରୁବାର କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, କଟକ, ସମ୍ବଲପୁର, ଦେବଗଡ଼ରେ ପ୍ରବଳରୁ ଅତି ପ୍ରବଳ ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର,



ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବ। ସେହିପରି ଶୁକ୍ରବାର ଅନୁଗୋଳ, ବୌଦ୍ଧ, ସମ୍ବଲପୁର, ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ସୋନପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ କନ୍ଧମାଳ, ନୂଆପଡ଼ା, ଢେଙ୍କାନାଳ, କଟକ, ନୟାଗଡ଼, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେପଟେ ବୁଧବାର ମାଲକାନଗିରିରେ ସର୍ବାଧିକ ୪୯ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ଗୋପଳପୁରରେ ୪୬, ଫୁଲବାଣୀରେ ୩୭.୪, ଛତ୍ରପୁର ୨୭, ବାରିପଦା ୨୫, ବୌଦ୍ଧ, କେନ୍ଦୁଝର ୧୩, କଟକ ୧୦ ମିମି ବର୍ଷା ହୋଇଛି।





ପୁରୀ: ବୁଧବାର ରଥ ଉପରେ ସୁନାବେଶରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥ।

# ସୁନାବେଶରେ ଦାରୁଦିଅଁ

### କଟକଣା ଯୋଗୁ ବଞ୍ଚିତ ହେଲେ ଶ୍ରଦ୍ଧାଳୁ

ପୁରୀ ଅଫିସ,୨୧।୭

ତିନିରଥ ଉପରେ ବୁଧବାର ସୁନାବେଶରେ ଦର୍ଶନ ଦେଇଛନ୍ତି ଦାରୁଦିଅଁ। ଶ୍ରୀମନ୍ଦିର ସମ୍ମୁଖରେ ରଥାରୂଢ଼ ତିନି ବିଗ୍ରହଙ୍କୁ ଅଢ଼େଇ ମହଣ ସୁନାରେ ସଜ୍ଜିତ କରାଯାଇଛି। ତେବେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପାଚେରି ସାଜିଛି ମହାମାରୀ କରୋନା। ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଭଳି ସୁନାବେଶ ମଧ୍ୟ କରୋନା କଟକଣା ମଧ୍ୟରେ ବିନା ଭକ୍ତରେ ଶେଷ ହୋଇଛି। ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶକୁ ଭକ୍ତ ନିଜ ଚର୍ମଚକ୍ଷୁରେ ଦର୍ଶନ କରିବାର ସୌଭାଗ୍ୟ ପାଇପାରିନାହାନ୍ତି।

ମହାପ୍ରଭୁଙ୍କ ମଙ୍ଗଳ ଆଳତି ପ୍ରାତଃ ୭ଟା ୧୦ରୁ ୭ଟା ୪୦ ମିନିଟ୍ ପର୍ଯ୍ୟନ୍ତ ହୋଇଥିବାବେଳେ ମଇଲମ ୭ଟା ୩୫ରୁ ୭ଟା ୫୦ ପର୍ଯ୍ୟନ୍ତ ହୋଇଥିଲା। ଏହାପରେ ପରବର୍ତ୍ତୀ ନୀତିକାନ୍ତି କରାଯାଇ ପୂର୍ବାହ୍ନ ୯ଟା ସୁଦ୍ଧା ଅବକାଶ ପୂଜା ଶେଷ କରାଯାଇଥିଲା। ତିନି ରଥରେ ୧୦ଟା ୨୦ ମିନିଟ୍ ସୁଦ୍ଧା ଗୋପାଳବଲ୍ଲଭ ନୀତି ଓ ୧୧ଟା ୩୫ରେ ସକାଳ ଧୂପ ସମ୍ପନ୍ନ ହୋଇଥିଲା। ଏହାପରେ ମଇଲମ, ମହାସ୍ନାନ, ସର୍ବାଙ୍ଗ, ବେଶ ଓ ମଧ୍ୟାହ୍ନ ଧୂପ ହୋଇଥିଲା। ଅପରାହ୍ନ ପ୍ରାୟ ୨ଟା ୩୦ରେ ମଧ୍ୟାହ୍ନ ଧୂପ ସରିଥିଲା। ଅପରାହ୍ନ ୪ଟାରେ ମଇଲମ, ୪ଟା ୧୫ରେ ସର୍ବାଙ୍ଗ ସରି ୪ଟା ୪୦ରେ ସୁନାବେଶ ଆରମ୍ଭ ହୋଇଥିଲା। ଭଣ୍ଡାର ମେକାପ, ଖୁଣ୍ଟିଆ, କମାଣ୍ଡର, ପରିଚାଳନା କମିଟି ସଦସ୍ୟ ଏବଂ ଜିଲାପାଳଙ୍କ ଉପସ୍ଥିତିରେ ରତ୍ନ ଭଣ୍ଡାର ଖୋଲାଯାଇଥିଲା। ଭଣ୍ଡାର ମେକାପମାନେ ଶ୍ରୀଜୀଉଙ୍କ ଦେହରେ ଲାଗିହେବାକୁ ଥିବା ମହଣ ମହଣ ସୁନା ଅଳଙ୍କାର ଆଣି ରଥ ଉପରେ ଭିତରଚ୍ଛୁ, ତଳିଚ୍ଛୁ, ପୁଷ୍ପାଳକ ସିଂହାରୀ ଓ ଦଇତାପତିଙ୍କୁ ବଢ଼ାଇଥିଲେ। ଏହାପରେ ବେଶ ଆରମ୍ଭ ହୋଇଥିଲା। ତିନି ଠାକୁରଙ୍କୁ ସୁବର୍ଣ୍ଣ ଶ୍ରୀଭୁଜ, ଶ୍ରୀପୟର, ରତ୍ନପଦକ, ରତ୍ନ କିରୀଟ, କରପଲ୍ଲବ, ମୁଦି, କଣ୍ଠମାଳ, ବଳା, ବାହୁଟି, କାନ୍ତ ଓ କଟି ମେଖଳା ଇତ୍ୟାଦି ବହୁବିଧ ଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନା କିରୀଟର ଓଜନ ୭ କିଲୋ ୧୧୪ ଗ୍ରାମ ହୋଇଥିବାବେଳେ ପ୍ରଭୁ ବଳଭଦ୍ରଙ୍କ ସୁନା କିରୀଟ ୫ କିଲୋଗ୍ରାମ୍ ୬୨ ଗ୍ରାମ୍ ଏବଂ ଦେବୀ ସୁଭଦ୍ରାଙ୍କ ସୁନା କିରୀଟର ଓଜନ ୩ କିଲୋ ୨୦୭ ଗ୍ରାମ୍। ସେହିପରି ହରିଡ଼ାମାଳି ୧ କିଲୋ ୪ଶହ ଗ୍ରାମ୍, ଶ୍ରୀଜଗନ୍ନାଥଙ୍କ ଶ୍ରୀଭୁଜ ଓ ଶ୍ରୀପୟର ମିଶି ୯ କିଲୋ ୫୪୦ ଗ୍ରାମ୍, ବଳଭଦ୍ରଙ୍କ ଶ୍ରୀଭୁଜ ଓ ଶ୍ରୀପୟର ମିଶି ୮କିଲୋ ୨୮୦ ଗ୍ରାମ୍ ଓଜନର ହୋଇଥିବା ବେଳେ ଏହାକୁ ଠାକୁରଙ୍କୁ ଲାଗି କରାଯାଇଥିଲା। ଅପରାହ୍ନ ୫ଟା ୪୦ରେ ସୁନାବେଶ ଶେଷ ହୋଇଥିଲା। ଏହାପରେ ରଥାରୂଢ଼ ଠାକୁରଙ୍କ ସନ୍ଧ୍ୟା ଆଳତି ହୋଇଥିଲା। ବେଶ ଶେଷ ଓ ସନ୍ଧ୍ୟା ଆଳତି ସମୟ ମଧ୍ୟରେ ମୁଷଳ ଧାରାରେ ବର୍ଷା ଆରମ୍ଭ ହୋଇଥିଲା। ଏହା ପ୍ରାୟ ଦେଢ଼ ଘଣ୍ଟା ଧରି ଲାଗିରହିଥିଲା। ସନ୍ଧ୍ୟା ଆଳତି ୬ଟା ୨୦ରେ ସରିବା ପରେ ପରବର୍ତ୍ତୀ ନୀତିକାନ୍ତି କରାଯାଇଥିଲା। ରାତି ୮ଟାରୁ ୯ଟା ମଧ୍ୟରେ ସନ୍ଧ୍ୟା ଧୂପ ହୋଇଥିଲା। ରାତ୍ର ୧୧ଟା ପର୍ଯ୍ୟନ୍ତ ସୁନାବେଶ ରହିଥିଲା। ସିଧା ପ୍ରସାରଣ ମାଧ୍ୟମରେ ଭକ୍ତମାନେ ଏହି ଦୁର୍ଲଭ ବେଶ ଦର୍ଶନ କରିଥିଲେ। ରାତ୍ରି ୧୧ଟା ପରେ ସୁନାବେଶ ମଇଲମ ଆରମ୍ଭ ହୋଇ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ଏହାପରେ ୧୨ଟା ୩୦ରେ ଚନ୍ଦନଲାଗି, ୧ଟାରେ ବଡ଼ସିଂହାର ବେଶ, ୧ଟା ୩୦ରେ ବଡ଼ସିଂହାର ଭୋଗ, ୨ଟାରେ ଶ୍ରୀଗରୁଡ଼ ଶୟନ ପରେ ଶେଷରେ ରାତ୍ର ପହୁଡ଼ ନୀତି ଅନୁଷ୍ଠିତ ହୋଇଥିଲା।

## ନାବାଳିକାଙ୍କୁ ହତ୍ୟାକରି ସାବତ ବାପାଙ୍କ ଆତ୍ମହତ୍ୟା ଉଦ୍ୟମ

ଚମ୍ପୁଆ,୨୧।୭(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ହତ୍ୟା କରି ସାବତ ବାପା ଆତ୍ମହତ୍ୟା ଉଦ୍ୟମ କରିବା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ସମ୍ପୃକ୍ତ ଅଭିଯୁକ୍ତ କୈଳାସ ସିଡାରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଛି। ଏ ନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୯୪/୨୧) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଚମ୍ପୁଆ ଏସ୍‌ଡିପିଓ ରାମରାୟ ମୁର୍ମୁ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଉକ୍ତ ଗ୍ରାମର ଶରତ ଓରାମଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଶାନ୍ତିଲତା ଓ ନାବାଳିକା ଝିଅଙ୍କୁ କୈଳାସ ନିଜ ଘରକୁ ନେଇ ଆସିଥିଲେ। କୈଳାସ ଓ ଶାନ୍ତିଲତା ପରସ୍ପର ସ୍ୱାମୀ-ସ୍ତ୍ରୀ ହୋଇ ଚଳି ଆସୁଥିଲେ। ନାବାଳିକା ଜଣକ ଅନେକ ସମୟରେ ମୋବାଇଲ ଫୋନରେ କଥାବାର୍ତ୍ତା କରୁଥିବାରୁ କୈଳାସ ସବୁବେଳେ ତାଙ୍କୁ ତାଗିଦା କରି ଆସୁଥିଲେ। ମଙ୍ଗଳବାର କୈଳାସ ଘରକୁ ଫେରି ନାବାଳିକା ମୋବାଇଲରେ ଗପୁଥିବା ଦେଖି ରାଗିଯାଇ କାଠଫାଳିଆରେ ବାଡ଼େଇଥିଲେ। ଏଥିରେ ନାବାଳିକାଙ୍କର ମୃତ୍ୟୁ ହୋଇଯାଇଥିବା ଜାଣି ସେ ଏକ ଲୁଗା ସାହାଯ୍ୟରେ ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ଏହି ସମୟରେ ଶାନ୍ତିଲତା ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ।

## ପ୍ରଥମକରି ମା' ହେଲା ସିଂହୀ ବିଜ୍‌ଲି

ବାରଙ୍ଗ,୨୧।୭(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପାଇଁ ବୁଧବାର ଥିଲା ଖୁସିର ଦିନ। ସିଂହ ଖୁଆଡ଼ରେ ଥିବା ଅନ୍ୟତମ ଆକର୍ଷଣୀୟ ସିଂହୀ ବିଜ୍‌ଲି ପ୍ରଥମଥର ମା' ହୋଇଛି। ବିଜ୍‌ଲି ସମ୍ରାଟ ସହ ମିଶି ୩ଟି ଶାବକକୁ ଜନ୍ମ ଦେଇଛି। ସେଥିରୁ ଗୋଟିଏ ମଲା ଛୁଆ ରହିଛି। ବିଜ୍‌ଲି ଜନ୍ମ ଦେଇଥିଲେ ମଧ୍ୟ ଲାଳନପାଳନରୁ ବଞ୍ଚିତ ହୋଇଛି। ଜନ୍ମିତ ଶାବକଙ୍କୁ କ୍ଷୀର ନ ଦେବାରୁ ମା'ଠାରୁ ଅଲଗା କରି ଲାଳନପାଳନ କେନ୍ଦ୍ରରେ କର୍ତ୍ତୃପକ୍ଷ ରଖିଛନ୍ତି। ତେବେ ବିଜ୍‌ଲିର ପ୍ରଥମ ମା' ହେବା ଖବର କର୍ମଚାରୀ ମହଲରେ ଖୁସିର ବାତାବରଣ ସୃଷ୍ଟି କରିଛି।

ଖବର ଅନୁଯାୟୀ, ମଙ୍ଗଳବାର ରାତି ୨ଟା ୪୩ରେ ପ୍ରଥମ ଛୁଆକୁ ଜନ୍ମ ଦେଇଥିଲା ବିଜ୍‌ଲି। ଦ୍ୱିତୀୟ ୩ଟା ୧୨ରେ ଓ ତୃତୀୟକୁ ୩ଟା ୩୮ମିନିଟରେ ଜନ୍ମ ଦେଇଥିଲା। ଗତ ଡିସେମ୍ବର ୨୦ରେ ଅଦଳବଦଳ ପ୍ରକ୍ରିୟାରେ ଇନ୍ଦୋରର କମଳାନେହେରୁ ପ୍ରାଣୀ ସଂଗ୍ରହାଳୟରୁ ୨ଟି ଏସିଆନ ସିଂହୀ ସହ ୮ଟି ପଶୁପକ୍ଷୀ ନନ୍ଦନକାନନକୁ ଅଣାଯାଇଥିଲା। ଏମାନଙ୍କ ମଧ୍ୟରେ ରହିଥିଲା ବିଜ୍‌ଲି। ଏଠାକୁ ଆସିବାପରେ ଏପ୍ରିଲରେ ସିଂହ ସମ୍ରାଟ ସହ ତା'ର ମିଳନ ହେବାରୁ ସେ ଗର୍ଭବତୀ ହୋଇଥିଲା। ପ୍ରଥମକରି ବିଜ୍‌ଲି ମା' ହେଉଥିବାରୁ ସିସିଟିଭି ଲଗାଯାଇ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ ନନ୍ଦନକାନନ କର୍ତ୍ତୃପକ୍ଷ। ବୁଧବାର ୩ଟି ଛୁଆକୁ ଜନ୍ମ ଦେଇଥିବାର କର୍ମଚାରୀମାନେ ସକାଳୁ ଜାଣିପାରିଥିଲେ। ମୃତ ଛୁଆକୁ ଛାଡ଼ି ଅନ୍ୟଦ୍ୱୟ ହୃଷ୍ଟପୁଷ୍ଟ ହୋଇଥିଲେ ମଧ୍ୟ ବିଜ୍‌ଲି ସେମାନଙ୍କୁ କ୍ଷୀର ଦେଇ ନ



ଥିବାର ସିସିଟିଭିରେ ଅନୁଧ୍ୟାନ ବେଳେ କର୍ତ୍ତୃପକ୍ଷ ଜାଣିପାରିଥିଲେ। ଶେଷରେ ସାଢେ ୧୨ରୁ ଡାକ୍ତରଖାନା କର୍ମଚାରୀମାନେ ଉଦ୍ୟମ କରି ବିଜ୍‌ଲିକୁ ନିଶ୍ଚେତକ ଦେଇ ଶାବକଦ୍ୱୟଙ୍କୁ ଅଲଗା କରିଥିଲେ। ପ୍ରାୟ ସାଢେ ୩ଟାରେ ବିଜ୍‌ଲି ଶରୀରରୁ ନିଶା ଖସିବା ସହ ସ୍ୱାଭାବିକ ସ୍ଥିତିକୁ ଫେରିଥିଲା। ଏହି ଶାବକଦ୍ୱୟଙ୍କୁ ଡାକ୍ତରଖାନା ପାଖରେ ଥିବା ଲାଳନପାଳନ କେନ୍ଦ୍ରରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ହେପାଜତରେ ଛଡ଼ାଯାଇଛି। ନୂତନ ଶାବକ ଜନ୍ମ ହେବା ପରେ ନନ୍ଦନକାନନରେ ସିଂହ ସଂଖ୍ୟା ବୃଦ୍ଧିପାଇ ୧୮ରେ ପହଞ୍ଚିଛି।

## ସବ୍‌ଇନ୍ସପେକ୍ଟରଙ୍କ ବାଇକ୍‌ରୁ ୨ ଲକ୍ଷ ଜବତ

ଭବାନୀପାଟଣା/ଗୋଲାମୁଣ୍ଡା, ୨୧।୭ (ଡି.ଏନ.ଏ.): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ସବ୍‌ଇନ୍ସପେକ୍ଟର ଉଗ୍ରସେନ ପୁଟେଲ। ବୁଧବାର ସନ୍ଧ୍ୟାରେ ଭିଜିଲାନ୍ସ ଟିମ୍ ଗୋଲାମୁଣ୍ଡା ବଜାରରେ ଚା ପିଉଥିବା ବେଳେ ତାଙ୍କ ବାଇକ୍‌ରୁ ନଗଦ ୨ ଲକ୍ଷ ଟଙ୍କା ଜବତ କରିଛି। ତାଙ୍କୁ ଏହି ଟଙ୍କା ବିଷୟରେ ଗୋଲାମୁଣ୍ଡା ଥାନାରେ ରଖି ପଚରାଉଚରା କରିବା ପରେ ଭିଜିଲାନ୍ସ ଟିମ୍ ତାଙ୍କୁ ଭବାନୀପାଟଣା ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ଥିବା ଜଣାପଡିଛି। ଏଥିସହ ତାଙ୍କ ପୈତୃକ ବାସଭନ ବଲାଙ୍ଗୀର ଜିଲା ସଇଁତଲା



ଥାନା ଡଙ୍ଗରମୁଣ୍ଡା ଗାଁରେ ଭିଜିଲାନ୍ସର ଆଉ ଗୋଟିଏ ଟିମ୍ ଚଢାଉ ଜାରି ରଖିଛି। ନବରଙ୍ଗପୁର ଭିଜିଲାନ୍ସ ଡିଏସ୍‌ପି କଳାବତୀ ବାଗଙ୍କ ନେତୃତ୍ୱରେ କଳାହାଣ୍ଡି ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ସହ ନୂଆପଡ଼ା ଓ ମାଲକାନଗିରି ଭିଜିଲାନ୍ସ ଟିମ୍ ଚଢ଼ାଉରେ ସାମିଲ ଥିଲେ।






**ନୀଳାଦ୍ରି ବିହାରରେ ସୁନାବେଶ**

ସିଂହପୁର,(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅଧୀନ ଫତେପୁର ପଞ୍ଚାୟତ ନଛିପୁର ନୀଳାଦ୍ରି ବିହାର ପରିସରରେ ପ୍ରଭୁଙ୍କ ସୁନାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣା ଯୋଗୁ ଶ୍ରଦ୍ଧାଳୁଙ୍କୁ ମନ୍ଦିର ପରିସରକୁ ଆସିବାକୁ ବାରଣ କରାଯାଇଥିଲା। ସୁନାବେଶ ରୀତିନୀତି ଅନୁସାରେ ସମ୍ପୂର୍ଣ୍ଣ ହୋଇଥିଲା। ଶ୍ରୀମନ୍ଦିର ପରିଚାଳନା ସମିତି ସେବାୟତ ଭକ୍ତ ନିରଞ୍ଜନ ଆଚାର୍ଯ୍ୟ ଉତ୍ସବ ସଞ୍ଚାଳନ କରିଥିଲେ।



## ସଂକ୍ଷେପରେ

### କେସିସିଏସ୍ ସହ ସମ୍ପାଦକଙ୍କ ବିରୋଧରେ ଅଭିଯୋଗ

**କେନ୍ଦ୍ରାପଡା ଅଫିସ,୨୧।୭:** କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ସୋସାଇଟି (କେସିସିଏସ୍)ର ଦୁଇ କର୍ମଚାରୀଙ୍କ ବିରୋଧରେ ଗତ ୧୯ ତାରିଖରେ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ନଂ. ୪୧୮/୨୧ରେ ମାମଲା ହୋଇଛି। ଅଭିଯୋଗକାରୀ ପୂର୍ବତନ କର୍ମଚାରୀ ରାଜଦୀପ ପଢିଆରୀ, ସୁରେଶ ଚନ୍ଦ୍ର ସ୍ୱାଇଁ ଓ ସରସ୍ୱତୀ ସ୍ୱାଇଁ ଏହି ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସୋସାଇଟିର କେତେକ ଅନିୟମିତତାକୁ ନେଇ ଗତ ୧୯ ଭୁବନେଶ୍ୱରସ୍ଥ ପ୍ରଶାସନିକ ଅଧିକାରୀ କାର୍ଯ୍ୟାଳୟକୁ ଯାଇଥିଲେ। ଅଭିଯୋଗ କରୁଥିବା ସମୟରେ ଏଠାରେ ଉପସ୍ଥିତ ସହସମ୍ପାଦକ ଅରବିନ୍ଦ ସାହୁ ଓ ସହକାରୀ ଆଇନ ଅଧିକାରୀ ବିଜୟ କୁମାର ଦାସ ଧମକପୂର୍ଣ୍ଣ କଥା କହିଥିଲେ। ଏପରିକି କାର୍ଯ୍ୟାଳୟ ବାହାରେ ମଧ ଏମାନେ ଶାରିରୀକ ଓ ମାନସିକ କ୍ଷତି କରିବେ ବୋଲି ଧମକ ଦେଇଥିଲେ। ଏ ସମ୍ପର୍କରେ ସହସମ୍ପାଦକ ସାହୁଙ୍କ ପଚାରିବାରେ ସୋସାଇଟି ସମ୍ପର୍କରେ ଆସିଥିବା ଅନିୟମିତତା ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ତଥ୍ୟ ରଖା ଯାଇଥିଲା। ଧମକ ଦେବା ସମ୍ପୂର୍ଣ୍ଣ ଭିତ୍ତିହୀନ ଅଭିଯୋଗ ବୋଲି ସେ କହିଛନ୍ତି।

### ବେଳାଭୂମିରେ ମଦ ଦୋକାନ, ବାର୍ ଖୋଲିବାକୁ ବିରୋଧ

**ପାରାଦୀପ,୨୧।୭(ସ୍ୱ.ପ୍ର.):** ରାଜ୍ୟ ସରକାର ଚଳିତ ସପ୍ତାହରେ ଘୋଷଣା କରିଛନ୍ତି ଯେ, ରାଜ୍ୟର ପୂର୍ବ ଉପକୂଳ ବେଳାଭୂମି ଅଞ୍ଚଳର ୬ଟି ସ୍ଥାନରେ ମଦ ଦୋକାନ ଓ ବାର ଖୋଲିବାକୁ। ଏହି ନିଷ୍ପତ୍ତି ବିରୋଧରେ ବୁଧବାର ପାରାଦୀପ ପୋର୍ଟ ଶ୍ରମିକ ସଂଘ ଓ ଓଡ଼ିଶା ନିଶା ନିବାରଣ ଅଭିଯାନ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ସଂଘ ସଭାପତି ରାମଶଙ୍କର ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ଚିଠିରେ ଦର୍ଶାଇଛନ୍ତି, ବେଳାଭୂମି ଅଞ୍ଚଳରେ ମଦ ଦୋକାନ ଓ ବାର ଖୋଲିଲେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବ। ପର୍ଯ୍ୟଟକଙ୍କୁ ଏହା ଆକୃଷ୍ଟ କରିବା ବଦଳରେ ସମସ୍ୟାରେ ପକାଇବ। ଏଭଳି ନିଷ୍ପତ୍ତି ଉପରେ ପୁନର୍ବିଚାର କରିବାକୁ ସେ ଦାବି କରିଛନ୍ତି। ବିଶେଷକରି ପୁରୀ ଓ ପାରାଦୀପ ପାଇଁ ଏହା ଆଦୌ ଭଲ ନୁହେଁ ବୋଲି ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ସରକାର ଉପକୂଳର ପାରାଦୀପ, ପୁରୀ, କୋଣାର୍କ ମେରାଇନ ଡ୍ରାଇଭ, ଚାନ୍ଦିପୁର, ଗୋପାଳପୁର, ଉଦୟପୁର ଓ ସୋନପୁର ମଦ ଦୋକାନ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରୁ ସରକାର ବାର୍ଷିକ ଘରଭଡା ଓ ଟିକସ ବାବଦରେ ୩ରୁ ୪ ଲକ୍ଷ ଟଙ୍କା ରାଜସ୍ୱ ପାଇବାକୁ ଲକ୍ଷ୍ୟ ରହିଛି। ନିଶା ନିବାରଣ ଆଇନ ୧୯୫୬କୁ ସମ୍ମାନ ଦେଇ ଏପରି ନିଷ୍ପତ୍ତି ଉପରେ ପୁନର୍ବିଚାର କରିବାକୁ ଦର୍ଶାଯାଇଛି।

### କଂଗ୍ରେସର ଦସ୍ତଖତ ସଂଗ୍ରହ ଅଭିଯାନ

**ପଟ୍ଟାମୁଣ୍ଡାଇ,୨୧।୭(ସ୍ୱ.ପ୍ର.):** ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ମଙ୍ଗଳବାର ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ମା'ସନ୍ତୋଷୀ ଫିଲିଙ୍ଗ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଲୋକଙ୍କଠାରୁ ଦସ୍ତଖତ ସଂଗ୍ରହ କରାଯାଇଥିଲା । ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ମୂଲ୍ୟ ଉପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ ରହି ନ ଥିବାରୁ ସାଧାରଣ ଜନତା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ଅଭିଯାନରେ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ କମିଟି ସଭାପତି ଅମୂଲ୍ୟ ପ୍ରଧାନ, ବ୍ଲକ କଂଗ୍ରେସ କମିଟି ସଭାପତି ମଳୟ ଦାସ, ଜିଲା ଯୁବକଂଗ୍ରେସ କମିଟି ସଭାପତି ସତ୍ୟପ୍ରିୟ ସାମଲ, ପୂର୍ବତନ ବ୍ଲକ ସଭାପତି ଯଦୁମଣି ଦାସ, ବରିଷ୍ଠ କଂଗ୍ରେସ ନେତା ଶେଖ୍ ଅମରୁଲ ପ୍ରମୁଖଙ୍କ ସହ ଯୁବ କଂଗ୍ରେସ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ ।

### ସତ୍ସଙ୍ଗ ବିହାରରେ କଳସ ସ୍ଥାପନ

**ରାଜନଗର,୨୧।୭(ଡି.ଏନ.ଏ.):** ରାଜନଗର ବ୍ଲକ ଗର୍ଜନପୁରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ମନ୍ଦିର ନିର୍ମାଣ ହୋଇଛି। ମଙ୍ଗଳବାର ମନ୍ଦିରର ଦଧିନଉତି ଉପରେ ଶିଖର କଳସ ସ୍ଥାପନ କରାଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ କର୍ତ୍ତା ଭାବେ ଯୋଗଦେଇଥିଲେ। ପଣ୍ଡିତ ଶଙ୍କର୍ଷଣ ମିଶ୍ର ପୂଜାର୍ଚ୍ଚନା କରିବା ପରେ ସମୂହ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଏହାପରେ ସେହି କଳସକୁ ମନ୍ଦିର ଉପରକୁ ନିଆଯାଇ ସ୍ଥାପନ କରାଯାଇଛି। ସତ୍ସଙ୍ଗ ବିହାରର ସଭାପତି ରମେଶ ଚନ୍ଦ୍ର ରାଉତ, ସମ୍ପାଦକ ରବିନ୍ଦ୍ର କୁମାର ଜେନା, ସୁନାକର ମଲ୍ଲିକ, କଳ୍ପତରୁ ପରିଡା, ଉମେଶ ଚନ୍ଦ୍ର ବେହେରା, ତାପସ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କରୋନା ପାଇଁ ସୁନାମି ପ୍ରସ୍ତୁତି ନାହିଁ

- ସମୁଦ୍ର ତଟବର୍ତ୍ତୀ ଗ୍ରାମ ପ୍ରତି ବଢୁଛି ବିପଦ
- ଚାଷ ଜମିରେ ମାଡ଼ିଯାଉଛି ଲୁଣାଜଳ
- ୟାସ୍ ପରେ ମରାମତି ହୋଇନି ଲୁଣାବନ୍ଧ


ରାଜନଗର ସାତଭାୟାଠାରେ ସମୁଦ୍ର କୂଳ ଜୁଆର ମାଡରେ କ୍ଷୟ ହେବାରେ ଲାଗିଛି।

**କେନ୍ଦ୍ରାପଡ଼ା ଅଫିସ, ୨୧।୭**

ବର୍ଷାଋତୁ ଆରମ୍ଭ ହୋଇଯାଇଛି। ସାମୁଦ୍ରିକ ଝଡ଼ ଓ ବର୍ଷା ପ୍ରଭାବ ଫଳରେ ବହୁବାର ସମସ୍ୟାରେ ପଡିଥିବା କେନ୍ଦ୍ରାପଡ଼ା ଜିଲାର ସମୁଦ୍ର ତଟ ଅଞ୍ଚଳବାସୀ ଏବେ ଆଶଙ୍କାରେ ଅଛନ୍ତି। ତଟ ଅଞ୍ଚଳର ଅଧିକାଂଶ ଲୁଣା ବନ୍ଧ ଦୁର୍ବଳ ଅଛି। ଏଥିସହ ବାତ୍ୟା ୟାସ ଏହି ବନ୍ଧକୁ କେତେକ ସ୍ଥାନରେ ନଷ୍ଟ କରି ଦେଇଛି। ସମୁଦ୍ର ଜଳ ଚାଷ ଜମିକୁ ମାଡି ଆସୁଛି। ଅପରପକ୍ଷରେ ଜିଲାର ୬୪ ଗ୍ରାମ ସୁନାମି ପ୍ରବଣ ଭାବେ ଚିହ୍ନଟ ହୋଇଛି। ବର୍ଷାଋତୁରେ ସମୁଦ୍ର ଅଶାନ୍ତ ରହୁଛି। ସୁନାମିକୁ ନେଇ ଆଶଙ୍କାରେ ଥିବା ତଟ ଅଞ୍ଚଳବାସୀଙ୍କ ସୁରକ୍ଷା ପାଇଁ ଜିଲା ପ୍ରଶାସନର କୌଣସି ପ୍ରସ୍ତୁତି ନାହିଁ। ତଟ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ବଗପାଟିଆର ନିରାକାର ସ୍ୱାଇଁ କୁହନ୍ତି, ଜିଲାର ୪୮ କି.ମି. ଲମ୍ବର ସମୁଦ୍ର ତଟ ଅଞ୍ଚଳ ମଧ୍ୟରୁ ୨୮ କି.ମି.ରେ ଜୁଆର ମାଡ ତୀବ୍ର ହେଉଛି। ଫଳରେ ସାତଭାୟା ପଞ୍ଚାୟତ ଏବେ ସମୁଦ୍ର ଗର୍ଭକୁ ପଳାଇ ଯାଉଛି। ଏହି ପଞ୍ଚାୟତର ସମସ୍ତ ଲୋକ ଅଦ୍ୟାବଧି ବଗପାଟିଆ ଥଇଥାନ ସ୍ଥଳକୁ ସ୍ଥାନାନ୍ତର ହୋଇନାହାନ୍ତି। ସେମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ପେଣ୍ଠ ଗ୍ରାମର ଉମେଶ ନାୟକ କୁହନ୍ତି, ସମୁଦ୍ର ଜୁଆର ଏଠାରେ ପ୍ରଖର ରହିଛି। ପୂର୍ବେ ପ୍ରତିବର୍ଷ ପ୍ରାୟ ୧୨ ମିଟର ପର୍ଯ୍ୟନ୍ତ ଗ୍ରାମ ଆଡକୁ ସମୁଦ୍ର ମାଡି ଆସୁଥିଲା। ଜିଓ ଟ୍ୟୁବର ପ୍ରାଚୀର ନିର୍ମାଣ ପରେ ଏଠାରେ ତଟକ୍ଷୟ ରୋକାଯାଇ ପାରିବ ବୋଲି ବିଶେଷଜ୍ଞ କହିଥିଲେ। ତେବେ ପ୍ରାୟ ୩୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଜିଓ ଟ୍ୟୁବ ୱାଲ ଦୁର୍ବଳ ହୋଇଥିବା ଦେଖିବାକୁ ମିଳିଛି। ସମୁଦ୍ର ଜୁଆର ଏଠାରେ ଗାବିଅନ ବକ୍ସ ଜାଲି ଛିଡାଇ ବଡ ବଡ ପଥରକୁ ସମୁଦ୍ର ଗର୍ଭକୁ ଟାଣି ନେଉଛି। ସେହିପରି ଏହି ୫୦୫ ମିଟର ୱାଲ ପରେ ଲୁଣା ବନ୍ଧ ରହିଛି। ଗତ ୟାସ ବାତ୍ୟା ସମୟରେ ଲୁଣା ବନ୍ଧ ଦୁର୍ବଳ ହୋଇ ପଡିଛି। ଏହି ବନ୍ଧର ମରାମତି ହୋଇ ନ ଥିବାରୁ ଚଳିତ ବର୍ଷା ଋତୁ ଚାଷୀ ଓ ଗ୍ରାମବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ଲଘୁଚାପ ଓ ବିଭିନ୍ନ ତିଥିରେ ସମୁଦ୍ରର ଜଳ ଗ୍ରାମକୁ ମାଡି ଆସିବ। ଛପାଳିର ହରେକୃଷ୍ଣ ପାତ୍ର କହିଛନ୍ତି, ମହାକାଳପଡା ଓ ରାଜନଗର ବ୍ଲକ ଅଞ୍ଚଳର ୬୪ ଗ୍ରାମକୁ ସୁନାମିପ୍ରବଣ ଚିହ୍ନଟ କରାଯାଇଛି। ତେବେ ଏଥିରୁ ବର୍ତ୍ତିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କୌଣସି ଉଦ୍ୟମ ନାହିଁ। ସ୍ଥାନୀୟ ଗ୍ରାମବାସୀଙ୍କୁ ପ୍ରଶିକ୍ଷଣ ସହ ବାରମ୍ବାର ମକ୍ ଡ୍ରିଲର ଆବଶ୍ୟକତା ଅଛି। ତେବେ କରୋନା ମହାମାରୀ ପାଇଁ ଏସବୁ ବନ୍ଦ ରହିଥିବା ଶୁଣିବାକୁ ମିଳୁଛି। ଏହି ଅଞ୍ଚଳ ପାଇଁ ଜିଲାରେ ମୋଟ ୨୦ଟି ସାଇରନ ଆଲର୍ଟ କେନ୍ଦ୍ର ଅଛି। ତେବେ ୟାସ ଝଡ ସମୟରେ ଏଥିରୁ ୯ଟି କେନ୍ଦ୍ରରେ ସାଇରନ ବାଜି ନ ଥିଲା। ସେହିପରି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳର ଭିତ୍ତିଭୂମି ଦୋହଲି ଯାଇଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ବଡଗୁବିର ଜଳଧର ସରକାର କହିଛନ୍ତି, ବର୍ଷାଋତୁରେ କୁମ୍ଭୀର ଉପଦ୍ରବ ସ୍ଥାନୀୟ ଅଞ୍ଚଳରେ ବଢୁଛି। ସମୁଦ୍ର ତଟବର୍ତ୍ତୀ ନଦୀ ନାଳରେ ଏହାର ପ୍ରାଦୁର୍ଭାବ ବେଶି ଥାଏ। ଏହା ବନ ବିଭାଗ ସହ ଜିଲାର ପ୍ରଶାସନିକ ଅଧିକାରୀ ଜାଣିଛନ୍ତି। ଏହି ବିପଦକୁ ସାମୟିକ ଭାବେ ଟାଳିବାକୁ ଗାଧୁଆ ତୁଠ ନିର୍ମାଣ ଆବଶ୍ୟକ। ତେବେ ଏହାକୁ ନେଇ ପ୍ରଶାସନିକ ଅଧିକାରୀ ନୀରବ ରହୁଛନ୍ତି। ସେହିପରି ଲୁଣା ପାଣି ଯୋଗୁ ଚାଷ ପ୍ରତି ଗ୍ରାମବାସୀ ବିମୁଖ ହେଉଛନ୍ତି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ଦୁର୍ଗା ମହାରଣାଙ୍କୁ ପଚାରିବାରେ ଦୁର୍ବଳ ଲୁଣାବନ୍ଧର ମରାମତି ଚାଲିଛି। ସୁନାମିରୁ ରକ୍ଷା ପାଇଁ ମକ୍ ଡ୍ରିଲ ହେଉଛି। ସାଇରନ ଆଲର୍ଟ କେନ୍ଦ୍ରର ସମସ୍ୟା ପ୍ରତି ଜିଲା ପ୍ରଶାସନ ସଜାଗ ଅଛି ବୋଲି ସେ କହିଛନ୍ତି।

## ବକେୟା ଅର୍ଥ ପାଇଁ ଠିକାଦାରଙ୍କ ବିକ୍ଷୋଭ



ତୈଳ ବିଶୋଧନାଗାର ସମ୍ମୁଖରେ ସବ୍ ଠିକାଦାର ଓ ଶ୍ରମିକମାନଙ୍କ ବିକ୍ଷୋଭ ପ୍ରଦର୍ଶନ।

**ପାରାଦୀପ,୨୧।୭(ସ୍ୱ.ପ୍ର.)**

ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପରେ ଠିକା କମ୍ପାନୀ ଭାବେ କାମ କରୁଥିବା ଚାଇନାର ଏକ ସଂସ୍ଥା ସିକେସିଇସି ଗତବର୍ଷ ଜୁଲାଇଠାରୁ ନିଜ ଦେଶକୁ ପଳାଇଛି। ସେଥିରେ କାମ କରୁଥିବା ୧୨ ଜଣ ସବ୍ ଠିକାଦାର ସେମାନଙ୍କ ବକେୟା ଅର୍ଥ ପାଇବା ପାଇଁ ଏବେ ସଂଘର୍ଷ କରୁଛନ୍ତି। ଏହିକ୍ରମରେ ବୁଧବାର ୧୨ ଜଣ ସବ୍ ଠିକାଦାର ଓ କେତେଜଣ ଶ୍ରମିକ ତୈଳ ବିଶୋଧନାଗାର ଆଗରେ ବିକ୍ଷୋଭ କରିବା ସହ ପ୍ରଶାସନକୁ ଦାବିପତ୍ର ଦେଇଛନ୍ତି। ସବ୍ ଠିକାଦାର ପ୍ରୀତିଶ ସାମଲ ଓ ସିଦ୍ଧାର୍ଥ ପ୍ରଧାନଙ୍କ ସୂଚନା ଅନୁସାରେ, ସେମାନେ ସିକେସିଇସି ଫାର୍ମରେ ବିଭିନ୍ନ କାମ କରୁଥିଲେ। ସେମାନଙ୍କ କାମ ଚାଲିଥିବା ବେଳେ ଗତବର୍ଷ କମ୍ପାନୀର ସମସ୍ତ ବରିଷ୍ଠ ଅଧିକାରୀମାନେ ସେମାନଙ୍କ ଦେଶକୁ ପଳାଇଛନ୍ତି। କମ୍ପାନୀ ନେଇଥିବା କାମ ପୂର୍ଣ୍ଣାଙ୍ଗ ହୋଇନାହିଁ। କରୋନା ଭୂତାଣୁ ଚାଇନାରୁ ସମଗ୍ର ବିଶ୍ୱକୁ ବ୍ୟାପିବା ନେଇ ଗତବର୍ଷ ଚର୍ଚ୍ଚା ହୋଇଥିଲା। ସେତେବେଳେ ଚାଇନା ନାଗରିକଙ୍କୁ ସମାଲୋଚନା କରାଯିବାରୁ ସେମାନେ ଭୟଭୀତ ହୋଇ ପଳାଇଥିଲେ। କମ୍ପାନୀ ବନ୍ଦ ହୋଇଯିବାରୁ ଆମର ପ୍ରାୟ ୧୫ କୋଟି ଟଙ୍କା ବକେୟା ରହିଛି। ଉକ୍ତ ଅର୍ଥ ପାଇବାକୁ ଆମ୍ଭେ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛୁ। ଚାଇନା କମ୍ପାନୀର ଅମାନତ ଅର୍ଥରୁ ଆମ୍ଭକୁ ବକେୟା ଅର୍ଥ ଦେବା ପାଇଁ ଅନୁରୋଧ କରିଛୁ। ସେଥିପାଇଁ ଆମେ ପ୍ରାଥମିକ ଭାବେ ଦାବିପତ୍ର ସ୍ଥାନୀୟ ଅଭୟଚାନ୍ଦପୁର ଥାନା ଆଇଆଇସି ପ୍ରଦ୍ୟୁମ୍ନ କୁମାର ବେହେରା ଓ ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀରଙ୍କୁ ଦେଇଛୁ।

**କରୋନା ପରେ ଚାଇନା କମ୍ପାନୀ ପଳାଇଲା**

## ବର୍ଷା ଅପେକ୍ଷାରେ ଚାଷୀ, ଗଜାମରୁଡ଼ି ଆଶଙ୍କା

**କେନ୍ଦ୍ରାପଡ଼ା ଅଫିସ,୨୧।୭**

- ସଫା ହେଉନାହିଁ କେନାଲ
- ଜିଲାପାଳଙ୍କ ନିକଟରେ ଅଭିଯୋଗ

ଗତ ଜୁନ୍ ଦ୍ୱିତୀୟ ସପ୍ତାହରେ ମୌସୁମୀ ଜନିତ ବର୍ଷା ହୋଇଥିଲା । ଚଳିତ ମାସରେ ଆଉ ବର୍ଷା ହୋଇନାହିଁ। ବିଲରେ ବୁଆ ଯାଇଥିବା ଧାନ ତଳି ନଷ୍ଟ ହେବାକୁ ବସିଛି। ଅଦ୍ୟାବଧି କେନାଲ ସଫା ହେଉନାହିଁ। ଫଳରେ କେନାଲ ପାଣି କ୍ଷେତକୁ ଯିବା ସମ୍ଭାବନା ବହୁତ କମ୍। ଏପରି ଅଭିଯୋଗ ନେଇ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋ ପାଟଣା ଓ ଜମପଡ଼ା ପଞ୍ଚାୟତବାସୀ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। କେନାଲ ସଫା ସହ ପାଣି ଛାଡିବାକୁ ସେମାନେ ଏଡିଏମ୍‌ଙ୍କୁ ଦାବିପତ୍ର ଦେଇ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରିଛନ୍ତି। କରିଲୋ ପାଟଣାର ଚାଷୀ ସୁବାସ ଚନ୍ଦ୍ର ଦଳାଇ କୁହନ୍ତି, ଚଳିତ ବର୍ଷ ଲଘୁଚାପଜନିତ ବର୍ଷା ବ୍ୟତୀତ ଅନ୍ୟ ଉପାୟରେ କ୍ଷେତକୁ ପାଣି ଯାଉନାହିଁ। ନିକଟରେ ଜଳସମ୍ପଦ ବିଭାଗର କେନାଲ ଅଛି। ତେବେ ଜୁଲାଇ ଶେଷ ହେବାକୁ ବସିଥିଲେ ମଧ ଏହି କେନାଲ ସଫା ହୋଇନାହିଁ। ଯାହା ଆମ ଅଞ୍ଚଳର ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ସେହି ଗ୍ରାମର ଗଦାଧର ସ୍ୱାଇଁ କହିଛନ୍ତି, ଚଳିତ ଖରିଫ ଋତୁରେ ୪ ଏକର ଜମି ଚାଷ ପାଇଁ ସମବାୟ ସମିତିରୁ ଋଣ କରିଥିଲି। ଧାନ ଗଛ ପିଲ ଦେବା ସମୟରେ ପାଣି ମିଳୁ ନ ଥିବାରୁ ଗଜା ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଯଦି ଏହି ଧାନ ତଳି ନଷ୍ଟ ହେବ, ତେବେ ଋଣ କିପରି ଶୁଝା ହେବ ମୁଁ ସେହି ଚିନ୍ତାରେ ଅଛି।


ପାଣି ନ ଥିବାରୁ ନଷ୍ଟ ହେବାକୁ ବସିଥିବା ଧାନ ତଳି।

## ନଦୀରେ ବୁଡ଼ି ୨ ଭାଇଙ୍କ ମୃତ୍ୟୁ

**ଧର୍ମଶାଳା,୨୧।୭(ଡି.ଏନ୍.ଏ.)**

ଧର୍ମଶାଳା ଥାନା ମଙ୍ଗଳପୁର ପଞ୍ଚାୟତ କୋଠିଡିହ ଗାଁ ନିକଟ ବ୍ରାହ୍ମଣୀ ନଦୀରେ ବୁଡିଯାଇ ୨ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋଠିଡିହ ଗାଁର ହାଫିଜ ଅବଦୁଲାଙ୍କ ପୁଅ ସାହିଲ (୧୧) ଓ ସାହିଦ (୧୦)। ଉଭୟ ମଙ୍ଗଳବାର ଅପରାହ୍ନରେ ଘରୁ ବାହାରି ଆସିଥିଲେ। ଝିପିଝିପି ବର୍ଷା ଲାଗିରହିଥିବାରୁ ୨ଜଣ କାହା ଘରେ ରହିଥିବା ଭାବି ପରିବାର ଲୋକେ ଖୋଜାଖୋଜି କରି ନ ଥିଲେ। ରାତି ୯ଟା ପର୍ଯ୍ୟନ୍ତ ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। କେଉଁଠାରେ ସେମାନଙ୍କୁ ନ ପାଇ ନଦୀକୁ ଯିବା ବେଳେ ସେଠାରେ ପ୍ୟାଣ୍ଟ ଶାର୍ଟ ଓ ଚପଲ ପଡିଥିବା ଦେଖିଥିଲେ। ପରେ ନଦୀରେ ଖୋଜି ବିଳମ୍ବିତ ରାତିରେ ଉଭୟଙ୍କୁ ମୃତ ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

## ନସିପୁର ଡକାୟତି ଘଟଣା, ୪ ଗିରଫ


ଗିରଫ ଅଭିଯୁକ୍ତଙ୍କ ସହ ଜବତ ହୋଇଥିବା ଚୋରି ସାମଗ୍ରୀ ଓ ମାରଣାସ୍ତ୍ର।

**ପଟ୍ଟାମୁଣ୍ଡାଇ ୨୧।୭ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ବଡମୂଳବସନ୍ତ ପଞ୍ଚାୟତ ନସିପୁର ଗ୍ରାମର ମେ ୧୮ତାରିଖରେ କୁଳମଣି ରାଉତଙ୍କ ଘରେ ଡକାୟତମାନେ ପଶି ନଗଦ ୨ଲକ୍ଷ ୭୫ ହଜାର ଟଙ୍କା ଓ ସୁନାରୁପା ଗହଣା ଲୁଟି ନେଇଥିଲେ। ଏ ନେଇ ଥାନାରେ ମାମଲା (ନଂ.୨୯୯/୨୧) ରୁଜୁ କରି ପୋଲିସ ତନାଘନା ଚଳାଇଥିଲା। ଉକ୍ତ ଘଟଣାରେ ପୋଲିସ ୪ଜଣଙ୍କୁ ଡକାୟତଙ୍କୁ କରି ବୁଧବାର କୋର୍ଟ ଚାଲାଣ କରିଛି।

ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡା ଏସ୍‌ପି ମଡକର ସନ୍ଦିପ ସମ୍ପତ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ଘଟଣା ଦିନ ୩ ଅଜଣା ବ୍ୟକ୍ତି କରୋନା ସର୍ଭେ କରିବାକୁ ଆସୁଛୁ କହି କୁଳମଣିଙ୍କ ଘରେ ପଶିଥିଲେ। ସେମାନେ ବନ୍ଧୁକ, ଛୁରି ଦେଖାଇ ଘରର ଆଲମିରା ଓ ବାକ୍ସ ଖୋଲି ୨ଲକ୍ଷ ୭୫ ହଜାର ଟଙ୍କା, ସୁନା ବାଉଟି, ସୁନାଚେନ, ୬ଟି ସୁନା ମୁଦି, ସୁନା ଶାଙ୍ଖୀ, କାନଫୁଲ, ୩ ହଳ ପାଉଁଜି, ୨ଟି ରୁପା କଏନ ନେଇ ଯାଇଥିଲେ। ଡକାୟତମାନଙ୍କୁ ଧରିବାକୁ ଆଇଆଇସି ରାକେଶ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ୍ ଗଠନ କରାଯାଇଥିଲା। ଘଟଣା ପରଠାରୁ ଡକାୟତମାନଙ୍କ ଗତିବିଧି ଉପରେ ପୋଲିସ ନଜର ରଖିବା ସହିତ ଫୋନ ଟ୍ରାକିଂ କରିଥିଲା। ମଙ୍ଗଳବାର ଅନୁଗୋଳର ଏକ ଢାବାରୁ ଢେଙ୍କାନାଳ ଜିଲା ମୋଟାଙ୍ଗ ଅଞ୍ଚଳର ସୁଜିତ ସାହୁଙ୍କୁ ପୋଲିସ ଗିରଫ କରିବା ପରେ ତାଙ୍କଠାରୁ ଅନ୍ୟ ଡକାୟତମାନଙ୍କ ତଥ୍ୟ ମିଳିଥିଲା। ଏହି ଦଳର ହୃଷୀକେଶ ମଲ୍ଲିକ ଓରଫ ପପୁନି, ମନୋରଞ୍ଜନ ରଣା ଓରଫ ତପୁଙ୍କୁ ପୋଲିସ କେନ୍ଦ୍ରାପଡ଼ାରୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ପୋଲିସ ସାଲେପୁର ହରିଚନ୍ଦନପୁରର ଚୋରି ସାମଗ୍ରୀ ରଖିଥିବା ଚନ୍ଦନା ସାହୁ ଓରଫ ମାମାଙ୍କୁ ପୋଲିସ ଗିରଫ କରିଥିଲା। ଏହି ଡକାୟତି ଘଟଣାରେ ସମ୍ପୃକ୍ତ ମୂଳବସନ୍ତ ଗ୍ରାମର ଅନ୍ୟ ଜଣେ ଅଭିଯୁକ୍ତ କିରଣ ସେଠୀ ଓରଫ ସିପୁଆ ଫେରାର ଥିବାବେଳେ ଅନ୍ୟତମ ଅଭିଯୁକ୍ତ ନିକିରାଇ ଥାନା ଅଧୀନ କୁତରଙ୍ଗ (ମୁଗବାରି) ଅଞ୍ଚଳର ସନ୍ତୋଷ କୁମାର ମଲିକ ଅନ୍ୟ ଏକ ମାମଲାରେ ଗିରଫ ହୋଇ ଜେଲ୍‌ରେ ଅଛନ୍ତି। ଅଭିଯୁକ୍ତମାନଙ୍କଠାରୁ ୩ଟି ମୋଟର ସାଇକେଲ ମଧ ପୋଲିସ ଜବତ କରିଛି। ଏହି ଅଭିଯୁକ୍ତମାନେ କେନ୍ଦ୍ରାପଡା, ଯାଜପୁର, କଟକ ଓ ଢେଙ୍କାନାଳ ପ୍ରଭୃତି ୪ଟି ଜିଲାରେ ସେମାନଙ୍କ ସାମ୍ରାଜ୍ୟ ବିସ୍ତାର କରିଥିଲେ ବୋଲି ଏସ୍‌ପି ସମ୍ପତ କହିଛନ୍ତି।

## ୩ ଅନାଥ ପିଲାଙ୍କ କଥା ବୁଝିବ ପ୍ରଶାସନ

**ରସୁଲପୁର,୨୧।୭(ଡି.ଏନ୍.ଏ.)**

**ଭେଟିଲେ ଜିଲା ଶିଶୁ ସୁରକ୍ଷା ଅଧିକାରୀ**

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗ ଗାଁରେ ୩ଜଣ ଶିଶୁ ମା'ବାପାକୁ ହରାଇ ଅନାଥ ହୋଇଯାଇଛନ୍ତି। ଏ ନେଇ ଖବର ପ୍ରକାଶ ପରେ ବୁଧବାର ସନ୍ଧ୍ୟାରେ ଯାଜପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପହଞ୍ଚି ଅନାଥ ପିଲାଙ୍କ ସମ୍ପର୍କରେ ସମିତିସଭ୍ୟ ଚୈତନ୍ୟ ନାୟକ ଓ ଅଙ୍ଗନୱାଡି କର୍ମୀ ରୀତାଞ୍ଜଳି ଦାଶଙ୍କଠାରୁ ପଚାରି ବୁଝିଥିଲେ। ୨ ବର୍ଷ ତଳେ ମା' ସନ୍ଧ୍ୟାରାଣୀ ଆଉ ଚଳିତ ମାସ ୧୬ ତାରିଖରେ ବାପା ଚନ୍ଦ୍ରଶେଖରଙ୍କୁ ହରାଇ ସେମାନଙ୍କ ୨ ପୁଅ ଓ ଗୋଟିଏ ଝିଅ ବେସାହାରା ହୋଇଯାଇଛନ୍ତି। ୩ ପିଲାଙ୍କ ସାହା କେବଳ ଜେଜେମା' ମେନକା ମଲ୍ଲିକ(୬୫)। ଏଭଳି ସ୍ଥିତିରେ ପିଲାଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ଶିଶୁ ଅଧିକାରୀ ପହଞ୍ଚି ବୃଦ୍ଧା ମେନକାଙ୍କ ସହ ଆଲୋଚନା କରିଛନ୍ତି। ବୃଦ୍ଧାଙ୍କ ବଡ଼ନାତି ସତ୍ୟ ମଲ୍ଲିକ(୧୧), ମଝିଆଁ ନାତି ଓମ୍‌ପ୍ରକାଶ(୬),ସାନ ନାତୁଣୀ ଅର୍ଚ୍ଚନା(୪)ଙ୍କୁ ପାଠ ପଢାଇବା ପାଇଁ ଜିଲା ପ୍ରଶାସନ ସହାୟତା କରିବ। ସେମାନଙ୍କୁ ବାଳାଶ୍ରମରେ ରଖାଯାଇ ପାଠ ପଢ଼ାଯିବ। ପିଲାଙ୍କୁ ଆଶୀର୍ବାଦ ଯୋଜନାରେ ମଧ ସାମିଲ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି କର ପ୍ରକାଶ କରିଛନ୍ତି। ତେବେ ବାଳାଶ୍ରମରେ ପାଠ ପଢ଼ାଇବା ପ୍ରସ୍ତାବରେ ଜେଜେ ମା' ଅମଙ୍ଗ ହେଉଥିବା ଜଣାଯାଇଛି। ଏହାଛଡା ଉକ୍ତ ପିଲାଙ୍କ ନାଁରେ ବ୍ୟାଙ୍କ ଜମାଖାତା ନ ଥିବାରୁ ସରକାରୀ ସହାୟତା ମିଳିବାରେ ଅସୁବିଧା ଦେଖାଦେଇଛି। ପ୍ରଥମେ ସେମାନଙ୍କ ଜମାଖାତା ଖୋଲିବାକୁ ଅଙ୍ଗନୱାଡି କର୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ପୁଅର ଶୁଦ୍ଧିକ୍ରିୟା କରିବାକୁ ଅର୍ଥ ନ ଥିବା ମେନକା ଶିଶୁ ସୁରକ୍ଷା ଅଧିକାରୀ କରଙ୍କୁ ନିବେଦନ କରିଥିଲେ। କର ଜିଲାପାଳଙ୍କୁ ଜଣାଇବେ ଓ ସେ ହିଁ ଏ ଦିଗରେ ଯାହାକିଛି ନିଷ୍ପତ୍ତି ନେବେ ବୋଲି କହିଥିଲେ।

## ଅଭିଯୁକ୍ତଙ୍କୁ ଗିରଫ କରି ପାରୁନାହିଁ ପୋଲିସ

**ଅଶ୍ଳୀଳ ଭିଡିଓ ଭାଇରାଲ୍ ଘଟଣା**

**ଡେରାବିଶ,୨୧।୭(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ସଦର ଥାନା ଡେରାବିଶ ବ୍ଲକ ଅଞ୍ଚଳର କୁନ୍ଦରେ ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ ନେଇ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ନଂ. ୩୨୩/୨୧ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୀଡ଼ିତା ଓ ତାଙ୍କ ପରିବାର ବାରମ୍ବାର ଥାନାକୁ ଦୌଡି ନିରାଶ ହୋଇଥିଲେ। ଶେଷରେ ପୀଡିତା ଏସ୍‌ପିଙ୍କ ନିକଟରେ ନ୍ୟାୟ ପାଇଁ ନିବେଦନ କରିଥିଲେ। ଘଟଣାକୁ ଦେଢ଼ମାସ ବିତିଯାଇଥିବାରୁ ପୀଡ଼ିତାଙ୍କ ପରିବାର ପୋଲିସ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛନ୍ତି।

## ୩୦ ପରିବାର ବିଜେଡିରେ ସାମିଲ

**ଆଳି,୨୧।୭(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୦୨୨ ପାଇଁ ପ୍ରତି ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଦଳର ନେତାମାନେ ପଞ୍ଚାୟତସ୍ତରରେ କର୍ମୀମାନଙ୍କୁ ନେଇ ବୈଠକ କରିବା ସହ ମିଶ୍ରଣ ପର୍ବ ଆରମ୍ଭ କରିଛନ୍ତି। ଏହି ଅବସରରେ ବୁଧବାର ଆଳି ବ୍ଲକ ଅନ୍ତର୍ଗତ ଅରଗଳ ପଞ୍ଚାୟତ ସରପଞ୍ଚ ଆନନ୍ଦ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ଓ ଭାଜପା ସମର୍ଥିତ ୩୦ ପରିବାର ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ଯୋଗ ଦେଇଥିବା ନୂତନ କର୍ମୀ ମାନଙ୍କୁ ବିଧାୟକ ପ୍ରତାପ କେଶରୀ ଦେବ ଦଳୀୟ ଗାମୁଛା ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଜିଲା ପରିଷଦ ସଭ୍ୟ ଧନ ରଞ୍ଜନ ବୋଷ, ବାଦଲ ଧଳ, ସଞ୍ଜୟ କୁମାର ଜେନା, ଯିମତ କୁମାର ଜେନା,ଶଶୀଭୂଷଣ ଆଟୋଇ, ବିଜୁ ଯୁବ ଜନତା ଦଳ ସଭାପତି କେଦାର ନାଥ ବେହେରା ଓ ଜୁଆଣିଆ ସରପଞ୍ଚଙ୍କ ପ୍ରତିନିଧି ସୁବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।


ବିଜେଡିରେ ସାମିଲ ହୋଇଥିବା କର୍ମୀଙ୍କ ଗହଣରେ ବିଧାୟକ ପ୍ରତାପ କେଶରୀ ଦେବ ।

## ରାସ୍ତା ନିର୍ମାଣକୁ ନେଇ ଗଣ୍ଡଗୋଳ, ୪ ଆହତ

**ଡେରାବିଶ,୨୧।୭(ସ୍ୱ.ପ୍ର.)**

ଡେରାବିଶ ଥାନା ଅନ୍ତର୍ଗତ ବାଲିଆ ପଞ୍ଚାୟତ ଓଉଖଣ୍ଡ ଗ୍ରାମରେ ଏକ ସରକାରୀ ରାସ୍ତା ନିର୍ମାଣକୁ ନେଇ ବୁଧବାର ଗଣ୍ଡଗୋଳ ଘଟିଛି । ଆକ୍ରମଣ ପ୍ରତିଆକ୍ରମଣରେ ଉଭୟ ପକ୍ଷର ୪ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପୋଲିସ ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ସୁମନ୍ତ କିଷାନ୍ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଓଉଖଣ୍ଡ ଗ୍ରାମରେ ଏକ ସରକାରୀ ରାସ୍ତା ନିର୍ମାଣ ଚାଲୁଥିବା ବେଳେ ଏହାକୁ ବିରୋଧ କରିବାରୁ ଗ୍ରାମର କେଶବ ମହାରଣା ଓ କରୁଣାକର ଦାସଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । କରୁଣାକରଙ୍କ ପରିବାରର ୪ ଜଣ ବ୍ୟକ୍ତି କେଶବଙ୍କ ପରିବାର ସଦସ୍ୟଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଛନ୍ତି ବୋଲି କେଶବଙ୍କ ପୁଅ ସୁଶାନ୍ତ ଥାନାରେ ଅଭିଯୋଗ କରିଛନ୍ତି । ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ଘର ସମ୍ମୁଖରେ ଯାଇଥିବା ଏହି ନିର୍ମାଣଧୀନ ରାସ୍ତା ପାଇଁ କେତେକ ମୂଲ୍ୟବାନ ଗଛ କରୁଣାକରଙ୍କ ପୁଅ ହୁଣ୍ଡା ଓ ଅନ୍ୟମାନେ ଗତ ୧୯ ତାରିଖରେ କାଟି ଦେଇଥିଲେ। ଏ ନେଇ ସୁଶାନ୍ତ ଓ ତାଙ୍କ ଭାଇ ବିରୋଧ କରିବାରୁ ହୁଣ୍ଡା ତାଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ସୁଶାନ୍ତ ବିଡ଼ିଓ ଏବଂ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ । ଫଳରେ ରାସ୍ତା କାମ ବନ୍ଦ କରାଯାଇଥିଲା । ମାତ୍ର ବୁଧବାର ରାସ୍ତା କାମକୁ ଜୋର ଜବରଦସ୍ତ ହୁଣ୍ଡା ଓ ତାଙ୍କ ଅନ୍ୟ ଭାଇମାନେ ଆରମ୍ଭ କରିଥିଲେ। ଆମ ଜାଗାରେ ସରକାରୀ ରାସ୍ତା କିପରି କରାଯିବ ବୋଲି କହି ସୁଶାନ୍ତ ଏହାର ପ୍ରତିବାଦ କରିବାରୁ ହୁଣ୍ଡା ଓ ଅନ୍ୟମାନେ ତାଙ୍କୁ ଆକ୍ରମଣ କରିଥିଲେ । ତାଙ୍କୁ ରକ୍ଷା କରିବାକୁ ଆସିଥିବା ସୁଶାନ୍ତଙ୍କ ଭାଇ ବୈଷ୍ଣବ ଓ ଭାଇଙ୍କ ସ୍ତ୍ରୀଙ୍କୁ ହୁଣ୍ଡା ଦାସ ଓ ତାଙ୍କ ପରିବାର ସଦସ୍ୟ ଆକ୍ରମଣ କରିଥିଲେ ବୋଲି ଅଭିଯୋଗରେ ସୁଶାନ୍ତ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ସୁଶାନ୍ତ ଓ ତାଙ୍କ ଭାଇ ଓ ଅନ୍ୟମାନେ ମୋତେ ଓ ତାଙ୍କ ପୁଅଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା କରୁଣାକର ଅନ୍ୟ ଏକ ଅଭିଯୋଗରେ ଦର୍ଶାଇଛନ୍ତି ।


ନିର୍ମାଣାଧୀନ ରାସ୍ତା, ଉତ୍ତ୍ୟକ୍ତ ଲୋକେ।

**ଡେରାବିଶ ଥାନାରେ ପୃଥକ୍ ମାମଲା**

## ପୁସ୍ତକ ପରିଚୟ

### ନିଖିଳ ଜୀବନବୋଧ ଓ ମାନବାତ୍ମାର କବି: ଭରତ ବେହେରା




**ସଂପାଦନା:** ଡ. ବିରଂଚି କୁମାର ସାହୁ
**ପ୍ରକାଶକ:** ସାହିତ୍ୟ ଶ୍ୱେତପଦ୍ମା, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ. ୩୫୦/-

କବିଭରତବେହେରାଙ୍କ କାବ୍ୟ କବିତାକୁ ନେଇ ରଚିତ ସମାଲୋଚନାତ୍ମକ ସନ୍ଦର୍ଭ କେତୋଟିକୁ ଆଲୋଚ୍ୟ ପୁସ୍ତକରେ ଏକତ୍ର କରାଯାଇଛି। ସଂପାଦକ ଡ. ବିରଂଚି କୁମାର ସାହୁ ଗ୍ରନ୍ଥର 'ମୁଖଶାଳା'ରେ କହିଛନ୍ତି: "ଭରତ ବେହେରାଙ୍କ କବିତାରେ ତାଙ୍କ ନୈର୍ବ୍ୟକ୍ତିକ ଭାବ ଓ ଭାବନାର ଚିତ୍ର ଆମେ ଚାକ୍ଷୁଷ କରୁ। ସେ ମାଟି ଆଉ ମଣିଷର କଥାକୁ ଅତି ନିର୍ଭେଜାଲ ଭାବେ ତାଙ୍କ କବିତାରେ ଫୁଟାଇ ପାରିଛନ୍ତି। ପରିପାର୍ଶ୍ୱକୁ ଚିହ୍ନି, ଚିହ୍ନେଇବାରେ ବିଂଶ ଶତାବ୍ଦୀର ଶେଷ ଦୁଇ ଦଶନ୍ଧିରେ ଯେଉଁ କବିମାନେ ଅଧିକ ଧ୍ୟାନସ୍ଥ ହୋଇଛନ୍ତି ବୋଲି ଆମେ ଅନୁଭବ କରୁ, କବି ଭରତ ବେହେରା ସେମାନଙ୍କ ମଧ୍ୟରୁ ଅନ୍ୟତମ।" ଗ୍ରନ୍ଥରେ ଯେଉଁ ଆଲୋଚକମାନଙ୍କର ଆଲୋଚନା ସ୍ଥାନିତ, ସେମାନଙ୍କ ମଧ୍ୟରେ ଅଛନ୍ତି ପ୍ର. ନିତ୍ୟାନନ୍ଦ ଶତପଥୀ, ପ୍ର. ବୈଷ୍ଣବ ଚରଣ ସାମଲ, ଡ. ବ୍ରଜମୋହନ ମିଶ୍ର, ଡ. ପ୍ରେମାନନ୍ଦ ମହାପାତ୍ର, ଡ. ଶରତ ଚନ୍ଦ୍ର ମହାନ୍ତି, ଡ. ସଂଘମିତ୍ରା ଭଞ୍ଜ, ଡ. ରମେଶ ଚନ୍ଦ୍ର ମଲ୍ଲିକ, ଡ. ଶର୍ମିଷ୍ଠା ମହାପାତ୍ର ଓ ଡ. ସଂଘମିତ୍ରା ମହାପାତ୍ର। ବହିଟି କବି ଭରତଙ୍କ କବିତା ଓ ତାଙ୍କ କବି ବ୍ୟକ୍ତିତ୍ୱକୁ ଜାଣିବାରେ ସହାୟକ ହେବ ବୋଲି ଆଶା।

### ହୃଦୟବତ୍ତା




**କବି:** ଡା. ମନୋରଞ୍ଜନ ଦାଶ
**ପ୍ରକାଶିକା:** ଗାୟତ୍ରୀ ପ୍ରକାଶନୀ, ଜିଜିପି କଲୋନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ. ୧୦୦/-

ମୋଟ ୬୪ଟି କବିତା ବହିଟିରେ ସ୍ଥାନିତ। ଜୀବନର ନାନା ଅନୁଭୂତି, ଯାହାକୁ କବି ଅଙ୍ଗେ ନିଭାଇଛନ୍ତି ଓ ଖୁବ୍ ପାଖରୁ ଦେଖିଛନ୍ତି, କବିତାଗୁଡ଼ିକରେ ତାକୁ ରୂପ ଦେଇଛନ୍ତି। 'ବୋଉ', 'ପ୍ରେମ', 'ହୃଦୟବତ୍ତା', 'ଗଛଟିଏ', 'ବରଷା', 'ଅନୁଭବ', 'ସମୟ', 'ତୁମେ', 'ଜୀବନ: ମଣିଷପଣ', 'ସ୍ୱାମୀଟିଏ', 'ସ୍ତ୍ରୀଟିଏ', 'କଥା ଦେଉଚି', 'ନର୍କର ଗଳିରେ ମୁଁ', 'ଅଯୋଗ୍ୟ ପୁଅର ବୋଉକୁ ଚିଠିଟିଏ', 'ସାଇତା ସ୍ମୃତି', 'ଭାଇ', 'ଶୀତ' ଓ 'ଆତ୍ମଘାତୀ: ଆତଙ୍କବାଦୀ' ଆଦି କବିତାଗୁଡ଼ିକ ଭାବ ଓ ଭାଷା ଦୃଷ୍ଟିରୁ ହୃଦୟଗ୍ରାହୀ ହୋଇପାରିଛି। 'ନିଟୋଳ ସାହିତ୍ୟ' ଶୀର୍ଷକ କବିତାରେ କବି ଲେଖିଛନ୍ତି: "ଯେଉଁ କଥାଟି ଭାଷାରେ ନୁହେଁ, ଭାବରେ ଲେଖା ହୁଏ/ ସେଇ କଥାଟି ସବୁଠୁଁ ବେଶୀ ହୃଦୟକୁ ଛୁଇଁଯାଏ।" ମନୋରଞ୍ଜନଙ୍କ କବିତାରୁ ଏହି ସତ୍ୟ ଆବିଷ୍କାର କରିବାକୁ ଯାଇ ପାଠକେ ଯେ ନିରାଶ ହେବେ ନାହିଁ, ଏ ବିଶ୍ୱାସ ରଖିହୁଏ।

### ସେରିନ୍




**ଲେଖିକା:** ସ୍ନିଗ୍ଧା ନାୟକ
**ପ୍ରକାଶକ:** ସତ୍ୟମ୍ ବୁକ୍ ଏଜେନ୍ସି, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ. ୧୫୦/-

'ସେରିନ୍' ହେଉଛି ସ୍ନିଗ୍ଧାଙ୍କ ଲିଖିତ ପ୍ରଥମ ଉପନ୍ୟାସ। ଉପନ୍ୟାସଟିର କାହାଣୀ ଏକ ଯନ୍ତ୍ରଣାଦଗ୍ଧ ପ୍ରେମର ଇତିବୃତ୍ତ। ପ୍ରେମ ହେଉଛି ହୃଦୟ ସହ ହୃଦୟର ସମ୍ପର୍କ। ଏଠାରେ ସମୟ, ସମାଜ କି ବୟସର ବାଧାବନ୍ଧନ ନ ଥାଏ। ପବିତ୍ର ପ୍ରେମର ପଥ ସଦାସର୍ବଦା ଜଟିଳ। ଏହି ଜଟିଳ ପଥରେ ଗତି କରି ସତ୍ ପ୍ରେମ ତା'ର ବିଜୟ ବୈଜୟନ୍ତୀ ଉଡ଼ାଇଥାଏ। 'ସେରିନ୍'ରେ ପ୍ରିୟାନ୍ସ ଓ ସେରିନ୍‌ର ଅମର ପ୍ରେମକଥା ରୂପ ଘେନିଛି। ଉପନ୍ୟାସର ଭାଷା ସରଳ। ମନେହୁଏ ସତେ ଯେମିତି ଜଣେ ଆଉ ଜଣକୁ ତା' ଜୀବନରେ ଘଟିଥିବା ପ୍ରେମର ନିଆରା ଅନୁଭୂତି ବର୍ଣ୍ଣନା କରିଚାଲିଛି, ଯହିଁରେ ଛଳନା ନାହିଁ। ନିଦା ଜୀବନାନୁଭୂତିରେ ଉପନ୍ୟାସଟି ଯେ ପାଠକୀୟ ଶ୍ରଦ୍ଧାଭାଜନ ହୋଇପାରିବ, ଏ ସମ୍ଭାବନା ରହିଛି।

# ଭଲ କବିତାରେ ବଡ଼ କଥା ଆବେଦନ

## ସୃଜନ-ଆଳାପ


ନୃସିଂହ ଷଡ଼ଙ୍ଗୀ

**ନୃସିଂହ ଷଡ଼ଙ୍ଗୀ** ଚଳନ୍ତି ସମୟର ଜଣେ ନିରନ୍ତର ସର୍ଜନମନସ୍କ କବି, ସମାଲୋଚକ ଓ ଗବେଷକ। ତାଙ୍କର ପ୍ରମୁଖ ସମାଲୋଚନା ଗ୍ରନ୍ଥ: 'ବିଶ୍ୱ ସାହିତ୍ୟରେ ଫକୀରମୋହନ', 'ଫକୀରମୋହନ ଗଳ୍ପଜଗତ: ଶିଳ୍ପରୀତି', 'ଫକୀରମୋହନ ସୃଷ୍ଟି ସମୀକ୍ଷା', 'ଓଡ଼ିଆ ସାହିତ୍ୟର ଇତିହାସ', 'ପ୍ରାଚ୍ୟ-ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ' ଓ 'କବିବର କାବ୍ୟବିଭା' ପ୍ରମୁଖ। କବିତା ସଂକଳନ: 'ଶତ୍ରୁ ହାତରେ ସମୟ', 'ଚିତ୍ରପଟ', 'ମୁହୂର୍ତ୍ତ ମନ୍ୱନ୍ତର', 'ମଧୁବନ', 'ଦେହଦ୍ରୋହ', 'କେହି ଜଣେ ଦେବଦାସ' ଓ 'ଅବଶିଷ୍ଟ ଶୋକ'। ଅବୁଝା ମଣିଷ ସେ କାହାକାହା ଦୃଷ୍ଟିରେ, କିନ୍ତୁ ଅସତ୍ୟ ନୁହନ୍ତି କେବେ ବି। ଉଣତ୍ତର-ସତୁରି ପରଠାରୁ ଏଯାବତ୍ ସାହିତ୍ୟ ସହିତ ଘଣି ତାଙ୍କର। କିନ୍ତୁ ସାର୍ବଜନୀନ ଆଲୋଚନା କ୍ଷେତ୍ରରେ ଉପେକ୍ଷିତ ତାଙ୍କର ସାଧନା। ତାଙ୍କ ସାହିତ୍ୟ କୃତିକୁ ନେଇ ଧରିତ୍ରୀ 'ସାହିତ୍ୟାୟନ'ର ଏ ଆଳାପ। ଆଳାପରେ ତାଙ୍କ ସହ ସୁସାହିତ୍ୟିକ ମୁରଲୀଧର ସାମଲ...

**ପ୍ର:** ଗତ ଶତାବ୍ଦୀର ଉଣତ୍ତର-ସତୁରି ବେଳକୁ ଆପଣ ଏକାଧାରରେ କବି ଓ ସମାଲୋଚକ ଭାବେ ନିଜକୁ ବିଭିନ୍ନ ପତ୍ରପତ୍ରିକାରେ ଉପସ୍ଥାପିତ କରିଥିଲେ। କିନ୍ତୁ ପ୍ରତିଷ୍ଠା ପ୍ରସଙ୍ଗରେ ଆପଣଙ୍କର କିଛି ଅବସୋସ ଅଛି କି?

**ଉ:** ଶବ୍ଦ ସହ ଭାବର ଖେଳକୁ ନେଇ ମୁଁ ସାହିତ୍ୟର ମଞ୍ଚ ଗଢ଼େ, ତାହା କବିତା ହେଉ ବା ସମାଲୋଚନା। ଉଣତ୍ତର-ସତୁରିରେ ମୁଁ କବିତା ରଚନା ଆରମ୍ଭ କରିଥିଲେ ହେଁ ୧୯୬୭ ମସିହାରେ ମୋର ପ୍ରଥମ କବିତା 'ଝଙ୍କାର'ରେ ପ୍ରକାଶ ପାଇଥିଲା। ସେବେଠାରୁ ଏଯାବତ୍ ୧୧ଟି କବିତା ସଂକଳନ ଓ ଶତାଧିକ ସମାଲେଚାନା ପୁସ୍ତକ ମୁଁ ଲେଖିଛି। କିନ୍ତୁ ଏଥିପାଇଁ ପ୍ରକାଶକଙ୍କଠାରୁ ରାଜଭାଗ ବ୍ୟତୀତ ଅନ୍ୟ କୌଣସି ମଞ୍ଚରୁ ଗାମୁଛାଟିଏ ବି ପାଇ ନାହିଁ। ସେତେବେଳେ ସାହିତ୍ୟରେ ଶୁଦ୍ଧତା ଥିଲା, ମାତ୍ର ଏବେ ଲେଖକମାନଙ୍କର ପୁରସ୍କାର ମାନସିକତା ସାହିତ୍ୟରୁ ସେ ଶୁଦ୍ଧତାକୁ କାଢ଼ିନେଇଛି।

**ପ୍ର:** ଆପଣଙ୍କ ପିଢ଼ିର ସାହିତ୍ୟ ଓ ସାମ୍ପ୍ରତିକ ପିଢ଼ିର ସାହିତ୍ୟ ପ୍ରକାଶନ ମଧ୍ୟରେ କିଛି ବିଲକ୍ଷଣ ଲକ୍ଷ୍ୟ କରୁଛନ୍ତି କି?

**ଉ:** କହିବି-ଦୁର୍ଭାଗ୍ୟ। ଅନ୍ତତଃ ୨୦୦୦ ମସିହା ପର୍ଯ୍ୟନ୍ତ ସାହିତ୍ୟର ପ୍ରକାଶନ ପ୍ରତିଷ୍ଠିତ ପ୍ରକାଶକମାନଙ୍କ ହାତରେ ବେଶ୍ ମର୍ଯ୍ୟାଦା ଲଭିଥିଲା। ସେଠି ଲେଖକ-ପ୍ରକାଶକଙ୍କ ଭିତରେ ସମ୍ବନ୍ଧ ଥିଲା ଶବ୍ଦ ସହ ଅର୍ଥର ସମ୍ପର୍କ ପରି ନିବିଡ଼। କିନ୍ତୁ ଏବର କତିପୟ ପ୍ରକାଶକ ସାହିତ୍ୟ ବହିଟିଏ ପ୍ରକାଶ କଲାବେଳକୁ ତା'ର ବ୍ୟୟ ପାଇଁ ଲେଖକଙ୍କ ସହ ମୂଲଚାଲ କରୁଛନ୍ତି। ସେତେବେଳେ ପ୍ରକାଶକ ଲେଖକଙ୍କୁ ରାଜଭାଗ ଦେଉଥିଲେ; ଏବେ ଲେଖକ ପ୍ରକାଶକଙ୍କୁ ବହି ତିଆରି ଖର୍ଚ୍ଚ ଦେଇ ଆତ୍ମପ୍ରସାଦ ଲାଭ କରୁଛି।

**ପ୍ର:** ଭଲ କବିତା କହିଲେ ଆପଣ କ'ଣ ବୁଝନ୍ତି?

**ଉ:** କବିତାରେ ଭଲ ଖରାପ ବେଶ୍ ବିତର୍କିତ ପ୍ରସଙ୍ଗ। ରାଧାମୋହନ ଗଡ଼ନାୟକ, ସଚ୍ଚି ରାଉତରାୟ, ଭାନୁଜୀ ରାଓ, ଗୁରୁପ୍ରସାଦଙ୍କ ଯାଏଁ ଆଧୁନିକ କବିତାରେ ଏକ ବୋଧଭାବ ଉତ୍ତାଳ ଥିଲା। ଦୀପକ, ରମାକାନ୍ତ, ସୀତାକାନ୍ତଙ୍କ ବେଳକୁ କବିତାର ଫର୍ମ ବଦଳିଗଲା। ପର୍ଯ୍ୟାପ୍ତ ଚିତ୍ରକଳ୍ପ, ପ୍ରତୀକ, ରୂପକଳ୍ପରେ କବିତା ଉଭୟ ଭାବଗତ ଓ ଶୈଳୀଗତ ସମ୍ମୋହନ ତଥା ରୀତିଗତ ନବପ୍ରକରଣରେ ନିଜର ଭିତ୍ତି ଟାଣକଲା। ହେଲେ ଶିଳ୍ପରୀତି ଦିଗରୁ ଏ ସବୁ ଓଡ଼ିଆ କବିତାକୁ ବିଶ୍ୱ କବିତା କ୍ଷେତ୍ରରେ ସାର୍ଥକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ସିନା କରାଇଲା, ହେଲେ ସାଧାରଣ ପାଠକର ଚେତନ ସ୍ତରରେ ଏକ ପ୍ରଲୁବ୍ଧ ଗ୍ରହଣୀୟତାକୁ ନିରୂତା ଦେଇ ପାରିଲା ନାହିଁ। ହଜିଗଲା ସରଳତା, ନଷ୍ଟ ହୋଇଗଲା କବିତାର ରମ୍ୟବୋଧ, ଦୁର୍ବୋଧତା ବେଶୀ ବିମୁଖ କଲା ପାଠକକୁ ଏ ସବୁ କବିତା ପ୍ରତି। କବି ଦୋଷ ଦେଲେ ପାଠକେ ନ ବୁଝିବା ତାଙ୍କ ଅବୁଝାପଣ। କବି ଏଥିପାଇଁ ଦାୟୀନୁହେଁ। ଅନ୍ୟପକ୍ଷରେ ପଠନ ପାଇଁ ପାଠକ ଉଦ୍ଦେଶ୍ୟରେ ଲେଖା ହେଉଥିବା କବିତା କବିର ବିକୃତି ବୋଲି ହିଁ ସ୍ପଷ୍ଟ ହୋଇଗଲା। ପାଠକୀୟ ଅନାଗ୍ରହତା କେତେଦିନ ବା କବିତାକୁ ପରମାୟୁ ସମର୍ପିବ!

ଭଞ୍ଜଙ୍କ କାଳରୁ ଗୋପବନ୍ଧୁଙ୍କ ଯାଏଁ କବିତାଥିଲା ମନେରହିବାର ପଣ ନେଇ ଉତ୍ତରିତ ଗୋଟିଏ ଗୋଟିଏ ସୂକ୍ଷ୍ମ ଅବବୋଧ। ଏବେ ବି ସେ ଲାସ୍ୟ ଓ ଭାଷ୍ୟ ଚିରଞ୍ଜିବୀ ହୋଇ ରହିଛି। ହେଲେ ଚଳନ୍ତି କାଳର ଅନେକ କବି ତାଙ୍କ କବିତାକୁ ଛାପା ଅକ୍ଷରରେ ବହୁବାର ପ୍ରକାଶ କରୁଥିଲେ ବି ପାଠକୀୟ ଦାୟବଦ୍ଧତା ରଖିପାରୁ ନାହାନ୍ତି। କେମିତି କହିବି ଏ ସବୁ ଭଲ କବିତା? ଭଲ କବିତା ହେଉଛି କବିର ଚେତନାରୁ ଉତୁରିଥିବା ପର୍ଯ୍ୟାପ୍ତ ଆବେଗ ଓ ଅପୂର୍ବ ଆବେଦନକୁ ଆପଣେଇ ପାଠକଙ୍କୁ ଆକର୍ଷିତ କରିବା ଅଭିପ୍ରାୟରେ ମୋହିତ ଏକ ମହାନତା, ସଚ୍ଚୋଟତା ଓ ପ୍ରତିବଦ୍ଧତା।

**ପ୍ର:** ହଥର୍ଣ୍ଣ ଓ ଫକୀରମୋହନଙ୍କ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ କରି ଆପଣ ପିଏଚ୍.ଡି. ଉପାଧି ପାଇଛନ୍ତି, କହିବେ କି ଏହି ତୁଳନା ଦ୍ୱାରା ଫକୀରମୋହନଙ୍କ ସାହିତ୍ୟର କେଉଁ ବିଶେଷତ୍ୱ ଆପଣ ଠାବ କରିଛନ୍ତି?

**ଉ:** ଓଡ଼ିଆ କଥାସାହିତ୍ୟରେ ଫକୀରମୋହନ ଶୀର୍ଷପୁରୁଷ। ମାତ୍ର ୪ଟି ଉପନ୍ୟାସ, ୨୦ଟି ଗଳ୍ପ, ତା' ପୁଣି ଜୀବନର ଉତ୍ତରାର୍ଦ୍ଧରେ ସୃଜନର ତପସ୍ୟାରେ ଦୃଢ଼ବ୍ରତ... କିଛି କମ୍ ବିସ୍ମୟର କଥା ଏ ନୁହେଁ। ସମକାଳର ଫର୍ମହୀନ କଥାକାହାଣୀ ପାଇଁ ସେ ଯେଉଁ ନୂଆ ଫର୍ମୁଲା ତିଆରିଛନ୍ତି, ତାହା ଏଯାବତ୍ ଗ୍ରହଣୀୟ ଓ ଅନତିକ୍ରମଣୀୟ ହୋଇ ରହିଛି। ଊନବିଂଶ ଶତକର କରୁଣ ସାମାଜିକ ଦୁରବସ୍ଥା ଓ ରାଜନୈତିକ ସ୍ୱୈରାଚାରର ଉତ୍କଟତା ଭିତରେ ସାମନ୍ତବାଦୀ ଚିନ୍ତାର ବିଷାକ୍ତ ପରିଣତିକୁ ସେ ଚମତ୍କାର କଥାକଳାରେ ବିନିଯୋଗ କଲାବେଳେ ତାଙ୍କ ଅନେକ କଥାରେ ମୁଖ୍ୟ ପ୍ରସଙ୍ଗ ହୋଇଛି ପରସ୍ୱାପ ହରଣ ଓ ତା'ର ଭୟାନକ ପରିଣତିର ଜୀବନ୍ତ ବର୍ଣ୍ଣନା।

ଆମେରିକୀୟ ଔପନ୍ୟାସିକ ହଥର୍ଣ୍ଣଙ୍କ ଉପନ୍ୟାସ... 'ଦି ହାଉସ୍ ଅଫ୍ ଦି ସେଭେନ୍ ଗ୍ୟାବେଲ୍ସ'କୁ ଆମୂଳଚୂଳ ପାଠକଲା ପରେ ମୋର ଧାରଣା ହେଲା ଆମେରିକା ଉପନିବେଶବାଦରେ ବି ବୁର୍ଜୁଆ ଓ ପ୍ରୋଲିଟରିଏଟ୍ ଗୋଷ୍ଠୀ ଥିଲେ। ସେଠି ବି ରାଜନୀତିକ ସଙ୍କଟ ଓ ସମ୍ଭ୍ରାନ୍ତ ଶ୍ରେଣୀଙ୍କ ଶୋଷଣରେ ନିମ୍ନମଧ୍ୟବିତ୍ତ ଗୋଷ୍ଠୀ ଗୋଟିଏ ବିଭଙ୍ଗ ଅସହାୟ ଜୀବନ ଜିଉଥିଲା। ସେଠି ବି ପ୍ରାଧାନ୍ୟ ସମ୍ପନ୍ନ ମଣିଷ ଗରିବଙ୍କ ଜମି ହଡ଼ପ ପାଇଁ ନାନା ଚକ୍ରାନ୍ତ କରୁଥିଲା। ହଥର୍ଣ୍ଣଙ୍କ ଉପନ୍ୟାସର ଏହିସବୁ ସାଦୃଶ୍ୟ ମୁଁ ଫକୀରମୋହନଙ୍କ 'ଛ' ମାଣ ଆଠଗୁଣ୍ଠ'ରେ ଉପଲବ୍ଧି କଲି। ଏ ଦିଗରେ ଗବେଷଣା କଲି ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୮୪ରେ ଡକ୍ଟରେଟ୍ ଡିଗ୍ରୀ ପାଇଲି। ତେବେ ଫକୀରମୋହନଙ୍କ ସାହିତ୍ୟକୁ ବିଶ୍ୱମୁଖୀ କରିବାରେ ମୋର ଏ ଉଦ୍ୟମ ଓଡ଼ିଆ ଭାଷାରେ ପ୍ରଥମ ନିଶ୍ଚୟ। ଅବଶ୍ୟ ଇଂରାଜୀରେ ଫକୀରମୋହନଙ୍କୁ ପ୍ରଥମେ ଚର୍ଚ୍ଚାମୁଖୀ କରିଥିଲେ ଅନ୍ତର୍ଦେଶୀୟ ଗବେଷକ ଜନ୍ ବୋଲ୍ଟନ୍। ୧୯୯୦ରେ ମୋର ଏହି ତୁଳନାତ୍ମକ ଅଧ୍ୟୟନ ଆଧାରିତ ସନ୍ଦର୍ଭଟି ବିଶ୍ୱସାହିତ୍ୟରେ 'ଫକୀରମୋହନ' ଶୀର୍ଷକରେ ପ୍ରକାଶିତ।

**ପ୍ର:** ଆପଣ ବହୁ ସମୀକ୍ଷାଗ୍ରନ୍ଥ ଲେଖି କଲେଜ ଛାତ୍ରୀଛାତ୍ରଙ୍କୁ ଆପାତଃ ଦୁର୍ବୋଧ କବିତା/ ସାହିତ୍ୟର ଅର୍ଥ ସୁଗମ କରାଇବାରେ ସହାୟତା କରିଛନ୍ତି। ଏ ନେଇ ଆପଣଙ୍କ ଉପଲବ୍ଧି କହିବେ କି?

**ଉ:** ମୋର ପ୍ରଥମ ସମାଲୋଚନା ବହିଥିଲା 'ପ୍ରାଚୀନ ଓ ଆଧୁନିକ ସାହିତ୍ୟ ସମୀକ୍ଷା' (୧୯୮୦)। ସେବେରୁ ଏବେଯାଏଁ ୧୦୭ଟି ସମାଲୋଚନା ଗ୍ରନ୍ଥ, ୧୩ ଖଣ୍ଡ କବିତା ପୁସ୍ତକ, ହଥର୍ଣ୍ଣଙ୍କ 'ଦି ହାଉସ୍ ଅଫ୍ ଦି ସେଭେନ୍ ଗାବେଲ୍ସ'କୁ 'ସାତ ସେଣିଆ ଘର' ଶୀର୍ଷକରେ ଅନୁବାଦ ଓ ଗୋଟିଏ ଗଳ୍ପ ପୁସ୍ତକ ପ୍ରକାଶିତ ହୋଇଛି। ତେବେ ମୁଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ପାଠ୍ୟପୁସ୍ତକ ଲେଖିନାହିଁ, ବରଂ ଏ ସବୁର ପ୍ରକାଶନ ପରେ ପାଠ୍ୟକ୍ରମରେ ଥିବା ପାଠ୍ୟ ଦୃଷ୍ଟିରୁ ଏହା ପିଲାଙ୍କ କାମରେ ଲାଗିଛି। ଏବେ ବି ଅନେକ ତତ୍କାଳର ଓ ଏବେର ଛାତ୍ରଛାତ୍ରୀ ମତେ ଜାଣନ୍ତି 'ବିଶ୍ୱବିଦ୍ୟାଳୟ ପ୍ରବନ୍ଧାବଳୀ'ର ଲେଖକ ଭାବେ। ଅନେକ ବ୍ୟକ୍ତି ତାଙ୍କ ପରିଚୟ କ୍ରମରେ ମୋର ସେ ବହି ପାଠକରି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ବୋଲି ଆବେଗରେ କହିଲାବେଳେ ମୋ' ଆଖିରେ ଲୁହ ଆସିଯାଏ। ଏ ଆନ୍ତରିକତା ଓ ଉଦ୍‌ବେଗଠାରୁ ମୋ' ପାଇଁ ବଡ଼ ସମ୍ମାନ ବା ପୁରସ୍କାର କିଛି ନାହିଁ।

**ପ୍ର:** ଆପଣ ଏବେ 'ଓଡ଼ିଶା ସାହିତ୍ୟ ଏକାଡେମୀ'ର କାର୍ଯ୍ୟକାରୀ ପରିଷଦ ସଭ୍ୟ। ଏକାଡେମୀ ପରିଚାଳନାରେ ଏବଂ ସାହିତ୍ୟର ପୁରସ୍କାର ପ୍ରସଙ୍ଗକୁ ନେଇ ଆପଣଙ୍କର କିଛି ପ୍ରତିକ୍ରିୟା ଅଛି କି?

**ଉ:** ଆଗରୁ ଖବରକାଗଜରେ ପଢ଼ିଛି, ସାହିତ୍ୟ ଏକାଡେମୀରେ ସାହିତ୍ୟ ପାଇଁ ଦିଆଯାଉଥିବା ପୁରସ୍କାର ନିରପେକ୍ଷ ନୁହେଁ ଏବଂ ତା'ର କାରଣ ନିଷ୍ପକ୍ଷ ସିଦ୍ଧାନ୍ତ ନେବାରେ କର୍ତ୍ତୃପକ୍ଷଙ୍କ ପରାଙ୍ମୁଖତା। ଯେଉଁଠି ନୀତିଟି ସ୍ପଷ୍ଟ, ସେଠି ନିଷ୍ପକ୍ଷତା ଆପଣାଛାଏଁ ପରିଚ୍ଛନ୍ନ। ଯେଉଁଠି ନିୟମାବଳୀରେ ଦ୍ୱନ୍ଦ୍ୱ, ସେଠି ଖୋଦ୍ ବିଶ୍ୱକର୍ମା ବି ସଫଳତାର ମହଲଟିଏ ଗଢ଼ିପାରିବେ ନାହିଁ। ନିଷ୍ପତ୍ତିକୁ ନିଷ୍ପକ୍ଷ କରିବାକୁ ହେଲେ ସହମତି ଆବଶ୍ୟକ। ଏହା ସହଜ ନୁହେଁ।

ମୋ: ୭୯୭୮୮୪୧୭୪୧

## ଇଚ୍ଛାପତ୍ର

ଡ. ଭବାନୀ ଶଙ୍କର ଦାଶ

ଗଳ୍ପ

ସତ କହିବାକୁ ଗଲେ ମରିବା ପୂର୍ବରୁ ମତେ ସିଏ ଦେଇଯାଇଥିବା ଚାବିଟା ହିଁ ମୋ' ପାଇଁ ଚିନ୍ତାର କାରଣ ହୋଇଥିଲା। ଚାବିଟାକୁ ମୋତେ ଦେବାର ପରଦିନ ସକାଳକୁ ତ ଆଉ ସିଏ ନ ଥିଲେ। ତେବେ ଚାବିଟା ପଇତାରୁ ଖୋଲିନେବାକୁ ମୋତେ କହିଲାବେଳେ ଯାହା ମୋତେ ସିଏ ଅସ୍ପଷ୍ଟ ଭାବେ କହୁଥିଲେ ତା'ର ସାରମର୍ମ ମୁଁ ବୁଝିବାରେ "ଏଇଟା କାହାକୁ ଦେବୁନାହିଁ, ଏକଥା ଗୁପ୍ତ ରଖିବୁ।" ତା' ପରେ ଖନେଇ ଖନେଇ ଯାହାସବୁ କହିଲେ ତାହା କଫ ଘଡ଼ଘଡ଼ ସକାଶେ ଅବୋଧ ହୋଇଗଲା। ତତ୍‌କ୍ଷଣାତ୍ ଘରର ଅନ୍ୟମାନେ ପହଞ୍ଚିଗଲେ। ମୁଁ ମଧ୍ୟ ଚାବିଟାକୁ ହାତମୁଠାରେ ମୁଠାଇ ଧରିଥିଲି ଏପରି ଭାବରେ, ଯେପରି ଅନ୍ୟ କେହି ଦେଖି ନ ପାରିବେ। ରାତି ଅଧିକ ହେଉଥିଲା। ସେଠାରୁ ବିଦାୟ ନେବାର ଯୋଜନା ମନେମନେ କରୁଥିଲି। ଅଥଚ ମନେମନେ ନିଜକୁ ଦୋଷୀ ମନେକରୁଥିଲି।

ମୁଁ ତାଙ୍କ ଘରର କେହି ନୁହେଁ। ଅଥଚ ତାଙ୍କ ଘରର ଅତି ଗୋପନୀୟ ତଥ୍ୟ ସଂରକ୍ଷଣ ସ୍ଥାନର ଚାବିଟା ମୋ' ହାତମୁଠାରେ। ଏକଥା କେହି ଜାଣିବା ଉଚିତ କି ଅନୁଚିତ ଏହି ଚିନ୍ତାରେ ମୁଁ ବିବ୍ରତ ହୋଇ ଉଠୁଥିଲି। ବିବ୍ରତ ହୋଇ ପଡୁଥିଲି ମଧ୍ୟ ଏତେ ରାତିରେ ବସାକୁ ଯାଇ ମୋତେ ହାତରେ ରୋଷେଇ କରି ଖାଇବାକୁ ପଡ଼ିବ ବୋଲି। ପୁଣି ଖାଇସାରି ଆସି ତାଙ୍କୁ ଜଗି ରହିବି ରାତିସାରା। ରାତିସାରା ଜଗି ରହିବାରେ ମୋର ଦୁଃଖ ନ ଥିଲା। କାରଣ ମାସାଧିକ କାଳ ଜଗି ରହିବା ମୋର ଦେହସୁହା ହୋଇଯାଇଥିଲା। ସହରକୁ ପାଠ ପଢ଼ିବା ପାଇଁ ଆସି ବିନା ଭଡ଼ାର ଗୋଟେ ଦ୍ୱିତଳ ପ୍ରାସାଦରେ ରହିବା ପାଇଁ ପୁଲକିତ ହେବା ଯଥେଷ୍ଟ ଖୋରାକ ଯୋଗାଉଥିଲା। ଏତେବଡ଼ କୋଠା, କୋଠା ପଛପଟେ ବିରାଟ ବଗିଚା। ବଗିଚା କଡ଼ରେ ଚାରି ବଖରା ଆଉଟ୍‌ହାଉସ ଘର। ଗୋଟିଏ ଘର



ପୂଜାରୀର। ଅନ୍ୟ ଦୁଇଟି ଘରରୁ ଗୋଟିକରେ ମୁଁ ରହେ। ଅନ୍ୟଟିରେ ମୁଁ ରୋଷେଇ କରି ଚଳେ। ପ୍ରାସାଦ ଭିତରେ ଏହି ବୃଦ୍ଧ ଜଣଙ୍କ ଓ ତାଙ୍କ ସ୍ତ୍ରୀ ରୁହନ୍ତି। ପିଲାମାନେ କହିଲେ- ତାଙ୍କର ତିନି ପୁଅ ଓ ଗୋଟିଏ ଝିଅ। ଝିଅଟି ମରିଯାଇଥିବାରୁ କ୍ୱାଇଁ ଆଉ ଆସନ୍ତି ନାହିଁ। ପୁଅ ତିନିଜଣଙ୍କ ଭିତରୁ ଦୁଇଜଣ ବିଦେଶରେ। ଯେଉଁ ଜଣକ ଏଠି ରୁହନ୍ତି, ସିଏ ମଧ୍ୟ ଖୁବ୍ ବଡ଼ ଅଫିସର। ସେମାନେ ଏହି ସହରରେ କେଉଁଠି ରୁହନ୍ତି, ମାତ୍ର ଏ ଘରେ ନୁହେଁ। ଦିନେ ଦୁଇଦିନ ଛାଡ଼ି ବାପା ମାଆଙ୍କୁ ଦେଖିବାକୁ ଆସନ୍ତି। ବୁଢ଼ାବୁଢ଼ୀଙ୍କ ଦେଖାଚାହାଁ ପାଇଁ ଝିଅ ଚାକରଟିଏ ଅଛି। ରୋଷେଇ କରେ, ଲୁଗା କାଚେ, ଘରବାରି ସଫାକରେ। ଅଥଚ ଯୁବତୀଟିକୁ ବାହାରୁ ଦେଖିଲେ କେହି କହିବେ ନାହିଁ ଯେ ଝିଅଟି ଅଶିକ୍ଷିତା ବୋଲି। ନାଁ ତା'ର ଲୋପାମୁଦ୍ରା। ସଞ୍ଜ ସକାଳେ ବୁଢ଼ା ଲୋପା ଲୋପା ବୋଲି ଡାକ ଛାଡ଼ିଥାଏ। ଏବେ ପ୍ରାୟ ମାସେ ହେଲା ସେ ଡାକ ଶୁଣାଯାଉନି। ମୋର ଏ ଘରେ ରହିବା ପ୍ରାୟ ବର୍ଷେ ପରେ ହେବ। ରୋଷେୟା ଦରବୁଢ଼ା ଭାଇନାର ଶାଣିତ ଦୃଷ୍ଟିକୁ ଠଉରେଇ ପଚାରିଥିଲା ଓ ତା'ଠାରୁ ନିର୍ଦ୍ଦିଷ୍ଟ ଦୂରତ୍ୱ ରକ୍ଷା କରି ଚଳୁଥିବା ଲୋପା କେବଳ ସେଇଥିପାଇଁ ମୋର ଆପଣାର ହୋଇଯାଇଥିଲା। ଦିନେଦିନେ ମୋ' ପାଇଁ କାହିଁକି କେଜାଣି ଅପେକ୍ଷା କରି ରହିଥାଏ ଉପାସରେ। ମୁଁ ମୋ' ବସାଘରେ ରୋଷେଇ ବ୍ୟବସ୍ଥା କରୁ ନ କରୁଣୁ ଛାତ ଉପରୁ ମୋତେ ଠାରି ମନାକରେ ରୋଷେଇ ପାଇଁ। ମୋ' ପାଇଁ ଥାଳିରେ ସଜାଡ଼ି ନେଇ ଆସେ। ବୁଢ଼ୀ ପଚାରିଲେ କହିଦିଏ, ଅନ୍ନ ନଷ୍ଟ କାହିଁକି କରିବି ତେଣୁ ଦେଇଦେଲି। ଏହିପରି ଅନେକ ଘଟଣା ଲୋପା ପ୍ରତି ଆକର୍ଷିତ ହେବାର ଯଥେଷ୍ଟ କାରଣ ହୋଇଥିଲା।

ଘରର ପୁଅ, ବୋହୂମାନେ ଆସିଲେ ବାପାଙ୍କର କ'ଣ ହେଉଛି ଏ କଥା ଲୋପାଠାରୁ ବୁଝନ୍ତି। ବୋଉ ତ ପକ୍ଷାଘାତ ହେବାଠୁ ପଡ଼ିଛି। ଏଣୁ ଲୋପାକୁ କିଛି ପଇସା ଦେଇ ବାପାଙ୍କ କଥା ବୁଝିବାକୁ କହି ଦାୟିତ୍ୱ ସାରି ଚାଲିଯାଆନ୍ତି। କେହି ନ ଦେଖିଲେ ବି ଲୋପା ଦେଖେ ବୃଦ୍ଧଙ୍କ ଆଖିର ଦି'ଟୋପା ଲୁହକୁ। ବାପାର ସେବା ଶୁଶ୍ରୁଷା ପାଇଁ ଲୋକଙ୍କୁ ଠିକା ଦିଆଯାଏ ଭାବିଲେ ଲୋପାର ମୋର ଆତଙ୍କିତ ହୋଇପଡୁ। ବାପା ମା' ନ ହେବାର ପ୍ରତିଜ୍ଞା କରୁ।

ଆଜି ଚାବିଟା ମୁଁ ନେଇ ଆସିଲି ଅଥଚ ଲୋପାକୁ କହିବି ନା ନାହିଁ। ଲୋପା ପଛରେ ଜାଣିଲେ ନିଶ୍ଚୟ ମନ ଦୁଃଖ କରିବ। ସେଇ ରାତି ପାହିଲା ପରେ ବୁଢ଼ାର ଦାହ କାର୍ଯ୍ୟ ସାରି ଲୋପାକୁ ଘର ଜଗିବା ପାଇଁ ତାଗିଦା କରି କାଲି ଆସିଲେ ଶୁଦ୍ଧିକାର୍ଯ୍ୟ ହେବ ବୋଲି କହିଦେଇ ପୁଅମାନେ ଚାଲିଗଲେ। ଏତେ ବଡ଼ ଘରଟାରେ ଲୋପା ଓ ମୁଁ ଦୁଇଜଣ। ରୋଷେୟା ବଜାର ଯାଇଥିଲା। ମୁଁ ଲୋପାକୁ ବୁଢ଼ା ଦେଇଥିବା ଚାବି କଥା କହିଲି। ଦୁହେଁ ଚାବିଧରି ନିର୍ଦ୍ଦିଷ୍ଟ ଘର ଦିଗରେ ଆଗେଇଗଲୁ। ଘର ଖୋଲିବା ପରେ ଦେଖିଲୁ ଘରେ ଏକ ବିରାଟ ଲୁହା ସିନ୍ଦୁକ ରହିଛି। ସିନ୍ଦୁକର ତିଆରି ପ୍ରାୟତଃ ଏକ ଆଲମାରୀ ଭଳି। ଏ ଚାବିଟି ଯେ ଏହି ଆଲମାରୀର ଏହା ବୁଝିବାରେ ଅସୁବିଧା ହେଲା ନାହିଁ। ଆଲମାରୀ ଖୋଲି ଦେଖିଲୁ ତା' ଭିତରେ ଏକ ଛୋଟ ବାକ୍ସ ରହିଛି। ବାକ୍ସର ଚାବି ବାକ୍ସ ଉପରେ ଥିଲା। ବାକ୍ସ ଖୋଲି ଦେଖିଲୁ ସେଥିରେ ଅବୋଧ ଭାଷାରେ ଲେଖାଥିବା ଏକ କାଗଜଟିଏ। ଆମେ ବୁଝିପାରିଲୁ ନାହିଁ ଯେ ଏଭଳି କି ମୂଲ୍ୟବାନ୍ କଥା, ଯାହା କାଗଜରେ ଲେଖାଯାଇଛି। ଲୋପା କହିଲା- ବୁଝିଲ, ସବୁ ମଣିଷର ହୃଦୟଟା ଏମିତି ଅତି ଗୁପ୍ତ ସ୍ଥାନରେ ଥାଏ, ଯାହାର ଭାଷା ସମସ୍ତଙ୍କ ପାଇଁ ବୋଧଗମ୍ୟ ନୁହେଁ। ତାହା ଥିଲା ଏକ ଇଚ୍ଛାପତ୍ର।

ମୋ: ୮୯୧୭୬୨୪୩୮୬

## କବିତା

### କ'ଣ ପାଇଲି, କ'ଣ ହରାଇଲି

ଅଖିଳ କୁମାର ମିଶ୍ର

ପ୍ରତି ମିନିଟ୍, ଦଣ୍ଡ ଓ ଘଡ଼ି
ଦିନ ଆଉ ରାତି
ଗତକାଲି, ଆଜି ଆଉ ଏଇ ମୁହୂର୍ତ୍ତ
ସାତଦିନ, ମାସ, ବର୍ଷ ଓ ଦଶନ୍ଧି-
ସମୟ ବିତେ ଓ ନୀରବଚ୍ଛିନ୍ନ ନିଜକୁ ପଚାରେ
କ'ଣ ସବୁ ହରାଇଲି, କ'ଣ ବା ପାଇଲି।

କେତେଗୋଟି ସମ୍ବନ୍ଧ ମିଳିଲା,
ଅନୁଭୂତି ଅର୍ଜିଲି,
ଭଲପାଇବା ତ ମିଳିଲା, ତା'ଠାରୁ ଅଧିକ ଜୋର୍
ପ୍ରତାରଣା ପାଇଲି।

ଅନେକ ଚୋଟ ଖାଇଲି,
ମଲମ ବି ବୋଳାହେଲା,
ଢେର୍ ବେଳେ ସ୍ମୃତିକୁ ସାଉଁଟିଲି,
ଦୁଃଖକୁ ଭୁଲିଲି, ସୁଖକୁ ବାହୁନିଲି;

ପିଲାଦିନ ଆସିଲା, ଚାଲିଗଲା
ଯଉବନ ଛୁଇଁଲା, ଘାଇଲା କଲା
ମହଣ ମହଣ ଖୁସି ଓ ମଜାର ସୁଯୋଗ ଆସିଲା,
ତା' ବାଟରେ ଚାଲିଗଲା, ମୋ' ନିରୀହତାର
ମୂଳଦୁଆ ନେଇ ଦୁନିଆ ସବାର ହେଲା।

କାଦୁଅ ଅପରାହ୍ଣରେ
ମୋ' ଆଖିରୁ ଖସି ପଡୁଥିବା
ଲୁହକୁ ପାପୁଲିରେ ଧରି,
ନିଜକୁ ପଚାରିଲି, ଜୀବନର ପ୍ରତିକ୍ଷଣ
ଜିଇଜିଇ ଦିନସବୁ ସରିଗଲା, ହେଲେ
ମୁଁ କ'ଣ ପାଇଲି, କ'ଣ ହରାଇଲି!

ମୋ: ୭୯୭୮୩୬୬୭୬୦

### ମେଘର ସ୍ୱପ୍ନ

ଡ. ଅସୀମା ସାହୁ

ହୁସିଆର! ମୋ' ନିଦରେ ବି ତୁମେ ଆସିବ
କଳାଘୁମର ମେଘର ସ୍ୱପ୍ନଟିଏ ହୋଇ
ବର୍ଷିଯିବ ମୋ' ଇଚ୍ଛାଙ୍କ ଖୋଲାମେଲା ମର୍ଜିରେ
ଭିଣି ହୋଇଯିବେ ଠୋପାଠୋପା ଅଭିଳାଷ

ସେଇ ଲଗ୍ନରେ ସଜେଇ ଦେଇ
ଲେଖି ଦେଇପାରେ ନିରୀହତାର ସ୍ୟାହିରେ
ଧାଡ଼ିଏ ନୀରବ ପ୍ରତିଶ୍ରୁତି...
ଜାଣେ ତୁମେ ପଢ଼ିସାରି ଅଳ୍ପ ହସିଦେବ

କୋଳେଇ ନେଇ ମୋ' କୋମଳ ମାତାଲି ଛାତିରେ
ହୁତ୍‌କିନା ଜଳେଇ ଦେଇପାରେ ଅନୁରାଗର ଶୋଷ
ଅସ୍ଥିର ହୋଇ ଉଠିବ ତୁମ ସ୍ନାୟୁର ସହର
ଆଖି ନଚେଇ, ଆଃ ବୋଲି ଓଠ ଚାପି ଚାହିଁଦେଲେ
ମୋ' ଇସାରା ମାନି
ବିନା ରକ୍ତଚାପରେ ବଢ଼ିଯାଇପାରେ ତୁମ ସ୍ପନ୍ଦନ

ଏଡ଼ିକି ମନୋଇ, ପୁଣି କେତେବେଳେ
ଟିକିଏ ଛୁଇଁବାକୁ ବି ନ ଦେଇପାରେ
ଖୁଜୁବୁଜୁ ଆଙ୍ଗୁଠିଙ୍କୁ ତୁମର
ଜାଣେ ଅଭିମାନରେ ମୁହଁ ଫୁଲେଇ ଦେବ
ସାବଧାନ! ତୁମ ପ୍ରେମିକା ତ ଷୋଳକଳାରେ ଗଢ଼ା
ତା' ପାଣିପାଗର କି ଭରସା,
ଏଇ ଖରା ତ ଏଇ ବର୍ଷା

ତେଣୁ ପ୍ରିୟତମ ମୋର
ଯି'ଦିନ ମେଘ ବରଷିଲେ...
ଭିଜିବା ଆଉ ଭିଜେଇବାର ମଜା
ନିଆଯାଉ ଏଥର
ପିଚ୍ଛୁଳି ଗଲେ ଯାଉ ଯୌବନର ସବୁ ଉପସର୍ଗ,
ପରବାଏ କାହାର!

ମୋ: ୯୪୩୭୩୮୯୭୭୦

## କାଳକାଳକୁ



"ଶୋକ ସମୟଠୁଁ ବଳବାନ୍। ଶୋକ ତୀରଭୂମି, ସମୟ ଜାହ୍ନବୀ। ସମୟ ଶୋକ ଉପରେ ପଟୁ ଲଦିଦିଏ। ତହିଁରୁ ଅଙ୍କୁରି ଉଠେ ଜୀବନ। ସମୟ ସବୁ ପାରେ।"

– ମହାଶ୍ୱେତା ଦେବୀ

**ମହାଶ୍ୱେତା ଦେବୀ**ଙ୍କ ଜନ୍ମ ଢାକାରେ, ୧୪ ଜାନୁୟାରୀ ୧୯୨୬ରେ ଓ ପରଲୋକ ୨୮ ଜୁଲାଇ ୨୦୧୬ରେ, କଲକାତାରେ। ବଙ୍ଗଳା ଭାଷାର ଏହି ପ୍ରଖ୍ୟାତ ଲେଖିକା ଜଣେ ବିଶ୍ୱବିଦିତା ସାମାଜିକ-କର୍ମୀ। ତାଙ୍କର ପ୍ରସିଦ୍ଧ ରଚନା ମଧ୍ୟରେ 'ହଜାରେ ଚୌରାଶିର ମା', 'ରୁଦାଲି' ଓ 'ଅରଣ୍ୟେର ଅଧିକାର' ଆଦି ପ୍ରଧାନ। ପଶ୍ଚିମବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ନିପୀଡ଼ିତ ଜୀବନ ବଞ୍ଚୁଥିବା ଲୋଧା ଓ ଶବର ଜନଜାତିଙ୍କ ଅଧିକାର ତଥା ସଶକ୍ତୀକରଣ ନେଇ ମହାଶ୍ୱେତାଙ୍କ ଲେଖନୀ ଆଜୀବନ ମୁଖର। ବଙ୍ଗଳା ଭାଷାରେ ଭାରତୀୟ ସାହିତ୍ୟକୁ ନିଜର ଅସାଧାରଣ ଅବଦାନ ପାଇଁ ତାଙ୍କୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର, ଯହିଁରେ ସାମିଲ ସାହିତ୍ୟ ଏକାଡେମୀ ପୁରସ୍କାର, ଜ୍ଞାନପୀଠ ପୁରସ୍କାର, ରମଣ ମାଗାସେସେ ପୁରସ୍କାର, ପଦ୍ମଶ୍ରୀ ଓ ପଦ୍ମବିଭୂଷଣ।

# ଟୋକିଓରେ କରୋନା ସଂକ୍ରମଣ ୬ମାସ ଶୀର୍ଷରେ



ଜଣେ କଲେଜ ଛାତ୍ରୀ ଅଲିମ୍ପିକ୍ସକୁ ବିରୋଧ ପ୍ରଦର୍ଶନ କରୁଛନ୍ତି।

**ଟୋକିଓ,୨୧।୭(ଏପି)**

ଆଉ ଦୁଇ ଦିନ ପରେ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଯାଉଥିବା ବେଳେ କରୋନ ସଂକ୍ରମଣ ଶୀର୍ଷରେ ପହଞ୍ଚିଛି। ଗତ ୬ମାସ ମଧ୍ୟରେ ସଂକ୍ରମଣ ସବୁଠାରୁ ଅଧିକ ହୋଇଛି। ରାଜଧାନୀ ଟୋକିଓରେ ସଂକ୍ରମଣ ୧,୮୩୨ରେ ପହଞ୍ଚିଛି। ଟୋକିଓରେ ଅଗଷ୍ଟ ୨୨ ପର୍ଯ୍ୟନ୍ତ ଇମର୍ଜେନ୍ସି ଜାରି ରହିଛି। ଅଲିମ୍ପିକ୍ସ ଜୁଲାଇ ୨୩ରୁ ଆରମ୍ଭ ହୋଇ ଅଗଷ୍ଟ ୮ରେ ଶେଷ ହେବ। ତେଣୁ ଅଲିମ୍ପିକ୍ସ ଆୟୋଜନ ହେବା ଅବସରରେ ଇମର୍ଜେନ୍ସି ଜାରି ରହିଥିବ। ଟୋକିଓ ଓ ତା'ର ଆଖପାଖ ଅଞ୍ଚଳରେ ପ୍ରଶଂସକଙ୍କୁ ଏହି ଅବସରେ ବ୍ୟାନ କରାଯାଇଛି।

ଜାପାନରେ ଏପର୍ଯ୍ୟନ୍ତ ୨୩ ପ୍ରତିଶତ ନାଗରିକଙ୍କର ଟୀକାକରଣ ହୋଇଛି। ଯଦି ଏହି ଭଳି ସଂକ୍ରମଣ ବୃଦ୍ଧି ପାଏ ତା'ହେଲେ ଟୋକିଓରେ ପ୍ରତିଦିନ ହାରହାରି କେସ୍ ୨,୬୦୦କୁ ଛୁଇଁବ। ଜାପାନରେ ଏପର୍ଯ୍ୟନ୍ତ ମୋଟ୍ ସଂକ୍ରମଣ ସଂଖ୍ୟା ୮୪, ୮୦୦ରେ ପହଞ୍ଚିଛି ଓ ୧୫,୦୦୦ ମୃତ୍ୟୁବରଣ କରିଛନ୍ତି। ଗତ ଜାନୁୟାରୀରେ ମାମଲା ସର୍ବାଧିକ ଥିଲା।



ଫର୍ନାଣ୍ଡା ଆଗ୍ୱିରେ ଓ କ୍ୟାଣ୍ଡି ଜାକବ୍ସ।

## ଅଲିମ୍ପିକ୍ସରେ କୋଭିଡ୍: ଆଉ ୩ ପଜିଟିଭ

**ଟୋକିଓ, ୨୧।୭ (ପି.ଟି.):** ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ଦୁଇ ଦିନରୁ କମ୍ ସମୟ ରହିଥିବାବେଳେ ବୁଧବାର ତିନୋଟି ପୃଥକ୍ ପୃଥକ୍ ଦେଶର ୩ ଆଥ୍ଲେଟ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଗେମ୍ସରେ ସ୍ୱାସ୍ଥ୍ୟ ସୁରକ୍ଷାକୁ ନେଇ ସଙ୍କଟ ବଢ଼ିବାରେ ଲାଗିଛି। ଚିଲିର ଟାଏକୋଣ୍ଡୋ ଖେଳାଳି ଫର୍ନାଣ୍ଡା ଆଗ୍ୱିରେ, ଡଚ୍ ସ୍କେଟ୍ ବର୍ଡର କ୍ୟାଣ୍ଡି ଜାକବ୍ସ ଓ ଚେକ୍‌ରିପବ୍ଲିକ ଟେବୁଲ ଟେନିସ ଖେଳାଳି ପାଭେଲ ସିରୁସେକ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଏହି ୩ଜଣ ସେମାନଙ୍କ ଇଭେଣ୍ଟଗୁଡ଼ିକରୁ ଓହରିଯିବାକୁ ବାଧ ହୋଇଛନ୍ତି। ସେମାନେ ବର୍ତ୍ତମାନ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଆମେରିକାର ଜଣେ ବିଚ୍ ଭଲିବଲ୍ ଖେଳାଳି ଟେଲର କ୍ରାବ୍ କୋଭିଡ୍ ଟେଷ୍ଟରେ ପଜିଟିଭ ଚିହ୍ନଟ ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ସେ ମଧ୍ୟ ପ୍ରତିଯୋଗିତାରେ ଭାଗ ନେବେ ନାହିଁ। ତେବେ ଏ ବାବଦରେ ବିଧିବଦ୍ଧ ସ୍ପଷ୍ଟ କରାଯାଇ ନାହିଁ। ଆଗ୍ୱିରେ ସ୍ଥାନୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କର କୋଭିଡ୍ ଟେଷ୍ଟ ହୋଇଥିଲା ଏବଂ ଫଳାଫଳ ପଜିଟିଭ ଆସିଥିଲା। ଅନ୍ୟପକ୍ଷରେ ଜାକବ୍ସ ଓ ସିରୁସେକ୍‌ଙ୍କର ଫଳାଫଳ ଗେମ୍ସ ଭିଲେଜରେ ପ୍ରକାଶ ପାଇଥିଲା। ଫଳରେ ଦୃଢ଼ ସୁରକ୍ଷା ବଳୟରେ ରହିଥିବା ଅଲିମ୍ପିକ୍ସ ଭିଲେଜରେ ଏପର୍ଯ୍ୟନ୍ତ ଚିହ୍ନଟ ହୋଇଥିବା ମୋଟ ସଂକ୍ରମିତଙ୍କ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ଚିଲିର ନ୍ୟାଶନାଲ ଅଲିମ୍ପିକ କମିଟର ସୂଚନା ଅନୁସାରେ ଜାପାନରେ ପହଞ୍ଚିବା ପରେ ଫର୍ନାଣ୍ଡା ଆଗ୍ୱିରେଙ୍କ କୋଭିଡ୍ ପାଇଁ ହୋଇଥିବା ଟେଷ୍ଟରେ ପଜିଟିଭ ଆସିଥିଲା। ଜାକବ୍ସ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଏକ ମେସେଜ୍ ପୋଷ୍ଟ କରି କହିଛନ୍ତି, ତାଙ୍କ ଅଲିମ୍ପିକ୍ସ ଅଭିଯାନ ଶେଷ ହୋଇଛି। ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିବା ସତ୍ତ୍ୱେ ସେ କରୋନା ସଂକ୍ରମିତ ହୋଇଥିବାରୁ ଅତ୍ୟନ୍ତ ଦୁଃଖିତ। ଚେକ୍ ଅଲିମ୍ପିକ କମିଟି ସିରୁସେକ୍‌ଙ୍କ କୋଭିଡ୍ ଟେଷ୍ଟ ଫଳାଫଳକୁ ସ୍ପଷ୍ଟ କରିଛି। ମଙ୍ଗଳବାର ସୁଦ୍ଧା ତାଙ୍କ ଦଳରେ ୨ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ପରିସ୍ଥିତି ସେମାନଙ୍କ ନିୟନ୍ତ୍ରଣ ବାହାରେ ବୋଲି ଦଳର କ୍ରୀଡ଼ା ନିର୍ଦ୍ଦେଶକ ମାର୍ଟିନ ଡକ୍‌ଟର କହିଛନ୍ତି। ନୂଆ ମାମଲା ଦେଖା ଦେଇଥିବାରୁ ପୂର୍ବ ସଂକ୍ରମିତ ଲୋକମାନଙ୍କ ସଂସ୍ପର୍ଶରେ ଆସିଥିବା ଚେକ୍ ରିପବ୍ଲିକର ଅନ୍ୟ ବହୁ ଆଥ୍ଲେଟଙ୍କର ବୁଧବାର ସକାଳେ ଆରଟିପିସିଆର ଟେଷ୍ଟ ହୋଇଥିଲା। ଆଗ୍ୱିରେ କୋଭିଡ୍ ନେଗେଟିଭ ରିପୋର୍ଟ ସହ ଉଜ୍‌ବେକିସ୍ତାନରୁ ଟୋକିଓରେ ଆସି ପହଞ୍ଚିଥିଲେ। କିନ୍ତୁ ସ୍ଥାନୀୟ ବିମାନ ବନ୍ଦରରେ ହୋଇଥିବା ଆଣ୍ଟିଜେନ୍ ଓ ଆରଟିପିସିଆର ଟେଷ୍ଟରେ ତାଙ୍କ ପଜିଟିଭ ଆସିଥିଲା। ବର୍ତ୍ତମାନ ସେ କ୍ୱାରାଣ୍ଟାଇନରେ ଅଛନ୍ତି। ଆଥ୍ଲେଟ ଜଣଙ୍କ ନିକଟରେ କୌଣସି ଲକ୍ଷଣ ନାହିଁ। ସେ ସୁସ୍ଥ ମଧ୍ୟ ଅନୁଭବ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ସେ ଇଭେଣ୍ଟରେ ଭାଗ ନେଇପାରିବେ ନାହିଁ। କାରଣ ଜାପାନ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଅତିକମ୍‌ରେ ୧୦ ଦିନ କ୍ୱାରାଣ୍ଟାଇନରେ ରହିବା ଲାଗି ନିୟମ କରିଛନ୍ତି ବୋଲି ଚେକ୍ ନ୍ୟାଶନାଲ ଅଲିମ୍ପିକ କମିଟି କହିଛି। ଟାଏକୋଣ୍ଡୋ ଇଭେଣ୍ଟ ଶନିବାରଠାରୁ ଆରମ୍ଭ ହେବ।

# ସୁଇଡେନର ଚମକପ୍ରଦ ବିଜୟ

**ଟୋକିଓ, ୨୧।୭ (ଏପି):** ଅଲିମ୍ପିକ୍ସ ମହିଳା ଫୁଟ୍‌ବଲରେ ସ୍ୱିଡେନ ୩-୦ଗୋଲରେ ଯୁକ୍ତରାଷ୍ଟ୍ର ଆମେରିକା ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛି। ବୁଧବାର ଖେଳାଯାଇଥିବା ଏହି ମ୍ୟାଚରେ ଷ୍ଟିନା ବ୍ଲାକ୍‌ଷ୍ଟେନିଅସ୍ ବ୍ୟକ୍ତିଗତ ୨ଟି ଗୋଲ ଦେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟ ଗୋଲଟିକୁ ରୋଜ୍ ଲଭେଲି ଖେଳର ଶେଷ ଭାଗରେ ଦେଇଥିଲେ। ଆମେରିକା ହେଉଛି ବର୍ତ୍ତମାନ ବିଶ୍ୱର ନମ୍ବର ୱାନ ର୍‍ୟାଙ୍କିଂପ୍ରାପ୍ତ ଦଳ। ଏହି ମ୍ୟାଚ ପୂର୍ବରୁ ଦଳ କ୍ରମାଗତ ୪୪ଟି ମ୍ୟାଚରେ ଅପରାଜେୟ ରହିଥିଲା। କିନ୍ତୁ ବିଶ୍ୱର ୫ ନମ୍ବର ର୍‍ୟାଙ୍କିଂପ୍ରାପ୍ତ ସ୍ୱିଡେନ ଗତ କିଛିବର୍ଷ ହେଲା ଏହି ଦଳକୁ ଟକ୍କର ଦେଇ ଆସୁଛି। ଗତ ଏପ୍ରିଲରେ ଆମେରିକା ଓ ସ୍ୱିଡେନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ୧-୧ରେ ଅମୀମାଂସିତ ଭାବେ ଶେଷ ହୋଇଥିଲା।

No. E-240 **OFFICE OF THE SUPERINTENDENT**
**S.C.B. MEDICAL COLLEGE & HOSPITAL, CUTTACK**

**ADVERTISEMENT INVITING APPLICATION FOR CONTRACTUAL APPOINTMENT OF PERFUSIONISTS AND ECG TECHNICIANS FOR EXTRA CORPOREAL MEMBRANE OXYGENATION (ECMO) IN THE DEPARTMENT OF CTVS, SCB MCH, CUTTACK.**

| Sl. No. | Name of the post | No. of posts | | Salary |
|---|---|---|---|---|
| 1 | Perfusionist | 11 | As per ORV Act | Rs.35,400/- (Level-9) of ORSP Rules-2017 An ECMO allowance of Rs.15000/- P.M. is allowed to the Perfusionists during their contractual period of 06 years. |
| 2 | ECG Technician | 06 | | Rs.25,500/- (Level-7) of ORSP Rules-2017 |

N.B.:- The detail advertisement along with the general conditions and application form will be available **www.scbmch.in**

**Sd./- Medical Superintendent,**
OIPR-10011/11/0016/2122 **SCB Medical College & Hospital, Cuttack**

**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No. 4934/P.S.C., (1E-11-2020-21) (DR-II), dt.20.07.21**
**Website- http://www.opsc.gov.in**

**No. D-63:-** The Commission have decided to conduct the main written examination for the post of Assistant Executive Engineer (Civil) in Odisha Panchayati Raj Engineering Service, under Department of Panchayati Raj & Drinking Water, pusuant to the Advertisement No. 04 of 2020-21 through Computer Based Recruitment Examination (CBRE) on **24.08.2021 (Tuesday)**. The candidates can familiarize themselves for appearing on the above examination, through the Mock Test Link to be provided ten days before the examination in the website of the Commission. The detailed programme of the written examination showing time & venue will be notified shortly.

The concerned candidates are advised to visit the website of the Commission (**http://www.opsc.gov.in**) regularly for further details.

OIPR-12002/11/0040/2122 **Sd./- Secretary**

# କ୍ରମାଗତ ୫ ଅଲିମ୍ପିକ୍ସରେ ଗୋଲ ସ୍କୋର କଲେ ମାର୍ଟା

**ରିଫୁ, ୨୧।୭ (ଏପି)**

**ମହିଳା ଫୁଟ୍‌ବଲ**

ଅଲିମ୍ପିକ୍ସ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ବୁଧବାର ବ୍ରାଜିଲ ୫-୦ ଗୋଲରେ ଚାଇନାକୁ ପରାସ୍ତ କରିଛି। ବିଶ୍ୱ ର୍‍ୟାଙ୍କିଂରେ ୭ ନମ୍ବର ସ୍ଥାନରେ ରହିଥିବା ବ୍ରାଜିଲ ଦଳ ତରଫରୁ ମାର୍ଟା ଭିଏରା ଡା' ସିଲ୍‌ଭା ଏହି ମ୍ୟାଚ୍‌ରେ ୨ ଗୋଲ ସ୍କୋର କରିଥିବାବେଳେ ଦେବିନା, ଆନ୍ଦ୍ରେସା ଆଲ୍‌ଭେସ୍ ଓ ବିଟ୍ରିଜ୍ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୬ ଥର ଫିଫା ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଥିବା ମାର୍ଟା କ୍ରମାଗତ ୫ଟି ଅଲିମ୍ପିକ୍ସରେ ଗୋଲ ସ୍କୋର କରିବାରେ ପ୍ରଥମ ଖେଳାଳି ବିବେଚିତ ହୋଇଛନ୍ତି। ତାଙ୍କ ଅନ୍ତର୍ଜାତୀୟ ଗୋଲ ସଂଖ୍ୟା ୧୧୧ରେ ପହଞ୍ଚିଛି। ବ୍ରାଜିଲର କୌଣସି ପୁରୁଷ ଅବା ମହିଳା ଖେଳାଳି ଭାବେ ଏହା ସର୍ବାଧିକ। ଚାଇନା ହେଉଛି ବିଶ୍ୱର ୧୫ ନମ୍ବର ର୍‍ୟାଙ୍କିଂପ୍ରାପ୍ତ ଦଳ। ଏସିଆନ କ୍ୱାଲିଫାଇଂ ଟୁର୍ନାମେଣ୍ଟର ରନର୍ସଅପ୍ ଦଳ ଭାବେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛି। ଚାଇନା ଦଳ ୫ମ ଥର ପାଇଁ ଅଲିମ୍ପିକ୍ସରେ ଭାଗ ନେଇଛି। ଦଳ ୧୯୯୬ରେ ଶ୍ରେଷ୍ଠ ପ୍ରଦର୍ଶନ ସହ ରନର୍ସଅପ୍ ହୋଇଥିଲା।



ଗୋଲ୍ ଦେବାପରେ ମାର୍ଟା ଭିଏରା ଡା' ସିଲ୍‌ଭାଙ୍କ ପ୍ରତିକ୍ରିୟା।

# ଚିଲିକୁ ୨-୦ରେ ହରାଇଲା ବ୍ରିଟେନ

ସାପୋରୋ, ୨୧।୭ (ଏପି)- ଏଲେନ ହ୍ୱାଇଟ (୧୮ତମ ଓ ୭୫ତମ ମିନିଟ)ଙ୍କ ଡବଲ ଗୋଲ ସହାୟତାରେ ଚିଲିକୁ ୨-୦ ଗୋଲରେ ବ୍ରିଟେନ ଟୋକିଓ ଅଲିମ୍ପିକ୍ସ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ବିଶ୍ୱର ୩୭ତମ ର୍‍ୟାଙ୍କିଂପ୍ରାପ୍ତ ଚିଲି ମହିଳା ଫୁଟ୍‌ବଲ ଦଳ ପ୍ରଥମ ଥର ଅଲିମ୍ପିକ୍ସରେ ଭାଗ ନେଇଛି। ଇଣ୍ଟରକଣ୍ଟିନେଣ୍ଟାଲ ପ୍ଲେ-ଅଫ୍‌ରେ କାମେରୁନ୍‌କୁ ୨-୧ ଗୋଲରେ ପରାସ୍ତ କରି ଏହି ଦଳ ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି।

# ଇଂଲଣ୍ଡ ସିରିଜ ବିଜୟୀ

**ମାଞ୍ଚେଷ୍ଟର, ୨୧।୭**

ଏଠାରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚରେ ଇଂଲଣ୍ଡ ୩ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୨୦ ଓଭରରେ ୬ ଉଇକେଟ ହରାଇ ୧୫୪ ରନ କରିଥିବାବେଳେ ଇଂଲଣ୍ଡ ୧୯.୪ ଓଭରରେ ୭ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରି ନେଇଥିଲା। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଇଂଲଣ୍ଡ ୨-୧ରେ ବିଜୟୀ ହୋଇଛି। ଇଂଲଣ୍ଡ ଅଧିନାୟକ ଜାସନ ରୟ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାକିସ୍ତାନ ପକ୍ଷରୁ ମହମ୍ମଦ ରିଜ୍‌ୱାନଙ୍କ ଦ୍ରୁତ ୭୬(୫୭ ବଲ, ୫ ଚୌକା, ୩ ଛକା) ରନ ସ୍କୋର କରିଥିଲେ ହେଁ ଅନ୍ୟ ବ୍ୟାଟ୍ସମ୍ୟାନମାନେ ନିରାଶ କରିଥିଲେ। ଫକର ଜମନ ଦ୍ୱିତୀୟ ସର୍ବାଧିକ ୨୪ ରନ କରିବାକୁ ସକ୍ଷମ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଆଡିଲ ରଶିଦ ୪ଟି ଏବଂ ମୋଇନ ଅଲୀ ଗୋଟିଏ ଉଇକେଟ ନେଇଥିଲେ। ୧୫୫ ରନ ବିଜୟ ଲକ୍ଷ୍ୟ ନେଇ ଇଂଲଣ୍ଡ ପଡ଼ିଆକୁ ଓହ୍ଲାଇଥିଲା। ଦଳ ଆରମ୍ଭରେ ଭଲ ପ୍ରଦର୍ଶନ କରିଥିଲେ ହେଁ ଅନ୍ୟ ବ୍ୟାଟ୍ସମ୍ୟାନ ଆଶାନୁରୂପ ପ୍ରଦର୍ଶନ କରି ନ ପାରିବାରୁ ବିଜୟ ପାଇଁ ସଂଘର୍ଷ କରିବାକୁ ପଡ଼ିଥିଲା। ଇନିଂସ ଓପନ କରିଥିବା ଜାସନ ୩୬ ବଲ୍‌ରୁ ୧୨ ଚୌକା ଓ ୧ ଛକା ସହାୟତାରେ ୬୪ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାୱିଦ ମଲନ ୩୧, ବଟଲର ୨୧, ଅଧିନାୟକ ଇଅନ ମୋର୍ଗାନ ୨୧ ରନ ସ୍କୋର କରିଥିଲେ। ଫଳରେ ଇଂଲଣ୍ଡ ମାତ୍ର ୨ଟି ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୫୪/୬(ମହମ୍ମଦ ରିଜ୍‌ୱାନ-୭୬, ଆଡିଲ ରଶିଦ-୪/୩୫)। ଇଂଲଣ୍ଡ ୧୯.୪ ଓଭରରେ ୧୫୫/୭(ଜାସନ ରୟ-୬୪, ମହମ୍ମଦ ହାଫିଜ-୩/୨୮)।

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ା**
**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍/ମହିଳା ଓ ଶିଶୁ ବିକାଶ ବିଭାଗ)**
ବିଜ୍ଞପ୍ତି ସଂଖ୍ୟା: ୨୧୧/ଡିସିପିଉ/୨୦୨୧ ତା୧୫।୦୭।୨୦୨୧ରିଖ

**ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନାରେ ଉପକୃତ ହେବା ପାଇଁ ପିତୃମାତୃହୀନ ଯୋଗ୍ୟ ଶିଶୁ ହିତାଧିକାରୀମାନଙ୍କଠାରୁ ଆବେଦନ ପତ୍ର ଆହ୍ୱାନ**

No. g-04: ଏତଦ୍ୱାରା ରାୟଗଡ଼ା ଜିଲ୍ଲାର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଓଡ଼ିଶା ସରକାରଙ୍କ ପକ୍ଷରୁ "ଆଶୀର୍ବାଦ" ନାମରେ ଏକ ନୂତନ ଯୋଜନା ଚଳିତ ମାସରୁ ଆରମ୍ଭ କରାଯାଇଛି। ଏହି ଯୋଜନାରେ ଗତ ୨୦୨୦ ମସିହା ଅପ୍ରେଲ ମାସ ପହିଲା ଦିନ ଅର୍ଥାତ୍ ୧ ତାରିଖ ଦିନ ବା ତା' ପରଠାରୁ ଯଦି ୧୮ବର୍ଷ ବୟସରୁ କମ୍ ବୟସର କୌଣସି ଶିଶୁ (୧) ପିତୃମାତୃହୀନ ହୋଇଛନ୍ତି, (୨) ଗତ ଅପ୍ରେଲ ପହିଲା ୨୦୨୦ ମସିହା ପୂର୍ବରୁ ବାପା କିମ୍ବା ମା'ଙ୍କ ମଧ୍ୟରୁ ଜଣେ ଓ ଗତ ଅପ୍ରେଲ ପହିଲା ୨୦୨୦ ମସିହା ପରେ ଜୀବିତ ଥିବା ଜଣକ ମୃତ୍ୟୁବରଣ କରିଥାନ୍ତି କିମ୍ବା ଅପ୍ରେଲ ପହିଲା ୨୦୨୦ ମସିହା ପରେ ପିତା ଓ ମାତା ଉଭୟ ଦୁଇଜଣଯାକଙ୍କର ଯେକୌଣସି କାରଣରୁ ମୃତ୍ୟୁ ହୋଇଥାଏ କିମ୍ବା (୩) ଗତ ଅପ୍ରେଲ ପହିଲା ୨୦୨୦ ମସିହା ପରେ ପରିବାରର ମୁଖ୍ୟ ରୋଜଗାରକ୍ଷମ ପିତା କିମ୍ବା ମାତାଙ୍କର ଯଦି ମୃତ୍ୟୁ ହୋଇଥାଏ, ତେବେ ସେହି ବର୍ଗର ଶିଶୁମାନଙ୍କୁ "ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଶିଶୁ" ବୋଲି ବିବେଚନା କରାଯାଇ ସେମାନଙ୍କର ଶିକ୍ଷାଦୀକ୍ଷା, ଭରଣପୋଷଣ ତଥା ସେବାଯତ୍ନ ପାଇଁ ଉଭୟ ପିତାମାତାଙ୍କୁ ହରାଇଥିବା ଶିଶୁମାନଙ୍କୁ ମାସିକ ଟ୨୫୦୦ଙ୍କା ଓ ପରିବାରର ମୁଖ୍ୟ ଉପାର୍ଜନକାରୀ ପିତା/ମାତାଙ୍କୁ ହରେଇଥିବା ଶିଶୁମାନଙ୍କୁ ମାସିକ ଟ୧୫୦୦ଙ୍କା ଶିଶୁମାନଙ୍କର ୧୮ବର୍ଷ ବୟସ ହେବା ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଦ୍ୱାରା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯିବ। ଉକ୍ତ ଯୋଜନାରେ ଉପକୃତ ହେବା ପାଇଁ ପିତୃମାତୃହୀନ ଯୋଗ୍ୟ ଶିଶୁ ହିତାଧିକାରୀମାନଙ୍କ ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଉଛି।

**କେମିତି ଆବେଦନ କରିବେ?**

ଆଶୀର୍ବାଦ ଯୋଜନାରେ ଉପକୃତ ହେବା ପାଇଁ ଯୋଗ୍ୟ ଶିଶୁ ହିତାଧିକାରୀ ନିଜେ କିମ୍ବା ଜୀବିତ ଥିବା ମା' କିମ୍ବା ଏଭଳି ଶିଶୁମାନଙ୍କର ଲାଳନପାଳନ କରୁଥିବା ଅଭିଭାବକ ତୁରନ୍ତ ନିଜ ନିଜ ବ୍ଲକର ସି.ଡି.ପି.ଓ. କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ରାୟଗଡ଼ାଙ୍କ ନିକଟରେ ଶିଶୁ ବା ଶିଶୁମାନଙ୍କର (୧) ବୟସ ପ୍ରମାଣ ପତ୍ର (ଜନ୍ମ ସାର୍ଟିଫିକେଟ କିମ୍ବା ଆଧାରକାର୍ଡ଼ କିମ୍ବା ସ୍କୁଲ ସାର୍ଟିଫିକେଟ), (୨) ପିତା ମାତାଙ୍କ ମୃତ୍ୟୁ ସାର୍ଟିଫିକେଟ, (୩) ଶିଶୁ, ସେମାନଙ୍କର ମା' କିମ୍ବା ଅଭିଭାବକଙ୍କ ନାମରେ ଥିବା ବ୍ୟାଙ୍କ ଖାତାର ନକଲ ଓ (୪) ପ୍ରତ୍ୟେକ ଶିଶୁର ଦୁଇଗୋଟି ରିସେଣ୍ଟ କଲର ଫଟୋ ଆବେଦନ ପତ୍ର ସହ ସଂଲଗ୍ନ କରି ଦାଖଲ କରିପାରିବେ। ନିଜ ନିଜ ବ୍ଲକର ସି.ଡି.ପି.ଓ.ଙ୍କ କାର୍ଯ୍ୟାଳୟ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ରାୟଗଡ଼ାଙ୍କ କାର୍ଯ୍ୟାଳୟ କିମ୍ବା ରାୟଗଡ଼ା ଜିଲ୍ଲା ଅଫିସିଆଲ ୱେବସାଇଟ୍‌ରେ ଆବେଦନ ଫର୍ମ ଉପଲବ୍ଧ ଅଟେ। ଅଧିକ ସୂଚନା ପାଇଁ ଯୋଗାଯୋଗ ନମ୍ବର: ୦୬୮୫୬-୨୨୩୬୫୬/୭୦୦୮୩୫୦୮୨୦/୯୪୩୯୧୮୮୪୬୨।

**ସ୍ୱା./- ଜିଲ୍ଲାପାଳ, ରାୟଗଡ଼ା**
**OIPR-24169/11/0001/2122**

No.C-620 **Government of Odisha**
**"e" Procurement Notice**
**Bid Identification No. 21/2021-22**

| | | |
|---|---|---|
| 1. | Name of the work | : 1 No. of work |
| 2. | Estimated cost | : 225.00 lakhs. |
| 3. | Period of completion | : 4 (Four) Months |
| 4. | Date & Time of availability of bid document in the portal | : From11.00 AM of 22.07.2021 to 5.00 PM of 11.08.2021 |
| 5. | Last date/time for receipt of bids in the portal | : 5.00 PM of 11.08.2021 |
| 6. | Name and address of the Officer Inviting Bid | : Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (**http://tendersorissa.gov.in**)

**Superintending Engineer,**
OIPR-13021/11/0010/2122 **P.H. Division, Bhubaneswar**

**ZILLA SWASTHYA SAMITI, RAYAGADA**
**(UNDER NATIONAL HEALTH MISSION)**
**Adv. No. 5986/NHM/2021** **Date: 20.07.21**

**Request for proposal (RFP) for Operation of Help Desk**

No. E-239: ZSS, Rayagada invites the Request for Proposal (RFP) from eligible bidders for operation of Help Desk at DHH, Rayagada & SDH, Gunupur. The interested bidders fulfilling the eligibility criteria may submit their proposals with EMD & documents as set forth in this RFP to the Office of CDM&PHO, Rayagada, At: DHH, Rayagada, Dist.- Rayagada, PIN-765001 through Speed Post/Registered Post/Courier only. The proposal(s) complete in all respect should reach to the O/o. CDM&PHO, Rayagada on or before 11.08.2021 at 5.00 P.M. positively and the envelope containing the proposal should be superscripted clearly for operation of Help Desk under NHM. Interested bidders are requested to log on to the district official website **(www.rayagada.nic.in)** for downloading the details RFP with eligibility criteria etc. The district authority reserves the right to reject any or all proposal without assigning any reason thereof.

**Sd./- CDM&PHO-cum-District Mission Director, Rayagada**
**OIPR-10035/11/0004/2122**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**
**e-Procurement Notice for PMGSY Phase-III (Batch-II) works (2021-22)**
**PRADHAN MANTRI GRAM SADAK YOJANA (PMGSY)**
**Bid Identification No. PMGSY-Online-BLGR-06/2021-22**

No. O-462:- **The Chief Construction Engineer, R. W. Circle, Bolangir on behalf of Odisha State Rural Road Agency invites the percentage rate bids** in electronic tendering system for construction of roads under Pradhan Mantri Gram Sadak Yojana in the districts of **Bolangir for 1 (One) number of package** with approximate estimated cost totaling to **Rs. 3.15 Cr.** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement: dtd.**19.07.2021**

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security declaration in approved format, (c) original affidavit regarding correctness of information furnished with bid document as per provisions of Clause4.4B (a) (ii) of ITB with **Chief Construction Engineer, R. W. Circle, Bolangir**, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/Time for receipt of bids through e-procurement: 09.08.2021 up to 5.00 P.M**

For further details please log on to www.pmgsytenders.gov.in

**Sd./- Chief Construction Engineer, R.W. Circle, Bolangir**
OIPR-25118/11/0006/2122

**ZILLA SWASTHYA SAMITI, KORAPUT**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
**E-mail: nhmkpt@gmail.com** **Phone: 06852-250242**
**No. 3610/DPMU/NHM/21** **Date: 20.07.2021**

**CORRIGENDUM**

**No. E-238:-** As per our Advt. No.3560 dtd,16.07.2021 published in the "The Dharitri" and "The Prameya" on dt.17.07.2021, the candidate must have secured minimum 60% of marks for the posts of Physiotherapist & Occupational Therapist may be read as **55%** and rest are remain unchanged. The undersigned reserves the right to cancel any or all the applications without assigning any reason thereof.

**CDM&PHO-cum-District Mission Director,**
OIPR-10077/11/0015/2122 **Koraput**

**DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA**
**Nayapalli, Bhubaneswar-751 012**
**Ph.- 2392032, 2393336, 2395338, 2393912, 2396072 (Hostel), Fax: 2391954**
**E-mail: sihfwodisha@gmail.com/ sihfwodisha@nic.in**
No.2981/ Dated: 20.07.21
(SIHFW-Pur-Host-4/2021)

**QUOTATION CALL NOTICE**

No.E-237:- Sealed quotations are invited from the Authorized Stockist/ Dealers/ Distributors/ Agents of reputed brand / manufacturer for supply of bed mattress, bed linens, door curtain required for he Directorate of State Institute of Health and Family Welfare (Hostels). The detail information can be downloaded from the official website of the Directorate of State Institute of Health & Family Welfare, Odisha "www. sihfwodisha.nic.in" during the period from 23.07.2021 to 13.08.2021. The last date of submitting tender / quotation is Dt.13.08.2021. The authority reserves the right to reject any or all tenders without assigning any reasons thereof.

**Sd./- Director**
**State Institute of Health & Family Welfare, Odisha**
OIPR-10003/11/0053/2122

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା- ଖରିଫ୍ (୨୦୨୧) ଯାଜପୁର ଜିଲ୍ଲା**

No. L-33:- ଯାଜପୁର ଜିଲ୍ଲାର ସମସ୍ତ କୃଷକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚଳିତ ଖରିଫ ଋତୁରେ ଧାନ ଫସଲକୁ ବୀମା ପାଇଁ ନିର୍ଦ୍ଧାରିତ କରାଯାଇଛି। ଏହି ଯୋଜନାରେ ହେକ୍ଟର ପିଛା ବୀମା ଦେୟ ହେଉଛି ଟ୧୩୯୦/- ଏବଂ ବୀମା ରାଶି ଦାଖଲ କରିବାର ଶେଷ ତାରିଖ ତା୩୧।୦୭।୨୦୨୧ରିଖ ଅଟେ। ତେଣୁ ସମସ୍ତ କୃଷକମାନଙ୍କୁ ଅନୁରୋଧ ସେମାନେ ନିକଟତମ ଜାତୀୟକରଣ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ପ୍ରାଥମିକ କୃଷି ସେବା ସମିତି କିମ୍ବା ଜନସେବା କେନ୍ଦ୍ର ମାଧ୍ୟମରେ ନିର୍ଦ୍ଧାରିତ ବୀମାଦେୟ ଓ ଆନୁଷଙ୍ଗିକ କାଗଜପତ୍ର ଶେଷ ତାରିଖର ଯଥେଷ୍ଟ ପୂର୍ବରୁ ଦାଖଲ କରି ନିଜ ନିଜର ଫସଲକୁ ବୀମାଭୁକ୍ତ କରି ଲାଭବାନ ହେବାର ସୁଯୋଗ ନିଅନ୍ତୁ।

ଏହି ଯୋଜନା ପାଇଁ ଅଧିକ ସୂଚନା ପାଇବା ନିମନ୍ତେ ନିକଟସ୍ଥ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ କିମ୍ବା ବୀମା କମ୍ପାନୀ (ଏଚ୍.ଡି.ଏଫ୍.ସି. ଏରଗୋ)ର ଟୋଲ୍ ଫ୍ରି ନଂ.୧୮୦୦-୨୬୬୦-୭୦୦କୁ କଲ୍ କରନ୍ତୁ।

**ସୌଜନ୍ୟ- ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଯାଜପୁର**
OIPR-01007/11/0001/2122


ଦୀପିକା

# ସଞ୍ଜୟଙ୍କ ପ୍ରଶଂସାରେ ଦୀପିକା

ଦୀପିକା ପାଦୁକୋନ ଏବେ ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲିଙ୍କ ପ୍ରଶଂସାରେ ଶତମୁଖ। କେମିତି ବା ପ୍ରଶଂସା କରିବେନି କହୁନାହାନ୍ତି ? ସଞ୍ଜୟଙ୍କ ଆଗାମୀ ସିନେମା 'ବୈଜୁ ବାୱରା'ରେ ସେ ନାୟିକା ଭାବରେ ଅଭିନୟ କରିବାକୁ ଯାଉଛନ୍ତି। ଯେତେବେଳେ ତାଙ୍କୁ ଏହି ଅଫରଟି ମିଳିଲା ସେତେବେଳେ ସେ ଆଉ ପଛକୁ ନ ଚାହିଁ ହଁ ଭରିଥିଲେ। ଏ ସମ୍ପର୍କରେ ଦୀପିକା କହନ୍ତି, 'ସଞ୍ଜୟଙ୍କ ପରି ନାମୀ ନିର୍ଦ୍ଦେଶକଙ୍କ ଫିଲ୍ମରେ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହାର ସଫଳତାକୁ ନେଇ ମୁଁ ବେଶ୍ ଆଶାବାଦୀ। ଏପରି ରୋଲ୍‌କୁ କେମିତି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି।' ଫିଲ୍ମର ଲିଡ୍ ରୋଲ୍‌ରେ ରଣବୀର କପୁର ଅଭିନୟ କରିଥାଆନ୍ତେ। ହେଲେ ଶୁଣିବାକୁ ମିଳୁଛି ଯେ ତାଙ୍କ ସ୍ଥାନରେ କାର୍ତ୍ତିକ ଆର୍ଯ୍ୟନଙ୍କୁ ସାଇନ୍ କରାଯାଇଛି। ଏହାବ୍ୟତୀତ ଏହି ସିନେମାରେ ଅଜୟ ଦେବଗନ ଏବଂ ଆଲିୟା ଭଟ୍ଟଙ୍କୁ ମଧ୍ୟ ଦେଖିବାକୁ ମିଳିବ।

# ଏଥର ସଙ୍ଗୀତ ନିର୍ଦ୍ଦେଶକ


ସୁନୀଲ କୁମାର

ଅଭିନେତା ସୁନୀଲ କୁମାରଙ୍କୁ ଏବେ ନୂଆ ଅବତାରରେ ଦେଖିବାକୁ ମିଳିଛି। ଅଭିନୟ ସହ ସେ ଆଉ ଏକ କ୍ଷେତ୍ରରେ ପାଦ ଦେଇଛନ୍ତି। ତାହା ହେଲା ସଙ୍ଗୀତ। ଅର୍ଥାତ୍ 'ହରି ଭାଇ ହାରେନା', 'ସ୍ୱୟଂସିଦ୍ଧା' ପରି ସଫଳ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ବଳରେ ପ୍ରଶଂସା ସାଉଁଟିଥିବା ସୁନୀଲ ଏବେ ସଙ୍ଗୀତ ନିର୍ଦ୍ଦେଶକ ସାଜିଛନ୍ତି। ଗୋଟିଏ ନୁହେଁ, ନିକଟରେ ସୁନୀଲଙ୍କ ସ୍ୱର ସଂଯୋଜନାରେ ୪ଟି ମ୍ୟୁଜିକ୍ ଭିଡିଓ ମୁକ୍ତିଲାଭ କରିଛି। କ୍ରିଷ୍ଣା ବେଉରା, ରୁତୁରାଜ ମହାନ୍ତି, ରାଜ୍ ବର୍ମନ ଓ ଅବିର୍ ଘୋଷଙ୍କ ଭଳି ଜଣାଶୁଣା ଗାୟକ ଏହି ଆଲବମଗୁଡିକ ପାଇଁ କଣ୍ଠଦାନ କରଛନ୍ତି। ଏହାର ସଙ୍ଗୀତ ନିର୍ଦ୍ଦେଶନା ସମୟରେ ତାଙ୍କୁ ସହାୟତା କରିଛନ୍ତି ସଙ୍ଗୀତ ପରିଚାଳକ ରଜତ ଘୋଷ। ସ୍ୱଟିଫାଏ ଓ ୱିଙ୍କ୍ ମ୍ୟୁଜିକ୍‌ରେ ଏହା ରିଲିଜ୍ ହୋଇଛି। ଗୀତଗୁଡିକ ମ୍ୟୁଜିକ୍ ଚାର୍ଟରେ ଶୀର୍ଷରେ ରହିବା ସହିତ ମ୍ୟୁଜିକ୍ ଭିଡିଓକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ତେବେ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ଭବିଷ୍ୟତରେ ଶ୍ରୋତାଙ୍କୁ ଆହୁରି ମନ ପସନ୍ଦର ଗୀତ ଭେଟି ଦେବାକୁ ଯୋଜନା ପ୍ରସ୍ତୁତ କରିସାରିଲେଣି ସୁନୀଲ ।

# ଡବଲ ଅବତାର

ଅଭିନୟ କରିବା ଏବଂ ସିନେମାଟିଏ ପ୍ରଯୋଜନା କରିବା ଭିତରେ ଅନେକ ଫରକ। କାରଣ ଫିଲ୍ମଟିର ପ୍ରତିଟି କଥାକୁ ଧ୍ୟାନ ଦେଇଥାଆନ୍ତି ପ୍ରଯୋଜକ। ଆଉ ଏବେ ତାହା କେତେ କଷ୍ଟକର ସେ କଥା ନିଜେ ଅଙ୍ଗେ ନିଭାଉଛନ୍ତି ରିଚା ଚଡ୍ଢା। ପ୍ରଥମ ଥର ପାଇଁ ପ୍ରଯୋଜିକା ସାଜିଥିବା ରିଚା ନିର୍ମାଣ କରିଛନ୍ତି 'ଗର୍ଲସ ଉଇଲ ବି ଗର୍ଲସ'। ଜଣେ ଯୁବତୀ ତା' ଜୀବନରେ କିପରି ଝଡ଼ଝଞ୍ଜାର ସମ୍ମୁଖୀନ ହୋଇ ନିଜ ଲକ୍ଷ୍ୟପଥରେ ଅଗ୍ରସର ହେଉଛି ତାହାକୁ ଆଧାର କରି କାହାଣୀ ରଚିତ ହୋଇଛି। ଏଥିରେ ରିଚା ଟାଇଟଲ ଭୂମିକାରେ ଅଭିନୟ କରିଥିବା ବେଳେ ତାଙ୍କର ନାୟକ ସାଜିଛନ୍ତି ଅଲ୍ଲୀ ଫଜଲ। ସୁଚି ତଲାଟି ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହି ଫିଲ୍ମଟି ଆସନ୍ତା ମାସରେ ଜେରୁଜେଲମ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବାର ଯୋଜନା ରହିଛି। ତେବେ ପ୍ରଥମ ଥର ପାଇଁ ପ୍ରଯୋଜିକା-କମ୍-ଅଭିନେତ୍ରୀ ସାଜିଥିବା ରିଚା ଏଥିରେ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।


ରିଚା ଚଡ୍ଢା

# ମିତାଲି ଅପାର ମନ କଥା

ମିତାଲି ଅପାକୁ ନେଇ ଏବେ ଚର୍ଚ୍ଚା। କାରଣ ଏପରି ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି ଶ୍ରୀତମ ଦାସ। ଏପରି କି ଏହି ଶୀର୍ଷକ ଫିଲ୍ମଟି ତାଙ୍କ ଆକ୍ଟିଂ କ୍ୟାରିୟରରେ ମାଇଲଷ୍ଟୋନ୍ ସାବ୍ୟସ୍ତ ହେବ ବୋଲି ଆଲୋଚନା ହେଉଛି। ଏକ୍ସସେଲ ମୁଭିଜ ବ୍ୟାନରରେ ପ୍ରସ୍ତୁତ ଏହି ଅଷ୍ଟମ ଚଳଚ୍ଚିତ୍ରର କାହାଣୀ ରଚନା କରିଛନ୍ତି ବିଜୟଲକ୍ଷ୍ମୀ ପଣ୍ଡା ଏବଂ ତାହାକୁ ଆଧାର କରି ଚିତ୍ରନାଟ୍ୟ ସହ ସଂଳାପ ଲେଖିଛନ୍ତି ଡ. ରଜନୀ ରଞ୍ଜନ। ଏହି ଫିଲ୍ମରୁ ପ୍ରଥମ ଥର ପାଇଁ ନିର୍ଦ୍ଦେଶକ ସିଟ୍‌ରେ ବସିଛନ୍ତି ନବାଗତ ପ୍ରଶାନ୍ତ ଲେଙ୍କା (ବାପି)। ମିତାଲି ଅପା ନାମ୍ନୀ ଜଣେ କିନ୍ନର ଲୋକମାନଙ୍କୁ ସାହାଯ୍ୟର ହାତ ବଢ଼ାଉଛି ଏବଂ ସେ ସାମ୍ନା କରୁଥିବା ବାଧାବିଘ୍ନକୁ କିପରି ସାହସର ସହ ମୁକାବିଲା କରୁଛି ତାହା ଉକ୍ତ ଚିତ୍ରରେ ଦେଖିବାକୁ ମିଳିବ। 'ମିତାଲି ଅପା' ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ରବୀନ୍ଦ୍ର ନାଥ ପଣ୍ଡା ଏବଂ ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଗ୍ନିରାଜ କିଶୋର। ଶ୍ରୀତମଙ୍କ ବ୍ୟତୀତ ଏହି ସିନେମାରେ ଅସୀତ, ମହିମା, ସୋନମ୍, ମନୀଷା ରଥ, କେକେ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ନଜର ଆସିବେ। ତେବେ ଏହାର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି ଏବଂ ପ୍ରେକ୍ଷାଳୟ ଖୋଲିବା ପରେ ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।


'ମିତାଲି ଅପା' ଚଳଚ୍ଚିତ୍ରରେ ଶ୍ରୀତମ ଦାସ

# ସଜ ହେଲେଣି ଶ୍ରଦ୍ଧା

ଶ୍ରଦ୍ଧା କପୁର ଏବେ ସଜବାଜ ହେଲେଣି। କାରଣ ଆଉ ମାସେ ପରେ ତାଙ୍କର ନୂଆ ସିନେମାର ଶୁଟିଂ ଆରମ୍ଭ ହେବ। ତେଣୁ ଏ ନେଇ ତାଙ୍କୁ ପ୍ରସ୍ତୁତ ହେବାକୁ ପଡ଼ିବ। କଥା କ'ଣ କି ଲବ୍ ରଞ୍ଜନଙ୍କ ଆଗାମୀ ଫିଲ୍ମରେ ସେ ନାୟିକା ସାଜୁଛନ୍ତି। ହେଲେ ଏହାର ଟାଇଟଲ ଏ ପର୍ଯ୍ୟନ୍ତ ଫାଇନାଲ ହୋଇନାହିଁ। ପୁଣି ଚିତ୍ରଟିର ଶୁଟିଂ ଚଳିତବର୍ଷ ସେପ୍ଟେମ୍ବରରୁ ୟୁରୋପରେ ଆରମ୍ଭ ହେବାକୁ ଯାଉଛି। ଏ ନେଇ ଶ୍ରଦ୍ଧା କହନ୍ତି, 'ଯେହେତୁ ଏହାର ଶୁଟିଂ ସେପ୍ଟେମ୍ବରରେ ଆରମ୍ଭ ହେବ, ତେଣୁ ମୋତେ ଏବେଠାରୁ ପ୍ରସ୍ତୁତ ହେବାକୁ ପଡ଼ିବ। ଏଥିରେ ମୋ ଭୂମିକା ବିଷୟରେ ମୋତେ ସମ୍ପୂର୍ଣ୍ଣ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଜଣେ ମଡର୍ନ ଯୁବତୀ ଭୂମିକା ବୋଲି ଜାଣିଛି।' ଏହି ଫିଲ୍ମରେ ଶ୍ରଦ୍ଧାଙ୍କ ବାପା ଭୂମିକାରେ ଅଭିନୟ କରିବେ ପ୍ରଯୋଜକ ବୋନି କପୁର। ବୋନିଙ୍କ ପତ୍ନୀ ଚରିତ୍ରରେ ନଜର ଆସିବେ ଡିମ୍ପଲ କାପାଡିଆ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଆଗଧାଡ଼ିର ମ୍ୟୁଜିକ କମ୍ପୋଜର ପ୍ରୀତମ।


ଶ୍ରଦ୍ଧା

ନୂଆ ସିନେମା

# ମାମା ୱେଡ୍‌ସ ପାପା

ଶ୍ରୀହାନ ସିନେ କ୍ରିଏସନ୍ସ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ମାମା ୱେଡ୍‌ସ ପାପା'। ନବାଗତ ପ୍ରଯୋଜକ ବି.ଚନ୍ଦ୍ରପ୍ରିୟା ସୁବୁଦ୍ଧି ଏବଂ ଅନୁପ ସିଂଙ୍କ ପ୍ରଯୋଜନାରେ ଏହାର ପ୍ରାରମ୍ଭିକ କାମ ଶେଷ ହୋଇଛି ଏବଂ ଖୁବ୍ ଶୀଘ୍ର ଶୁଟିଂ ଆରମ୍ଭ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ସୂତ୍ରରୁ ପ୍ରକାଶ। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଅସଦ ନିଜାମ। ଜଣେ ଗାୟିକା ଏବଂ ଜଣେ ଅଭିନେତା ନିଜର ସଂଘର୍ଷମୟ ଜୀବନକୁ ନେଇ ଏହାର କାହାଣୀ ଗତିଶୀଳ। ଉକ୍ତ ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ରିଷି, ଦୀପିକା, ପ୍ରିୟଙ୍କା ମହାପାତ୍ର, ଜୀବନ ପଣ୍ଡା ଏବଂ ଶିଶୁ କଳାକାର ମୁନ୍ନି। 'ଖାସ୍ କଥା ହେଲା ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଗୋବିନ୍ଦାଙ୍କ ଭଣଜା କ୍ରିଷ୍ଣା


ଦୀପିକା-ରିଷି-ମୁନ୍ନି

ଭାର ସମ୍ଭାଳିଛନ୍ତି 'ସାତ ସୂରେ ବନ୍ଧା ଏ ଜୀବନ' 'ଡ୍ୟାଡି' ଏବଂ 'ଓୟେ ଗୀଟାର'ର ନିର୍ଦ୍ଦେଶକ ଆପୁ କାନୁନ୍‌ଗୋ। ଚିନ୍ମୟ ଦାସପଟ୍ଟନାୟକ ଏହାର ସଂଳାପ ରଚନା କରିଥିବା ବେଳେ ଅରୁଣ ମନ୍ତ୍ରୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଅଭିଷେକ ଏହି ଫିଲ୍ମରେ ଅତିଥି କଳାକାର ଭାବରେ ଅଭିନୟ କରିବେ। ଏହାର ଶୁଟିଂ ଆସନ୍ତା ମାସ ପ୍ରଥମ ସପ୍ତାହରେ ଆରମ୍ଭ ହେବ ଏବଂ ଦଶହରାରେ ରିଲିଜ ପାଇଁ ପ୍ଲାନିଂ ରହିଛି ବୋଲି କହନ୍ତି ନିର୍ଦ୍ଦେଶକ।'

# କେବଳ ଅପେକ୍ଷା

ତାପସୀ ପାନ୍ନୁ ଏବେ ଟେନ୍‌ସନରେ। କାରଣ ସେ ଅଭିନୟ କରିଥିବା ନୂଆ ସିନେମା 'ଲୁପ୍ ଲପେଟା' ପ୍ରେକ୍ଷାଳୟରେ କିମ୍ବା ଓଟିଟି ଫର୍ମାଟରେ ରିଲିଜ ହେବ ତାହା ଫାଇନାଲ ହୋଇପାରୁନାହିଁ। ଏହାର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହେବା ପରେ ଫିଲ୍ମଟିକୁ ଓଟିଟି ଫର୍ମାଟରେ ରିଲିଜ କରାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଏପରି କି ଡେଟ୍ ଫାଇନାଲ ସରିଥିଲା। କିନ୍ତୁ ରାତାରାତି ଚକ ଏମିତି ବୁଲିଗଲା ଯେ ସେହି ଡେଟ୍ କ୍ୟାନସେଲ୍ ହେଲା। ଏବେ ଯେହେତୁ କରୋନା ପ୍ରକୋପ କେତେକାଂଶରେ କମିଛି ତେଣୁ ପ୍ରେକ୍ଷାଳୟ ଖୋଲିବାର ସୁଯୋଗ ରହିଛି। ତେଣୁ ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଯୋଜନା ଚାଲିଛି। ହେଲେ ଯଦି ପୁଣି ପାଣିପାଗ ବଦଳିଲା ତେବେ ଓଟିଟି ଫର୍ମାଟରେ ରିଲିଜ ହେବାର ଯଥେଷ୍ଟ ଚାନ୍ସ ରହିଛି ବୋଲି କହନ୍ତି ଏହାର ପ୍ରଯୋଜକ ଅତୁଲ କସବେକର। ସୂଚନାଯୋଗ୍ୟ ୧୯୯୮ରେ ରିଲିଜ ହୋଇଥିବା ଜର୍ମାନୀ ଫିଲ୍ମ 'ରନ୍ ଲୋଲା ରନ୍'ର ଏହା ହେଉଛି ହିନ୍ଦୀ ରିମେକ୍।


ତାପସୀ ପାନ୍ନୁ

## ଅତୀତରୁ

- ସଚିନ ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ନବଜନ୍ମ'। ଶରତ ପୂଜାରୀ, ଝରଣା ଦାସ, ଅକ୍ଷୟ ମହାନ୍ତି (କାଶ୍ୟପ) ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।
- ଉତ୍କଳ ଚିତ୍ର ପ୍ରତିଷ୍ଠାନ, କଟକ ବ୍ୟାନରରେ ନିର୍ମିତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ନାରୀ'। ଏହାର ପ୍ରଯୋଜକ ଥିଲେ ନରେନ୍ଦ୍ର କୁମାର ମିତ୍ର ଏବଂ ନିର୍ଦ୍ଦେଶନା ଦେଇଥିଲେ ତ୍ରିଲୋଚନ। ଏହାର ପ୍ରମୁଖ ଭୂମିକାରେ ଅନୀମା, ଅଶୋକ ଏବଂ ନରେନଙ୍କୁ ଦେଖିବାକୁ ମିଳିଥିଲା।
- ଓଡ଼ିଆ ସିନେମା 'ବନ୍ଧନ'ର ନିର୍ଦ୍ଦେଶନା ନିତାଇ ପାଲିତ ଦେଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶକ ଥିଲେ ଶ୍ରୀକୁମାର। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ପ୍ରଶାନ୍ତ ନନ୍ଦ, ଗୀତାଞ୍ଜଳି, ସାମୁଏଲ ସାହୁ (ବାବି) ପ୍ରମୁଖ କଳାକାର।
- ବ୍ୟୋମକେଶ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ମୁକ୍ତିଲାଭ କରିଥିଲା ଓଡିଆ ଚଳଚ୍ଚିତ୍ର 'ମୁକ୍ତି'। ଏହାର ବିଭିନ୍ନ ଭୂମିକାରେ ସୁଜାତା ଆନନ୍ଦ, ତ୍ରିଭୁବନ, ଦୀପା ପ୍ରତିହାରୀଙ୍କୁ ଦେଖିବାକୁ ମିଳିଥିଲା।

ଧରିତ୍ରୀ
DHARITRI
ଗୁରୁବାର, ୨୨ ଜୁଲାଇ, ୨୦୨୧

## ଟ୍ରକ୍ ଧକ୍କାରେ ବାଇକ୍‌ଆରୋହୀ ମୃତ

**କଟକ ଅଫିସ:** କଟକ ଶିଖରପୁର ଛକରେ ଟ୍ରକ ଧକ୍କାରେ ଜଣେ ବାଇକ୍‌ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତିଆ ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲାର ସୁଦାମ ସାହୁ(୨୪)। ବୁଧବାର ପୂର୍ବାହ୍ନରେ ସୁଦାମ ଓଏମ୍‌ପିରୁ ବାଇକ୍‌ରେ ଜଗତ୍‌ପୁର ଅଭିମୁଖେ ଯାଉଥିବାବେଳେ ପଛରୁ ଏକ ଟ୍ରକ(ନଂ. ଓଆର୦୨ଏଏସ-୧୪୧୮) ତାଙ୍କୁ ଧକ୍କା ଦେଇଥିଲା। ପରେ ଟ୍ରକ୍ ତାଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଚାଉଳିଆଗଞ୍ଜ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡ଼ିକାଲ ପଠାଇଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରି ଚାଳକକୁ ଅଟକ ରଖିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### ଭାଜପାକୁ ସମାଲୋଚନା, ଉଚ୍ଚ ଶିକ୍ଷାରେ ସଂରକ୍ଷଣ ଦାବିକଲା ସମାଜବାଦୀ ପାର୍ଟି

**ଭୁବନେଶ୍ୱର, ୨୧।୭ (ବ୍ୟୁରୋ):** ଭାଜପା ରାଜ୍ୟ ଉପସଭାପତି ପୃଥ୍ୱୀରାଜ ହରିଚନ୍ଦନଙ୍କ ଜାତିଗତ ଜନଗଣନା ଉପରେ ବକ୍ତବ୍ୟ ଦଳର ଦୋମୁହାଁ ନୀତିର ପ୍ରତିଫଳନ। ଓଡ଼ିଶାର ୫୦ଭାଗ ପଛୁଆବର୍ଗଙ୍କ ପାଇଁ ଏହା ଅପମାନଜନକ ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ଅଭିଯୋଗ ସହ ସମାଲୋଚନା କରାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା କହିଛନ୍ତି, ପ୍ରଧାନମନ୍ତ୍ରୀ ଜାତିଗତ ଆଧାରରେ ଦଳିତ, ଆଦିବାସୀ, ପଛୁଆବର୍ଗ ଓ ମହିଳାଙ୍କୁ ନେଇ ନିଜର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରୁଥିବାବେଳେ ରାଜ୍ୟ ଭାଜପାର କର୍ମକର୍ତ୍ତାମାନେ ପଛୁଆବର୍ଗ ରାଜନୀତିକୁ ଗ୍ରହଣ କରି ନ ପାରି ଏଭଳି ବିବୃତି ଦେବା ଦୁର୍ଭାଗ୍ୟଜନକ। ଏପର୍ଯ୍ୟନ୍ତ ଓଡ଼ିଶାରେ ପଛୁଆ ଜାତିର ଯୁବତୀଯୁବକମାନେ ରାଜ୍ୟ ସରକାରଙ୍କ ଚାକିରି କ୍ଷେତ୍ରରେ ୧୧.୨୫ ସଂରକ୍ଷଣ ପାଉଥିବାବେଳେ ମେଡିକାଲ, ଇଞ୍ଜିନିୟରିଂ, ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ନାମ ଲେଖାରେ ଆଦୌ ସଂରକ୍ଷଣ ପାଉ ନାହାନ୍ତି। ଏଥିପ୍ରତି ଭାଜପା ଆନ୍ତରିକତା ପ୍ରକାଶ ନ କରି ଓଲଟି ଜାତିଗତ ଜନଗଣନାକୁ ନେଇ ପ୍ରଶ୍ନ ଉଠାଇବା ଏହି ଜାତିର ସ୍ୱାର୍ଥର ବିଡମ୍ବନା ବୋଲି ସେ କହିଛନ୍ତି। କରୋନା ପରେ ରାଜ୍ୟ ସରକାର ତୁରନ୍ତ ଜାତିଗତ ଜନଗଣନାକୁ ରାଜ୍ୟରେ ତ୍ୱରାନ୍ୱିତ କରିବା ସହ ଚଳିତ ଶିକ୍ଷାବର୍ଷଠାରୁ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କୁ ମେଡିକାଲ, ଇଞ୍ଜିନିୟରିଂ ସମେତ ଉଚ୍ଚଶିକ୍ଷାରେ ସଂରକ୍ଷଣ ଦେବାକୁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ପଛୁଆବର୍ଗ ଛାତ୍ରୀଛାତ୍ର ଏକାଠି ହୋଇ ନିଜର ସାମ୍ବିଧାନିକ ଅଧିକାର ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ସେ କହିଛନ୍ତି। ତେବେ ଏନେଇ ଭାଜପାର ପ୍ରତିକ୍ରିୟା ମିଳିପାରିନି।

### ଭାରତୀୟ ଦାର୍ଶନିକ ଦିବସ ପାଳିତ

**ବାଲୁଗାଁ,୨୧।୭(ଡି.ଏନ୍.ଏ.):** ନୂଆଦିଲ୍ଲୀସ୍ଥିତ ଭାରତୀୟ ଦର୍ଶନ ଗବେଷଣା ପରିଷଦର ପ୍ରୋତ୍ସାହନରେ ବୁଧବାର ବାଲୁଗାଁ ମହାବିଦ୍ୟାଳୟର ଦର୍ଶନ ବିଭାଗ ତରଫରୁ ''ଭାରତୀୟ ଦର୍ଶନ ଦିବସ'' ପାଳିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ କଲେଜ ଅଧକ୍ଷା ବିନତୀ ମଞ୍ଜରୀ ରାଉତ ଉଦ୍‌ଘାଟନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ପୂର୍ବତନ ପ୍ରଫେସର ଡ. ପ୍ରଫୁଲ୍ଲ ମହାପାତ୍ରଙ୍କ ସଭାପତିତ୍ୱରେ ସଂଯୋଜକ ତଥା ବିଭାଗୀୟ ମୁଖ୍ୟ ଡ. କୈଳାସ ଚନ୍ଦ୍ର ମହାରଣା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଅତିଥି ବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଦର୍ଶନ ବିଭାଗର ମୁଖ୍ୟ ଡ.ଦୁର୍ଗାମାଧବ ପ୍ରହରାଜ ଯୋଗଦେଇ ଭଗବତ ଗୀତାରେ କର୍ମ ପ୍ରତ୍ୟୟ ଓ କର୍ମର ଶ୍ରେଣୀ ବିଭାଗ ଆଲୋଚନା କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୂର୍ବତନ ବିଭାଗୀୟ ମୁଖ୍ୟ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ବେଦାନ୍ତ ଦର୍ଶନ ଓ ଜୀବନର ମାର୍ଗ ଶୀର୍ଷକ ବକ୍ତବ୍ୟ ରଖିଥିଲେ। ଏହି ଆଲୋଚନାଚକ୍ରରେ ଭାରତୀୟ ଦର୍ଶନ ଗବେଷଣା ପରିଷଦର ପ୍ରମୁଖ ସଦସ୍ୟ ଓ ଦେଶର ଏକ ଶହରୁ ଊର୍ଦ୍ଧ୍ୱ ଦର୍ଶନ ଅଧାପକ, ଗବେଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶେଷରେ ଅଧାପକ ପ୍ରକାଶ ସେଠୀ ଧନ୍ୟବାଦ ଦେଇଥିଲେ।

## ଭୀମଟାଙ୍ଗିରେ ମହିଳାଙ୍କ ତଣ୍ଟିକାଟି ହତ୍ୟା ଘଟଣା

# ହତ୍ୟାର ୪ଦିନ ପୂର୍ବରୁ କରିଥିଲେ ଯୋଜନା



ଅଭିଯୁକ୍ତ ଜଗନ୍ନାଥ ଓ ମୃତ ପ୍ରିୟଙ୍କା (ଫାଇଲ ଫଟୋ)

**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗି ହାଉସିଂ ବୋର୍ଡ କଲୋନୀ ଫେଜ୍-୧ ପ୍ଲଟ୍ ନଂ. ଏ/ଏଲ୍-୧ରେ ଭଡ଼ାରେ ରହୁଥିବା ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ହତ୍ୟା ଘଟଣାର ଅଭିଯୁକ୍ତ ଜଗନ୍ନାଥ ପ୍ରଧାନଙ୍କୁ କମିଶନରେଟ୍ ପୋଲିସ ବୁଧବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଝାରପଡ଼ା ଜେଲକୁ ପଠାଯାଇଛି। ଗତ ୫ତାରିଖରେ ଅଭିଯୁକ୍ତ ପ୍ରିୟଙ୍କାଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାୟ ୨ସପ୍ତାହ ମେଡିକାଲରେ ଚିକିତ୍ସିତ ହେବା ପରେ ସେ ସୁସ୍ଥ ହୋଇଥିଲେ। କମିଶନରେଟ୍ ପୋଲିସ ମଙ୍ଗଳବାର ରାତିରେ ତାଙ୍କୁ ଥାନାକୁ ଆଣି ଜେରା କରିଥିଲା। ୨ଜଣ ଏସିପି ଓ ଜଣେ ଥାନା ଅଧିକାରୀଙ୍କୁ ନେଇ ଗଠିତ ଏକ ୩ଜଣିଆ ଟିମ୍ ତାଙ୍କୁ ଦୀର୍ଘ ସମୟ ଧରି ପଚରାଉଚରା କରିଥିଲେ। ଜେରା ସମୟରେ ଜଗନ୍ନାଥ ଘଟଣା ବିଷୟରେ ସମସ୍ତ କଥା କହିବା ସହ ପ୍ରିୟଙ୍କାଙ୍କୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଥିବା ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଗନ୍ନାଥ ହତ୍ୟା ଘଟଣାର ୪ଦିନ ପୂର୍ବରୁ ଯୋଜନା ପ୍ରସ୍ତୁତ କରିବା ସହ ଏକ ଆତ୍ମହତ୍ୟା ଚିଠି ଲେଖି ପକେଟରେ ରଖି ବୁଲୁଥିଲେ। ଏପରି କି ଯୋଜନା ମୁତାବକ ସେ ପ୍ରିୟଙ୍କାଙ୍କ ନିକଟକୁ ଚକ୍‌ଲେଟ, ମୃଦୁ ପାନୀୟ, ସିନ୍ଦୂର ଓ ଛୁରି ଓ ବିଷ ଧରି ଆସିଥିଲେ । ଏହା ଏକ ସୁଚିନ୍ତିତ ଓ ଯୋଜନାବଦ୍ଧ ହତ୍ୟାକାଣ୍ଡ ଥିଲା ବୋଲି ଡିସିପି ଦାସ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରିୟଙ୍କା ଓ ଅଭିଯୁକ୍ତ ଜଗନ୍ନାଥଙ୍କ ଘର ଯାଜପୁର ଜିଲାରେ ହୋଇଥିବାବେଳେ ଉଭୟେ ପରସ୍ପରକୁ ପୂର୍ବରୁ ଜାଣିଥିଲେ। ପ୍ରିୟଙ୍କାଙ୍କ ବାହାଘର ପରେ ସେ ସ୍ୱାମୀଙ୍କ ସହ ଭୁବନେଶ୍ୱର ଭୀମଟାଙ୍ଗି ହାଉସିଂ ବୋର୍ଡ କଲୋନୀରେ ଭଡ଼ା ନେଇ ରହୁଥିଲେ। ଘଟଣା ଦିନ ଜଗନ୍ନାଥ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାବେଳେ ପ୍ରିୟଙ୍କା ରହୁଥିବା ଘରେ ପଶି ତାଙ୍କ ବେକ କାଟି ହତ୍ୟା କରିଥିଲେ। ହତ୍ୟା ପରେ ପ୍ରିୟଙ୍କାଙ୍କ ସ୍ୱାମୀଙ୍କ ନିକଟକୁ ଭିଡିଓ କଲ୍ କରିଥିଲେ। ତେବେ ସେ କଲ୍ ନ ଉଠାଇବାରୁ ତାଙ୍କୁ ପ୍ରିୟଙ୍କାଙ୍କ ରକ୍ତାକ୍ତ ମୃତଦେହ ଫଟୋ ପଠାଇଥିଲେ। ଏହାପରେ ନିଜେ ବିଷ ପିଇବା ସହ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରିୟଙ୍କାଙ୍କ ମୃତଦେହ ଜବତ କରିବା ସହ ଜଗନ୍ନାଥଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲ ପଠାଇଥିଲା। ପ୍ରିୟଙ୍କାଙ୍କୁ ସେ ଭଲ ପାଉଥିଲେ ଓ କିଛିଦିନ ହେବ ତାଙ୍କ ସହ ତିକ୍ତତା କାରଣରୁ ଈର୍ଷାପରାୟଣ ହୋଇ ହତ୍ୟା କରିଥିବା ଜଗନ୍ନାଥ ସେତେବେଳେ ପୋଲିସକୁ କହିଥିଲେ। ଏଥିସହିତ ଘଟଣା ସ୍ଥଳରୁ ଜଗନ୍ନାଥଙ୍କ ହାତ ଲେଖା ଏକ ଚିଠି ମଧ୍ୟ ପୋଲିସକୁ ମିଳିଥିଲା। ଯେଉଁଥିରୁ ସେ ପ୍ରିୟଙ୍କା ଓ ତାଙ୍କ ୩ବର୍ଷର ଶିଶୁ ପୁତ୍ରଙ୍କୁ ହତ୍ୟା କରିବାପରେ ନିଜେ ଆତ୍ମହତ୍ୟା କରିବେ ବୋଲି ଲେଖିଥିବା ଜଣାପଡ଼ିଥିଲା।

### ଅଭିଯୁକ୍ତ ଜଗନ୍ନାଥ ଜେଲ ଗଲେ



### ଅଫିସ ଯିବା ବାଟକୁ ଚାହିଁ ବସିଥିଲେ

ହତ୍ୟା ଘଟଣା ଦିନ ସକାଳ ପ୍ରାୟ ୯ଟା ବେଳେ ଅଭିଯୁକ୍ତ ଜଗନ୍ନାଥ ମୃତା ପ୍ରିୟଙ୍କାଙ୍କ ଘର ନିକଟରେ ପହଞ୍ଚିଥିଲେ। ପୂର୍ବରୁ ସେ ପ୍ରିୟଙ୍କାଙ୍କ ସ୍ୱାମୀଙ୍କ ଅଫିସ ଯିବା ସମୟ ଜାଣିଥିଲେ। ତେଣୁ ଘର ନିକଟରେ ଥିବା ଏକ ଦୋକାନ ପାଖରେ ଅପେକ୍ଷା କରି ବସିଥିଲେ। ସ୍ୱାମୀ ଅଫିସ ବାହାରିବା ସମୟରେ ପ୍ରିୟଙ୍କା ତାଙ୍କୁ ବାଟେଇବାକୁ ଗେଟ୍ ପାଖକୁ ଆସିଥିଲେ। ଏସମସ୍ତ ଦୃଶ୍ୟ ଜଗନ୍ନାଥ ଦୂରରେ ଥାଇ ଲକ୍ଷ୍ୟ କରିଥିଲେ। ପ୍ରିୟଙ୍କାଙ୍କ ସ୍ୱାମୀ ଅଫିସ ଚାଲିଯିବା ପରେ ଜଗନ୍ନାଥ ଘର ଭିତରକୁ ଯାଇଥିଲେ।

### ସାଙ୍ଗରେ ନ ଯିବାରୁ ହତ୍ୟା

ପ୍ରିୟଙ୍କାଙ୍କ ବାହାଘର ପରେ ଜଗନ୍ନାଥଙ୍କ ସହ ସମ୍ପର୍କ କଟି ଯାଇଥିଲା। ତେବେ କିଛି ମାସ ହେବ ସେ ପ୍ରିୟଙ୍କାଙ୍କ ସହ ପୁଣିଥରେ ସମ୍ପର୍କରେ ଆସି କଥାବାର୍ତ୍ତା ହୋଇଥିଲେ। ହେଲେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବା ସହ ତିକ୍ତତା ସୃଷ୍ଟି ହୋଇଥିଲା। ହତ୍ୟା ଘଟଣାର କିଛିଦିନ ପୂର୍ବରୁ ସେ ପ୍ରିୟଙ୍କାଙ୍କୁ ନିଜର କରିବା ପାଇଁ ବିଚଳିତ ହୋଇ ଉଠିଥିଲେ। ଘଟଣାର ୪ଦିନ ପୂର୍ବରୁ ସେ ଏକ ଚିଠିରେ ପ୍ରିୟଙ୍କାଙ୍କ ସହ ତାଙ୍କ ପୁଅକୁ ହତ୍ୟା କରିବେ ବୋଲି ଉଲ୍ଲେଖ କରିଥିଲେ। ଘଟଣା ଦିନ ପ୍ରିୟଙ୍କାଙ୍କ ଘରେ ପହଞ୍ଚି ତାଙ୍କୁ ସାଙ୍ଗରେ ଯିବାକୁ କହିଥିଲେ। ଉଭୟ ବାହା ହୋଇ କେଉଁ ଆଡେ ପଳାଇବାକୁ ଜଗନ୍ନାଥ ପ୍ରସ୍ତାବ ଦେଇଥିଲେ। ପ୍ରିୟଙ୍କା ତାଙ୍କ କଥାରେ ରାଜି ନ ହେବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ଯୋଜନା ମୁତାବକ ଜଗନ୍ନାଥ ଜୋର ଜବରଦସ୍ତ ତାଙ୍କ ମଥାରେ ସିନ୍ଦୁର ପିନ୍ଧାଇବା ସହ ସାଥିରେ ଆଣିଥିବା ଏକ ଛୁରିରେ ତାଙ୍କ ବେକକୁ କାଟି ହତ୍ୟା କରିଥିଲେ।

### ଘରମାଲିକ ଆସିବାରୁ ବାଥ୍‌ରୁମ୍‌ରେ ଲୁଚିଥିଲେ

ଘଟଣା ଦିନ ଜଗନ୍ନାଥ ପ୍ରିୟଙ୍କାଙ୍କ ଘରେ ପହଞ୍ଚିବା ପରେ ତାଙ୍କ ପାଖରେ ତାଙ୍କ ୩ବର୍ଷର ପୁଅ ମଧ୍ୟ ଥିଲେ। ଜଗନ୍ନାଥଙ୍କ ମନରେ ଉଭୟଙ୍କୁ ହତ୍ୟା କରିବା ଯୋଜନା ଚାଲିଥିବା ବେଳେ ଉପରେ ରହୁଥିବା ଘର ମାଲିକ ଦହିବରା ଦେବାକୁ ସେଠାକୁ ଆସିଥିଲେ। ତେବେ ଘର ମାଲିକଙ୍କୁ ଦେଖି ଅଭିଯୁକ୍ତ ଜଗନ୍ନାଥ ବାଥରୁମ୍‌ରେ ଲୁଚି ପଡ଼ିଥିଲେ। ଏହି ସମୟରେ ମାଲିକ ଦହିବରା ଦେଇ ଶିଶୁ ପୁତ୍ରକୁ ଖେଳାଇବା ପାଇଁ ନିଜ ସାଥିରେ ଉପର ମହଲାକୁ ନେଇ ଯାଇଥିଲେ। ଫଳରେ ଛୁଆଟିର ଜୀବନ ବଞ୍ଚି ଯାଇଥିଲା।

### ହତ୍ୟା ପୂର୍ବରୁ ପ୍ରିୟଙ୍କା, ତାଙ୍କ ପୁଅ ସହ ସେଲ୍ଫି

ପ୍ରିୟଙ୍କାଙ୍କ ପୁଅ ପାଇଁ ଜଗନ୍ନାଥ ସାଥିରେ ଚକ୍‌ଲେଟ୍ ଆଣିଥିଲେ। ଏପରି କି ପ୍ରିୟଙ୍କାଙ୍କ ସହ କିଛି ସମୟ ଖୁସି ଗପ କରିଥିଲେ। ଜଗନ୍ନାଥ ପ୍ରିୟଙ୍କାଙ୍କ ପୁଅଙ୍କୁ ଚକ୍‌ଲେଟ୍ ଦେଇ କଥା ହୋଇଥିଲେ। ଏହାପରେ ପ୍ରିୟଙ୍କା ଓ ତାଙ୍କ ପୁଅଙ୍କ ସହ ଜଗନ୍ନାଥ ସେଲ୍ଫି ଉଠାଇଥିଲେ। ପ୍ରିୟଙ୍କାଙ୍କ ସହ ଝଗଡ଼ା ହେବା ପୂର୍ବରୁ ଘରମାଲିକ ଆସି ପୁଅକୁ ତାଙ୍କ ସହ ନେଇ ଯାଇଥିଲେ।



ଇଦ୍-ଉଜ୍-ଜୁହା ପାଳନ ଅବସରରେ ବୁଧବାର ୟୁନିଟ୍-୪ସ୍ଥିତ ଏକ ଘର ଛାତ ଉପରେ ମୁସଲମାନ ଭାଇମାନେ ନମାଜ ପାଠ କରୁଛନ୍ତି।

# ମସ୍‌ଜିଦ୍ ବଦଳରେ ଘରେ ନମାଜପାଠ

**ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ, ୨୧।୭**

ଇସ୍‌ଲାମ୍ ଧର୍ମାବଲମ୍ବୀଙ୍କ ତ୍ୟାଗ ଓ ବଳିଦାନର ପବିତ୍ର ପର୍ବ ଇଦ୍-ଉଜ୍-ଜୁହା ବୁଧବାର କରୋନା କଟକଣା ମଧ୍ୟରେ ପାଳନ କରାଯାଇଛି। କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ମୁସଲିମ୍ ନମାଜୀମାନେ ନିଜ ଘରେ ନମାଜ ପାଠ କରିଛନ୍ତି। କୋଭିଡ୍ ଗାଇଡ୍‌ଲାଇନ୍‌କୁ ମାନି ସହରର କୌଣସି ମସ୍‌ଜିଦ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇ ନ ଥିଲା। ସେହିପରି ମସ୍‌ଜିଦ୍‌ରେ ଥିବା ୫/୬ ଜଣ କର୍ମଚାରୀ ନମାଜ ପାଠ କରିଥିଲେ ବୋଲି ଭୁବନେଶ୍ୱର ୟୁନିଟ୍-୩ ଜାମା ମସ୍‌ଜିଦ୍, ସୁନି ଜମାତ୍‌ର ସଭାପତି ମହମ୍ମଦ ଶାହ ନୱାଜ କହିଛନ୍ତି। ସେହିପରି ଅନ୍ୟ ମସ୍‌ଜିଦ୍‌ଗୁଡିକରେ ମଧ୍ୟ ସମାନ ଭାବେ ଗାଇଡ୍‌ଲାଇନ୍‌କୁ ପାଳନ କରାଯାଇଛି। ଘରେ ଇଦ୍ ନମାଜ ପଢିବା ପରେ ବିଶ୍ୱକୁ କରୋନାମୁକ୍ତ ହେବା ଉଦ୍ଦେଶ୍ୟରେ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିମାନେ ଆଲ୍ଲାଙ୍କୁ ପ୍ରାର୍ଥନା କରିବା ସହ ଫୋନ୍‌ରେ ଇଦ୍‌ମୁବାରକ ବନ୍ଧୁ ମିଳନ କରିଛନ୍ତି। ନିରାଡ଼ମ୍ବର ଭୋଜନ ଓ ପୁରୁଣା ପୋଷାକ ପିନ୍ଧି ସଞ୍ଚିତ ଅର୍ଥକୁ ଜନହିତକର କାର୍ଯ୍ୟରେ ଲଗାଇବାକୁ ମୁସଲମାନ ସମ୍ପ୍ରଦାୟର ଅନେକ ଭଉଣୀଭାଇ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ସେହପରି କଟକ କଦମ ରସୁଲ ଡେଭଲପମେଣ୍ଟ କମିଟି ସଭାପତି ସେଖ୍ ମୁନ୍ତାକିମ ବକ୍ସ କହିଛନ୍ତି, ଚଳିତବର୍ଷ କରୋନା ଯୋଗୁ ଇଦ୍ ପର୍ବ ଫିକା ପଡିଛି। ଇମାନ୍ ଓ ମୌଜନ୍ ସମେତ ୪ରୁ ୫ ଜଣ ମସ୍‌ଜିଦ୍ ଯାଇ ନମାଜ ପାଠ କରିଥିଲେ। ଅନ୍ୟମାନେ କୋଭିଡ୍ ଗାଇଡ୍‌ଲାଇନ୍ ମାନି ଘରେ ଇଦ୍ ପାଳନ କରିଥିଲେ।

### କଟକଣାରେ ଇଦ୍ ପାଳନ



ବନ୍ଦ ରହିଥିବା କଟକର କଦମ-ଇ-ରସୁଲ।

## ହୋଟେଲ, ରେଷ୍ଟୁରାଣ୍ଟ ଖୋଲିବାକୁ ଦାବି



**ଭୁବନେଶ୍ୱର, ୨୧।୭ (ବ୍ୟୁରୋ)**

କରୋନା କଟକଣା ପାଇଁ ହୋଟେଲ ଶିଳ୍ପ କ୍ରମାଗତ ବଡ଼ କ୍ଷତିର ସମ୍ମୁଖୀନ ହୋଇଛି। ଏଠାରେ କାର୍ଯ୍ୟରତ କର୍ମଚାରୀ ଓ ସେମାନଙ୍କ ପରିବାର ଭୋକରେ କାଳାତିପାତ କରୁଛନ୍ତି। ଭୁବନେଶ୍ୱରରେ ୫ଶହରୁ ଊର୍ଦ୍ଧ୍ୱ ହୋଟେଲ ଓ ରେଷ୍ଟୁରାଣ୍ଟ ରହିଛି। ଏଥିରେ ୧୦ ହଜାରରୁ ଅଧିକ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ପରିବାର ଏବେ ଆର୍ଥିକ ସମସ୍ୟାରେ ରହିଛି। ଇତିମଧ୍ୟରେ ଏହି ବ୍ୟବସାୟ ସହ ସମ୍ପୃକ୍ତ ସମସ୍ତ କର୍ମଚାରୀ, ଖାଦ୍ୟ ବିତରକ ପ୍ରମୁଖ ପ୍ରତିଶେଧକ ଟିକା ନେଇ ସାରିଲେଣି। ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ ସ୍ୱାସ୍ଥ୍ୟକର ପରିବେଶ ମଧ୍ୟ ସୃଷ୍ଟି କରାଯାଉଛି। ତେଣୁ ପଡୋଶୀ ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ କଟକଣା ପାଳନ ପୂର୍ବକ ୫୦ ଭାଗ କର୍ମଚାରୀରେ ହୋଟେଲ ଶିଳ୍ପ ଓ ପ୍ରତିଷ୍ଠାନଗୁଡ଼ିକୁ ଖୋଲିବାକୁ ଅନୁମତି ଦିଆଯାଉ ବୋଲି ସଂଘ ଦାବି କରିଛି।

# କନ୍‌ସଲ୍‌ଟାନ୍ସି ସଂସ୍ଥା ମାଲିକ ଭଦ୍ରକରୁ ଗିରଫ

**ଭୁବନେଶ୍ୱର, (ବ୍ୟୁରୋ)/ ଭଦ୍ରକ ଅଫିସ, ୨୧।୭**

ଚାକିରି ଦେବା ଆଳରେ ଶତାଧିକ ଯୁବତୀଯୁବକଙ୍କଠାରୁ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରି ଫେରାର ଥିବା ଓଁକାର ବିଜ୍‌ନେସ୍ ଗ୍ରୁପ୍ ଆଣ୍ଡ ଇଶାନା ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ତଥା ବଲାଙ୍ଗୀର ଟିଟିଲାଗଡ଼ର ଅନିଲ ସାହୁଙ୍କୁ ପୋଲିସ ଗିରଫ କରିଛି। ଠକେଇର ଶିକାର ହୋଇଥିବା ଲୋକେ ତାଙ୍କୁ ମଙ୍ଗଳବାର ରାତିରେ ଚରମ୍ପା ରେଳ ଷ୍ଟେଶନ ନିକଟରୁ କାବୁ କରି ଜିଆର୍‌ପି ଥାନା ଜିମା ଦେଇଥିଲେ। ପରେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ପୋଲିସ ତାଙ୍କୁ ଗିରଫ କରିଥିବା ଜଣାପଡିଛି। ଠକେଇ ର‌୍ୟାକେଟ ସମ୍ପର୍କରେ ତାଙ୍କ ସହ ଉକ୍ତ ସଂସ୍ଥାର କେତେଜଣ କର୍ମଚାରୀଙ୍କୁ ପଚରାଉଚରା କରାଯାଉଛି। ଗୁରୁବାର ଗିରଫ ଅନିଲଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଅନିଲ ରସୁଲଗଡରେ ୨ବର୍ଷ ହେବ ଉକ୍ତ କନ୍‌ସଲ୍‌ଟାନ୍ସି ସଂସ୍ଥା ଖୋଲିଥିଲେ। ଗଣମାଧ୍ୟମରେ ବିଜ୍ଞାପନ ଦେଇ ଆଶାୟୀଙ୍କୁ ଅଫିସକୁ ଡାକି ଲୋଭନୀୟ ଦରମା ଦେବାକୁ କହୁଥିଲେ। ପ୍ରଥମେ ପଞ୍ଜୀକରଣ କରିବାକୁ କହି ହଜାର ହଜାର ଟଙ୍କା ନେଉଥିଲେ। ଏପରି ୩୧୪ଜଣ ଆଶାୟୀଙ୍କଠୁ ୬୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ନେବା ପରେ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏପରିକି ସେ ଫୋନ୍ ବି ଉଠାଉ ନ ଥିଲେ। କିଛିଦିନ ପରେ ତାଙ୍କ ଅଫିସ ମଧ୍ୟ ବନ୍ଦ ହୋଇଯାଇଥିଲା। ଶେଷରେ ଚାକିରି ଆଶାୟୀମାନେ ନିରାଶ ହୋଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସଂସ୍ଥାର ମାଲିକ ଅନିଲଙ୍କ ନାମରେ ମାମଲା (ନଂ-୨୦୯/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଚାକିରି ଦେବା ଆଳରେ ୬୦ଲକ୍ଷ ଠକେଇ



ଅନିଲ ସାହୁ

# ତୃତୀୟ ଲହର ଲଢ଼େଇ ପ୍ରସ୍ତୁତି ଶେଷ

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

- ଶିଶୁଙ୍କ ପାଇଁ ହସ୍ପିଟାଲରେ ୨୨୨୦ ବେଡ୍
- ସଜାଗ ରହିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ
- କେନ୍ଦ୍ର ଦେଇଛି ୮୬୧ କୋଟି ଟଙ୍କା



ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ପଶିଲାଣି ଛନକା। ଦ୍ୱିତୀୟ ଲହର ପରି ଯଦିଓ ଏହା ଅଧିକ ସଂକ୍ରମିତ ହେବ ନାହିଁ, ତଥାପି ପ୍ରଥମ ଲହର ଭଳି ଏହା କାୟା ବିସ୍ତାର କରିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି, ତୃତୀୟ ଲହର ମୁକାବିଲା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ସ୍ୱତନ୍ତ୍ର ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇ ସମସ୍ତ ଜିଲାପାଳ ଓ ମେଡିକାଲ କଲେଜଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁମାନେ ଅଧିକ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ଡିଏମ୍‌ଇଟିଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ଶିଶୁଙ୍କ ପାଇଁ ୧,୬୧୦ ଜେନେରାଲ ବେଡ୍, ୬୧୦ ଆଇସିୟୁ ଏବଂ ଶିଶୁ ଭବନରେ ସ୍ୱତନ୍ତ୍ର କୋଭିଡ୍ ବ୍ଲକ୍ ଖୋଲାଯାଇଛି। ଶିଶୁଙ୍କ କ୍ଷେତ୍ରରେ ଅଧିକ ସଂକ୍ରମଣ ବଢ଼ିଲେ କୋଭିଡ୍ କେୟାର ସେଣ୍ଟର ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତି ସିଏଚ୍‌ସିରେ ଅତି କମ୍‌ରେ ୨ରୁ ୪ଜଣ ଶିଶୁଙ୍କ ପାଇଁ ବେଡ୍ ବ୍ୟବସ୍ଥା କରାଯାଇଛି। ଏହା ସହ ସମସ୍ତ ୭ଟି ମେଡିକାଲ କଲେଜରେ ୬୪ ଏନ୍‌ଆଇସିୟୁ ଏବଂ ୧୫୫ ଆଇସୋଲେଶନ ବେଡ୍ ପ୍ରସ୍ତୁତ କରାଯାଇଛି। ସବୁ ଜିଲା ସଦର ମହକୁମା ହସ୍ପିଟାଲରେ ଶିଶୁଙ୍କ ପାଇଁ ଆଇସିୟୁର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଷ୍ଟାଫ୍ ନର୍ସ ଏବଂ ଡାକ୍ତରଙ୍କୁ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହିତ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ଅଙ୍ଗନୱାଡି ଓ ଆଶାକର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସେପଟେ କେନ୍ଦ୍ର ସରକାର ତୃତୀୟ ଲହର ମୁକାବିଲା ପାଇଁ ରାଜ୍ୟକୁ ୮୬୧ କୋଟି ଟଙ୍କା ଦେଇଥିବା ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଅକ୍ସିଜେନ, ଶିଶୁଙ୍କ ଲାଗି ସ୍ୱତନ୍ତ୍ର ବିଭାଗ, ଆଇସିୟୁ, ପିଏଚ୍‌ସି ଏବଂ ଆର୍‌ଟି-ପିସିଆର୍‌ରେ ସେହି ଟଙ୍କା ଖର୍ଚ୍ଚ କରିବାକୁ କହିଛନ୍ତି। ଏହି ଟଙ୍କାକୁ କେନ୍ଦ୍ର ସରକାର ଆମକୁ ୪୦-୬୦ ଅନୁପାତରେ ଦେଇଛନ୍ତି। ଶିଶୁଙ୍କ ପାଇଁ ଆଇସିୟୁ ବେଡ୍ ବ୍ୟବସ୍ଥା ଅଧିକ କରାଯିବ। ମେଡ଼ିସିନଠାରୁ ଆରମ୍ଭ କରି ଆବଶ୍ୟକ ସମସ୍ତ ବ୍ୟବସ୍ଥା ପ୍ରସ୍ତୁତ ରଖିବା ନିମନ୍ତେ ସବୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତୃତୀୟ ଲହରକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରିବାକୁ ଆମେ ଆଶା ରଖିଛୁ ବୋଲି ମନ୍ତ୍ରୀ ଦାସ କହିଛନ୍ତି।

# ୪ଦିନ ହେଲାଣି ଆମ୍ବୁଲାନ୍ସରେ ମୃତଦେହ

**ବାହାନଗା,୨୧।୭(ଡି.ଏନ.ଏ.)**

ତାମିଲନାଡୁରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ବାଲେଶ୍ୱର ଜିଲା ବାହାନଗା ବ୍ଲକ କୁରୁଡା ଗ୍ରାମର ସଞ୍ଜୟ କୁମାର ଦାସ ନାମକ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ସୋର ଥାନାରେ ଅଭିଯୋଗ କରିଛନ୍ତି। ପୁନର୍ବାର ମୃତଦେହ ବ୍ୟବଚ୍ଛେଦ ଓ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଅଡି ବସିଛନ୍ତି। ତେବେ ତାମିଲନାଡୁରୁ ୪ଦିନ ହେଲାଣି ମୃତଦେହ ଆସିଥିଲେ ମଧ୍ୟ ପରିବାର ଲୋକ ଗ୍ରହଣ କରୁ ନ ଥିବାରୁ ତାହା ଆମ୍ବୁଲାନ୍ସରେ ପଡିରହିଛି। ମୃତଦେହ ଧରି ଆସିଥିବା ୩ ଯୁବକଙ୍କୁ ଗ୍ରାମବାସୀ ଅଟକ ରଖିଛନ୍ତି।

ମୃତ ଯୁବକଙ୍କ ମା' ସୋର ଥାନାରେ ଅଭିଯୋଗ କରିବା ପରେ ଏକ ହତ୍ୟା ମାମଲା(ନଂ.୨୭୨/୨୧) ରୁଜୁ କରାଯାଇଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସଞ୍ଜୟ କିଛି ଦିନ ତଳେ ସିମୁଳିଆ ଥାନା ଅଞ୍ଚଳର ଶ୍ରୀଧର ସେଠୀ ନାମକ ଜଣେ ଠିକାଦାରଙ୍କ ସହ ଜୁନ୍ ୨୦ତାରିଖରେ ତାମିଲନାଡୁକୁ ଏକ ଘରୋଇ କମ୍ପାନୀରେ କାମ କରିବାକୁ ଯାଇଥିଲେ। ସେଠାରେ କାମ କରିବା ବେଳେ ସଞ୍ଜୟ ସବୁବେଳେ ପରିବାର ଲୋକଙ୍କ ସହ ଫୋନରେ କଥା ହେଉଥିଲେ। ଜୁଲାଇ ୧୪ ତାରିଖଠାରୁ ସଞ୍ଜୟଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ଥିବାରୁ ପରିବାର ଲୋକେ ଆଉ କଥା ହୋଇପାରି ନ ଥିଲେ। ବାଧ ହୋଇ ପରିବାର ଲୋକେ ଠିକାଦାର ଶ୍ରୀଧର ସେଠୀଙ୍କୁ ପଚାରିବାରୁ ସଞ୍ଜୟଙ୍କ ମୃତ୍ୟୁ ହୋଇଥିବା ସେ କହିଥିଲେ। ତାମିଲନାଡୁ ପୋଲିସ୍ ସହିତ ଯୋଗାଯୋଗ କରାଯିବାରୁ ମୃତଦେହର ଫଟୋ ଓ କମ୍ପାନୀ ସିସିଟିଭି ଫୁଟେଜ ଆସିବା ପରେ ଜଣାପଡିଥିଲା। ତାଙ୍କୁ ହତ୍ୟା କରିଥିବା ନେଇ ପରିବାର ଲୋକେ ଠିକାଦାରଙ୍କ ନାମରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ତାମିଲନାଡୁକୁ ନେଇଯାଇଥିବା ଠିକାଦାର ସେଠୀଙ୍କ ସହିତ ପୂର୍ବରୁ ସଞ୍ଜୟଙ୍କ ବିବାଦ ଥିଲା। ସେହି ରାଗରେ ସେ ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତଦେହ ସହ ଠିକାଦାର ସେଠୀ ଆସିଥିଲେ ମଧ୍ୟ ସେ କୁରୁଡାକୁ ନ ଆସି ତାମିଲନାଡୁରୁ ଆସିଥିବା ଅନ୍ୟ ୩ ଜଣ ଯୁବକଙ୍କୁ ପଠାଇଥିଲେ। ଗ୍ରାମବାସୀ ମୁଖ୍ୟ ଠିକାଦାର ସେଠୀ ନ ଆସିବା ଦେଖି ମୃତଦେହ ସହିତ ଯେଉଁ ୩ଜଣ ଯୁବକ ଆସିଥିଲେ ସେମାନଙ୍କୁ ଅଟକ ରଖିଥିଲେ। ଏ ଦିଗରେ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୋର ପୋଲିସ୍ ଠିକାଦାର ଶ୍ରୀଧର ସେଠୀଙ୍କୁ ଥାନାରେ ଅଟକ ରଖିଥିବା ବେଳେ ମୃତ ଯୁବକଙ୍କ ମା ଓ ଦୁଇ ବଡ ଭାଇଙ୍କୁ ଥାନାରେ ପଚରାଉଚୁରା କରୁଛି। ଗ୍ରାମରେ ୧ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି।




### ତାମିଲନାଡୁରେ ଦାଦନ ଶ୍ରମିକଙ୍କୁ ହତ୍ୟା ଅଭିଯୋଗ

- ଆମ୍ବୁଲାନ୍ସରେ ଆସିଥିବା ୩ ଅଟକ
- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଅଡିବସିଛନ୍ତି ଗ୍ରାମବାସୀ
- ଥାନାରେ ଠିକାଦାର ଅଟକ
- ମୃତକଙ୍କ ମା' ଭାଇଙ୍କୁ ପଚରାଉଚୁରା

## ସଂକ୍ଷେପରେ

### ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ଡିସ୍‌ୱାସର

ଭୁବନେଶ୍ୱର,୨୧।୭ : ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ଭାରତୀୟ ଡିସ୍‌ୱାସର (ବାସନ ମାଜିବା ଯନ୍ତ୍ର) ବର୍ଗରେ ପ୍ରବେଶ କରିଛି। କମ୍ପାନୀର ଏହି ନୂତନ ପ୍ରଡକ୍ଟ 'ଗୋଦ୍‌ରେଜ୍ ଇଅନ୍ ଡିସ୍‌ୱାସର୍ ବର୍ଗମାଳାକୁ ସର୍ବଭାରତୀୟ ସ୍ତରରେ ମଙ୍ଗଳବାର ବଜାର ପ୍ରବେଶ କରାଯାଇଛି। ଏ ସମ୍ପର୍କରେ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର କାର୍ଯ୍ୟନିର୍ବାହୀ ଉପସଭାପତି ତଥା ବାଣିଜ୍ୟିକ ମୁଖ୍ୟ କମଳ ନନ୍ଦୀ କହିଛନ୍ତି, ମହାମାରୀ ଯୋଗୁ ସହରାଞ୍ଚଳର ଲୋକମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ସେମାନେ ଅଫିସ କାମ ସହିତ ଘର କାମରେ ଛନ୍ଦି ହୋଇପଡ଼ିଛନ୍ତି। କାରଣ ସ୍ୱାସ୍ଥ୍ୟ ବିପଦ କମ୍ କରିବା ଲାଗି ସେମାନେ ଘରୋଇ ସହାୟକ ଉପରେ ନିର୍ଭରଶୀଳତା କମ୍ କରିଛନ୍ତି। ଫଳରେ ଡିସ୍‌ୱାସର୍ ଭଳି ଆପ୍ଲାଏନ୍‌ସର ଚାହିଦାରେ ବୃଦ୍ଧି ଆଣିଛି। କମ୍ପାନୀର ଏହି ପ୍ରଡକ୍ଟ ବାସନ ମାଜିବାକୁ ବାସ୍ତବରେ ସହଜ କରିଛି। ଆମର ବିଶ୍ୱାସ ରହିଛି ଯେ ମହାମାରୀ ପରେ ମଧ ଏହି ବର୍ଗରେ ଅଭିବୃଦ୍ଧି ଜାରି ରହିବ। ଗୋଦ୍‌ରେଜ୍ ଇଅନ୍ ଡିସ୍‌ୱାସର୍ ଜରିଆରେ ଏକକାଳୀନ ୯୦ରୁ ଊର୍ଦ୍ଧ୍ୱ ବାସନ ମାଜିହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ସପର୍ସ ଷ୍ଟପ୍‌ର ମାଇଁ ସେଲ୍, ମାଇଁ ୱେ

ଭୁବନେଶ୍ୱର, ୨୧।୭: ସପର୍ସ ଷ୍ଟପ ପକ୍ଷରୁ ଚଳିତ ମାସ ୨୨ରୁ ଏହାର ଏଣ୍ଡ ଅଫ୍ ସିଜନ ସେଲ୍ ମାଇଁ ସେଲ ମାଇଁ ୱେ ବିଷୟରେ ଘୋଷଣା କରାଯାଇଛି। ଜୁଲାଇ ୧୯ରୁ ୨୧ ପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ ଫାଷ୍ଟ ସିଟିଜେନ ପ୍ରିଭ୍ୟୁ ସେଲ୍ ଆୟୋଜନ କରାଯାଇଛି। ଷ୍ଟୋର ପକ୍ଷରୁ ସାରା ଦେଶରେ ଚାଲିଥିବା ଏହି ଅଫର ମାଧମରେ ୨୦୦ରୁ ଅଧିକ ବ୍ରାଣ୍ଡ ଉପରେ ୫୦% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ସୌନ୍ଦର୍ଯ୍ୟ, ପୋଷାକ, ଜୋତା, ଘର ସାଜସଜ୍ଜା, ସରଞ୍ଜାମ ସହ ଆହୁରି ଅନେକ କିଛି ଗ୍ରାହକ ଏହି ସେଲ୍ ଦ୍ୱାରା ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# ବୀମା କମ୍ପାନୀଙ୍କ ମନମାନି

- ଗ୍ରାହକଙ୍କ ହାତ ଛାଡ଼ି ଦେଉଛନ୍ତି
- ଦିଲ୍ଲୀ ଅଦାଲତରେ ୨୦୦ ମାମଲା

ନୂଆଦିଲ୍ଲୀ, ୨୧।୭

କୋଭିଡ୍ ମହାମାରୀ ଦ୍ୱିତୀୟ ଲହର ସମୟରେ ବୀମା କମ୍ପାନୀଗୁଡିକର ମନମାନି ଦେଖିବାକୁ ମିଳିଛି। ବୀମା ନେଇଥିବା ବ୍ୟକ୍ତିଙ୍କୁ ସୁବିଧା ଦେବା ପରିବର୍ତ୍ତେ କମ୍ପାନୀଗୁଡିକ ସମସ୍ୟାରେ ପକାଉଥିବା ଦେଖାଯାଇଛି। ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ବ୍ୟକ୍ତିବିଶେଷ ବୀମା ଦ୍ୱାରା ଏହାର ସୁବିଧା ନେବାକୁ ଆଶା କରିଥିଲେ। ମାତ୍ର ଜରୁରିକାଳୀନ ସମୟରେ ବୀମା କମ୍ପାନୀଗୁଡିକ ହାତ ଟେକି ଦେଉଥିବାରୁ ଲୋକମାନେ ସମସ୍ୟା ସାମ୍ନା କରୁଥିବା ଦେଖାଯାଉଛି। ଓଡ଼ିଶାର କଟକ ନିବାସୀ ବିପ୍ଳବ ସ୍ୱାଇଁ ଗତ ୯ ବର୍ଷ ହେବ ବାର୍ଷିକ ୨୭ ହଜାର ଟଙ୍କାର ପ୍ରିମିୟମ ଭରୁଥିଲେ। ଗତ ମେ ମାସରେ କରୋନାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ପରିବାର ନିର୍ଦ୍ଦିଷ୍ଟ ବୀମା ରାଶି ଲାଗି କ୍ଲେମ୍ କରିଥିଲେ। ମାତ୍ର ଷ୍ଟାର ହେଲ୍‌ଥ ଆଣ୍ଡ ଆଲାଏଡ ଇନ୍‌ସ୍ୟୁରାନ୍ସ ଠିକ୍ ବୀମା ଦାବି ପ୍ରଦାନ କରିବାରେ ସହଯୋଗ କରି ନ ଥିବା ଅଭିଯୋଗ ଆସିଛି।

ଏହା କେବଳ ଗୋଟିଏ ଉଦାହରଣ ନୁହେଁ। କୋଭିଡ୍‌ର ଦ୍ୱିତୀୟ ଲହର ଯେତେବେଳେ ପିକ୍‌ରେ ରହିଥିଲା, ସେହି ସମୟରେ ମଧ ବୀମା କମ୍ପାନୀଗୁଡିକ ନିଜ ଗ୍ରାହକଙ୍କୁ ହାତ ଛାଡିଦେଇଥିବା ଅନେକ ଘଟଣା ସାମ୍ନାକୁ ଆସିଛି। ଦିଲ୍ଲୀରେ କେବଳ ୨୦୦ ମାମଲା ଅଦାଲତରେ ପହଞ୍ଚିଛି। ଉପଭୋକ୍ତା ଅଧିକାରକୁ ନେଇ କାମ କରୁଥିବା ସଂସ୍ଥା କଞ୍ଜ୍ୟୁମର ଭଏସ୍‌ର ବୀମା ବିଶେଷଜ୍ଞ ସୁଭାଷ ତିୱାରୀ କହିଛନ୍ତି, ଅଧିକରୁ ଅଧିକ ବୀମା ଦାବି ଖାରଜ ହୋଇଯାଉ ବୋଲି ବୀମା କମ୍ପାନୀଗୁଡିକ ଚାହିଁଥାନ୍ତି। ଯେଉଁମାନେ ଆଗକୁ ଆଇନଗତ ଭାବେ ଲଢେଇ କରିବାକୁ ପ୍ରସ୍ତୁତ ସେହିମାନଙ୍କୁ ହିଁ ବୀମା କ୍ଲେମ ମିଳୁଛି। ମାତ୍ର ୧୦% ଲୋକଙ୍କୁ ହିଁ ଠିକ୍ କ୍ଲେମ୍ ମିଳିପାରୁଛି ବୋଲି ସେ ମତପ୍ରକାଶ କରିଛନ୍ତି। ବିପ୍ଳବ ସ୍ୱାଇଙ୍କ ଭଉଣୀ କହିଛନ୍ତି, ଭାଇ କ୍ୟାଶ୍‌ଲେସ୍ ପଲିସି ନେବା ସତ୍ତ୍ୱେ ମଧ ଷ୍ଟାର ହେଲ୍‌ଥର ନେଟ୍‌ୱର୍କ ହସ୍ପିଟାଲ କ୍ୟାଶ ନେବା ପରେ ହସ୍ପିଟାଲରେ ଆଡମିଶନ କରାଇଥିଲେ। ଅଭିଯୋଗ କରାଯିବା ପରେ ମଧ କମ୍ପାନୀ ପକ୍ଷରୁ ହସ୍ପିଟାଲ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲାନାହିଁ। ବର୍ତ୍ତମାନ କମ୍ପାନୀ ବୀମା ଦାବିର ଅଧାରାଶି କାଟ କରୁଛି।

ଷ୍ଟାର ହେଲ୍‌ଥର ଏମ୍‌ଡି ଏସ୍. ପ୍ରକାଶ ଏହି ଘଟଣା



ଉପରେ ସ୍ପଷ୍ଟୀକରଣ ରଖି କହିଛନ୍ତି, ନେଟ୍‌ୱର୍କ ହସ୍ପିଟାଲ ଗ୍ରାହକଙ୍କଠାରୁ ଯେଭଳି ଅର୍ଥ ଦାବି ନ କରନ୍ତି ତାକୁ ଧ୍ୟାନରେ ରଖାଯାଇଛି। ମାତ୍ର କୌଣସି ବ୍ୟକ୍ତି ମଞ୍ଜୁର ହୋଇଥିବା ଶ୍ରେଣୀ ବାଦ୍ ମହଙ୍ଗା କ୍ୟାବିନ ନିଅନ୍ତି ହସ୍ପିଟାଲ ଅତିରିକ୍ତ ରାଶି କ୍ୟାଶ୍ ଭାବେ ନେଇଥାଏ। ଗ୍ରାହକ ଆମ ପାଖରେ ଅଭିଯୋଗ କଲେ ତା'ର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥାଏ। ମାତ୍ର ବିପ୍ଳବଙ୍କ ଭଉଣୀ କୁହନ୍ତି, ରୁମ୍ ଭଡ଼ା ସୀମାକୁ ନେଇ ପଲିସିରେ କିଛି ଉଲ୍ଲେଖ କରାଯାଇ ନ ଥିଲା। ପଲିସିର ସେଟେଲମେଣ୍ଟ ନ କରି ରୀତିମତ ଭାବେ ଲୋକଙ୍କୁ କମ୍ପାନୀଗୁଡିକ ହଇରାଣ କରୁଛନ୍ତି। କ୍ଲେମ୍ ରାଶି କାଟକୁ ନେଇ ଷ୍ଟାର ହେଲ୍‌ଥର ଏହି ଅଧିକାରୀ ଜଣକ କହିଛନ୍ତି, ସବୁ ଭୁଲ୍ ହସ୍ପିଟାଲ ପକ୍ଷରୁ ହୋଇଛି। ବୀମା ନେଇଥିବା ରୋଗୀଙ୍କୁ ହସ୍ପିଟାଲ ଓଭର ଚାର୍ଜ କରୁଛନ୍ତି। ଏଭଳି ମାମଲାରେ କମ୍ପାନୀଗୁଡିକ ସତର୍କତା ଅବଲମ୍ବନ କରିବାକୁ ପଡୁଛି।

ବୀମା କମ୍ପାନୀଗୁଡ଼ିକର ଏଭଳି ମନମୁଖି କାମକୁ ନେଇ ବୀମା ନିୟାମକ ଏବଂ ଉନ୍ନତୀକରଣ କର୍ତ୍ତୃପକ୍ଷ (ଆଇଆର୍‌ଡିଏ) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି। ମାତ୍ର ଏହା ବର୍ତ୍ତମାନ ଚୁପ୍ ରହିଥିବାରୁ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଆଇଆର୍‌ଡିଏ ପକ୍ଷରୁ ମତାମତ ଲୋଡ଼ାଯାଇଥିଲେ ମଧ ଏହା ମିଳିପାରିନାହିଁ। ଉଲ୍ଲେଖଯୋଗ୍ୟ, ଆଇଆର୍‌ଡିଏ ଅଧକ୍ଷ ପଦ ମେ ମାସରୁ ଖାଲି ପଡିଛି।

### ୫ ଲକ୍ଷର ପଲିସି, କମ୍ପାନୀ ଦେଇଛି ୧.୬୦ ଲକ୍ଷ

ଦିଲ୍ଲୀରେ ଅବାସ ଖାନ(ପରିବର୍ତ୍ତିତ ନାମ) ୟୁନାଇଟେଡ୍ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀର ୫ ଲକ୍ଷ ଟଙ୍କାର କରୋନା କବଚ ପଲିସି ନେଇଥିଲେ। ହସ୍ପିଟାଲରେ ଭର୍ତ୍ତି ହେବା ପରେ ତାଙ୍କର ବିଲ୍ ୯ ଲକ୍ଷ ଟଙ୍କା ହୋଇଥିଲା। ଯେତେବେଳେ ସେ କମ୍ପାନୀକୁ କ୍ଲେମ୍ କରିଲେ କମ୍ପାନୀ ତାଙ୍କୁ ମାତ୍ର ୧.୬୦ ଲକ୍ଷ ଟଙ୍କା ରାଶି ଜାରି କଲା। ଅବାସ ବର୍ତ୍ତମାନ କୋର୍ଟ ଯିବାକୁ ପ୍ରସ୍ତୁତି କରୁଛନ୍ତି।

### ୫ ଲକ୍ଷର ବୀମା, ରୋଗୀ ପିଛା କମ୍ପାନୀ ଦେଇଛି ୧୦ ହଜାର

ଇନ୍ଦୋର ନିବାସୀ ଅଭୟ ଶର୍ମା ନିଜ ଲାଗି ୫ ଲକ୍ଷ ଟଙ୍କାର ପଲିସି ଏବଂ ତାଙ୍କ ସ୍ତ୍ରୀ ଏବଂ ପିଲା ଲାଗି ୩ ଲକ୍ଷ ଲେଖାଏଁ କୋଭିଡ୍ କବଚ ପଲିସି ନେଇଥିଲେ। ୩ ଜଣ କରୋନାରେ ସଂକ୍ରମିତ ହେବା ପରେ ୭୨ ହଜାର ଟଙ୍କାର ବିଲ୍ ହସ୍ପିଟାଲ ଦେଇଥିଲା। ମାତ୍ର ବୀମା କମ୍ପାନୀ ତାଙ୍କ ପୁଅକୁ ଅଧିକ ତମ ୧୦ ହଜାର ଟଙ୍କା ସ୍ତ୍ରୀକୁ ୫ ହଜାର ଏବଂ ତାଙ୍କୁ ୭,୫୦୦ ଟଙ୍କା କ୍ଲେମ୍ ଦେଉଛି।

### କମ୍ପାନୀଙ୍କ ବିରୋଧରେ କରିପାରିବେ ଅଭିଯୋଗ

କଞ୍ଜ୍ୟୁମର ଭଏସ୍‌ର ସିଓଓ ଅସୀମ ସନ୍ୟାଲ କହିଛନ୍ତି, ପ୍ରଥମେ ବୀମା କମ୍ପାନୀଙ୍କ ସହ ଆଲୋଚନା କରିବା ଆବଶ୍ୟକତା ରହିଛି। ଯଦି କମ୍ପାନୀଠାରୁ ସନ୍ତୋଷଜନକ ଉତ୍ତର ନ ମିଳେ ତେବେ ଆଇଆର୍‌ଡିଏ ପୋର୍ଟାଲରେ ଅଭିଯୋଗ କରିହେବ। ଅଭିଯୋଗ ପରେ ସମାଧାନ ଲାଗି କମ୍ପାନୀ ସ୍ୱତଃପ୍ରବୃତ୍ତ ଭାବେ ଆସିବେ। ଏହା ନ ହେଲେ ମାମଲା ବୀମା ଲୋକପାଳଙ୍କ ନିକଟରେ ପହଞ୍ଚିବ। ବୀମା ଲୋକପାଳଙ୍କ ଶୁଣାଣିରେ ସନ୍ତୁଷ୍ଟ ନ ହେଲେ କଞ୍ଜ୍ୟୁମର ଫୋରମକୁ ଯାଇପାରିବେ।


## ଜନ୍ମଦିନ ଶୁଭେଚ୍ଛା





ଡୋଲେଶ୍ୱର ମହାପାତ୍ର (ଡୋଲୁ)
ରାଜାଖଡ଼ିଆଲ, ଜିଲ୍ଲା: ନୂଆପଡ଼ା
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
:ଶୁଭେଚ୍ଛା:
ମାଆ: ଚାନ୍ଦିନୀ, ବାପା: ସନ୍ତୋଷ, ପରିବାରଙ୍କ ସହ ମହାପାତ୍ର ପରିବାରବର୍ଗ।
ଧ-୨୧୧୩୯

## ଜନ୍ମଦିନ ଶୁଭେଚ୍ଛା





ଧରିତ୍ରୀ ମହାନ୍ତି
ଆଜିର ଏ ସକାଳ କେତେ ଯେ କୋମଳ, ଆଜିର ଏ ଦିବସ କେତେ ଯେ ସରସ। ଏଇ ସକାଳ ପରି ନିର୍ମଳ ରହୁ ତୁମରି ମନ, ହସ ଖୁସିରେ ବିତୁ ତୁମର ପ୍ରତ୍ୟେକ ଦିନ। ସଦାସର୍ବଦା ଆସୁଥାଉ ଏହି ତୁମ ପବିତ୍ର ଜନ୍ମଦିନ।
ଶୁଭେଚ୍ଛା ସହ: ଚିନୁ, ସୋନୁ, ରୁବି
ଧ-୨୧୧୩୫


## ବ୍ରହ୍ମପୁରରେ ଭୋଲ୍‌ଟାସ୍‌ର ନୂଆ ବ୍ରାଣ୍ଡଶପ୍ ଶୁଭାରମ୍ଭ



ଭୁବନେଶ୍ୱର, ୨୧।୭

ଦେଶର ପ୍ରମୁଖ ଏସି ବ୍ରାଣ୍ଡ ଭୋଲ୍‌ଟାସ୍ ଲିମିଟେଡ୍ ପକ୍ଷରୁ ବ୍ରହ୍ମପୁରର ଆସ୍କା ରୋଡ୍‌ରେ ନୂଆ ବ୍ରାଣ୍ଡଶପ୍ ଖୋଲିଛି। ଏହା ବ୍ରହ୍ମପୁର ସହରରେ ଦ୍ୱିତୀୟ ଏବଂ ଓଡ଼ିଶାର ଷଷ୍ଠ ବ୍ରାଣ୍ଡ ଷ୍ଟୋର ବୋଲି ଜଣାପଡିଛି। ବର୍ତ୍ତମାନ ସାରା ଦେଶରେ ୧୯୦ ଏକ୍ସକ୍ଲୁସିଭ ବ୍ରାଣ୍ଡ ଆଉଟଲେଟ ଦ୍ୱାରା କମ୍ପାନୀ ସେବା ଯୋଗାଉଛି। ଚଳିତ ଆର୍ଥିକ ବର୍ଷଶେଷ ସୁଦ୍ଧା ଏହି ବର୍ଗରେ ଅଧିକ ଷ୍ଟୋର ଯୋଡିବାକୁ କମ୍ପାନୀ ଲକ୍ଷ୍ୟ ରଖିଥିବା କହିଛି। ଷ୍ଟୋରରେ ନୂଆ ରେଞ୍ଜର ଭୋଲ୍‌ଟାସ୍, ଭୋଲ୍‌ଟାସ ବେକୋ ପ୍ରଡକ୍ଟ ଗ୍ରାହକଙ୍କ ଲାଗି ଉପଲବ୍ଧ।

ଗ୍ରାହକ ଏୟାର କଣ୍ଡିସନର, ଏୟାର ପ୍ୟୁରିଫାୟର, ଏୟାର କୁଲର, କମର୍ସିଆଲ ରେଫ୍ରିଜରେଟର, ୱାଟର ଡିସ୍‌ପେନଶର, ୱାଟର କୁଲର, ରେଫ୍ରିଜରେଟର, ୱାଶିଂ ମେଶିନ, ମାଇକ୍ରୋୱେଭ ଏବଂ ଡିସ୍‌ୱାଶର ଭଳି ପ୍ରଡକ୍ଟ ଗ୍ରାହକ ଲାଭ କରିପାରିବେ। ନୂଆ ଷ୍ଟୋର ଶୁଭାରମ୍ଭ ଘୋଷଣା କରି ଅତ୍ୟନ୍ତ ଖୁସି ବୋଲି ଭୋଲ୍‌ଟାସ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ପ୍ରଦୀପ ବକ୍ସି କହିଛନ୍ତି। ଗ୍ରାହକଙ୍କ ଆବଶ୍ୟକତାକୁ ନଜରରେ ଅତ୍ୟାଧୁନିକ ଟେକ୍ନୋଲୋଜି ଭିତ୍ତିକ ପ୍ରଡକ୍ଟ ଯୋଗାଣ କରାଯାଉଛି। ଗୋଟିଏ ଛାତ ତଳେ ଲୋକମାନେ ଭୋଲ୍‌ଟାସ ଏବଂ ଭୋଲ୍‌ଟାସ ବେକୋର ପ୍ରଡକ୍ଟ ଲାଭ କରିପାରିବେ ବୋଲି ବକ୍ସି କହିଛନ୍ତି।

## ଗ୍ରାମାଞ୍ଚଳରେ ମାରୁତି ସୁଜୁକିର ୫୦ ଲକ୍ଷ ଗାଡ଼ି ବିକ୍ରି

ନୂଆଦିଲ୍ଲୀ, ୨୧।୭: ମାରୁତି ସୁଜୁକି ଦେଶର ଗ୍ରାମାଞ୍ଚଳ ବଜାରରେ ୫୦ ଲକ୍ଷ ୟୁନିଟ ବିକ୍ରି ରେକର୍ଡ ହାସଲ କରିଛି। ଗ୍ରାମାଞ୍ଚଳରେ ୧୭୦୦ରୁ ଊର୍ଦ୍ଧ୍ୱ ଆଉଟଲେଟ ଦ୍ୱାରା ଏହା ସେବା ଯୋଗାଉଛି। ମୋଟ ବିକ୍ରି କ୍ଷେତ୍ରରେ ଗ୍ରାମାଞ୍ଚଳ ବଜାରର ଅଂଶ ୪୦% ରହିଥିବା ଜଣାପଡିଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ ଜୁନ ଅବଧିରେ ଏହା ୩.୫୩ ଲକ୍ଷ ୟୁନିଟ ଯାନ ବିକ୍ରି କରିଛି। ୨୦୨୦-୨୧ରେ ଏହା ୧୪.୫୭ ଲକ୍ଷ ୟୁନିଟ ଏବଂ ୨୦୧୯-୨୦ରେ ୧୫.୬୩ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇଥିବା ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ବରିଷ୍ଠ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି।

## ଏନ୍‌ଟିଏସ୍‌ଇରେ ଆକାଶ ଛାତ୍ରୀଛାତ୍ରଙ୍କ ସଫଳତା

ଭୁବନେଶ୍ୱର, ୨୧।୭: ଏନ୍‌ଟିଏସ୍‌ଇର ଷ୍ଟେଜ ୨ ପରୀକ୍ଷାରେ ଆକାଶ ଇନ୍‌ଷ୍ଟିଚ୍ୟୁଟର ୪୩୩ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଏନ୍‌ଟିଏସ୍‌ଇ ୨୦୨୦ ସ୍କଲାରଶିପ ଲାଭ କରିବାକୁ ଏହି ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି। ୨୦୧୯ରେ ୩୬୬ ଛାତ୍ରୀଛାତ୍ର ଏଥି ଲାଗି ଯୋଗ୍ୟ ବିବେଚିତ ହୋଇଥିବା ବେଳେ ୨୦୨୦ରେ ଏଥିରେ ବୃଦ୍ଧି ଘଟିଛି। ଚଳିତବର୍ଷ ଛାତ୍ରୀଛାତ୍ରଙ୍କ ସଫଳତା ହାର ଆଶାତୀତ ହୋଇଥିବା ଆକାଶ ଇନ୍‌ଷ୍ଟିଚ୍ୟୁଟର ପରିଚାଳନା ନିର୍ଦ୍ଦେଶକ ଆକାଶ ଚୌଧୁରୀ କହିଛନ୍ତି।

## ଫୁରସତ୍

# ଖୁବ୍‌ଶୀଘ୍ର 'ଭିଷ୍ଟାଡୋମ୍ କୋଚ୍'

**ଭାରତୀୟ ରେଳ ଇତିହାସ ଯେତିକି ଚର୍ଚ୍ଚିତ, ସେତିକି ଘଟଣାବହୁଳ ଏହାର କ୍ରମବିକାଶ। ବ୍ରିଟିଶ ଅମଳର ଷ୍ଟିମ୍ ଇଞ୍ଜିନ୍‌ରୁ ପ୍ରସ୍ତାବିତ ବୁଲେଟ୍ ଟ୍ରେନ୍ ଯାଏ ଏହି ଦୀର୍ଘ ଯାତ୍ରା ଭିତରେ ବଦଳିଯାଇଛି ଦେଶର ଅର୍ଥନୀତିର ରୂପରେଖ। ଏତେ ସବୁ ସତ୍ତ୍ୱେ ସେବା, ସମୟାନୁବର୍ତ୍ତିତାକୁ ନେଇ ଭାରତୀୟ ରେଳସେବା ସମାଲୋଚନାର ଶିକାର ହେଉଛି। ହେଲେ ଆଗାମୀ କିଛିବର୍ଷ ଭିତରେ ଭାରତୀୟ ରେଳର ଚିତ୍ର ବଦଳିଯିବ। ପୁରୁଣାକାଳିଆ କୋଚ୍‌ର ସ୍ଥାନ ନେବ ୟୁରୋପୀୟାନ୍ ଷ୍ଟାଇଲ୍‌ର ଭିଷ୍ଟାଡୋମ୍ କୋଚ୍। ଅତ୍ୟାଧୁନିକ ସୁବିଧାଯୁକ୍ତ ଏହି ମଡର୍ନ କୋଚ୍ ଯାତ୍ରୀ ତଥା ପର୍ଯ୍ୟଟକଙ୍କ ଟ୍ରେନ୍‌ଯାତ୍ରାକୁ ସ୍ମୃତିମଧୁର କରିବ।**



### ସ୍ମୃତିମଧୁର ହେବ ରେଳଯାତ୍ରା

**ନୂଆଦିଲ୍ଲୀ:** ଭାରତୀୟ ରେଳ ଇତିହାସରେ ଯୋଡ଼ି ହୋଇଛି ଆଉ ଏକ ନୂଆ ଫର୍ଦ୍ଦ। ନିକଟରେ ରେଳ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଛି ଅତ୍ୟାଧୁନିକ ଭିଷ୍ଟାଡୋମ୍ କୋଚ୍। ଏହି କୋଚ୍‌ରେ ଯାତ୍ରା କେବଳ ଆରାମଦାୟକ ହେବନାହିଁ, ବରଂ ସ୍ମୃତିମଧୁର ମଧ ହେବ। ଏହି ଉନ୍ନତମାନର ରେଳଡବାର ଛାତ କାଚରେ ନିର୍ମିତ। ଏଥିରେ ଚଉଡ଼ା ଝରକା ଲଗାଯାଇଛି। ବସିବା ଲାଗି ରହିଥିବା ଚେୟାର ୩୬୦ ଡିଗ୍ରୀ ଘୂରିପାରିବା ଭଳି ବ୍ୟବସ୍ଥା କରାଯାଇଛି। ସ୍ନାନ, ଶୌଚ କରିବା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ନିର୍ମିତ ହୋଇଛି ବାୟୋ ଟଏଲଟ। ପୂର୍ବତନ ରେଳମନ୍ତ୍ରୀ ପୀୟୁଷ ଗୋୟଲ ନିକଟରେ ଏକ ଟୁଇଟ୍ କରି ଏହି କୋଚ୍ ବିଷୟରେ ସୂଚନା ଦେଇଛନ୍ତି। ବିଶେଷ କରି ପର୍ଯ୍ୟଟକଙ୍କୁ ରେଳଯାତ୍ରା ପ୍ରତି ଆକର୍ଷିତ କରିବା ଲାଗି ଭିଷ୍ଟାଡୋମ୍ କୋଚ୍‌ର ପରିକଳ୍ପନା କରାଯାଇଥିବା ଜଣାପଡ଼ିଛି।

କୋଚ୍‌ରେ ଏକାସଙ୍ଗରେ ୪୪ ଯାତ୍ରୀ ବସିପାରିବେ। ଆରାମଦାୟକ ଚେୟାରଗୁଡ଼ିକ ୩୬୦ ଡିଗ୍ରୀ ଘୂରିପାରିବ। ଫଳରେ ଯାତ୍ରୀ କେବଳ ସମ୍ମୁଖ ଭାଗକୁ ମୁହଁ କରି ବସିବାକୁ ବାଧ ହେବେନାହିଁ। କୋଚ୍‌ରେ ପାସେଞ୍ଜରଙ୍କ ସମ୍ପର୍କରେ ସବିଶେଷ ସୂଚନା ରହିବ। ୱାଇଫାଇ ସୁବିଧା ଉପଲବ୍ଧ ହେବ। ଟ୍ରେନ୍‌ର ଡୋର୍‌ଗୁଡ଼ିକ ସେନ୍‌ସର ସହାୟତାରେ ସ୍ୱୟଂକ୍ରିୟ ଭାବେ କାର୍ଯ୍ୟକରିବ। ଦିବ୍ୟାଙ୍ଗ ଲୋକଙ୍କ ସୁବିଧାରେ ପ୍ରବେଶ, ପ୍ରସ୍ଥାନ ଲାଗି ଗେଟ୍‌ଗୁଡ଼ିକୁ ଅଧିକ ଚଉଡ଼ା କରାଯାଇଛି। ଏହା ମାଧମରେ ସେମାନେ ହୁଇଲ୍ ଚେୟାରରେ ମଧ ଯାତାୟାତ କରିପାରିବେ। ମନୋରଞ୍ଜନ ଲାଗି ଡିଜିଟାଲ ଡିସ୍‌ପ୍ଲେ ଟେକ୍ନିକ୍‌ର ଉପଯୋଗ କରାଯାଇଛି। ଏଥିରେ ମ୍ୟୁଜିକ୍‌ର ମଜା ନେବା ଲାଗି ସ୍ପିକର ଲାଗିଛି। ଏହାକୁ ବାଦ୍ ଦେଲେ ସମଗ୍ର କୋଚ୍ ସିସିଟିଭି ନଜରରେ ରହିବ। ଯାତ୍ରୀମାନେ ବୋର୍ ନ ହେବା ଲାଗି ଲାଉଞ୍ଜ ଏରିଆ ରଖାଯାଇଛି। ଯାତ୍ରୀଙ୍କ ଖାଇବା ପିଇବା ଲାଗି ସ୍ୱତନ୍ତ୍ର ରିଫ୍ରେଶମେଣ୍ଟ ଏରିଆ ରହିଛି। ଏଠାରେ ଯାତ୍ରୀମାନେ ଗରମ ଖାଦ୍ୟ ଖାଇବାର ମଜା ନେଇପାରିବେ। ଏଥିଲାଗି ମାଇକ୍ରୋୱେଭ୍ ଏବଂ ହଟ୍‌କେସ୍ ସୁବିଧା କରାଯାଇଛି। ଏଥିସହ କଫିମେକର, ଫ୍ରିଜ୍ ମଧ ଉପଲବ୍ଧ। ଭାରତୀୟ ଟ୍ରେନ୍‌ରେ ଉପଲବ୍ଧ ଶୌଚାଳୟକୁ ନେଇ ଅଧିକାଂଶ ସମୟରେ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଥାଆନ୍ତି। ହେଲେ ଭିଷ୍ଟାଡୋମ୍ କୋଚ୍‌ରେ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ରଖାଯାଇଛି। ଏହି ମଡର୍ନ ମଡ୍ୟୁଲର କୋଚ୍‌ର ଟଏଲଟ୍ ଇକୋ ଫ୍ରେଣ୍ଡଲି ହେବ। ମଳ ଯେପରି ଟ୍ରାକ୍‌ରେ ନ ପଡ଼େ, ସେଥିଲାଗି କୋଚ୍‌ର ତଳଭାଗରେ ଏକ ବାୟୋ ଟ୍ୟାଙ୍କ୍ ଲଗାଯାଇଛି।

## ଥିଏଟରରୁ ଆରମ୍ଭ ହୋଇଥିଲା ଲଭ୍ ଷ୍ଟୋରି



କେ. କେ. ମେନନ

**ମୁମ୍ବାଇ:** ବଲିଉଡରେ କେ. କେ. ମେନନ ୧୯୯୫ ଚଳଚ୍ଚିତ୍ର 'ନସିମ' ସହିତ ତାଙ୍କ କ୍ୟାରିଅର୍ ଆରମ୍ଭ କରିଥିଲେ। ସେ ଅନେକ ହିଟ୍ ଫିଲ୍ମରେ କାମକରି ଦର୍ଶକଙ୍କ ହୃଦୟ ଜିତିଛନ୍ତି। କେରଳରେ ଜନ୍ମିତ ମେନନ ଅମ୍ବରନାଥ ଏବଂ ପୁଣେରେ ବଢ଼ିଥିଲେ। ଲକ୍ଷ୍ନୌର ବାସିନ୍ଦା ନିବେଦିତା ଭଟ୍ଟାଚାର୍ଯ୍ୟଙ୍କ ସହ ତାଙ୍କର ପ୍ରେମ ସମ୍ପର୍କରୁ ବିବାହ ହୋଇଥିଲେ ମଧ ଏହାକୁ ସେମାନେ ଦୀର୍ଘଦିନ ପର୍ଯ୍ୟନ୍ତ ଲୁଚାଇ ରଖିଥିଲେ। ସେମାନଙ୍କ ପ୍ରେମ ଥିଏଟରରୁ ଆରମ୍ଭ ହୋଇଥିଲା ବୋଲି ନିବେଦିତା ଏକ ସାକ୍ଷାତ୍‌କାରରେ କହିଛନ୍ତି। ଥିଏଟରରେ ଏକାଠି କାମ କରିବା ସମୟରେ ସେମାନେ ପରସ୍ପରର ନିକଟତର ହୋଇଥିଲେ। କ୍ୟାରିୟର ଆରମ୍ଭ ସଂଘର୍ଷମୟ ଥିଲା ଓ ସେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେଥିପାଇଁ ସେ ବିବାହକୁ ଲୋକଙ୍କଠାରୁ ଲୁଚାଇ ରଖିଥିଲେ।

# ସତେଜତା ଅନୁଭବ ପାଇଁ...

### ଆଜି ନ୍ୟାଶନାଲ ରିଫ୍ରେଶ୍‌ମେଣ୍ଟ ଡେ'

ଉତ୍ତର ଗୋଲାର୍ଦ୍ଧରେ ଜୁଲାଇ ମାସରେ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହୋଇଥାଏ। ଉତ୍ତାପଜନିତ କାରଣରୁ ବ୍ୟତିବ୍ୟସ୍ତ ଲାଗିଥାଏ। ସତେଜତା ଅନୁଭବ ପାଇଁ ସମସ୍ତେ ବ୍ୟାକୁଳ ହୋଇ ଉଠନ୍ତି। ଏହି ପରିପ୍ରେକ୍ଷୀରେ ଜୁଲାଇ ମାସର ୪ର୍ଥ ଗୁରୁବାର(ଚଳିତ ବର୍ଷ ୨୨ତାରିଖ)କୁ ନାଶନାଲ ରିଫ୍ରେଶ୍‌ମେଣ୍ଟ ଡେ' ଭାବେ ପାଳନ କରାଯାଉଛି। ଗରମ ଦିନେ ନିଜକୁ ରିଫ୍ରେଶ ବା ସତେଜ ରଖିବା ଲାଗି ଲୋକେ ଆଇସ୍ ଟି, କୋଲ୍ଡ ସୋଡ଼ା, କୋଲ୍ଡ ବିୟର ଭଳି ଥଣ୍ଡା ପାନୀୟ ସେବନ କରନ୍ତି। ଗ୍ରୀଷ୍ମକାଳରେ କୋଲ୍ଡ ରିଫ୍ରେଶ୍‌ମେଣ୍ଟ ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଟ୍ରାଭେଲର ବିୟର କମ୍ପାନୀ ୨୦୧୫ ରେ ପ୍ରଥମେ ଏହି ଦିବସ ପାଳନ ଲାଗି ଘୋଷଣା କରିଥିଲା। ଏହି ଆମେରିକୀୟ କମ୍ପାନୀ ପକ୍ଷରୁ ଏହାର ପରବର୍ଷ ଜୁଲାଇ ମାସର ୪ର୍ଥ ଗୁରୁବାର ଉକ୍ତ ଦିବସ ପାଳନ କରାଯାଇଥିଲା। ତେବେ ଥଣ୍ଡା ରିଫ୍ରେଶମେଣ୍ଟ କାଟେଗୋରୀରେ ବହୁ ଲୋକପ୍ରିୟ ପାନୀୟ ରହିଛି। କିନ୍ତୁ ବିୟର ଆଗରେ ସବୁ ଫିକା। ବିଶ୍ୱର ସବୁଠୁ ଲୋକପ୍ରିୟ ପାନୀୟ ତାଲିକାର ତୃତୀୟ ସ୍ଥାନରେ ରହିଛି ବିୟର। ଅର୍ଥାତ ଏହା ପାଣି ଓ ଚା' ପଛକୁ ରହିଛି।



# ମାସ୍କରେ ବିବାହ ଡ୍ରେସ୍

**ଲଣ୍ଡନ:** କରୋନା ମହାମାରୀରୁ ବର୍ତ୍ତିବା ପାଇଁ ମାସ୍କ ପିନ୍ଧିବା ଜରୁରୀ ହୋଇପଡ଼ିଛି। ଯେଉଁ ଦେଶରେ କରୋନା ନିୟନ୍ତ୍ରଣକୁ ଆସିଛି ସେଠାରେ ମାସ୍କରୁ ମୁକ୍ତି ମିଳିଛି। ଇଂଲଣ୍ଡରେ ଫେସ ମାସ୍କରୁ ଛୁଟି ମିଳିଛି। ଏଠାକାର ଜଣେ ଡିଜାଇନର ଫେସ୍‌ମାସ୍କ ବ୍ୟବହାର କରି ଏକ ସୁନ୍ଦର ବିବାହ ଡ୍ରେସ ତିଆରି କରିଛନ୍ତି। ସେଠାରେ ବିବାହ ଉପରୁ କଟକଣା ମଧ ହଟିଛି। ଏହି ମୌକାରେ ଜଣେ କନ୍ୟାଙ୍କ ପାଇଁ ପ୍ରସ୍ତୁତ ବିବାହ ଡ୍ରେସରେ ୧୫୦୦ ମାସ୍କ ବ୍ୟବହୃତ ହୋଇଛି। ଟମ୍ ସିଲଭରଉଡ ଦ୍ୱାରା ଡିଜାଇନ କରାଯାଇଥିବା ଏହି ଡ୍ରେସ୍‌କୁ ମଡେଲ ଜେମିମା ହ୍ୟାମ୍ବ୍ରୋ ପିନ୍ଧି ଲଣ୍ଡନରେ ସେଣ୍ଟ ପଲ୍ କ୍ୟାଥେଡ୍ରାଲ ପାଖରେ ଫଟୋ ଉଠାଇଛନ୍ତି। ୱେଡିଂ ପ୍ଲାନର ୱେବ୍‌ସାଇଟ ହିଚେଡ ଏହି ଡ୍ରେସ ପାଇଁ ଅର୍ଥ ଦେଇଥିଲା। ଡ୍ରେସକୁ ଅଧିକ ସୁନ୍ଦର କରିବା ପାଇଁ ଡିସ୍ପୋଜାଲ ପ୍ଲାଷ୍ଟିକ ପିପିଇ ବ୍ୟବହାର କରାଯାଇଛି। କେବଳ ଧଳା ରଙ୍ଗର ମାସ୍କରେ ତିଆରି ଡ୍ରେସ୍‌କୁ ନେଇ ଖୁବ୍ ଚର୍ଚ୍ଚା ହେଉଛି।




## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



ସ୍ୱ ଅଧିକାରୀ ପ୍ରତାପ ଚନ୍ଦ୍ର ଦାସ
ପୂର୍ବତନ ପ୍ରଧାନ ଶିକ୍ଷକ
ସାନଗାଁ, ଯଦୁପୁର, କେନ୍ଦ୍ରାପଡ଼ା
ଆବିର୍ଭାବ: ୨୩।୦୪।୫୮
ତିରୋଧାନ: ୧୨।୦୭।୨୧
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଗୋପୀନାଥଙ୍କ ପାଖରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ଓ ବନ୍ଧୁ।
ଧ-୨୧୧୩୬

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱ ଶ୍ରୀ ଧରଣୀଧର ଜେନା
ଜନ୍ମ: ୦୯।୦୪।୧୯୫୭
ତିରୋଧାନ: ୨୨।୦୭।୨୦୨୦
"ପୁଣ୍ୟତୋୟା", ଇ-୭, ବି.ଜେ.ବି ନଗର, ଭୁବନେଶ୍ୱର
ଗୋଟେ ବର୍ଷ କଟିଗଲା ପୃଥିବୀର ଏ ମାଟିରୁ ତୁମର ବିଦାୟ ନେବାର। ଏ ପର୍ଯ୍ୟନ୍ତ ପରିବାରର ସମସ୍ତ ସଦସ୍ୟ ହତଚକିତ, ତୁମ ଅନୁପସ୍ଥିତିରେ ଶୋକ, ସନ୍ତାପରେ ବୁଡ଼ି ରହିଛନ୍ତି। ତଥାପି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ସେ ତାଙ୍କ ପାଦତଳେ ତୁମକୁ ସ୍ଥାନ ଦିଅନ୍ତୁ ଏବଂ ତୁମେ ଚିର ଶାନ୍ତି ଲାଭ କର। ତୁମ ଆଶୀର୍ବାଦର ଧାରା ତୁମ ପରିବାର ଉପରେ ସଦା ସର୍ବଦା ଝରୁଥାଉ।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ର ଏବଂ ପରିବାରବର୍ଗ।
ଧ-୨୧୧୧୮

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ରବୀନ୍ଦ୍ର କୁମାର ସ୍ୱାଇଁ
ଏଲବି-୩୩, ଷ୍ଟେଜ-୧, ଲକ୍ଷ୍ମୀସାଗର ବ୍ରିଟ୍ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୦୨.୧୦.୧୯୪୮
ତିରୋଧାନ: ୧୨.୦୭.୨୦୨୧
ଆପଣ ଆମକୁ ଛାଡି ଚାଲିଯିବା ଆଜକୁ ୧୦ଦିନ ବିତିଲା। ଦୀର୍ଘ ବର୍ଷ ଧରି କଟକ ରୋଡ୍ ଅଞ୍ଚଳର ଜଣେ ଶୃଙ୍ଖଳିତ ବ୍ୟବସାୟୀ ଓ ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ଭାବେ ଆପଣଙ୍କର ନିଷ୍କାପର ଉଦ୍ୟମ ଓ ସବୁ କ୍ଷେତ୍ରରେ ଜଣେ ଦାୟିତ୍ୱବାନ ବ୍ୟକ୍ତିତ୍ୱ ଭାବେ ଆପଣଙ୍କର ପ୍ରେରଣା ଆମ ପାଇଁ ସବୁବେଳେ ରସ ଥିଲା। ଏବେ ପ୍ରତି କ୍ଷଣ ଓ ଅନୁକ୍ଷଣରେ ଆପଣଙ୍କ ଅନୁପସ୍ଥିତି ଆମେ ଅନୁଭବ କରିବା ନିଶ୍ଚିତ। ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
:ଶୋକସନ୍ତପ୍ତ:
କଟକ ରୋଡ୍ ବ୍ୟବସାୟୀ ସଂଘ ଓ ପରିବାରବର୍ଗ।
ଧ-୭୦୯୩୨

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱ ଭଗବାନ ସ୍ୱାଇଁ
ପୂର୍ବତନ ଉପାଧକ୍ଷ, ଧରାକୋଟ ବ୍ଲକ୍
ଜାହାଡା (ଗଞ୍ଜାମ)
ତିରୋଧାନ : ୨୫-୬-୨୦୨୦
ପ୍ରଥମ ଶ୍ରାଦ୍ଧବାର୍ଷିକୀ : ୨୨-୭-୨୦୨୧
ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
- ଶୋକସନ୍ତପ୍ତ -
ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୨୧୧୪୪




ଟୋକିଓ ଆକ୍ୱାଟିକ୍ ସେଣ୍ଟରରେ ବୁଧବାର ଡାଇଭିଂ ଟ୍ରେନିଂ ସେସନରେ ସନ୍ତରଣକାରୀମାନେ।




ଅଲିମ୍ପିକ୍ ଭିଲେଜରେ ଭାରତୀୟ ମହିଳା ହକି ଦଳର ଟ୍ରେନିଂ।

# ଉଦ୍‌ଘାଟନୀରେ ୧୫ ଦେଶର ରାଜନେତା

ଟୋକିଓ,୨୧।୭(ପି.ଟି.)

ନ୍ୟାଶନାଲ ଷ୍ଟାଡିୟମରେ ଟୋକିଓ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ଶୁକ୍ରବାର ଆୟୋଜନ ହେବ। ଏହି ଉତ୍ସବରେ ୧୫ଟି ଦେଶର ବିଶ୍ୱସ୍ତରୀୟ ନେତା ଉପସ୍ଥିତ ରହିବେ। କରୋନା ମହାମାରୀ କାରଣରୁ ଏହି ଉତ୍ସବରେ ଏକ ହଜାରରୁ କମ୍ ଲୋକ ଉପସ୍ଥିତ ରହିବେ। କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍‌ଘାଟନୀ ଉତ୍ସବରେ ସୀମିତ ଲୋକଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଜାପାନ ସରକାରଙ୍କ ମୁଖ୍ୟ କ୍ୟାବିନେଟ୍ ସଚିବ କାତସୁନୋବୋ କାଟୋ ଏକ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି।

୭୦ଜଣ କ୍ୟାବିନେଟସ୍ତରୀୟ ଅଫିସିଆଲ ଜାପାନ ଗସ୍ତ କରିବେ। ଉତ୍ସବରେ କେତେଜଣ ଭିଆଇପି ଉପସ୍ଥିତ ରହିବେ ସେ ନେଇ ଅନିଶ୍ଚିତତା ଜାରି ରହିଛି। ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ରହିବାକୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ମଙ୍ଗୋଲିଆ ପ୍ରଧାନମନ୍ତ୍ରୀ ଲୁଭସାନାମସ୍ରାଇ ଓୟୁନ-ଏରଡେନ ଓ ଆମେରିକା ରାଷ୍ଟ୍ରପତିଙ୍କ ସ୍ତ୍ରୀ ଜିଲ ବାଇଡେନ ପ୍ରତିଶ୍ରୁତି ଦେଇଛନ୍ତି। ଜାପାନରେ କରୋନା ସଂକ୍ରମଣ ବୃଦ୍ଧି ଘଟୁଥିବାରୁ ଅଧିକାଂଶ ରାଜନେତା ସେମାନଙ୍କ ଟୋକିଓ ଗସ୍ତ ବାତିଲ କରିଛନ୍ତି।

ଏହି ମେଗା କ୍ରୀଡ଼ା ଇଭେଣ୍ଟ ମାଧ୍ୟମରେ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା ବିଭିନ୍ନ ବିଶ୍ୱସ୍ତରୀୟ ନେତାଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ବଢ଼ାଇବାର ସୁଯୋଗ ପାଇବେ ବୋଲି ମୁଖ୍ୟ କ୍ୟାବିନେଟ ସଚିବ କାଟୋ କହିଛନ୍ତି। କରୋନା କାରଣରୁ ଗତ ଗୋଟିଏ ବର୍ଷ ହେବ ବିଭିନ୍ନ ଦେଶର ନେତାଙ୍କ ମଧ୍ୟରେ ରାଜନୈତିକ ତଥା କୂଟନୈତିକ ସମ୍ପର୍କ ସ୍ଥାପନ ହୋଇପାରିନାହିଁ। କରୋନାକୁ ଦୃଷ୍ଟିରେ ରଖି ଅଲିମ୍ପିକ୍ସ ଆୟୋଜନ ପାଇଁ ଇମର୍ଜେନ୍ସି ଜାରି କରାଯାଇଛି ଓ ଦର୍ଶକଙ୍କୁ ଏହି କ୍ରୀଡ଼ା ମହାକୁମ୍ଭରୁ ବାରଣ କରାଯାଇଛି।

## ଭାରତର ୬ ଅଫିସିଆଲ ଯୋଗଦେବେ

**ଆଥଲେଟଙ୍କ ପାଇଁ କୌଣସି ସୀମା ନାହିଁ**

**ଟୋକିଓ, ୨୧।୭:** ଶୁକ୍ରବାର ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଦଳର ୬ ଜଣ ଅଫିସିଆଲ ଯୋଗ ଦେବେ। ତେବେ ଆଥଲେଟଙ୍କ ଯୋଗଦାନ ଉପରେ କୌଣସି ସୀମା ନିର୍ଦ୍ଧାରଣ କରାଯାଇନାହିଁ ବୋଲି ଭାରତର ଡେପୁଟି ଚେଫ୍- ଡି- ମିଶନ ପ୍ରେମ କୁମାର ବର୍ମା କହିଛନ୍ତି। କିନ୍ତୁ ଉଦ୍‌ଘାଟନୀ ଉତ୍ସବ ପରଦିନ ଅର୍ଥାତ ଶନିବାର ଯେଉଁ ଖେଳାଳିମାନେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ ସେମାନଙ୍କୁ ଉତ୍ସବରେ ଯୋଗ ନ ଦେବାକୁ ପରାମର୍ଶ ଦିଆଯାଇଛି।



ପ୍ରେମ କୁମାର ବର୍ମା

ଅଲିମ୍ପିକ୍ସରେ ଏଥର ୧୨୭ ଜଣ ଭାରତୀୟ ଆଥଲେଟ ଅଂଶଗ୍ରହଣ କରିବେ। ତେବେ ଅଫିସିଆଲ, କୋଚ ଓ ଅନ୍ୟ ସପୋର୍ଟ ଷ୍ଟାଫ୍‌ଙ୍କ ସମେତ ମୋଟ ଉପରେ ୨୨୮ ଜଣିଆ ଭାରତୀୟ ଦଳ ଟୋକିଓ ଗସ୍ତ କରିଛି। ପ୍ରତ୍ୟେକ ଦେଶରୁ ୬ଜଣ ଅଫିସିଆଲ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେବାକୁ ଅନୁମତି ଦିଆଯାଇଛି। କିନ୍ତୁ କେତେଜଣ ଆଥଲେଟ ଏଥିରେ ଯୋଗ ଦେବେ ସେ ନେଇ କୌଣସି କଟକଣା ଜାରି କରାଯାଇନାହିଁ। ତେବେ ଶନିବାର ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାକୁ ଥିବା ଆଥଲେଟମାନେ ଏଥିରେ ଯୋଗ ନେ ଦେଇ ନିଜ ଇଭେଣ୍ଟ ଉପରେ ଫୋକସ କରିବାକୁ ପରାମର୍ଶ ଦିଆଯାଇଛି ବୋଲି ବର୍ମା ସ୍ପଷ୍ଟ କରିଛନ୍ତି। ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଉତ୍ସବ ଚାଲୁ ରହିବ। ତେଣୁ ଏଥିରେ ଯୋଗ ନ ଦେଇ ଆଥଲେଟମାନେ ବିଶ୍ରାମ ନେବା ଉଚିତ ହେବ ବୋଲି ସେ କହିଛନ୍ତି।

ଉଦ୍‌ଘାଟନୀ ଉତ୍ସବ ପରଦିନ ଶୁଟର, ବକ୍ସର, ଆର୍ଚର, ପୁରୁଷ ଓ ମହିଳା ହକି ଦଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବରେ ପୁରୁଷ ହକି ଅଧିନାୟକ ମନପ୍ରୀତ ସିଂ ଓ ୬ଥର ବିଶ୍ୱଚାମ୍ପିୟନଶିପ୍ ହାସଲ କରିଥିବା ମହିଳା ବକ୍ସର ମେରିକମ ଭାରତର ପତାକା ବାହକ ଭାବେ ଯୋଗ ଦେବେ। ପରଦିନ ମେରିକମ୍ ଖେଳିବେ ନାହିଁ। ତେବେ ମନପ୍ରୀତ ଶନିବାର ପୁଲ ଏ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ନେତୃତ୍ୱ ନେବେ। ପୁଣି ଯେଉଁମାନେ ଏବେ ଜାପନରେ ପହଞ୍ଚିଛନ୍ତି ସେମାନେ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ତେଣୁ ସେମାନଙ୍କୁ ଉତ୍ସବରେ ଯୋଗ ଦେବାକୁ ଅନୁମତି ମିଳିନାହିଁ ବର୍ମା କହିଛନ୍ତି।

## ବ୍ରିଟେନର ୩୦ ଆଥଲେଟ୍

**ଟୋକିଓ, ୨୧।୭ (ପି.ଟି.):** କରୋନା ସଂକ୍ରମଣ ଆଶଙ୍କାରେ ଅଲିମ୍ପିକ୍ସରେ ଭାଗନେବା ଲାଗି ୩୭୬ ଆଥ୍‌ଲେଟ ଆସିଥିଲେ ହେଁ ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ସେମାନଙ୍କ ମଧ୍ୟରୁ ମାତ୍ର ୩୦ଜଣ ଉପସ୍ଥିତ ରହିବେ। ଏ ପର୍ଯ୍ୟନ୍ତ ଦଳର ପତାକା ବାହକଙ୍କ ନାମ ଘୋଷଣା କରାଯାଇ ନାହିଁ। ବ୍ରିଟେନର ପ୍ରାୟ ୨୦୦ ଆଥ୍‌ଲେଟ ଉଦ୍‌ଘାଟନୀ ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଥିଲା। ଉଦ୍‌ଘାଟନୀ ଉତ୍ସବକୁ ଦର୍ଶକଙ୍କୁ ଅନୁମତି ନାହିଁ। ଅତିଥିଙ୍କ ସଂଖ୍ୟା ୧,୦୦୦ରୁ କମ୍ ରହିବ। ମହାମାରୀ ଯୋଗୁ ସ୍ୱାସ୍ଥ୍ୟ ସୁରକ୍ଷା ଚିନ୍ତାର କାରଣ ହୋଇଥିବା ସତ୍ତ୍ୱେ ଗେମ୍ସ ଆୟୋଜନ ହେଉଛି। ଆୟୋଜକଙ୍କ ହିସାବ ଅନୁସାରେ ଆଥ୍‌ଲେଟଙ୍କ ସମେତ ଏ ପର୍ଯ୍ୟନ୍ତ ଇଭେଣ୍ଟ ସମ୍ବନ୍ଧୀୟ କୋଭିଡ୍ ପଜିଟିଭଙ୍କ ସଂଖ୍ୟା ୭୫ରେ ପହଞ୍ଚିସାରିଲାଣି। ତନ୍ମଧ୍ୟରେ ଗେମ୍ସ ଭିଲେଜ୍‌ରୁ ୪ ରହିଛନ୍ତି।

TOKYO 2020

**ଆଉ ୧ ଦିନ**

## ପୋଲାଣ୍ଡର ୬ ଆଥଲେଟ୍ ଫେରିଲେ

**ଟୋକିଓ,୨୧।୭(ଏପି):** ପଞ୍ଜୀକରଣରେ ତ୍ରୁଟି ଯୋଗୁ ପୋଲାଣ୍ଡର ୬ ସନ୍ତରଣକାରୀ ଟୋକିଓରୁ ଓ଼ାରସ ଫେରିଯାଇଛନ୍ତି। ଫଳରେ ସେମାନଙ୍କ ଅଲିମ୍ପିକ୍ସ ସ୍ୱପ୍ନ ଚୁରମାର ହୋଇଯାଇଛି। ସେମାନେ ସମସ୍ତେ ହେଉଛନ୍ତି ରିଲେ ସନ୍ତରଣକାରୀ। ଅଲିମ୍ପିକ୍ସ ପାଇଁ ପୋଲାଣ୍ଡ ପଠାଇଥିବା ୨୩ ଜଣିଆ ଦଳର ସେମାନେ ଅଂଶବିଶେଷ ଥିଲେ। ପୋଲାଣ୍ଡ ସୁଇମିଂ ଫେଡେରେଶନ ତରଫରୁ ଦାଖଲ କରାଯାଇଥିବା କ୍ୱାଲିଫିକେଶନ ପ୍ରକ୍ରିୟା କାଗଜପତ୍ରରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏହା ଏକ ପ୍ରଶାସନିକ ତ୍ରୁଟି, ଯାହାକି ଅଲିମ୍ପିକ ନିୟମ ଉଲ୍ଲଂଘନ କରିଥିଲା। ଏହି ଲଜ୍ଜାଜନକ ପରିସ୍ଥିତି ପାଇଁ ଖ୍ରିଷ୍ଟ କାସିଆ ଓ୍ୱାସିକ୍‌ଙ୍କୁ ଛାଡ଼ି ପୋଲାଣ୍ଡର ଅନ୍ୟ ସମସ୍ତ ଅଲିମ୍ପିକ ସନ୍ତରଣକାରୀ ପୋଲାଣ୍ଡ ସୁଇମିଂ ଫେଡେରେଶନର ସମସ୍ତ କର୍ମକର୍ତ୍ତାଙ୍କ ତୁରନ୍ତ ଇସ୍ତଫା ଦାବି କରି ଚିଠି ଲେଖିଛନ୍ତି। ପୋଲାଣ୍ଡ ସୁଇମିଂ ଦଳ ଉପରେ ଉଭୟ ଦେଶର ଜନସାଧାରଣ ଓ ପ୍ରାୟୋଜକଙ୍କ ନଜର ରହିଥିଲା। ଫେଡେରେଶନର ଦୋଷଦୁର୍ବଳତା ପ୍ରକାଶ ପାଇଛି, ଯାହାକି ହାସ୍ୟାସ୍ପଦ।

## ବ୍ରିସ୍‌ବେନ୍‌ରେ ଆୟୋଜନ ହେବ ୨୦୩୨ ଅଲିମ୍ପିକ୍ସ

**ଟୋକିଓ,୨୧।୭(ଏପି):** ଅଷ୍ଟ୍ରେଲିଆର ପୂର୍ବ ଉପକୂଳବର୍ତ୍ତୀ ସହର ବ୍ରିସ୍‌ବେନ୍‌ରେ ଆୟୋଜନ ହେବ ୨୦୩୨ ଅଲିମ୍ପିକ୍ସ। ଏ ନେଇ ବୁଧବାର ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଆୟୋଜନ ଦୌଡ଼ରେ ଆଉ କୌଣସି ସହର ସାମିଲ ନ ଥିଲେ। ଆଉ କୌଣସି ସହର ଏହି ଅଲିମ୍ପିକ୍ସ ଆୟୋଜନ କରିବାକୁ ବିଡ୍ ଦାଖଲ କରି ନ ଥିଲେ। ଫଳରେ ନିର୍ଦ୍ୱନ୍ଦ୍ୱରେ ବ୍ରିସ୍‌ବେନ୍‌କୁ ଆୟୋଜନ ଅଧିକାର ମିଳିଛି।

ଫଳରେ ଦୀର୍ଘ ୩୨ ବର୍ଷ ପରେ ଅଷ୍ଟ୍ରେଲିଆକୁ ଅଲିମ୍ପିକ ଫେରିବା ନିଶ୍ଚିତ ହୋଇଛି। ଏହାପୂର୍ବରୁ ୨୦୦୦ରେ ସିଡ୍‌ନୀରେ ଓ ୧୯୫୬ରେ ମେଲବୋର୍ନରେ ଅଲିମ୍ପିକ୍ସ ସଫଳତାର ସହ ଆୟୋଜିତ ହୋଇଥିଲା। ସଫଳାତର ସହ ଅଲିମ୍ପିକ୍ସ କିପରି ଆୟୋଜନ କରିବାକୁ ହୁଏ ତାହା ଆମକୁ ଭଲଭାବେ ଜଣା ବୋଲି ନିଜ ଅଫିସରୁ ୧୧ ମିନିଟର ଲାଇଭ ଭିଡିଓ ଲିଙ୍କ୍‌ରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ କହିଛନ୍ତି। ଆୟୋଜନ ଅଧିକାର ପାଇଁ ହୋଇଥିବା ମତଦାନରେ ବ୍ରିସ୍‌ବେନ୍ ୭୨-୫ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲା। ଏହାପରେ ମୋରିସନ ଦୁଇ ହାତ ଉପରକୁ ଉଠାଇବା ସହ ଦୁଇ ବୁଢା ଆଙ୍ଗୁଠି ଉଠାଇ ଥମ୍ବ ଅପ୍ କରି ଖୁସି ଜାହିର କରିଥିଲେ। ଏଥିପାଇ ବ୍ରିସ୍‌ବେନ୍‌ରେ ଜବରଦସ୍ତ ଆତସବାଜି ଦେଖିବାକୁ ମିଳିଥିଲା। ଟୋକିଓସ୍ଥିତ ଏକ ପଞ୍ଚତାରକା ହୋଟେଲରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଦସ୍ୟମାନଙ୍କୁ ଏହାର ଲାଇଭ୍ ପ୍ରସାରଣ ଦେଖାଯାଇଥିଲା।




ବ୍ରିସବେନ ୨୦୩୨ ଅଲିମ୍ପିକ୍ସ ଆୟୋଜନ ଅଧିକାର ପାଇଥିବା ସୂଚିତ କରୁଛନ୍ତି ଆଇଓସି ସଭାପତି ଥୋମାସ ବ୍ୟାକ୍

୨୦୨୮ ଅଲିମ୍ପିକ୍ସ ଆମେରିକାର ଲସ୍ ଏଞ୍ଜେଲେସ୍‌ରେ ଆୟୋଜନ ହେବ। ତେଣୁ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ବ୍ରିସ୍‌ବେନ୍ ୧୧ ବର୍ଷ ଉପଲବ୍ଧ ହେବ। ସେହିପରି ୨୦୨୪ ଅଲିମ୍ପିକ୍ସ ପ୍ୟାରିସ୍‌ରେ ଆୟୋଜନ ହେବ। ଗତ ଫେବୃୟାରୀରେ ବ୍ରିସ୍‌ବେନ୍‌କୁ ଆଇଓସି ଏକ୍ସକ୍ଲୁସିଭ ନିଗୋସିଏଟିଂ ରାଇଟ୍ ପ୍ରଦାନ କରିଥିଲା। ଅଲିମ୍ପିକ ଆୟୋଜନ ପାଇଁ ବ୍ରିସ୍‌ବେନ୍‌ରେ କେତେକ ବିଶ୍ୱସ୍ତରୀୟ ଭିତ୍ତିଭୂମି ରହିଛି ଓ ଆଉ କେତେକ ନିର୍ମାଣ ହେବ। ବ୍ରିସ୍‌ବେନ୍‌ର ଜଣାଶୁଣା ଗାବା ଷ୍ଟାଡିୟମରେ ମଧ୍ୟ କେତୋଟି ଅଲିମ୍ପିକ୍ସ ଇଭେଣ୍ଟ ଆୟୋଜନ ହୋଇପାରିବ। ୧୯୦୦ ପ୍ୟାରିସ ଅଲିମ୍ପିକ୍ସରେ କ୍ରିକେଟ ଖେଳାଯାଇଥିଲା। ଅଲିମ୍ପିକ୍ସର ଗତ ସଂସ୍କରଣ ବ୍ରାଜିଲର ରିଓ ଡି ଜେନିରୋରେ ଆୟୋଜନ ହୋଇଥିଲା। ବର୍ତ୍ତମାନ ବ୍ରିସ୍‌ବେନ୍‌ରେ ୮୪ ପ୍ରତିଶତ ଷ୍ଟାଡିୟମ ରହିଛି। ତେଣୁ ଅଲିମ୍ପିକ୍ସ ପାଇଁ ଭିତ୍ତିଭୂମିର ବିକାଶ ନେଇ ସେତେଟା ସମସ୍ୟା ରହିବ ନାହିଁ। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏକ ନୂଆ ସୁଇମିଂ ଏରିନା ନିର୍ମାଣ କରିବାକୁ ଯୋଜନା କରାଯାଇଛି।





ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଅଭ୍ୟାସ ସେସନରେ ଭାରତୀୟ ଫେନସର ଭବାନୀ ଦେବୀ।

ଫ୍ଲଡଲାଇଟ୍‌ରେ ଭାରତୀୟ ତୀରନ୍ଦାଜଙ୍କ ଅଭ୍ୟାସ।

## ମଦ୍ୟପଙ୍କ ପାଇଁ କଡ଼ା ନିୟମ

**ଟୋକିଓ,୨୧।୭:** ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବ ଅବ୍ୟବହିତ ପୂର୍ବରୁ କରୋନା ସଂକ୍ରମଣ ରୋକିବାକୁ ଜାପାନ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସହ ଏକାଧିକ କଡ଼ା ନିୟମ ଜାରି କରିଛନ୍ତି। ଫଳରେ ଟୋକିଓର ମଦ୍ୟପମାନେ ଏଥିରେ ନିରାଶ ହେବା ସହ ହତାଶ ହୋଇଛନ୍ତି। ତେବେ କଡ଼ା ନିୟମ ସତ୍ତ୍ୱେ ମଦ୍ୟପମାନେ ନିଜର ହତାଶକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଛନ୍ତି। ରାତି ୮ଟା ସୁଦ୍ଧା ଟୋକିଓର ରେଷ୍ଟୁରାଣ୍ଟ ଓ ବାର୍‌ଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକମାନଙ୍କୁ ଏକାଠି ନ ହେବାକୁ ଓ ସଂକ୍ରମଣ ରୋକିବାକୁ ଏପରି ନିର୍ଦ୍ଦେଶ ଦିଆଯାଇଛି। ଫଳରେ ମଦ୍ୟପମାନେ ନିରାଶ ହେବା ସହ ଅସନ୍ତୋଷ ଜାହିର କରିଛନ୍ତି। ପୁଣି ଟୋକିଓ ଓ ତା'ର ଆଖାପାଖ ଅଞ୍ଚଳରେ ଇମର୍ଜେନ୍ସି ମଧ୍ୟ ଜାରି ରହିଛି। ତେବେ ମଦ୍ୟପାନ କରୁଥିବା ବହୁ ସଂଖ୍ୟକ ଲୋକ ନିଜ ପାଇଁ ବ୍ୟବସ୍ଥା କରିବାରେ ସଫଳ ହୋଇଛନ୍ତି। ମଦ୍ୟପମାନେ ଟୋକିଓ ବାହାରକୁ ଯାଇ ଖୋଲାଥିବା କେତେ ବାର୍‌ରେ ନିଜର ଇଚ୍ଛା ପୂରଣ କରିବାରେ ସଫଳ ହୋଇଛନ୍ତି। ତେଣୁ ସରକାରଙ୍କ କଡ଼ା ନିୟମ ସମସ୍ୟା ସୃଷ୍ଟି କରିଥିଲେ ମଧ୍ୟ ମଦ୍ୟପାନ କରୁଥିବା ବ୍ୟକ୍ତି ନିଜ ପାଇଁ ବ୍ୟବସ୍ଥା କରିବା ସହ ନିଜର ନୈରାଶ୍ୟକୁ ନିୟନ୍ତ୍ରଣ କରିଛନ୍ତି।

# ଇଂଲଣ୍ଡ ଦଳକୁ ଷ୍ଟୋକ୍ସଙ୍କ ପ୍ରତ୍ୟାବର୍ତ୍ତନ

**ଲଣ୍ଡନ, ୨୧।୭(ପି.ଟି.)**

ଭାରତ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ୨ଟି ମ୍ୟାଚ ପାଇଁ ବୁଧବାର ୧୭ ଜଣିଆ ଇଂଲଣ୍ଡ ଦଳ ଘୋଷଣା କରାଯାଇଛି। ତାରକା ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ବର୍ଣ୍ଣବୈଷମ୍ୟ ସମ୍ପର୍କିତ ଟୁଇଟ୍ ପାଇଁ ୭ ବର୍ଷ ବାସନ୍ଦ ହୋଇଥିବା ଦ୍ରୁତ ବୋଲର ଓଲି ରବିନସନଙ୍କୁ ସାମିଲ କରାଯାଇଛି। ସେହିପରି ୫ ବର୍ଷ ପରେ ଓପନର ହସିବ ହମିଦ ଟେଷ୍ଟ ଦଳକୁ ଫେରିଛନ୍ତି। ଶେଷଥରପାଇଁ ସେ ୨୦୧୬ରେ ଭାରତ ବିପକ୍ଷରେ ଖେଳିଥିଲେ। ପ୍ରଥମ ଟେଷ୍ଟ ନଟିଂହାମରେ ଅଗଷ୍ଟ ୪ରୁ ଆରମ୍ଭ ହେବ। ଦ୍ୱିତୀୟ ଟେଷ୍ଟ ଲର୍ଡ୍ସରେ ଅଗଷ୍ଟ ୧୨ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆହତ ସମସ୍ୟାରେ ଥିବା ଜୋଫ୍ରା ଆର୍ଚର ଏବଂ କ୍ରିସ୍ ୱୋକ୍ସ ମ୍ୟାଚ୍-ଫିଟ୍ ହୋଇ ନ ଥିବାରୁ ଦଳରେ ସ୍ଥାନ ପାଇନାହାନ୍ତି। ଦୁଇ ଭେଟେରାନ ଜେମ୍ସ ଆଣ୍ଡରସନ ଓ ଷ୍ଟୁଆର୍ଟ ବ୍ରଡ୍‌ଙ୍କ ସମେତ ଦ୍ରୁତ ବୋଲର ମାର୍କ ଉଡ୍ ଓ ସାମ୍ କୁରାନ ଅନ୍ୟତମ ଫାଷ୍ଟ ବୋଲରଭାବେ ଲାଇନ୍-ଅପ୍‌ରେ ରହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ବିଶ୍ରାମ ନେଇଥିବା ଉଇକେଟ କିପର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋ ଓ ଜେସ୍ ବଟଲର ଅଧିନାୟକ ଜୋ ରୁଟ୍‌ଙ୍କ ଦଳକୁ ଫେରିଛନ୍ତି। ରୋରି ବର୍ନ୍ସ, ଓଲି ପୋପ୍, ଜ୍ୟାକ କ୍ରଲି, ଡମ୍ ସିବଲେ ଓ ଡାନ୍ ଲରେନ୍ସ ଇଂଲଣ୍ଡ ବ୍ୟାଟିଂ ୟୁନିଟର ଅନ୍ୟତମ ସଦସ୍ୟ। ୨୪ ବର୍ଷୀୟ ଲରେନ୍ସ ଏବଂ ଲଙ୍କାଶାୟାର ଓପନର ହମିଦ ବର୍ତ୍ତମାନ ଡରହାମରେ ଭାରତ ବିପକ୍ଷରେ ୱାର୍ମଅପ୍ ମ୍ୟାଚ ଖେଳୁଛନ୍ତି। ଇଂଲଣ୍ଡ ଦଳ: ଜୋ ରୁଟ୍ (ଅଧିନାୟକ), ଜେମ୍ସ ଆଣ୍ଡରସନ, ବେନ୍ ଷ୍ଟୋକ୍ସ, ଜନି ବେୟାରଷ୍ଟୋ, ଡମ୍ ବେସ୍, ଷ୍ଟୁଆର୍ଟ ବ୍ରଡ୍, ରୋରି ବର୍ନ୍ସ, ଜୋସ ବଟଲର, ଜ୍ୟାକ କ୍ରଲି, ସାମ୍ କୁରାନ, ହସିବ ହମିଦ, ଡାନ୍ ଲରେନ୍ସ, ଜ୍ୟାକ ଲିଚ୍, ଓଲି ପୋପ୍, ଓଲି ରବିନସନ, ଡମ୍ ସିବ୍‌ଲେ, ମାର୍କ ଉଡ୍।




# ଝିଙ୍ଗନ, ସୁରେଶଙ୍କୁ ଏଆଇଏଫ୍‌ଏଫ୍ ପୁରସ୍କାର



ସୁରେଶ ସିଂ ୱାଙ୍ଗଜାମ



ସନ୍ଦେଶ ଝିଙ୍ଗନ

**ନୂଆଦିଲ୍ଲୀ, ୨୧।୭(ପି.ଟି.)**

ଭାରତୀୟ ଫୁଟବଲ ଦଳର ଡିଫେଣ୍ଡର ସନ୍ଦେଶ ଝିଙ୍ଗନ ଓ ମିଡ୍‌ଫିଲ୍ଡର ସୁରେଶ ସିଂ ୱାଙ୍ଗଜାମ୍ ଏଆଇଏଫଏଫ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଝିଙ୍ଗନ ଫୁଟବଲର ଅଫ୍ ଦି ଇୟର ଏବଂ ସୁରେଶ ଇମର୍ଜିଂ ପ୍ଲେୟର ବିବେଚିତ ହୋଇଛନ୍ତି। ସେଣ୍ଟ୍ରାଲ ଡିଫେଣ୍ଡର ଝିଙ୍ଗନ ପ୍ରଥମଥରପାଇଁ ପ୍ଲେୟର ଅଫ୍‌ଦିଇୟର ପୁରସ୍କାର ପାଇଛନ୍ତି। ପୂର୍ବରୁ ସେ ୨୦୧୪ରେ ଇମର୍ଜିଂ ପ୍ଲେୟର ପୁରସ୍କାର ପାଇଥିଲେ। ଇଣ୍ଡିଆନ ସୁପରଲିଗ୍ ଏବଂ ଆଇ୦ଲିଗ୍ କ୍ଲବ କୋଚ୍ ମାନଙ୍କ ଭୋଟିଂ ଅନୁସାରେ ପୁରସ୍କାର ବିଜେତା ଚୟନ କରାଯାଇଥାଏ। ‘‘ଏହି ପୁରସ୍କାର ମୋତେ ଆହୁରି ଭଲ ପ୍ରଦର୍ଶନ ପାଇଁ ପ୍ରେରିତ କରିବ ଏବଂ ଅନ୍ୟମାନଙ୍କର ଏହି ଖେଳପ୍ରତି ଉତ୍ସାହ ବଢ଼ାଇବ’’ ବୋଲି ଝିଙ୍ଗନ ପ୍ରକାଶ କରିଛନ୍ତି। ୨୦୧୫ରେ ଗୁଆହାଟୀଠାରେ ଜାତୀୟ ସିନିୟର ଦଳ ପକ୍ଷରୁ ଖେଳିବା ଆରମ୍ଭ କରିଥିବା ଝିଙ୍ଗନ ଇତିମଧ୍ୟରେ ଭାରତ ପକ୍ଷରୁ ୪୦ଟି ମ୍ୟାଚ ଖେଳି ସାରିଛନ୍ତି ଏବଂ ୪ଟି ଗୋଲ ଦେଇଛନ୍ତି। ୨୦୧୮ରେ ଇଣ୍ଟରନ୍ୟାଶନାଲ କପ୍ ବିଜେତା ଭାରତୀୟ ଦଳର ସେ ସଦସ୍ୟ ଥିଲେ। ସେ ୫ଟି ମ୍ୟାଚରେ ଭାରତୀୟ ଦଳର ନେତୃତ୍ୱ ନେଇଛନ୍ତି। ଗତ ମାର୍ଚ୍ଚରେ ଦୁବାଇରେ ଅନୁଷ୍ଠିତ ଓମାନ ବିପକ୍ଷ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ସେ ଅଧିନାୟକ ଥିଲେ। ଗତବର୍ଷ ତାଙ୍କୁ ସମ୍ମାନଜନକ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦ ବର୍ଷୀୟ ସୁରେଶ ଚଳିତ ବର୍ଷ ପ୍ରାରମ୍ଭରେ ଓମାନ ବିପକ୍ଷ ମ୍ୟାଚରେ ଭାରତ ପକ୍ଷରୁ ସିନିୟର ଡେବ୍ୟୁ କରିଥିଲେ। ୨୦୧୭ରେ ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

## ଅଷ୍ଟ୍ରେଲିଆ ବିଜୟୀ

**ବ୍ରିଜ୍‌ଟାଉନ୍, ୨୧।୭(ଏପି):** ସ୍ଥାନୀୟ କେନ୍‌ସିଙ୍ଗଟନ ଓଭାଲଠାରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ଅଷ୍ଟ୍ରେଲିଆ ୧୩୩ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୪୯ ଓଭରରେ ୯ ଉଇକେଟ ବିନିମୟରେ ୨୫୨ରନ କରିଥିଲା। ଟପ୍ ସ୍କୋର ଆଲେକ୍ସ କାରେ ୬୭ ଓ ଆଷ୍ଟନ ଟର୍ନର ୪୯ କରିଥିଲେ। ବର୍ଷା ଯୋଗୁ ଡିଏଲ୍‌ଏସ୍ ପଦ୍ଧତିରେ ୪୯ ଓଭରରେ ୨୫୭ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଘରୋଇ ଦଳ ୨୬.୨ ଓଭରରେ ମାତ୍ର ୧୨୩ ରନ କରି ଅଲଆଉଟ ହୋଇଯାଇଥିଲା।

## ଅନନ୍ୟା, ବୈଭବ ଚାମ୍ପିୟନ

**ଭୁବନେଶ୍ୱର, ୨୧।୭(କ୍ରୀଡ଼ା ପ୍ରତିନିଧି):** ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ଓପନ ଏବଂ ୨୦ ବର୍ଷରୁ କମ୍ ବାଳିକା ଅନ୍‌ଲାଇନ୍ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇ ଯାଇଛି। ଏହାର ବାଳିକା ବିଭାଗରେ ଅନନ୍ୟା ଅନାମିକା ଚାମ୍ପିୟନ ଏବଂ ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା ରନର୍ସଅପ୍ ହୋଇଛନ୍ତି। ସେହିପରି ଓପନ ବିଭାଗରେ ବୈଭବ ମିଶ୍ର ଓ ଶୂନ୍ୟଶକ୍ତା ଶତପଥୀ ଯଥାକ୍ରମେ ଚାମ୍ପିୟନ ଓ ଅନର୍ସଅପ୍ ହୋଇଛନ୍ତି। ଓପନ ବିଭାଗରେ ହର୍ଷିତ ରଞ୍ଜନ ସାହୁ, ସଞ୍ଜୀବନ ନାୟକ, ଜଗଦୀଶ ବାରିକ, ନୀଲ୍‌ସୁ ପଟ୍ଟନାୟକ, ଓମ୍ ଆଦିତ୍ୟ ଖାଡ଼ଙ୍ଗା, ଆର୍ଯ୍ୟନ ଅର୍ନବ ସାମନ୍ତରାୟ, ଅଂଶୁମାନ ସାମଲ ଓ ଆରିନ ଅନ୍ୱେଷ ସ୍ୱାଇଁ ଟପ୍-୧୦ ଫିନିଶ୍ କରିଛନ୍ତି। ସେହିପରି ବାଳିକା ବିଭାଗରେ ପ୍ରତ୍ୟାଶା ଜେନା, ୟଶିତା ରାଉତ, ଶ୍ରଦ୍ଧା ସ୍ମରଣୀକା ନନ୍ଦ, ଜୟଲକ୍ଷ୍ମୀ ସାହୁ, ନମସ୍ୟ ନଳିନୀ, ଜ୍ୟୋତିକା ସାହୁ, ନିହିରା ନାଥ, ସାଇ ବିଧି ତ୍ରିପାଠୀ ଓ ନୀତୀସା ସୁର ଯଥାକ୍ରମେ ତୃତୀୟରୁ ପଞ୍ଚକୁପଞ୍ଚ ରହିଛନ୍ତି। ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର, ଏବଂ ବିଭିନ୍ନ ଜିଲା ଆସୋସିଏଶନରୁ ଲଲାଟେନ୍ଦୁ ପ୍ରତାପ ଦେଓ, ଜ୍ଞାନ କୁମାର ଦୋରା, କେଶ ରଞ୍ଜନ ପ୍ରଧାନ, ପ୍ରିୟବ୍ରତ ପଣ୍ଡା, ବିଶ୍ୱଜିତ ରାୟ, ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ୨୫ ଦିନରେ ୭୬ ଜଣଙ୍କ ମୃତ୍ୟୁ

**ନୟାଗଡ଼ ଅଫିସ,୨୧।୭:** ନୟାଗଡ଼ ଜିଲାରେ ୨୫ ଦିନରେ ୭୬ ଜଣଙ୍କର କରୋନା ମୃତ୍ୟୁ ହୋଇ ସାରିଲାଣି। ବୁଧବାର ରିପୋର୍ଟରେ ୨ ଜଣ ପୁରୁଷଙ୍କର ମୃତ୍ୟୁ ଓ ୬୪ ଆକ୍ରାନ୍ତ ଚିହ୍ନଟ ପରେ ଦ୍ୱିତୀୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫,୧୦୫ରେ ପହଞ୍ଚିଛି। ରିପୋର୍ଟରେ ଭାପୁର ବ୍ଲକରେ ୧, ଦଶପଲ୍ଲାରେ ୫, ଖଣ୍ଡପଡାରେ ୧୩, ନୟାଗଡ଼ରେ ୭, ନୂଆଗାଁରେ ୩, ଓଡଗାଁରେ ୧୪, ରଣପୁର ବ୍ଲକରେ ୧୬, ନୟାଗଡ଼ ମ୍ୟୁନିସିପାଲିଟିରେ ୫ଜଣ ଅଛନ୍ତି। ପ୍ରକାଶଥାଉକି କରୋନାର ପ୍ରଥମ ଓ ଦ୍ୱିତୀୟ ଲହରରେ ଜିଲାରୁ ୧୪୧ ଜୀବନ ଦୀପ ଲିଭି ସାରିଲାଣି।

### ୨୭ ୟୁନିଟ ରକ୍ତ ସଂଗ୍ରହ

**ଖଣ୍ଡପଡ଼ା,୨୧।୭(ସ୍ୱ.ପ୍ର.) :** ଖଣ୍ଡପଡ଼ା ବ୍ଲକ ବଡବାଣପୁର ପଞ୍ଚାୟତ ଅଧୀନ ଚୈତନ୍ୟପୁର ଗ୍ରାମ ବିଦ୍ୟାଳୟ ପରିସରରେ ଚୈତନ୍ୟ ଯୁବ କ୍ଲବ୍ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୭ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଗ୍ରାମରେ ପ୍ରଥମ ଥର ରକ୍ତଦାନ ଶିବିର ଆୟୋଜନ କରାଯାଇଥିବାରୁ ଯୁବବର୍ଗଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ନୟାଗଡ ବ୍ଲଡ୍‌ବ୍ୟାଙ୍କ କର୍ତ୍ତୃପକ୍ଷ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।

### ୫୦ ଲିଟର ମଦ ଜବତ, ଜଣେ ଗିରଫ

**ଖଣ୍ଡପଡ଼ା,୨୧।୭(ସ୍ୱ.ପ୍ର.):** ମଙ୍ଗଳବାର ସ୍ଥାନୀୟ ପୋଲିସ ଖଣ୍ଡପଡ଼ା ଥାନା ଅଧୀନ ସିଂଘାପଡା ପଞ୍ଚାୟତର ବରଗଣ୍ଡ ଗ୍ରାମ ନିକଟସ୍ଥ ବଣିଆ ତଇଲା ନାଳ ପାଖରେ ଚାଲିଥିବା ଦେଶୀ ମଦ ଭାଟି ଉପରେ ଚଢ଼ାଉ କରି ୫୦ ଲିଟର ଦେଶୀ ମଦ ଜବତ କରିଛି । ଏଥିସହିତ ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି । ସେଠାରେ ରଖାଯାଇଥିବା ପୋଚକୁ ନଷ୍ଟ କରାଯାଇଛି। ଏହି ଘଟଣାରେ ବେଡାଙ୍କି ଗ୍ରାମର ମାନସ ପ୍ରଧାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

### ଟ୍ରାକ୍ଟର ଓଲଟି ୧୪ ଆହତ, ୨ ଗୁରୁତର

**କାଶୀନଗର,୨୧।୭(ଡି.ଏନ.ଏ.):** କାଶୀନଗର ବ୍ଲକ ଅଲଡ଼ା ପଞ୍ଚାୟତ ଏପମାନଗୁଡ଼ାର ୧୬ ଜଣ ଖାଉଟି ରାଶନ ଆଣିବାକୁ ଅଲଡ଼ା ଖାଉଟି କେନ୍ଦ୍ରକୁ ଟ୍ରାକ୍ଟର ଯୋଗେ ଯାଉଥିଲେ। ଯାତ୍ରୀମାନଙ୍କୁ ନେଇ ଯାଇଥିବା ଟ୍ରାକ୍ଟରଟି ପୁଲିଖୁମି ଠାକୁରାଣୀ ମନ୍ଦିର ବାଙ୍କ ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିବା ଫଳରେ ସେହି ଟ୍ରାକ୍ଟରରେ ବସିଥିବା ବ୍ୟକ୍ତିମାନେ ଆହତ ହୋଇଥିଲେ। ଆହତମାନଙ୍କୁ ଗୁଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ଗାଡ଼ିରେ ନିଆଯାଇଥିଲା। ଖବର ପାଇ କାଶୀନଗର ଥାନା ଏସ୍‌ଆଇ ପହଞ୍ଚିଥିଲେ। ଆହତମାନଙ୍କ ମଧ୍ୟରୁ ଦୁଇଜଣ ଲକ୍ଷ୍ମୀ ଶବର ଓ ରବେଶ ଶବର ଗୁରୁତର ଥିବା ଜଣାପଡ଼ିଛି। ଟ୍ରାକ୍ଟର (ନଂ ଓଡି୧୮ଜେ୦୧୩୨)କୁ ପୋଲିସ ଜବତ କରିଛି। ଗୁରୁତର ଦୁଇଜଣଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ମାଛ ମାର୍କେଟ ନୁହେଁ, ପୋଷ୍ଟ ଅଫିସ ନିର୍ମାଣ ହେଉ

**ଓଡ଼ଗାଁ, ୨୧।୭ (ସ୍ୱ.ପ୍ର.)**

ଓଡ଼ଗାଁ ତହସିଲ ଓ ଏନଏସି ଅଧୀନ ସଦର ମୌଜା ୨୨୮୭ ନମ୍ବର ପ୍ଲଟ ଓ ୮୪୫ ଖାତା ନମ୍ବର ବିଶିଷ୍ଟ ଜାଗାକୁ ପୋଷ୍ଟ ଅଫିସ କରିବାକୁ ଦାବି ଜୋର ଧରିଛି। କୃଷକ ପରିବା ବଜାର ଓ ସ୍ଥାନୀୟ ଇଲେକ୍ଟ୍ରିକାଲ କାର୍ଯ୍ୟାଳୟ ସଂଲଗ୍ନ ପ୍ରାୟ ୧୮ ଡେସିମିଲ ସରକାରୀ ଜାଗାକୁ ଏନଏସି ତରଫରୁ ମାଛ ମାର୍କେଟ କରିବା ଲାଗି କାମ ଆରମ୍ଭ ହୋଇଛି । ହେଲେ ମାଛ ମାର୍କେଟ ଶ୍ମଶାନ ନିକଟରେ ଚିହ୍ନଟ ହୋଇଥିବା ସ୍ଥାନରେ ହେବ ବୋଲି କୁହାଯାଇଥିଲା । ପରବର୍ତ୍ତୀ ସମୟରେ କୃଷକ ବଜାର ସଂଲଗ୍ନ ସ୍ଥାନରେ ମାଛ ମାର୍କେଟ ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଛି । ଏହାକୁ ଓଡ଼ଗାଁ ଆଞ୍ଚଳିକ ବିକାଶ ପରିଷଦ ବିରୋଧ କରିଛି । ସେଠାରେ ପୋଷ୍ଟ ଅଫିସ ନିର୍ମାଣ କରିବାକୁ ପରିଷଦ ସହିତ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି । ଏନେଇ ପରିଷଦ ସଭାପତି ସୁଶାନ୍ତ କୁମାର ସାହୁ, ବରେନ୍ଦ୍ର କୁମାର ନନ୍ଦ, ରବିନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଏନେଇ ସେମାନେ ସ୍ଥାନୀୟ ତହସିଲଦାର, ଡାକ ଅଧୀକ୍ଷକ, ଉପଜିଲାପାଳ ଓ ଏନଏସି ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏନେଇ ଆବଶ୍ୟକ ତର୍ଜମା କରାଯାଉଛି ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି ।



ପୋଷ୍ଟ ଅଫିସ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରାଯାଉଛି ।

# ମାମଲା ରୁଜୁ ପାଇଁ ଅଭିଯୋଗ କଲେ ଭାପୁର ବ୍ଲକ ଅଧ୍ୟକ୍ଷା

**ନୟାଗଡ଼ ଅଫିସ, ୨୧।୭**

ନୟାଗଡ଼ ଜିଲା ଭାପୁର ବ୍ଲକରେ ଉପାଧ୍ୟକ୍ଷଙ୍କ ନାଁରେ ଥାନାରେ ଅଭିଯୋଗ ଓ ଅଧ୍ୟକ୍ଷାଙ୍କ ନାଁରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଆବେଦନ ପରେ ରାଜନୈତିକ ପାଣିପାଗ ବଦଳିବାରେ ଲାଗିଛି। ତେବେ ଅନାସ୍ଥା ପ୍ରସ୍ତାବରେ ଭାପୁର ବ୍ଲକ ଅଧ୍ୟକ୍ଷାଙ୍କ ନାଁରେ ମିଥ୍ୟା ଆରୋପ ଲଗାଯାଇଛି। ଏଣୁ ଆକ୍ରୋଶମୂଳକ ଭାବେ ଅଭିଯୋଗ କରିଥିବା ୧୬ଜଣ ସରପଞ୍ଚ ଓ ସମିତି ସଭ୍ୟଙ୍କ ନାଁରେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ବେହେରା ଫତେଗଡ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି, ଜନଜାତି ନିର୍ଯାତନା ନିବାରଣ ଆଇନ ୧୯୮୯ ଧାରା ୩(ଆଇ)ର

**ମିଥ୍ୟା ଆରୋପ ଲଗାଇଛନ୍ତି ଲୋକପ୍ରତିନିଧି**

ଉପଧାରା (ଥ) ଏବଂ (ପ) ଅନୁଯାୟୀ ଏମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଉ। ଅନ୍ୟପକ୍ଷେ ୧୬ଜଣ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆମ୍ବେଡକର ବିଚାର ମଞ୍ଚର ରାଜ୍ୟ ସଭାପତି ଦେବରାଜ ନାୟକ ଦାବି କରିଛନ୍ତି। ଏ ନେଇ ଆଇଆଇସି ଗିରିଜା ପଟ୍ଟନାୟକ କୁହନ୍ତି, ଅଧ୍ୟକ୍ଷା ଅଭିଯୋଗ କରିଛନ୍ତି। ହେଲେ ଅନାସ୍ଥା ପ୍ରସ୍ତାବରେ ମିଥ୍ୟା ଅଭିଯୋଗ ଉପରେ ପୋଲିସ କ'ଣ କରିପାରିବ ସେ ନେଇ ବିଚାରବିମର୍ଶ ଜାରି ରହିଛି।


ନୟାଗଡ଼ ଜିଲା ଶରଣକୁଳ ଲଡୁବାବାଙ୍କ ପୀଠରେ ବୁଧବାର ଅନୁଷ୍ଠିତ ଶ୍ରୀଜୀଉଙ୍କ ସୁନାବେଶ ।

# ଚାଉଳ ଦୁର୍ନୀତିର ପ୍ରତିବାଦ, ୨୩ରେ ଧାରଣା

**ରାଜ୍ୟ ଯୋଗାଣ ଖାଉଟି ବିଭାଗ କମିଶନରଙ୍କୁ ଫେରାଦ**

**ନୟାଗଡ଼ ଅଫିସ,୨୧।୭**

ନୟାଗଡ଼ ଜିଲାରେ ମିଲର୍ସଙ୍କ ମନମାନିରେ ଚାଲିଥିବା ପିଡିଏସ୍ ଚାଉଳ ଦୁର୍ନୀତିର ପ୍ରତିବାଦ କରି ଜିଲା କଂଗ୍ରେସ ପକ୍ଷରୁ ରାଜ୍ୟ ଯୋଗାଣ ଖାଉଟି ବିଭାଗ ସଚିବ ତଥା କମିଶନରଙ୍କୁ ଫେରାଦ୍ କରାଯାଇଛି। ଜିଲାବ୍ୟାପୀ ଚାଲିଥିବା ଚାଉଳ ଦୁର୍ନୀତିର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଆସନ୍ତା ୨୩ରେ ଅଖାଦ୍ୟ ଚାଉଳର ଗନ୍ତାଘର ଗୋଡିସାହିସ୍ଥ ମିଲର୍ସମାନଙ୍କ ନିଜସ୍ୱ ଗୋଦାମ ସମ୍ମୁଖରେ ଧାରଣା ଦିଆଯିବ। ମିଲର୍ସ ଆସୋସିଏଶନର ଭଡାକୁ ନିଆଯାଇଥିବା ଗୋଦାମର ବେଆଇନ ଚୁକ୍ତି ବାତିଲ, ମିଲର୍ସ ଗୋଦାମ ଓ କଦଳୀ ବନ୍ଧ ଗୋଦାମକୁ ସିଲ୍, ସରକାରୀ ଗୋଦାମରେ ଚାଉଳ ଷ୍ଟକ ନ ରଖିଥିବାରୁ ଜିଲା ଯୋଗାଣ ଅଧିକାର, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଓ ପିଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଛତିଶଗଡ ଓ ଆନ୍ଧ୍ରକୁ ସରକାରୀ ଧାନର ଚୋରା ଚାଲାଣ ରୋକିବାକୁ ମିଲରେ ବିଦ୍ୟୁତ୍ ବିଲର ଯାଞ୍ଚ କରିବାକୁ ଦାବି ରହିଛି ବୋଲି ଜିଲା ସଭାପତି ରଣଜିତ୍ ଦାଶ କହିଛନ୍ତି ।

# ସୁନାବେଶରେ ଦର୍ଶନ ଦେଲେ ମହାବାହୁ

**ଖଣ୍ଡପଡ଼ା,୨୧।୭ (ସ୍ୱ.ପ୍ର.)**

କରୋନା କଟକଣା ଯୋଗୁ ଖଣ୍ଡପଡ଼ା ବ୍ଲକ ଅଧୀନ ଖଣ୍ଡପଡ଼ା ରାଜପରିବାର ଦ୍ୱାରା ପରିଚାଳିତ ଏକକ ଜଗନ୍ନାଥ ଓ ଖଳିସାହି ଜଗନ୍ନାଥ ମନ୍ଦିର ପକ୍ଷରୁ ଚଳିତ ବର୍ଷ ରଥଯାତ୍ରା ବନ୍ଦ ହୋଇଥିଲେ ହେଁ ପାରମ୍ପରିକ ରୀତିନୀତି ଅନୁଯାୟୀ ବିଗ୍ରହମାନଙ୍କ ସମସ୍ତ ନୀତି ଚାଲୁ ରହିଛି। ପବିତ୍ର ଦେବସ୍ନାନ ପୂର୍ଣ୍ଣମୀଠାରୁ ବିଗ୍ରହମାନଙ୍କ ସ୍ନାନ ନୀତି, ଅଣସର ନୀତି ଓ ବାହୁଡା ବିଜେ ନୀତି ଅନୁଷ୍ଠିତ ହୋଇଥିଲା । ବୁଧବାର ମହାବାହୁ ସୁନା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ମନ୍ଦିର ପୁଜକ ଅଭିମନ୍ୟୁ ପଣ୍ଡା ଓ ପୁରୋହିତ ସୁରେଶ ଚନ୍ଦ୍ର ମିଶ୍ର ସମସ୍ତ ଦେବ ନୀତି ଅନୁଯାୟୀ ବିଗ୍ରହମାନଙ୍କୁ ପୂଜାର୍ଚ୍ଚନା କରିବା ପରେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା'ସୁଭଦ୍ରାଙ୍କୁ ସୁନାବେଶ କରାଯାଇଥିଲା ।


ଖଳିସାହି ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସୁନାବେଶ ।

## ବ୍ୟାଙ୍କ ଦେଲା ୫ ଅକ୍ସିଜେନ କନ୍‌ସେନ୍‌ଟ୍ରେଟର

**ଫୁଲବାଣୀ ଅଫିସ, ୨୧।୭**

କନ୍ଧମାଳ ଜିଲାର ଗୁରୁତର ରୋଗୀଙ୍କ ପାଇଁ ବେସରକାରୀ ବ୍ୟାଙ୍କ ଆଇସିଆଇସିଆଇ ଫାଉଣ୍ଡେସନ ହାତ ବଢ଼ାଇଛି। ଏହି ସଂସ୍ଥା ପକ୍ଷରୁ ୨ ଲକ୍ଷ ୯୦ ହଜାର ଟଙ୍କା ମୂଲ୍ୟରେ ୫ଟି ଅକ୍ସିଜେନ କନସେନଟ୍ରେଟର ପ୍ରଦାନ କରାଯାଇଛି । ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ବୁଧବାର ଆଇସିଆଇସିଆଇ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଅମୀୟ ନାୟକ ଜିଲାପାଳ ଡା. ବୃନ୍ଦା ଡି.ଙ୍କୁ ଏହା ପ୍ରଦାନ କରିଛନ୍ତି। ଫାଉଣ୍ଡେସନ୍‌ର ଏହି ବଦାନ୍ୟତା ପାଇଁ ଜିଲାପାଳ ଧନ୍ୟବାଦ ଦେଇଛନ୍ତି। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀ ଅନୁପାତକ୍ରମେ ଏଥିମଧ୍ୟରୁ ୩ଟି ଅକ୍ସିଜେନ୍ କନସେନଟ୍ରେଟର ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖି ଅନ୍ୟ ୨ ଟିକୁ ଫିରିଙ୍ଗିଆ ଏବଂ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯୋଗାଇବା ପାଇଁ ଉପସ୍ଥିତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକଙ୍କୁ ପରାମର୍ଶ ଦେଇଛନ୍ତି।

# ଗରିବଙ୍କୁ ବସ୍ତ୍ର, ରାଶନ ବଣ୍ଟନ


ଅସହାୟ ଲୋକମାନଙ୍କୁ ବସ୍ତ୍ର ଓ ରାଶନ ସାମଗ୍ରୀ ପ୍ରଦାନ କରାଯାଉଛି ।

**ନୟାଗଡ଼ ଅଫିସ,୨୧।୭**

ନୟାଗଡ଼ ସେବା ଉତ୍ସବ ସମିତି ଆନୁକୂଲ୍ୟରେ ୧୦ଦିନ ହେଲା ଅନୁଷ୍ଠିତ ହେବାକୁ ଥିବା ଜିଲା ବ୍ୟାପୀ ସେବା ଉତ୍ସବ ରଣପୁର ବ୍ଲକର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ସେବା ଉତ୍ସବର କର୍ମକର୍ତ୍ତାମାନେ ଏହି ଅବସରରେ ରାଜସୁନାଖଳା,ରଣପୁର, କୋଟଗଡ଼, ନୂଆଗାଁ ଆଦି ବିଭିନ୍ନ ସ୍ଥାନରେ ଗରିବ ଓ ଅସହାୟ ଲୋକଙ୍କୁ ବସ୍ତ୍ର ଓ ରାଶନ ସାମଗ୍ରୀ ବଣ୍ଟନ କରିଛନ୍ତି। ନୟାଗଡ଼ ସେବା ଉତ୍ସବ ସମିତି ଅଧକ୍ଷ ଶିବରାମ ମହାପାତ୍ର ଓ ସମିତି ଉପାଧକ୍ଷ ଚିତ୍ତରଞ୍ଜନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଦାମୋଦର ସାହୁ, ଅଧାପକ ଜିତେନ୍ଦ୍ର କୁମାର ବସ୍ତି, ଲିପନ କୁମାର ସାହୁ, ଶ୍ରୀନିବାସ ବେହେରା, ସତ୍ୟ ନାରାୟଣ ବାରିକ, ଜୟନ୍ତ୍ର ବେହେରା, ମନୋଜ ନାୟକ, ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ଜୁଲାଇ ୧୫ରୁ ନୟାଗଡ଼ ବ୍ଲକରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଆସନ୍ତା ୨୫ ତାରିଖରେ ଭିସି ମାଧମରେ ଉଦ୍‌ଯାପିତ ହେବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ରହ୍ମପୁରରେ ପ୍ରଥମ ଦିନରେ ଗଡ଼ିଲା ୯ ସିଟି ବସ୍

**ବ୍ରହ୍ମପୁର ଅଫିସ,୨୧।୭**

କୋଭିଡ୍ କାରଣରୁ ଦୀର୍ଘ ଦିନ ଧରି ବ୍ରହ୍ମପୁର ସହରରେ ସିଟି ବସ୍ ସେବା ବନ୍ଦ ରହିଥିଲା। ଫଳରେ ସହରବାସୀଙ୍କୁ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାରେ ବାଧା ଉପୁଜୁଥିଲା। ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ଉଭୟ ଘରୋଇ ଓ ସରକାରୀ ବସ୍ ଚଳାଚଳ ନେଇ ଅନୁମତି ମିଳିଛି। ଯାହାକୁ ନେଇ ବୁଧବାର ବ୍ରହ୍ମପୁର ମହାନଗରରେ ପ୍ରଥମ ଦିନ ୯ ସିଟି ବସ୍ ଚଳାଚଳ ଆରମ୍ଭ ହୋଇଛି। ବର୍ତ୍ତମାନ ବ୍ରହ୍ମପୁରଠାରୁ ୨ଟି ରୁଟ୍‌ରେ ବସ୍ ସେବା ଆରମ୍ଭ ହୋଇଛି। ଏଥିମଧ୍ୟରୁ ଛତ୍ରପୁର ପାଇଁ ୫ ଓ ଗୋପାଳପୁର ପାଇଁ ୪ ବସ୍ ଚଳାଚଳ ହୋଇଛି। କୋଭିଡ୍ ପୂର୍ବରୁ ବ୍ରହ୍ମପୁରରୁ ଛତ୍ରପୁର, ଗୋପାଳପୁର ଓ ହିଞ୍ଜିଳିକାଟୁ ଆଦି ରୁଟ୍‌ରେ ୧୬ ବସ୍ ଚଳାଚଳ କରୁଥିଲା। ଅନ୍ୟପଟେ ବର୍ତ୍ତମାନ ସିଟି ବସ୍ ଟିକଟ ମୂଲ୍ୟ ବୃଦ୍ଧି ପାଇଛି। ବର୍ତ୍ତମାନ ଛତ୍ରପୁର ଯିବାକୁ ଟିକଟ ମୂଲ୍ୟ ୩୦ ଟଙ୍କା ଓ ଗୋପାଳପୁର ପାଇଁ ୨୫ ଟଙ୍କା ରହିଛି। ପୂର୍ବରୁ ବ୍ରହ୍ମପୁର-ଗୋପାଳପୁର ୨୦ ଟଙ୍କା, ଛତ୍ରପୁର ୨୨ ଟଙ୍କା, ବ୍ରହ୍ମପୁର-ହିଞ୍ଜିଳି ୨୦ ଟଙ୍କା, ସହର ଭିତରେ ୬ଟଙ୍କାରୁ ଆରମ୍ଭ କରି ୧୦ ଟଙ୍କା ମୂଲ୍ୟ ରହିଥିଲା। ଏ ନେଇ ବିଡିଏ ସଚିବ ସମ୍ବିତ ରାଉତଙ୍କୁ ମୋବାଇଲ୍ ନଂ-୯୪୩୭୨୪୭୬୯୯ରେ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ରଣପୁର ବ୍ଲକରେ ଶିକ୍ଷଣ-ଶିକ୍ଷାଦାନ

**ନୟାଗଡ଼ ଅଫିସ,୨୧।୭**

ନୟାଗଡ଼ ଜିଲା ରଣପୁର ବ୍ଲକ ରାଜସୁନାଖଳା ଡିଆଇଇଟିରେ ଅଲଟରନେଟିଭ ଇଣ୍ଟରସିପ୍ (ଶିକ୍ଷଣ-ଶିକ୍ଷାଦାନ) ୩ ମାସିଆ କାର୍ଯ୍ୟକ୍ରମ ଗତ ୧୫ ତାରିଖରୁ ଆରମ୍ଭ ହୋଇଛି । ମହାମାରୀ କରୋନା ସଂକ୍ରମଣ ସମୟରେ ବିଦ୍ୟାଳୟ ବନ୍ଦ ରହିଛି। ଏପରି ସ୍ଥିତିରେ ଅନ୍‌ଲାଇନ ଶିକ୍ଷାରୁ ବଞ୍ଚିତ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ପାଇଁ ଏହି ବିକଳ୍ପ ବ୍ୟବସ୍ଥାକୁ ନୟାଗଡ଼ ଜିଲାରେ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ଡିଆଇଇଟି ପଦକ୍ଷେପ ନେଇଛି । ଏହି କାର୍ଯ୍ୟକ୍ରମରେ ୯୮ ଗ୍ରାମ ଓ ୧୦୫୪ ଜଣ ଛାତ୍ରୀଛାତ୍ର ନିଜ ଗାଁରେ ଥାଇ ଶିକ୍ଷଣ-ଶିକ୍ଷାଦାନ କାର୍ଯ୍ୟକ୍ରମ କୋଭିଡ୍ ଗାଇଡ଼ ଲାଇନକୁ ମାନି ଚାଲୁ ରଖିଛନ୍ତି । ଅଧକ୍ଷା ମଞ୍ଜୁବାଳା ସାହୁ ଉକ୍ତ କାର୍ଯ୍ୟକ୍ରମକୁ ବ୍ୟକ୍ତିଗତ ଭାବେ ତଦାରଖ କରୁଛନ୍ତି । ଅନୁଷ୍ଠାନର ଶିକ୍ଷକ-ପ୍ରଶିକ୍ଷକମାନେ ପ୍ରତିଦିନ ଗୁରୁ ଓ ଛାତ୍ରୀଛାତ୍ରଙ୍କୁ ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ତଦାରଖ କରୁଛନ୍ତି ।


ଶିକ୍ଷଣ-ଶିକ୍ଷାଦାନ କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର ।

# ଖୋଲା ଆକାଶ ତଳେ ବାସହୀନ ପରିବାର

**ବ୍ରହ୍ମପୁର ଅଫିସ,୨୧।୭**

ବ୍ରହ୍ମପୁର ମହାନଗର ନିଗମ ୧୮ ନଂ. ୱାର୍ଡ଼ରେ ଦୀର୍ଘ ୬୦ ବର୍ଷ ଧରି ବସବାସ କରୁଥିବା ଫୁଲସୁନ୍ଦରୀ ସାହି ବାସିନ୍ଦାଙ୍କୁ ଜବରଦଖଲ ଉଚ୍ଛେଦ ପରେ ବର୍ତ୍ତମାନ ସେଠାରେ ୧୨ରୁ ଉର୍ଦ୍ଧ୍ୱ ବାସହୀନ ପରିବାର ଖୋଲା ଆକାଶ ତଳେ ଜୀବନ କାଟୁଛନ୍ତି। ଘର ଭାଙ୍ଗିଯିବା ପରେ ବୁଧବାର ବହୁ ପରିବାର ଭଙ୍ଗା ଘରୁ ନିଜ ଆସବାବପତ୍ର ସାଉଣ୍ଟୁ ଥିବା ଦେଖିବାକୁ ମିଳିଛି। ଏପରିକି ଛୋଟ ଶିଶୁ ଖାଇବାକୁ ନ ପାଇ ଭଙ୍ଗା ଘରେ ରହିଥିବା ଭଙ୍ଗା ଟିଣ ଉପରେ ବସି ରହି ଖାଦ୍ୟ ଖାଉଥିବା ଦେଖିବାକୁ ମିଳିଛି। ଏପରିକି ଅନେକ ପରିବାର କୌଣସି ଉପାୟ ନ ପାଇ ନିକଟସ୍ଥ ମନ୍ଦିର ଓ ଝାଟିମାଟି ଘରେ ଆଶ୍ରୟ ନେଇଛନ୍ତି। ସେମାନଙ୍କ ସମସ୍ୟା ସମାଧାନ ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ କିମ୍ବା କୌଣସି ଲୋକ ପ୍ରତିନିଧି ସହାୟତାର ହାତ ବଢାଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ମହାନଗରରେ ବୁଧବାର ସାମାନ୍ୟ ଖରା କାରଣରୁ ବାସହୀନ ପରିବାର କିଛିଟା ଆଶ୍ୱସ୍ତି ପାଇଥିବା ବେଳେ ଅପରାହ୍ଣରେ ପୁଣି ଲଗାଣ ବର୍ଷା ସେମାନଙ୍କ ପାଇଁ କାଳ ସାଜିଥିଲା। ଏଭଳି ସ୍ଥିତିରେ ବହୁ ଲୋକ ବର୍ଷାରେ ନିଜର ସନ୍ତାନ ସନ୍ତତିଙ୍କ ସହ ଜରି ପାଲ ତଳେ ତ ଆଉ କେହି ଖୋଲା ଆକାଶ ତଳେ ରହିଥିଲେ। ଫଳରେ ଜ୍ୱରରେ ପୀଡିତ ହେଲେଣି ବୟୋଜ୍ୟେଷ୍ଠ ଓ ଶିଶୁ ।

- ଫୁଲସୁନ୍ଦରୀ ସାହି ଜବରଦଖଲ ଉଚ୍ଛେଦ ପରେ
- ଜ୍ୱରରେ ପୀଡିତ ହେଲେଣି ବୟୋଜ୍ୟେଷ୍ଠ, ଶିଶୁ

ପ୍ରକାଶ ଯେ, ବିଏମ୍‌ସି ପକ୍ଷରୁ ଉଚ୍ଛେଦ ପରେ ବହୁ ବାସିନ୍ଦା ମଙ୍ଗଳବାର ସନ୍ଧ୍ୟାରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ବିଧାୟକଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଫଳରେ ବାସିନ୍ଦାମାନେ ସେଠାରୁ ଫେରି ଆସିଥିଲେ। ଏହାପରେ ବିଧାୟକଙ୍କ ପରାମର୍ଶ କ୍ରମେ କିଛି ପ୍ରତିନିଧିଙ୍କ ସହଯୋଗରେ ଆସିକା ରୋଡ ତାଲୁକା ସ୍ଥିତ ଏକ ସ୍କୁଲ ଘରେ ବାସହୀନ ପରିବାରଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା। ରାତ୍ରି ଯାପନ ପାଇଁ ମଧ ସୁବିଧା କରାଯାଇଥିଲା। କିନ୍ତୁ ସେଠାରେ ପରିବେଶ ଅପରିଷ୍କାର ଓ ପରିଚ୍ଛନତା ନ ଥିବା କାରଣରୁ ବହୁ ବାସିନ୍ଦା ସେଠାରେ ରହିବା ପାଇଁ ଅମଙ୍ଗ ହୋଇଥିଲେ। ଫଳରେ କେତେକ ପରିବାର ସନ୍ତାନ ସନ୍ତତିଙ୍କୁ ଧରି ନିଜ ଭଙ୍ଗା ଘର ନିକଟରେ ରହିଥିବା ଗଛ ତଳେ ରାତି ତମାମ ଆଶ୍ରୟ ନେଇଥିଲେ।

ବିଏମ୍‌ସି ପକ୍ଷରୁ ହସ୍ତଗତ ହୋଇଥିବା ତଥ୍ୟ ଅନୁସାରେ, ଉକ୍ତ ଅଞ୍ଚଳର ୫୫ ଜଣଙ୍କୁ ସୋମନାଥ ନଗର ସ୍ଥିତ ରାଜୀବ ଆବାସ ଆପାର୍ଟମେଣ୍ଟରେ ଘର ଦିଆଯାଇଛି। ବାକି ପରିବାର ବର୍ଗଙ୍କୁ ନେଇ ସର୍ଭେ ସରିଛି ଓ ଘର ମିଳିବା ନେଇ ବିଏମ୍‌ସି ପକ୍ଷରୁ ଆଶ୍ୱାସନା ମଧ ମିଳିଛି। କିନ୍ତୁ ଘର ଖଣ୍ଡିଏ ମିଳିବା ଯାଏ ଖାଦ୍ୟ, ପାନୀୟ ଓ ରହିବା ପାଇଁ ଅସ୍ଥାୟୀ ଜାଗା ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି।


ଭଙ୍ଗା ଦଦରା ଘର ନିକଟରେ ବାସହୀନ ପରିବାର। ଭଙ୍ଗା ଘରେ ଜଣେ ଛୋଟ ଶିଶୁ ଖାଦ୍ୟ ଖାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୨ ଜୁଲାଇ, ୨୦୨୧

**ପଥର କ୍ୱାରିରେ ଚଢ଼ାଉ, ଜେସିବି, ଟ୍ରାକ୍ଟର ଜବତ**

ଖଣ୍ଡପଡ଼ା,(ସ୍ୱ.ପ୍ର.): ଖଣ୍ଡପଡ଼ା ତହସିଲ ଅଧୀନ ବେଣାଗାଡ଼ିଆ ପଞ୍ଚାୟତର ବରକୋଳି ଗ୍ରାମ ନିକଟସ୍ଥ ରେବତୀବଣି ମୁଣ୍ଡିଆରେ ଚାଲିଥିବା ବେଆଇନ ପଥରକ୍ୱାରିରୁ ମୋରମ ଚାଲାଣ ବେଳେ ଖଣ୍ଡପଡ଼ା ପୋଲିସ ଏକ ଜେସିବି ଜବତ କରିଛି । ଏହା ସହ ମୋରମ ବୋଝେଇ ଏକ ଟ୍ରାକ୍ଟରକୁ ଜବତ କରାଯାଇଛି । ଜବତ ଟ୍ରାକ୍ଟର ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଆଦାୟ କରାଯାଇଥିବା ଖଣ୍ଡପଡ଼ା ତହସିଲଦାର ପାର୍ଥସାରଥି ହାଁସଦା କହିଛନ୍ତି ।



## ସଂକ୍ଷେପରେ

### ହରିଣ ମାଂସ ଜବତ, ଜଣେ ଗିରଫ



ଗଣିଆ,୨୧।୭(ଡି.ଏନ୍.ଏ.): ବୁଧବାର ନୟାଗଡ଼ ଜିଲା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଚଢ଼ାଉ କରାଯାଇ ୧୦ କେଜି ହରିଣ ମାଂସ ଜବତ କରାଯାଇଛି । ଏହି ଘଟଣାରେ ଛାମୁଣ୍ଡିଆ ଗ୍ରାମର ରବୀନ୍ଦ୍ର ନାଏକ (୪୭)ଙ୍କୁ ଗିରଫ କରାଯାଇଛି । ଅନ୍ୟ ଜଣେ ଶିକାରୀ ଫେରାର ଥିବା ବନ୍ୟପ୍ରାଣୀ ଅଧିକାରୀ କହିଛନ୍ତି । ବୁଧବାର ପୂର୍ବାହ୍ନରେ ଏକ ହରିଣକୁ ଶିକାର କରାଯାଇଥିଲା। ସେହି ହରିଣ ମାଂସ ରବୀନ୍ଦ୍ରଙ୍କ ଘରେ କଟାଯାଉଥିବା ବିଶେଷସୂତ୍ରରୁ ଖବରପାଇ ଫରେଷ୍ଟର ସଞ୍ଜୟ କୁମାର ରାଉତ, ମହେଶ ମେହେରଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ ଚଢ଼ାଉ କରିଥିଲେ । ତାଙ୍କ ଘରୁ ୧୦ କେଜି ମାଂସ ଜବତ କରାଯିବା ସହ ରବୀନ୍ଦ୍ରଙ୍କୁ ଗିରଫ କରାଯାଇଥିଲା।। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୦୫/୨୧) ରୁଜୁ କରାଯାଇଛି । ଗୁରୁବାର ରବୀନ୍ଦ୍ରଙ୍କୁ କୋର୍ଟଚାଲାଣ କରାଯିବ । ଫେରାର ଶିକାରୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବନାଞ୍ଚଳ ଅଧିକାରୀ କହିଛନ୍ତି ।

### ସେବାୟତଙ୍କ ପରିବାର ସଦସ୍ୟଙ୍କୁ ଟିକାକରଣ

ଖଣ୍ଡପଡା,୨୧।୭(ସ୍ୱ.ପ୍ର.): କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର ସେବାୟତଙ୍କ ପରିବାର ସଦସ୍ୟଙ୍କୁ (୧୮ ବର୍ଷରୁ ଉର୍ଦ୍ଧ୍ୱ) ବୁଧବାର ଟିକାକରଣ କରାଯାଇଛି । ସ୍ଥାନୀୟ ଜାଗା ଆଖଡା ଗୃହ ପରିସରରେ ଅନୁଷ୍ଠିତ ଟିକାକରଣ କାର୍ଯ୍ୟକ୍ରମରେ ୧୦୨ଜଣ ମହିଳା, ପୁରୁଷଙ୍କୁ କୋଭିସିଲ୍ଡ ପ୍ରଥମ ଡୋଜ ଦିଆଯାଇଥିବା କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଏଲୋରା ଦାସ ସୂଚନା ଦେଇଛନ୍ତି ।

### ୨ ପୋଲିସ କର୍ମଚାରୀ କରୋନା ଆକ୍ରାନ୍ତ

ନୟାଗଡ଼ ଅଫିସ,୨୧।୭: ଭାପୁର ବ୍ଲକ ଫତେଗଡ଼ ଥାନାର ଦୁଇ ପୋଲିସ କର୍ମଚାରୀ କରୋନା ଆକ୍ରାନ୍ତ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କାମ ନ ଥିଲେ ଥାନାରେ ଗହଳି ନ କରିବାକୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ସୁଫଳ ମିଳୁନି। କରୋନା ଚିହ୍ନଟ ପରେ ଥାନା ସାନିଟାଇଜ ହେବାର ରହିଛି। ଏଣୁ ଆବଶ୍ୟକତା ନ ଥିଲେ ଥାନାକୁ ନ ଆସିବାକୁ ଲୋକଙ୍କୁ କୁହାଯାଇଛି। ଦରକାର ପଡ଼ିଲେ ଫୋନରେ କଥାବାର୍ତ୍ତା କରି ପଦକ୍ଷେପ ନିଆଯିବ ବୋଲି ଆଇଆଇସି ଗିରିଜା ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଛତୁଚାଷ କରିଛି ଆତ୍ମନିର୍ଭରଶୀଳ

ନୟାଗଡ଼ ଅଫିସ,୨୧।୭

ନୟାଗଡ଼ ବ୍ଲକ ନବଘନପୁର ପଞ୍ଚାୟତ ଲେଖନପୁର କାଳଚୁଆପଲ୍ଲୀର ମମତା ପ୍ରଧାନ। ଛତୁ ଚାଷ କରି ନିଜର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ସେଥିରୁ ଯାହା ରୋଜଗାର ହୁଏ ତାଙ୍କ ପରିବାର ଚଳେ। ପିଲାମାନଙ୍କୁ ପାଠ ପଢ଼ାନ୍ତି। ଅନ୍ୟପକ୍ଷେ ନିଜସ୍ୱ ଜମିରେ ଧାନ ଓ ରବି ଫସଲ କରି ମଧ୍ୟ ରୋଜଗାର ବଢ଼ାଇଥାନ୍ତି। ଖରା, ବର୍ଷା ଓ ଶୀତ ମମତାଙ୍କ ଆଗରେ ଯେମିତି ହାର ମାନିଛି ।

ଦିନ ଥିଲା ମମତାଙ୍କ ପରିବାର ଆର୍ଥିକ ଅନଟନ ମଧ୍ୟରେ ଚାଲିଥିଲା । ହେଲେ ଛତୁ ଚାଷ କରିବା ପରେ ଏବେ ପରିବାରର ପୁରୁଣା ସ୍ଥିତି ବଦଳିଛି । ସେ ଲେଖନପୁର କାଳଚୁଆପଲ୍ଲୀରେ ୮ ବର୍ଷ ହେଲା ଛତୁ ଚାଷ କରି ଆସୁଛନ୍ତି । ତାଙ୍କୁ ଏହି କାମରେ ସ୍ୱାମୀ କୈଳାସ ସହଯୋଗ କରୁଛନ୍ତି । ଅନ୍ୟପକ୍ଷେ



ନିଜ ଛତୁ ଉତ୍ପାଦନ କେନ୍ଦ୍ରରେ ମମତା ।

ଜଣେ ଲୋକଙ୍କୁ ପାରିଶ୍ରମିକ ଦେଇ ସହାୟକ ଭାବେ ସେ ନିୟୋଜିତ କରିଛନ୍ତି । ସେ ଛତୁ ଚାଷ ପାଇଁ ୫୦୦ରୁ ୬୦୦ ବେଡ ପକାଉଛନ୍ତି । ସେଥିରୁ ପ୍ରତ୍ୟହ ୩୦ରୁ ୩୫ କେଜି ଛତୁ ଉତ୍ପାଦନ ହେଉଛି । କେଜି ପ୍ରତି ୧୪୦ ଟଙ୍କାରେ ସେ ଛତୁ ବିକ୍ରି କରୁଛନ୍ତି । ଘରକୁ ବ୍ୟବସାୟୀମାନେ ଆସି ଛତୁ କିଣି ନେଉଛନ୍ତି । ଛତୁ ଫୁଟିବା ପରେ ନଡାକୁ ନ ଫୋପାଡି ଖତ କରୁଛନ୍ତି । ସେହି ଖତକୁ ନିଜ ଜମିରେ ପକାଉଛନ୍ତି ମମତା । ଜମିରେ ଏପରି ଜୈବିକ ଖତ ବ୍ୟବହାର କରିବାରୁ ସେ ଭଲ ଫସଲ ପାଉଥିବା କହିଛନ୍ତି । କୈଳାସ ନିଜର ୪ ଏକର ଜମିକୁ ନିଜେ ଚାଷ କରି ଧାନ ଓ ରବି ଫସଲ କରିଥାନ୍ତି । ଏନେଇ ମମତା କୁହନ୍ତି, ଆତ୍ମ ନିର୍ଭରଶୀଳ ହେଲେ ସମୟ ଅପଚୟ ହୁଏନାହିଁ। ପରିବାର ପାଇଁ ଅର୍ଥର ଅଭାବ ରହିବ ନାହିଁ। ରୋଜଗାର ବଢ଼ିବ । ସମସ୍ତେ ଖୁସିରେ ଚଳିବେ। ମହିଳାମାନେ ସମୟ ଅପଚୟ ନ କରି ନିଜେ କିଛି କାମ କରିବା ଦରକାର । ସେଥିରୁ ଯାହା ମିଳିବ ତାହା ନିଜ ପରିବାରର ଆର୍ଥିକ ସ୍ଥିତିକୁ ସୁଧାରି ପାରିବ ।

## ଭିନ୍ନକ୍ଷମ ଚାଷୀଙ୍କୁ ରାଜ୍ୟପାଳ ପୁରସ୍କାର

ନୟାଗଡ଼ ଅଫିସ/ଗଣିଆ, ୨୧।୭ (ଡି.ଏନ୍.ଏ.)

ସଫଳ ଉଦ୍ୟାନ ଚାଷୀ ଭାବେ ନୟାଗଡ଼ ଜିଲା ଗଣିଆ ବ୍ଲକ ବଡ଼ସିଲିଙ୍ଗା ପଞ୍ଚାୟତ ପୁରୁଣାପାଣି ଗାଁର ଭିନ୍ନକ୍ଷମ ଶଙ୍କର ଜାନି ପାଇଛନ୍ତି ରାଜ୍ୟପାଳ ପୁରସ୍କାର। ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମ୍ୟ ବିକାଶ ବ୍ୟାଙ୍କ (ନାବାର୍ଡ) ଭୁବନେଶ୍ୱରର ୪୦ତମ ପ୍ରତିଷ୍ଠା ଦିବସରେ ମଙ୍ଗଳବାର ଗଣିଆ ଉନ୍ନୟନ କମିଟି ମାଧ୍ୟମରେ ଏହି ପୁରସ୍କାର ଶଙ୍କର ପାଇଛନ୍ତି। ଶଙ୍କର ଜଣେ ଦୃଷ୍ଟିହୀନ। ଏହାପରେ ବି ସେ ୪୦ଟି ଆମ୍ରପଲ୍ଲୀ ଆମ୍ବଗଛ ଓ ୪୦ଟି କାଜୁଗଛ ଲଗାଇ ବାର୍ଷିକ ୪୦ରୁ ୫୦ ହଜାର ଟଙ୍କା ଆୟ କରୁଛନ୍ତି। ଆୟ ଅର୍ଥରେ ପରିବାର ଚଳାଇବା ସହ ପୁଅ ଶ୍ରୀଧରଙ୍କୁ ଯୁକ୍ତ ୩ ପାଠ ପଢ଼ାଇ ପାରିଛନ୍ତି। ଏନେଇ ଶଙ୍କର କୁହନ୍ତି, ୱାଡି ପ୍ରକଳ୍ପର ହିତାଧିକାରୀ ହେବା



ରାଜ୍ୟପାଳ ପୁରସ୍କାର ପ୍ରଦର୍ଶନ କରୁଛନ୍ତି ଶଙ୍କର ।

ପରେ ମୋତେ ପୁରସ୍କାର ମିଳିଛି। ମୁଁ ସେଥିପାଇଁ ଖୁସି। ତେବେ ୱାଡି ପ୍ରକଳ୍ପରେ ସାମିଲ ହୋଇଥିବା ପ୍ରତ୍ୟେକ ଆଦିବାସୀମାନଙ୍କ ପାଇଁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବାର ବ୍ୟବସ୍ଥା କରାଯାଉ ବୋଲି ସେ ମତ ରଖିଛନ୍ତି ।

# ଶେଷରେ ଜବରଦଖଲ ଉଚ୍ଛେଦ ହେଲା

ଖଣ୍ଡପଡ଼ା,୨୧।୭ (ସ୍ୱ.ପ୍ର.)

ବହୁ ବର୍ଷ ତଳେ ଆବର୍ଜନା ଜଳ ନିଷ୍କାସନ ସହିତ ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିର ଜଳ ନିଷ୍କାସନ ପାଇଁ ନିର୍ମାଣ ହୋଇଥିବା ନାଳଟି ଜବରଦଖଲରେ ଥିଲା । ଫଳରେ ସେହି ନାଳରେ ବର୍ଷା ଜଳ ସହିତ ଆବର୍ଜନା ଜଳ ନିଷ୍କାସନ ହୋଇପାରୁ ନ ଥିଲା । ଫଳରେ ରାସ୍ତା ଉପରେ ବର୍ଷା ପାଣି ଜମି ରହିବା ସହିତ ଆବର୍ଜନା ପାଣି ଲହଡ଼ି ଭାଙ୍ଗୁଥିଲା । ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକମାନେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ଶେଷରେ ମଙ୍ଗଳବାର ଖଣ୍ଡପଡ଼ା ତହସିଲଦାରଙ୍କ ଉପସ୍ଥିତରେ ସେହି ଜବରଦଖଲ ଉଚ୍ଛେଦ କରାଯାଇଛି । ସୂଚନାଯୋଗ୍ୟ,



ଜବରଦଖଲ ଉଚ୍ଛେଦ କାମ ଚାଲିଛି ।

ଶ୍ରୀନୀଳମାଧବଜୀଉ ମନ୍ଦିରର ଜଳ ସହ ଘରୋଇ ନର୍ଦ୍ଦମା ପାଣି ନିଷ୍କାସନ ହେଉଥିବା ଏକ ନାଳକୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବନ୍ଦ କରି ଦେଇଥିଲେ । ଫଳରେ କଣ୍ଟିଲୋ ପାଇଁ ତାହା ବଡ଼ ସମସ୍ୟା ସୃଷ୍ଟି କରିଥିଲା । ଏ ନେଇ ସଂପୃକ୍ତ ଗ୍ରାମବାସୀ ରାଜସ୍ୱ ବିଭାଗ, ଥାନା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ଅଭିଯୋଗ ପାଇବା ପରେ ଜାନୁୟାରୀ ୩ ତାରିଖରେ ତହସିଲଦାର ପାର୍ଥ ସାରଥି ହାଁସଦା, ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ ବିବାଦୀୟ ଜାଗାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପସ୍ଥିତ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ସଂପ୍ରତି ବର୍ଷା ଋତୁ ଯୋଗୁ ସ୍ଥାନୀୟ ଅଞ୍ଚଳ, ମନ୍ଦିର ଓ ପାହାଡରୁ ବହି ଆସୁଥିବା ବର୍ଷାପାଣି ଡ୍ରେନର ନିଷ୍କାସନ ନ ହୋଇ ଜମି ରହିବା ଫଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା । ଏ ସଂକ୍ରାନ୍ତରେ ଅବଗତ ହେବା ପରେ ମଙ୍ଗଳବାର ଖଣ୍ଡପଡ଼ା ତହସିଦାର ହାଁସଦା ଘଟଣା ସ୍ଥଳରେ ପହଞ୍ଚି ଜବରଦଖଲ ଉଚ୍ଛେଦ କରିଛନ୍ତି ।

**TPWODL**

**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

Tender Notice No. TPWODL/RB/O/SER/ 020 Date: 22.07.2021

TP Western Odisha Distribution Limited invites tender (2parts bidding) from eligible vendors for the following package :

**RATE CONTRACT FOR SITC AND MANAGEMENT OF MPLS VPN LINKS FOR TPWODL.**

Interested bidders to submit Tender Participation Fee and Authorization Letter through e-mail before **29th July 2021, 15:00Hrs**, after which link from e-Tender system shall be shared.

For detailed tender documents mentioned above, please visit Tender section on website: **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will be happen with participating bidders only through E-Tender system.

Sd /-
Chief Contracts and Stores

## ୮ ଦଫା ପୂରଣ ଦାବି କଲା ନିର୍ମାଣ ଶ୍ରମିକ ମହାସଂଘ

### ଡିଭିଜନାଲ ଲେବର କମିଶନରଙ୍କୁ ସ୍ମାରକପତ୍ର

ନୟାଗଡ଼ ଅଫିସ,୨୧।୭

ନୟାଗଡ଼ ଜିଲା କାର୍ଯ୍ୟରତ ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ୮ ଦଫା ଦାବି ପୂରଣ ନେଇ ଡିଭିଜନାଲ ଲେବର କମିଶନରଙ୍କୁ ବୁଧବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ଶ୍ରମ କାର୍ଯ୍ୟାଳୟରେ ୪ବର୍ଷ ଧରି ପଡି ରହିଥିବା ନିର୍ମାଣ ଶ୍ରମିକଙ୍କ ଆବେଦନପତ୍ରଗୁଡ଼ିକ ୬୦ ଦିନ ଭିତରେ ଯାଞ୍ଚ କରାଯାଇ କାର୍ଡ ପ୍ରଦାନ କରାଯାଉ। ତଦନ୍ତକୁ ନିରପେକ୍ଷ କରିବାକୁ କୌଣସି ସଙ୍ଗଠନ, ରାଜନୈତିକ ବ୍ୟକ୍ତି ଓ ବ୍ୟକ୍ତି ବିଶେଷଙ୍କୁ ସାମିଲ କରା ନ ଯାଉ। ଜିଲାରେ ୨୦ରୁ ଉର୍ଦ୍ଧ୍ୱ ନୂତନ ଟ୍ରେଡ ୟୁନିୟନ ଅଛନ୍ତି। ପ୍ରାୟ ୪ ବର୍ଷ ହେଲା ଏହି ଟ୍ରେଡ ୟୁନିୟନଗୁଡିକ ନୂଆ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକରଣ କରାଇ ପାରିନାହାନ୍ତି। ଟ୍ରେଡ ୟୁନିୟନଗୁଡ଼ିକଠାରୁ ସମାନୁପାତିକ ଭାବେ ନୂଆ ଆବେଦନ ପତ୍ର ଗ୍ରହଣ କରାଯାଇ କାର୍ଡ ପ୍ରଦାନର ବ୍ୟବସ୍ଥା ହେଉ। ଜିଲାରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଅଣସଙ୍ଗଠିତ ଶ୍ରମିକ ଅଛନ୍ତି। ମାତ୍ର ଅଣସଙ୍ଗଠିତ ଶ୍ରମିକଙ୍କ ପଞ୍ଜୀକରଣରେ ନୟାଗଡ଼ ପଛୁଆ ହୋଇ ରହି ମାତ୍ର ୩୭୪ ଜଣ ପଞ୍ଜୀକୃତ ହୋଇଛନ୍ତି। ଏଣୁ ସଂଖ୍ୟା ବଢ଼ାଇବାକୁ ଆବେଦନପତ୍ର ଗ୍ରହଣ କରାଯାଉ। ଏକ ସ୍ଥାୟୀ ଶ୍ରମ କାର୍ଯ୍ୟାଳୟ ପାଇଁ ଜମି ଚିହ୍ନଟ କରାଯାଉ। ଅନ୍ୟପକ୍ଷେ ୨୦୧୭-୧୮ ଆର୍ଥିକ ବର୍ଷରୁ ପଡ଼ିରହିଥିବା ଶିକ୍ଷା, ବିବାହ ଓ ମୃତ୍ୟୁକାଳୀନ ଆବେଦନଗୁଡ଼ିକୁ ତୁରନ୍ତ ଯାଞ୍ଚ କରାଇ ସହାୟତା ଦିଆଯାଉ। ମୃତ୍ୟୁକାଳୀନ ସହାୟତା ପ୍ରଦାନ କ୍ଷେତ୍ରରେ ଲିଗାଲହେୟାର ସାର୍ଟିଫିକେଟ ବାଧ୍ୟତାମୂଳକ କରା ନ ଯାଉ। ହିତାଧିକାରୀ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କଠାରୁ ଆଫିଡାଭିଟ୍ ଆଣିଲେ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଉ। ଜିଲା କାର୍ଯ୍ୟରତ ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ସଭାପତି ରାଜ କିଶୋର ବେହେରା ଓ ସମ୍ପାଦକ ବାସୁଦେବ ମହାନ୍ତି ଏହାର ନେତୃତ୍ୱ ନେଇଥିଲେ।

**OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH**
(District Child Protection Unit)
Odisha State Child Protection Society, W&CD Department
Govt. of Odisha, Ph.- 06622-273343

Letter No.739/DCPU/SNG/2021 Date 20.07.2021

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିମ୍ନରେ ଦିଆଯାଇଥିବା ଶିଶୁଟି ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସା , ଦିସା ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି । ଏହି ଶିଶୁଟିର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ ।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼, ମୋ.ନଂ.-୯୯୩୮୧୭୦୪୫୦/ଅଫିସ- ୦୬୬୨୨-୨୭୩୩୪୩**
**ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼, ମୋ. ନଂ.-୯୪୩୭୦୮୫୪୩୪/ଅଫିସ- ୦୬୬୨୨-୨୭୨୨୬୩**

| କ୍ର. ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ଶ୍ରାବଣୀ | ୧୦ ମାସ | ଝିଅ | ନୂଆଁ ବସ୍‌ଷ୍ଟାଣ୍ଡ, ରାଉରକେଲା, ତା୧୧।୦୭।୨୦୨୧ |  |

Sd./- District Child Protection Officer, Sundargarh

# ପାନୀୟ ଜଳ ସମସ୍ୟା ସମାଧାନକୁ ଗୁରୁତ୍ୱ

## ନୂଆଗାଁ ଦ୍ୱାଦଶ ପଞ୍ଚାୟତ ସମିତି ବୈଠକ

ନୂଆଗାଁ,୨୧।୭ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଦ୍ୱାଦଶ ପଞ୍ଚାୟତ ସମିତି ବୈଠକ ଭର୍ଚୁଆଲ ମାଧ୍ୟମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୮ ମାସ ପରେ ଅନୁଷ୍ଠିତ ବୈଠକରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ବିଭିନ୍ନ ପଞ୍ଚାୟତରେ ଲାଗି ରହିଥିବା ସମସ୍ୟା ଉପରେ ଗୁରୁତ୍ୱ ଦେବା ସହ ତାହାର ସମାଧାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟତଃ ପାନୀୟ ଜଳ ସମସ୍ୟା ସମାଧାନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଲୋକମାନଙ୍କ ସମସ୍ୟା ଭିତରେ ରାସ୍ତାଘାଟ, ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ ଯୋଗାଣ, ଉଦ୍ୟାନ ବିଭାଗ ଉପରେ ଆଲୋଚନା କରିଥିଲେ। ଦୀର୍ଘବର୍ଷ ଧରି ଅନେକ ସମସ୍ୟା ଲାଗି ରହିଥିଲେ ମଧ୍ୟ କିଛି ସରକାରୀ କର୍ମଚାରୀଙ୍କ ପାଇଁ ସମସ୍ୟା ସୁଧୁରୁ ନ ଥିବା ଅଭିଯୋଗ ହୋଇଥିଲା। ତୁରନ୍ତ ସବୁ ସମସ୍ୟା ସମାଧାନ କରିବାକୁ ବିଧାୟକ ବେହେରା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତ ନିର୍ବାଚନ ପରେ ପ୍ରଥମ ସମିତି ବୈଠକରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଆଲୋଚନା ହୋଇଥିଲେ ମଧ୍ୟ ଅଦ୍ୟାବଧି ଅନେକ ଗାଁରେ ଏହା ଲାଗି ରହିଛି।



ଭର୍ଚୁଆଲ ମାଧ୍ୟମରେ ପଞ୍ଚାୟତ ସମିତି ବୈଠକ।

ବର୍ତ୍ତମାନ ବର୍ଷାଦିନ ହୋଇଥିବାରୁ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ଏବଂ ଖରାପ ଥିବା ପମ୍ପ ହାଉସକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରିବାକୁ ପାନୀୟ ଜଳ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ଯୋଜନାରୁ ଲୋକମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି କର୍ମଚାରୀମାନେ ସତର୍କ ରହିବା ସହ କାର୍ଯ୍ୟ କରି ଲୋକଙ୍କ ସମସ୍ୟା ସୁଧାରିବାକୁ ବିଧାୟକ କହିଥିଲେ। ଭର୍ଚୁଆଲ ବୈଠକରେ ବିଡିଓ ପ୍ରମୋଦ କୁମାର ନାୟକଙ୍କ ସମେତ ସହକାରୀ ଯନ୍ତ୍ରୀ, ସାଂସଦଙ୍କ ପ୍ରତିନିଧି ବିଜୟ କୁମାର ସାମଲ, ସରପଞ୍ଚ, ସମିତିସଭ୍ୟ ଏବଂ କର୍ମଚାରୀ ସାମିଲ ହୋଇଥିଲେ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

**ମୋବାଇଲ ଟାୱାର**
**ସେଣ୍ଟ୍ରାଲ ଟାୱାର**
ଭାରତର ନଂ.1 କମ୍ପାନୀ
ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍, ଖେତରେ 4G-5G ମୋବାଇଲ ଟାୱାର୍ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ
ଭଡ଼ା 25,000
ଅନ୍ୟାନ୍ୟ ଦେୟ 25,000 + ବାଇକ୍
07307631518
07307623889

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି । ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ । ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ ।
**ମୁଦ୍ରା ଫାଇନାନ୍ସ**
9999268493
7310635591

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**BANSAL TOWER COMPANY**
GOVT APPROVED COMPANY
ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ ।
FAKE COMPANY ଠାରୁ ସାବଧାନ ରୁହନ୍ତୁ ।
Advance: 60 Lakhs
ମାସିକ ଭଡା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ ।
Contact-
7376459854 / 9518817448

**DHANLAXMI FINANCE**
(Reg. No. Reg.No.KA4576GFS5HK7)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343